# ଧରିତ୍ରୀ DHARITRI

ଢେଙ୍କାନାଳ, ମଙ୍ଗଳବାର, ଅଗଷ୍ଟ ୨୭/୨୦୧୯ (୧୬ ପୃଷ୍ଠା) Dhenkanal, Tuesday, August 27 / 2019 ★★★★★

୧୫ଶ ଭାଗ ୧୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**'ପାଗଳପନ୍ତି'ରେ ଦର୍ଶକଙ୍କୁ ହସେଇବେ ଜନ୍**

ଆଗାମୀ କମେଡି ଫିଲ୍ମ 'ପାଗଳପନ୍ତି'ରେ ଜନ୍ ଆବ୍ରାହମ୍ ଦର୍ଶକଙ୍କୁ ହସେଇବା ଭଳି ସର୍ବାଧିକ ଦକ୍ଷତା ପ୍ରଦର୍ଶନ କରିଥିବା କହିଛନ୍ତି।

୦୨

୧୪

**ଦ୍ରାବିଡଙ୍କୁ ନୋଟିସ୍**

ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କୁ ହାଜର ହେବା ଲାଗି ବିସିସିଆଇ ଏଥିକ୍ସ ଅଫିସର ଡି.କେ. ଜୈନ ନୋଟିସ ଜାରି କରିଛନ୍ତି।



### ■ କଶ୍ମୀର ପ୍ରସଙ୍ଗରେ ମୋଦି-ଟ୍ରମ୍ପ ଆଲୋଚନା

# 'ତୃତୀୟ ପକ୍ଷକୁ କଷ୍ଟ ଦେବାକୁ ଚାହୁଁନୁ'

**ନୂଆଦିଲ୍ଲୀ/ବାଇରିଜ୍, ୨୬।୮ (ପି.ଟି.)**

କଶ୍ମୀର ପ୍ରସଙ୍ଗରେ ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋକ୍‌ଠୋକ୍ ମନା କରିଛନ୍ତି। ଏହା ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ଓ ଆଲୋଚନା ମାଧ୍ୟମରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ କରାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଫ୍ରାନ୍ସର ବାଇରିଜ୍‌ଠାରେ ଜି-୭ ସମ୍ମିଳନୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ମୋଦିଙ୍କ ମଧ୍ୟରେ ଦୀର୍ଘ ୪୫ ମିନିଟ ଧରି ଏନେଇ ବିସ୍ତୃତ ଆଲୋଚନା ହୋଇଥିଲା। କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ଓ ଏନେଇ ତୃତୀୟ ପକ୍ଷଙ୍କୁ ବ୍ୟସ୍ତ କରି ଆମେ କଷ୍ଟ ଦେବାକୁ ଚାହୁଁନାହୁଁ ବୋଲି ମୋଦି କହିଛନ୍ତି। ୧୯୪୭ ପୂର୍ବରୁ ଭାରତ ଓ ପାକିସ୍ତାନ ଏକାଠି ଥିଲେ। ତେଣୁ ଯେକୌଣସି ସମସ୍ୟାର ସମାଧାନ ଆମେ ଆପୋଷ ଆଲୋଚନା ଦ୍ୱାରା କରିପାରିବୁ ବୋଲି ମୋଦି କହିଥିଲେ। ମୋଦିଙ୍କ କଥାକୁ ହୃଦୟଙ୍ଗମ କରିବା ସହ ଟ୍ରମ୍ପ କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ସ୍ୱୀକାର




ଜି-୭ ସମ୍ମିଳନୀରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

- ■ କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ
- ■ ଆମେରିକା ରାଷ୍ଟ୍ରପତିଙ୍କ ୟୁ-ଟର୍ନ
- ■ ଭାରତର କୂଟନୈତିକ ବିଜୟ

କରିଛନ୍ତି। ଏହାକୁ ଭାରତର କୂଟନୈତିକ ବିଜୟ ବୋଲି କୁହାଯାଉଛି।

ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଆଲୋଚନା ପରେ ଗଣମାଧ୍ୟମକୁ ସମ୍ବୋଧନ କରି ମୋଦି ସମାନ କଥା କହିଥିଲେ। ଭାରତ ଓ ପାକିସ୍ତାନ ମଧ୍ୟରେ ଅନେକ ପ୍ରସଙ୍ଗ ରହିଛି ଓ ଏଗୁଡ଼ିକ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇ ପାରିବ। ଏଥିରେ କୌଣସି ତୃତୀୟ ପକ୍ଷ କଷ୍ଟ କରିବାର ଆବଶ୍ୟକତା ନାହିଁ ବୋଲି ଟ୍ରମ୍ପଙ୍କ ସମ୍ମୁଖରେ ମିଡିଆକୁ ସମ୍ବୋଧନ କରି ମୋଦି କହିଛନ୍ତି। ☞ପୃଷ୍ଠା-୪

## ଅଣୁ ଯୁଦ୍ଧର ଧମକ ଦେଲେ ଇମ୍ରାନ୍

**ଇସ୍‌ଲାମାବାଦ, ୨୬।୮**

କଶ୍ମୀର ପ୍ରସଙ୍ଗରେ ସବୁଆଡୁ ବାଟ ବନ୍ଦ ହୋଇଯିବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତକୁ ଅଣୁ ଯୁଦ୍ଧର ଧମକ ଦେଇଛନ୍ତି। ଏହି ପ୍ରସଙ୍ଗରେ ପାକିସ୍ତାନ ଚୂଡ଼ାନ୍ତ ନିଷ୍ପତ୍ତି ନେବାର ସମୟ ଆସିଛି ବୋଲି ସେ ସୋମବାର କହିଛନ୍ତି। ପରମାଣୁ ଯୁଦ୍ଧ ହେଲେ କେହି ବିଜୟୀ ହେବେନାହିଁ ବରଂ ସମସ୍ତେ କ୍ଷତି ସହିବେ। ତେଣୁ ପାକିସ୍ତାନ କିଛି ଏଭଳି ପଦକ୍ଷେପ ନେବା ପୂର୍ବରୁ ବିଶ୍ୱ ସମୁଦାୟ ଏଥିରେ ହସ୍ତକ୍ଷେପ କରିବା ଉଚିତ। ବିଶ୍ୱର ବୃହତ ଶକ୍ତିମାନେ ପାକିସ୍ତାନକୁ ସମର୍ଥନ କରନ୍ତୁ ବା ନ କରନ୍ତୁ ଆମ ଲାଗି ଯାହା ସମ୍ଭବ ତାହା କରିଦେଖାଇବୁ ବୋଲି ଇମ୍ରାନ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି।

ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଲାଗି ବହୁବାର ପ୍ରୟାସ କରିଛି, ହେଲେ ଭାରତ ଏଥିଲାଗି କୌଣସି ସହଯୋଗ



କରିନାହିଁ। ଅପରପକ୍ଷରେ ସୀମାପାର୍ ଆତଙ୍କବାଦର ଆଳ ଦେଖାଇ ଭାରତ ଆମ ଉପରେ ଦୋଷ ଲଦିଚାଲିଛି ବୋଲି ଇମ୍ରାନ୍ କହିଛନ୍ତି। ୩୭୦ ଧାରାକୁ ଭାରତ ଏକପାଖିଆ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରି ରାଜନୀତି କରୁଛି। ଏହା ଜାତିସଂଘ ପ୍ରସ୍ତାବର ଖୋଲା ଉଲ୍ଲଂଘନ। ଆମେ କଶ୍ମୀରବାସୀଙ୍କ ସହ ପୂର୍ବରୁ ଅଛୁ ଓ ରହିବୁ ବୋଲି ଇମ୍ରାନ୍ ପ୍ରକାଶ କରିଛନ୍ତି। କଶ୍ମୀର ଲାଗି ପାକିସ୍ତାନ ଯେକୌଣସି ☞ପୃଷ୍ଠା-୪

## ଆସୁଛି ୨ଟି ଲଘୁଚାପ

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

ଆସନ୍ତା ୨୮ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିସହିତ ଆସନ୍ତା ୨ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ତେବେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ସେତେ ପରିମାଣର ବର୍ଷା ହେବାର ସମ୍ଭାବନା ନାହିଁ। ଚାଇନା ସମୁଦ୍ରରେ ସୃଷ୍ଟି ହେଉଥିବା ବାତ୍ୟା ଯୋଗୁ ଲଘୁଚାପ ଦୁର୍ବଳ ହେବା ସମ୍ଭାବନା ରହିଛି। ତେବେ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଆସନ୍ତା ସେପ୍ଟେମ୍ବର ୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗି ରହିବ।

ଓଡିଶା ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ବରଗଡ, ବଲାଙ୍ଗୀର, ନୂଆପଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହି ଜିଲାଗୁଡିକ ପାଇଁ

### ୭ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ପାଣିପାଗ ବିଭାଗ ଅରେଞ୍ଜ ସତର୍କ ସୂଚନା ଦେଇଛି। ସେହିପରି ମୟୂରଭଞ୍ଜ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ, ବୌଦ୍ଧ, ସୋନପୁର ଏବଂ କଳାହାଣ୍ଡି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଏହି ଜିଲାଗୁଡିକ ପାଇଁ ୟେଲୋ ସତର୍କତା ଜାରି କରାଯାଇଛି। ଦକ୍ଷିଣ ପଶ୍ଚିମ ମୌସୁମୀ ଯୋଗୁ ରାଜ୍ୟରେ ଗତ ଦୁଇ ଦିନ ହେବ ବର୍ଷା ହେଉଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ପାରାଦୀପରେ ୧୦୦ ମିଲିମିଟର ବର୍ଷା ହୋଇଥିବା ବେଳେ ବାଲେଶ୍ୱର ୨୯.୬, ଚାନ୍ଦବାଲି ୨୬.୬, କଟକ ୫୧.୬, ଭୁବନେଶ୍ୱର ୧୯.୧, ଗୋପାଳପୁର ୨୦.୪, ପୁରୀ ୨୦.୪, ଅନୁଗୋଳ ୩୬.୬, ବାରିପଦା ୨୪.୪, କେନ୍ଦୁଝର ୬.୧, ସମ୍ବଲପୁର ୧୧, ସୁନ୍ଦରଗଡ ୬, ହୀରାକୁଦ ୫୫.୧, ଭବାନୀପାଟଣା ୩୬.୪, ବଲାଙ୍ଗୀର ୨୫, କୋରାପୁଟ ୧୧.୨, ଟିଟିଲାଗଡ ୨୮, ମାଲକାନଗିରି ୧୬, ସୋନପୁର ୧୨.୬ ଏବଂ ଦାରିଙ୍ଗବାଡିରେ ୩୧.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ଆଜିର ସମ୍ପାଦକୀୟ

**ପୋଲ ଦବିଲା**

### ଆଜିର ମନ୍ତବ୍ୟ

" ଜଳପଥରେ ପାକିସ୍ତାନର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ କେବେହେଲେ ସଫଳ ହେବାକୁ ଦେବୁନାହିଁ।

-ଆଡମିରାଲ କରମବୀର ସିଂ
ନୌସେନା ମୁଖ୍ୟ

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରେ ଖାଦ୍ୟ ଶସ୍ୟ ଉତ୍ପାଦନ ୨୮୧.୩୭ ନିୟୁତ ଟନ୍ ରହିଛି।

– କୃଷି ମନ୍ତ୍ରଣାଳୟ


6 Layer PLASTO® GOLD
ପାନୀୟ ଜଳ ପାଇଁ ସୁରକ୍ଷିତ
9130011507, 9337225857
9130076921


## ଚରିତ୍ର ସନ୍ଦେହରେ ସ୍ତ୍ରୀଙ୍କୁ ହତ୍ୟା

### କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ କଲେ ସ୍ୱାମୀ



ଗଣେଶ ବେହୁରା

**କାକଟପୁର, ୨୬।୮ (ଡି.ଏନ୍.ଏ.)**

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଚରିତ୍ରକୁ ସନ୍ଦେହ କରି ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ପିଟିପିଟି ମାରିଦେବା ପରେ କଟୁରିରେ ମୁଣ୍ଡଗଣ୍ଡି ଅଲଗା କରିଦେଇଛନ୍ତି। ଏହା ପରେ ସେ କଟାମୁଣ୍ଡ ଧରି ଅସ୍ତରଙ୍ଗ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଅସ୍ତରଙ୍ଗ ଥାନା ରାଇବେରୁଆଁ ଗ୍ରାମର ଗଣେଶ ବେହୁରା (ବାପି)। ତାଙ୍କୁ ଅଟକ ରଖି ଆଇଆଇସି ଶରତ କୁମାର ନାୟକ ଓ ପୁରୀର ସାଇଣ୍ଟିଫିକ୍ ଟିମ୍ ତାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ନପୂର୍ଣ୍ଣାଙ୍କ ମୃତଦେହ ଓ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ କରାଯାଇଛି। ମୃତଦେହକୁ ପୋଲିସ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗଣେଶଙ୍କୁ ନିମାପଡ଼ା କୋର୍ଟକୁ ଚାଲାଣ କରିଛି। ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଅନ୍ନପୂର୍ଣ୍ଣାଙ୍କ ଭାଇ ପ୍ରଶାନ୍ତ କୁମାର ସାହୁ ଅଭିଯୋଗ କରିଛନ୍ତି।

ପୋଲିସ ନିକଟରେ ଗଣେଶଙ୍କ କହିବା ଅନୁଯାୟୀ, ସେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କିଛିଦିନ ହେଲା ଗାଁକୁ ଆସିଥିବାବେଳେ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରିଥିଲେ। ଏନେଇ ରବିବାର ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ହଠାତ୍ ଗଣେଶ ଉତ୍କ୍ଷିପ୍ତ ହୋଇ ଏକ ଶାବଳରେ ଅନ୍ନପୂର୍ଣ୍ଣାଙ୍କୁ ପିଟି ପିଟି ମାରି ଦେଇଥିଲେ। କିନ୍ତୁ ସେତିକିରେ ବି ତାଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଏକ କଟୁରିରେ ତାଙ୍କ ମୁଣ୍ଡକୁ ଗଣ୍ଡିରୁ ଅଲଗା କରି ଦେଇଥିଲେ। ପରେ କଟା ମୁଣ୍ଡକୁ ବ୍ୟାଗରେ ପୂରାଇ ଥାନାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଅସ୍ତରଙ୍ଗ ଥାନାରେ ୮୨/୧୯ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।

### ■ ମାଓବାଦୀପ୍ରବଣ ଆନ୍ତଃ ରାଜ୍ୟ ବୈଠକ

# ରେଳ, ଟେଲିକମ୍, ବ୍ୟାଙ୍କିଙ୍ଗ ସୁବିଧା ଦିଅ: ନବୀନ




ବୈଠକରେ ଉପସ୍ଥିତ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲ ନାଥ।

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

ରାଜ୍ୟର ମାଓବାଦୀ ପ୍ରଭାବିତ ଜିଲାଗୁଡିକରେ ପର୍ଯ୍ୟାପ୍ତ ରେଳ, ଟେଲି ଯୋଗାଯୋଗ ଏବଂ ବ୍ୟାଙ୍କ ସୁବିଧା ଯୋଗାଇ ଦିଆଯାଉ। ସୋମବାର ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ମାଓବାଦୀପ୍ରବଣ ରାଜ୍ୟଗୁଡିକୁ ନେଇ ଅନୁଷ୍ଠିତ ଆନ୍ତଃରାଜ୍ୟ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦାବି କରିଛନ୍ତି। ମାଓବାଦୀପ୍ରବଣ ଅଞ୍ଚଳରେ ତୁରନ୍ତ ୮୬୬ଟି ମୋବାଇଲ ଟାୱାର ବସାଇବା

### ଓଡ଼ିଶାର ଦାବି

- ■ କେନ୍ଦ୍ରୀୟ ସୁରକ୍ଷା ଯବାନଙ୍କ ଖର୍ଚ୍ଚ ଛାଡ଼ କରାଯାଉ
- ■ ଯୋଗାଇ ଦିଆଯାଉ ସ୍ୱତନ୍ତ୍ର ହେଲିକପ୍ଟର
- ■ ସୁରକ୍ଷା ସମ୍ପର୍କିତ ଖର୍ଚ୍ଚ ବାବଦରେ ୨୨୭ କୋଟି ମିଳୁ

ସହ ଗୋଟିଏ ସ୍ୱତନ୍ତ୍ର ହେଲିକପ୍ଟର ଯୋଗାଇ ଦେବାକୁ ☞ପୃଷ୍ଠା-୪

## ଆସିଲେନି ମମତା, ଫଡ୍‌ନବିଶ୍, କେସିଆର୍

**ନୂଆଦିଲ୍ଲୀ, ୨୬।୮**

ବିଭିନ୍ନ ରାଜ୍ୟର ମାଓବାଦୀ ମୁକାବିଲା, ଅଞ୍ଚଳର ବିକାଶ ଓ ଏନେଇ ଜାରି ରହିଥିବା ଅପରେଶନର ସ୍ଥିତି ସମୀକ୍ଷା ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଯୋଗ ଦେଇନାହାନ୍ତି। ଏହି ଆନ୍ତଃରାଜ୍ୟ ପରିଷଦ ବୈଠକରେ ୧୦ ମାଓବାଦୀପ୍ରବଣ ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ସେମାନଙ୍କ ପ୍ରତିନିଧୀ ଓ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ଶାହଙ୍କ ଅଧ୍ୟକ୍ଷତାରେ ଏଭଳି ବୈଠକ ପ୍ରଥମଥର ବସିଥିବାବେଳେ ମମତା ନ ଆସି ଡିଜିପି ଓ ରାଜ୍ୟ ମୁଖ୍ୟ ସଚିବଙ୍କୁ ପଠାଇଥିଲେ। କେସିଆର୍ ବ୍ୟକ୍ତିଗତ କାର୍ଯ୍ୟରେ ହାଇଦ୍ରାବାଦରେ ଥିବା ଜଣାପଡ଼ିଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଭାବେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିଶ୍ ବୈଠକକୁ ଆସି ନ ଥିଲେ। ରାଜ୍ୟର ଗଡ଼ଚିରୋଲି ଅଞ୍ଚଳ ମାଓବାଦୀଙ୍କ ଟାର୍ଗେଟ୍ ସାଜିଥିବାବେଳେ ତାଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ 'ମହାଜନାଦେଶ ଯାତ୍ରା'ରେ ବ୍ୟସ୍ତ ଥିବା ଜଣାପଡ଼ିଛି। କିଛି ମାସ ପରେ ନିର୍ବାଚନ ଥିବାରୁ ସେ ବ୍ୟସ୍ତ ଥିବା କୁହାଯାଇଛି। ତେବେ ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ରାଜ୍ୟ ମୁଖ୍ୟମନ୍ତ୍ରୀମାନେ ବୈଠକରେ ଉପସ୍ଥିତ ରହି ସେମାନଙ୍କ ମତ ରଖିଛନ୍ତି। ମାଓବାଦୀ ମୁକାବିଲା, ମାଓବାଦୀ ଇଲାକାର ବିକାଶ କିପରି ତ୍ୱରାନ୍ୱିତ ହେବ, ସେନେଇ କାର୍ଯ୍ୟଖସଡ଼ା ପ୍ରସ୍ତୁତ ଲାଗି ବୈଠକରେ ଆଲୋଚନା ହୋଇଛି।


BACHPAN
www.bachpanglobal.com
ଆଜି ହିଁ ବଚପନ ପ୍ରେ-ସ୍କୁଲ୍ ଆରମ୍ଭ କରନ୍ତୁ।
8860619105

NECC NATIONAL EGG CO-ORDINATION COMMITTEE 26.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 57 | 102 | 112 |
| DKL | 58 | 103 | 113 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |
| BHM | 57 | 102 | 112 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


### ■ ରବୀନ୍ଦ୍ରମଣ୍ଡପ-ବିମାନବନ୍ଦର ରାସ୍ତା ହେଲା ନୋ ଓଭରଟେକିଂ ଜୋନ୍

# ଉଲ୍ଲଂଘନକାରୀଙ୍କୁ ଧରାଇବ ଡ୍ରୋନ୍

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

ରାଜଧାନୀରେ ବେପରୁଆ ଗାଡ଼ି ଚାଳକମାନେ ସାବାଡ଼ ହେବେ। ସାପ ଗଲା ଭଳି ଗାଡି ଚଲାଇ ଓଭରଟେକିଂ କରୁଥିଲେ ଚାଳକଙ୍କୁ ଧରିବ ଡ୍ରୋନ୍ କ୍ୟାମେରା। ଏହାପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ରବୀନ୍ଦ୍ରମଣ୍ଡପ ଛକରୁ ବିମାନବନ୍ଦର ରାସ୍ତାକୁ ନୋ ଓଭରଟେକିଂ ଜୋନ୍ କରାଯାଇଛି। ଯେଉଁମାନେ ଏହି ରାସ୍ତାରେ ଓଭରଟେକିଂ କରିବାକୁ ଉଦ୍ୟମ କରିବେ, ସେମାନଙ୍କୁ ଡ୍ରୋନ୍ ସାହାଯ୍ୟରେ ଧରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏପରି କି ସୋମବାର ସନ୍ଧ୍ୟାରେ ଟ୍ରାଫିକ୍ ଡିସିପି ସାଗରିକା ନାଥ ଓ ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏଜି ଛକଠାରେ ପରୀକ୍ଷାମୂଳକଭାବେ ଡ୍ରୋନ୍ ଉଡ଼ାଯାଇଥିଲା।

- ■ ପରୀକ୍ଷାମୂଳକ ଭାବେ ଏଜି ଛକରେ ଉଡ଼ାଗଲା ଡ୍ରୋନ୍
- ■ ଗାଡ଼ିଚାଳକଙ୍କୁ ପୋଲିସ ଶିଖାଇବ ଲେନ୍ ଡ୍ରାଇଭିଂ



କମିଶନର ଷଡ଼ଙ୍ଗୀ କହିଛନ୍ତି, ରାଜଧାନୀରେ ଓଭରଟେକିଂ ଦ୍ୱାରା ଟ୍ରାଫିକ୍ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ବଢୁଛି। ଅନେକ ସମୟରେ କେତେଜଣ ବାଇକ୍ ଚାଳକ ସାପ ଗଲା ଭଳି ଗାଡି ଚଳାଇ ବଡ଼ ବଡ଼ ଗାଡ଼ିକୁ ଅତିକ୍ରମ କରି ଆଗକୁ ଯାଇଥାନ୍ତି। ଫଳରେ ଅନ୍ୟଗାଡ଼ିଗୁଡିକ ଦୁର୍ଘଟଣାଗ୍ରସ୍ତ ହେବା ସହ ଟ୍ରାଫିକ୍ ଜାମ ହେଉଛି। ତେଣୁ ଏହାକୁ ଆମେ ଗୁରୁତ୍ୱର ସହ ନେଉଛୁ। ସବୁ ସ୍ଥାନରେ ପୋଲିସ କର୍ମଚାରୀଙ୍କୁ ରଖି ଓଭରଟେକିଂକୁ ଅଟକାଇବା ସମ୍ଭବ ନୁହେଁ। ସାପ ଗଲା ଭଳି ଗାଡି ଚଲାଇଲେ ରାସ୍ତା ଯେତେ ଚଉଡା କଲେ କିମ୍ବା ଯେତେ ଟ୍ରାଫିକ କର୍ମଚାରୀ ନିୟୋଜିତ କଲେ ସୁଦ୍ଧା ସ୍ଥିତି ସୁଧୁରିବ ନାହିଁ। ତେଣୁ ସମସ୍ତ ସହରବାସୀଙ୍କୁ ଲେନ୍ ଡ୍ରାଇଭିଂ କରିବାକୁ ଅନୁରୋଧ ☞ପୃଷ୍ଠା-୪


INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

LAST CHANCE FOR SPOT ADMISSION 2019-20

IMBA

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into a few vacant seats of IMBA 5 years programme for the session 2019-20. The Application Form is available at the Institute's website www.iedodisha.nic.in. Interested candidates can also collect the Application Form personally from IED Odisha. The filled in Application Form can be submitted with all relevant documents and fees to the institute till seats are available.

123, Sect-A, Zone-A, Mancheswar Indl. Estate,
Near Postal Printing Press, PO:Rasulgarh, Bhubaneswar-751010,
Mob. 9437036346, 7978120939, Ph. 0674-2585609, 2587176



“ ରାହୁଲ ଗାନ୍ଧୀଙ୍କୁ କଶ୍ମୀର ଆସିବା ପାଇଁ ଦେଇଥିବା ନିମନ୍ତ୍ରଣକୁ ପ୍ରତ୍ୟାହାର କରିନେଇଥିଲି। ନିକଟରେ ଉପତ୍ୟକା ଆସିବାକୁ ହେଲେ ପୂର୍ବରୁ ଉପଯୁକ୍ତ ଅନୁମତି ନେବାକୁ ପରାମର୍ଶ ଦେଇଥିଲି।

**- ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ**

## ସଂକ୍ଷେପରେ

### କର୍ଣ୍ଣାଟକରେ ୩ ଉପମୁଖ୍ୟମନ୍ତ୍ରୀ

**ବେଙ୍ଗାଲୁରୁ,୨୬।୮** - କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ଡେପୁଟି ଭାବେ ୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ଗୋବିନ୍ଦ କାର୍ଜୋଲି, ଡ. ଆଶ୍ୱସ୍ଥ ନାରାୟଣ ଓ ଲକ୍ଷ୍ମଣ ସବଦି। କାର୍ଜୋଲଙ୍କୁ ପିଡବ୍ଲ୍ୟୁଡି ଓ ସାମାଜିକ କଲ୍ୟାଣ ମନ୍ତ୍ରୀ ପଦ ମିଳିଥିବାବେଳେ ଡ. ଆଶ୍ୱସ୍ଥ ନାରାୟଣଙ୍କୁ ଉଚ୍ଚଶିକ୍ଷା, ସୂଚନା ଓ ପ୍ରଯୁକ୍ତି, ବିଜ୍ଞାନ ଓ କାରିଗରୀ ମନ୍ତ୍ରଣାଳୟ ମିଳିଛି। ଲକ୍ଷ୍ମଣ ସବଦିଙ୍କୁ ପରିବହନ ମନ୍ତ୍ରଣାଳୟ ପ୍ରଦାନ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବାସବରାଜ୍ ବୋମ୍ମାଇଙ୍କୁ ମିଳିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଖଟ୍ଟାରଙ୍କୁ ଶିଳ୍ପ, ସୁରେଶ କୁମାରଙ୍କୁ ଗଣଶିକ୍ଷା, ସି.ଟି. ରବିଙ୍କୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ମିଳିଛି। ଜଣେମାତ୍ର ମହିଳା ମନ୍ତ୍ରୀ ଭାବେ କ୍ୟାବିନେଟରେ ସ୍ଥାନ ପାଇଥିବା ଶଶିକଳା ଆନ୍ନାସାହେବଙ୍କୁ ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରଣାଳୟ ଦିଆଯାଇଛି।

### ୪ ରାଜଧାନୀ ଲାଗି ଆନ୍ଧ୍ରପ୍ରଦେଶର ଯୋଜନା

**ନୂଆଦିଲ୍ଲୀ,୨୬।୮** -ଆନ୍ଧ୍ରପ୍ରଦେଶର ରାଜଧାନୀ ଅମରାବତୀ କରିବା ଲାଗି ଟିଡିପି ନେତା ଚନ୍ଦ୍ରାବାବୁ ନାଇଡୁ ମୁଖ୍ୟମନ୍ତ୍ରୀ ହେବା ପରଠାରୁ ପ୍ରୟାସ ଜାରି ରଖିଥିଲେ। ଏବେ ଏହାକୁ ବାଦ୍‌ଦେଇ ରାଜ୍ୟରେ ୪ଟି ରାଜଧାନୀ କରିବା ଲାଗି ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଯୋଜନା କରୁଥିବା ଜଣାପଡ଼ିଛି। ଫଳରେ ଶାସକ ୱାଇଆର୍‌ଏସ୍‌ସି ଓ ବିରୋଧୀ ଟିଡିପି ନେତାଙ୍କ ମଧ୍ୟରେ ଏହାକୁ ନେଇ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଭାଜପାର ରାଜ୍ୟ ସଭା ଏମ୍‌ପି ଟି.ଜି. ଭେଙ୍କଟେଶ୍ କେନ୍ଦ୍ରର ଇଙ୍ଗିତରେ ମୁଖ୍ୟମନ୍ତ୍ରୀ ଏଭଳି ମନ ବଦଳାଇଥିବା କହିବା ପରେ ପରିସ୍ଥିତି ଭିନ୍ନମୋଡ଼ ନେଇଛି। ରାଜ୍ୟରେ ବିଜୟନଗରମ୍, କାକିନାଡ଼, ଗୁଣ୍ଟୁର ଓ କଡ଼ପାକୁ ରାଜଧାନୀ ସହର କରାଯାଇ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ଯୋଜନା ରହିଥିବା ଭେଙ୍କଟେଶ୍ କହିଛନ୍ତି।

### ଝାଡ଼ଖଣ୍ଡ, ମହାରାଷ୍ଟ୍ରରେ ତୀରଚିହ୍ନ ବ୍ୟବହାର କରିପାରିବନି ଜେଡିୟୁ

**ନୂଆଦିଲ୍ଲୀ,୨୬।୮** - ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରରେ ଜେଡିୟୁ ନିର୍ବାଚନ ଲଢ଼ିଲେ ତୀର ଚିହ୍ନ ବ୍ୟବହାର କରିପାରିବ ନାହିଁ। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)କୁ ଧନୁତୀର ଚିହ୍ନ ମିଳିଥିବାବେଳେ ମହାରାଷ୍ଟ୍ରରେ ଶିବସେନାର ତୀରଚିହ୍ନ ରହିଛି। ତେଣୁ ଉପରୋକ୍ତ ରାଜ୍ୟରେ ଜେଡିୟୁ ତୀରଚିହ୍ନରେ ଲଢ଼ିପାରିବ ନାହିଁ ବୋଲି ନିର୍ବାଚନ କମିଶନ (ଇସି)କହିଛନ୍ତି।

# ଜଳପଥରେ ଜେଇଏମ୍‌ର ଆକ୍ରମଣ ଯୋଜନା

## ପ୍ରତିହତ ପାଇଁ ନୌସେନା ପ୍ରସ୍ତୁତ

**ପୁଣେ,୨୬।୮(ପି.ଟି.)**



ସୀମାନ୍ତରେ କଡ଼ା ସୁରକ୍ଷା ବ୍ୟବସ୍ଥା ଯୋଗୁ ଅନୁପ୍ରବେଶ କରି ନ ପାରି ପାକିସ୍ତାନୀ ଆତଙ୍କବାଦୀମାନେ ଏବେ ବିକଳ୍ପ ସନ୍ଧାନରେ ଅଛନ୍ତି। ପାକ୍ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଜଳପଥରେ ଆସି ଭାରତରେ ଆକ୍ରମଣ କରିପାରେ ବୋଲି ଗୋଇନ୍ଦା ସୂଚନା ମିଳିଛି। ତେବେ ଜଳପଥରେ କୌଣସି ପ୍ରକାର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଭାରତୀୟ ନୌସେନା ପୂରା ଦମ୍‌ରେ ପ୍ରସ୍ତୁତ ରହିଛି ବୋଲି ଏହାର ମୁଖ୍ୟ ଆଡମିରାଲ କରମବୀର ସିଂ ସୋମବାର କହିଛନ୍ତି।

ସୂଚନା ଅନୁଯାୟୀ, ଜେଇଏମ୍‌ର ଅଣ୍ଡରୱାଟର ଶାଖା ଜଳପଥରେ ଆକ୍ରମଣ ପାଇଁ କିଛି ଯୁବକଙ୍କୁ ତାଲିମ ଦେଉଛି। ତେବେ ସେମାନଙ୍କ ଲକ୍ଷ୍ୟ ପୂରଣ ହେବାକୁ ଦିଆଯିବ ନାହିଁ ବୋଲି ନୌସେନା ମୁଖ୍ୟ କହିଛନ୍ତି। ଏଥିପାଇଁ ନୌସେନା ଓ ତଟସୁରକ୍ଷା ବାହିନୀର ଯବାନମାନେ ସଜାଗ ଅଛନ୍ତି। ଆତଙ୍କବାଦୀଙ୍କୁ ଭାରତରେ ପ୍ରବେଶ କରିବାକୁ କଦାପି ସୁଯୋଗ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଖବରଦାତାମାନଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ ଆଡମିରାଲ ସିଂ କହିଥିଲେ, ଆତଙ୍କବାଦୀଙ୍କ ଆକ୍ରମଣ ଯୋଜନା ବଦଳୁଛି। ସେଥିପାଇଁ ଉପକୂଳବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ଆଶଙ୍କା ରହିଛି। ହେଲେ ୨୬/୧୧ ମୁମ୍ବାଇ ଆକ୍ରମଣ ପରେ ତଟସୁରକ୍ଷା ଉପରେ ନୌସେନା ତୀକ୍ଷ୍ଣ ନଜର ରଖିଛି। ତଟସୁରକ୍ଷା ବ୍ୟବସ୍ଥାରେ ମଧ୍ୟ ବ୍ୟାପକ ପରିବର୍ତ୍ତନ କରାଯାଇଛି ବୋଲି ଆଡମିରାଲ ସିଂ କହିଛନ୍ତି।

ଦେଶ ଭିତରେ ଆତ୍ମଗୋପନ କରିଥିବା ଆତଙ୍କବାଦୀଙ୍କ ଦ୍ୱାରା ମୁମ୍ବାଇ ଭଳି ଆକ୍ରମଣ ଯୋଜନା ପାକ୍ ଆତଙ୍କବାଦୀ ସଂଗଠନଗୁଡିକ କରୁଥିବା ଦୁଇ ସପ୍ତାହ ପୂର୍ବରୁ ଗୋଇନ୍ଦା ସୂଚନା ମିଳିଥିଲା। ଏଥିସହିତ ସମୁଦ୍ର ପଥରେ ଆତଙ୍କବାଦୀ ସେମାନଙ୍କ ସହ ସାମିଲ ହୋଇପାରନ୍ତି ବୋଲି ଆଶଙ୍କା କରାଯାଉଥିଲା। ତେବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହ ଯୋଗୁ ସମୁଦ୍ର ଅଶାନ୍ତ ରହୁଥିବାରୁ ଆରବ ସାଗରରେ ବୋଟରେ ଆସି ଭାରତରେ ପ୍ରବେଶ କରିବା ସମ୍ଭବ ହେବ ନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହା ସତ୍ତ୍ୱେ ସମସ୍ତ ନାଭାଲ ବେସ୍‌କୁ ସଜାଗ ରହିବା ଲାଗି କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏଲ୍‌ଓସିରେ ସକ୍ରିୟ ଥିବା ଆତଙ୍କବାଦୀମାନେ ବାଲାକୋଟ ଏୟାରଷ୍ଟ୍ରାଇକ୍ ପରେ ଅନ୍ୟତ୍ର ପଳାୟନ କରିଥିଲେ। ଜେଇଏମ୍ ଆତଙ୍କବାଦୀମାନେ ବାଲାକୋଟ ଆକ୍ରମଣର ପ୍ରତିଶୋଧ ନେବା ଲାଗି ପ୍ରସ୍ତୁତ ହେଉଛନ୍ତି। ସେମାନେ ଜୈଶ୍ ମୁଖ୍ୟ ମୌଲାନା ମାସୁଦ ଆଝାରଙ୍କ ସାନଭାଇ ରୌଫ୍ ଅଜଘରଙ୍କୁ ପିଓକେକୁ ଆକ୍ରମଣ ଯୋଜନା ତଦାରଖ କରିବା ପାଇଁ ପଠାଇଥିବା ମଧ୍ୟ ସୂଚନା ମିଳିଥିଲା। ଜମ୍ମୁ-କଶ୍ମୀରକୁ ମିଳୁଥିବା ସ୍ୱତନ୍ତ୍ର ମାନ୍ୟତା ହଟିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି ନେବା ପରେ ପାକିସ୍ତାନ ରକ୍ତଚାଉଳ ଚୋବାଉଛି। ଆତଙ୍କବାଦୀଙ୍କୁ ଭାରତରେ ପୂରାଇ ଅସ୍ଥିରତା ସୃଷ୍ଟି କରିବା ପାଇଁ ଇସ୍‌ଲାମାବାଦ ଉଦ୍ୟମ ଚଳାଇଥିବା ମଧ୍ୟ ଜଣାପଡିଛି। କଶ୍ମୀର ପ୍ରସଙ୍ଗରେ କୂଟନୈତିକ ସ୍ତରରେ ବିଫଳ ହେବା ପରେ ପାକିସ୍ତାନ ଯେକୌଣସି ସ୍ତରକୁ ଯାଇପାରେ ବୋଲି ଏହାର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିଛନ୍ତି।

# ୧୨ ଦେଶରେ ଚିଦାମ୍ବରମ୍‌ଙ୍କ ୧୭ ଆକାଉଣ୍ଟ

**ନୂଆଦିଲ୍ଲୀ,୨୬।୮(ପି.ଟି.)**

### ପୁଣି ୪ ଦିନ ରିମାଣ୍ଡରେ ଗଲେ




ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଅଦାଲତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଆଉ ୪ ଦିନ ସିବିଆଇ ରିମାଣ୍ଡରେ ପଠାଇଛନ୍ତି। ୩୦ ପର୍ଯ୍ୟନ୍ତ ସିବିଆଇ ଚିଦାମ୍ବରମଙ୍କୁ ହାଜତରେ ଜେରା କରିବ। ଅଧିକ ଜେରା ପାଇଁ ହେପାଜତକୁ ନେବା ପାଇଁ ସିବିଆଇର ଦାବିକୁ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହର ଯଥାର୍ଥ ବୋଲି କହିଥିଲେ। ତେବେ ଚିଦାମ୍ବରମଙ୍କୁ ହାଜତରେ ତାଙ୍କ ପରିବାର ସଦସ୍ୟ ଓ ଓକିଲ ଦିନକୁ ଅଧଘଣ୍ଟା ପାଇଁ ଦେଖା କରିପାରିବେ।

ଚିଦାମ୍ବରମଙ୍କର ୧୨ଟି ଦେଶରେ ୧୭ଟି ବ୍ୟାଙ୍କ ଆକାଉଣ୍ଟ ରହିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିଦେବା ପରେ ଗତ ବୁଧବାର ରାତିରେ ନାଟକୀୟ ଘଟଣାକ୍ରମରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଏହା ପରଦିନ କୋର୍ଟରେ ହାଜର କରିବା ପରେ ୪ ଦିନ ରିମାଣ୍ଡରେ ନେଇଥିଲା ସିବିଆଇ। ସୋମବାର ରିମାଣ୍ଡ ମିଆଦ ପୂରଣ ହେବା ପରେ ତାଙ୍କୁ କୋର୍ଟରେ ହାଜର କରି ତଦନ୍ତକାରୀ ସଂସ୍ଥା ଅଧିକ ଜେରାର ଆବଶ୍ୟକତା ଥିବା ଦର୍ଶାଇ ରିମାଣ୍ଡ ଅବଧି ଆଉ ୫ ଦିନ ବଢ଼ାଇବା ପାଇଁ ଅନୁରୋଧ କରିଥିଲା। ସିବିଆଇ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ଅତିରିକ୍ତ ସଲିସିଟର ଜେନେରାଲ କେ.ଏନ୍. ନଟରାଜ ଚିଦାମ୍ବରମଙ୍କୁ ଅଭିଯୁକ୍ତମାନଙ୍କ ସହ ଜେରା କରିବାର ଆବଶ୍ୟକତା ରହିଥିବା କହିଥିଲେ।

ଦିଲ୍ଲୀ ହାଇକୋର୍ଟ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିବା ପରେ ଚିଦାମ୍ବରମ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପିଟିଶନ୍ ଶୁଣାଣି କରିବାକୁ ମନାକରିଦେବା ପରେ ଚିଦାମ୍ବରମଙ୍କୁ ସିବିଆଇ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ତେବେ ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ଇଡି ତାଙ୍କୁ ୨୭ ତାରିଖ ପର୍ଯ୍ୟନ୍ତ ଗିରଫ କରିପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

# ମନମୋହନଙ୍କ ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୨୬।୮**



କେନ୍ଦ୍ର ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସୁରକ୍ଷା ହ୍ରାସ କରିଛନ୍ତି। ତାଙ୍କୁ ଯୋଗାଇଦିଆଯାଇଥିବା ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ (ଏସ୍‌ପିଜି) ପ୍ରତ୍ୟାହାର କରିନିଆଯାଇ ଜେଡ୍ ପ୍ଲସ୍ ସୁରକ୍ଷା ପ୍ରଦାନ କରାଯାଇଛି। କୌଣସି ପ୍ରଧାନମନ୍ତ୍ରୀ ପଦ ଛାଡିବାର ବର୍ଷକ ପରେ ତାଙ୍କୁ ଯୋଗାଇ ଦିଆଯାଉଥିବା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଥାଏ। ୨୦୧୪ ମେ ମାସରେ ମନମୋହନ ପ୍ରଧାନମନ୍ତ୍ରୀ ପଦ ଛାଡିଥିଲେ ହେଁ ତାଙ୍କୁ ୫ ବର୍ଷ ହେଲା ଏସ୍‌ପିଜି ସୁରକ୍ଷା ଯୋଗାଇ ଦିଆଯାଇ ଆସୁଥିଲା। ଏଣିକି ସିଆର୍‌ପିଏଫ୍ ଯବାନମାନେ ମନମୋହନଙ୍କୁ ସୁରକ୍ଷା ଯୋଗାଇବେ। ଏବେ ଏସ୍‌ପିଜି ସୁରକ୍ଷା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ମିଳୁଛି।

୧୯୯୧ରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନିଧନ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅନ୍ୟୁନ ୧୦ ବର୍ଷ ପାଇଁ ଏସ୍‌ପିଜି ସୁରକ୍ଷା ଯୋଗାଇଦେବାକୁ ଆଇନରେ ସଂଶୋଧନ କରାଯାଇଥିଲା। ୨୦୦୩ରେ ଏସ୍‌ପିଜି ଆଇନରେ ପୁନର୍ବାର ସଂଶୋଧନ କରାଯାଇ ଏହି ସମୟସୀମାକୁ ୧ ବର୍ଷକୁ କମାଇ ଦିଆଯାଇଥିଲା ଏବଂ ଏହା ପରେ ପ୍ରତିବର୍ଷ ବିପଦ ସମ୍ଭାବନାର ସମୀକ୍ଷା କରି କେନ୍ଦ୍ର ସରକାର ପରବର୍ତ୍ତୀ ନିଷ୍ପତ୍ତି ନେବାର ବ୍ୟବସ୍ଥା ହୋଇଥିଲା।

### ୪ ଭିଭିଆଇପିଙ୍କ ସୁରକ୍ଷାରେ ୩ ହଜାର ଯବାନ

**ନୂଆଦିଲ୍ଲୀ, ୨୬।୮**

ଦେଶର ୪ ଭିଭିଆଇପିଙ୍କୁ ୩ ହଜାରରୁ ଊର୍ଦ୍ଧ୍ୱ ଯବାନ ସୁରକ୍ଷା ଦେଉଛନ୍ତି। ଏହି ଯବାନମାନେ ପୂର୍ଣ୍ଣ ପ୍ରଶିକ୍ଷିତ ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କମାଣ୍ଡୋ। ଏହି ୪ ବ୍ୟକ୍ତି ହେଉଛନ୍ତି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ତାଙ୍କର ଦୁଇ ସନ୍ତାନ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା। ଜଣେ ସୁରକ୍ଷା ଅଧିକାରୀ ଏହି ସୂଚନା ଦେଇଛନ୍ତି।



ହରିଦ୍ୱାରର ହର୍-କୀ ପୌଡି ଘାଟଠାରେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଚିତାଭସ୍ମକୁ ପୁଅ ରୋହନ ଗଙ୍ଗାରେ ବିସର୍ଜନ କରୁଛନ୍ତି।

■ ବିରୋଧୀ ନେତାଙ୍କ ଶ୍ରୀନଗର ଗସ୍ତକୁ ବିରୋଧ

# ରାହୁଲଙ୍କୁ ମାୟାବତୀଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୨୬।୮**



ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଏସ୍‌ପି ସୁପ୍ରିମୋ ମାୟାବତୀ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ସହ ଶ୍ରୀନଗର ଗସ୍ତରେ ଯିବା ଲାଗି ପ୍ରୟାସ କରିଥିବା ଅନ୍ୟ ବିରୋଧୀ ଦଳର ନେତାଙ୍କ ଉପରେ ବର୍ଷିଛନ୍ତି। ସେଠାକୁ ଯିବା ପୂର୍ବରୁ ଅଧିକ ଚିନ୍ତା କରିବାର ଥିଲା ବୋଲି ମାୟାବତୀ ଟୁଇଟ୍ କରିଛନ୍ତି। ବିନା ଅନୁମତିରେ ଏମିତି ଯାଇ ସେଠାରୁ ଫେରିବା ଦ୍ୱାରା କେନ୍ଦ୍ରକୁ ରାଜନୀତି କରିବାର ସୁଯୋଗ ମିଳିଲା ବୋଲି ସେ ଅଭିଯୋଗ କରିଛନ୍ତି। ବିଏସ୍‌ପି ସୁପ୍ରିମୋ କହିଛନ୍ତି, ଆମ୍ବେଦକର ଭାରତର ଏକତା, ସମାନତାକୁ ଗୁରୁତ୍ୱ ଦେଇଆସୁଥିଲେ। ଏଥିଲାଗି ୩୭୦ ସପକ୍ଷରେ ସେ ନ ଥିଲେ। ଏଥିଲାଗି ଏହି ଧାରା ଉଚ୍ଛେଦ ଲାଗି ବିଏସ୍‌ପି ସମର୍ଥନ ଜଣାଇଥିଲା। ଏହି ଧାରା ଉଚ୍ଛେଦ ହେବା ପରେ ସ୍ଥିତି ସ୍ୱାଭାବିକ ହେବା ଲାଗି ସମୟ ଲାଗିବ। ତେଣୁ ଅପେକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ମାୟାବତୀ କହିଛନ୍ତି। ଅଦାଲତ ମଧ୍ୟ ଏଭଳି ପଦକ୍ଷେପ ନେଇଥିବା ସେ ପ୍ରକାଶ କରିଛନ୍ତି। ଶନିବାର ରାହୁଲଙ୍କ ସମେତ ଶ୍ରୀନଗର ଯାଇଥିବା ୧୦ ବିରୋଧୀ ଦଳର ନେତାଙ୍କୁ ଫେରାଇ ଦିଆଯାଇଥିଲା।

### ପୁଞ୍ଚ୍-ରାୱଲକୋଟ୍ ବସ୍‌ସେବା ଆରମ୍ଭ

**ଜମ୍ମୁ,୨୬।୮(ପି.ଟି.)**

ସପ୍ତାହେ ଧରି ବନ୍ଦ ରହିବା ପରେ ପୁଞ୍ଚ୍ ଓ ରାୱଲକୋଟ୍ ମଧ୍ୟରେ ସୀମାପାର ବସ୍ ସେବା ସୋମବାର ପୁଣି ଆରମ୍ଭ ହୋଇଛି। ପିଓକେର ୪୦ଜଣଙ୍କ ସମେତ ଅଟକି ରହିଥିବା ୪୬ ଯାତ୍ରୀ ଘରକୁ ଫେରିଛନ୍ତି। ଗତ ୧୯ ତାରିଖରୁ ଏହି ବସ୍ ସେବା ବନ୍ଦ ରହିଥିଲା। ଇଦ୍ ପାଇଁ ସମ୍ପର୍କୀୟଙ୍କୁ ଭେଟିବାକୁ ପୁଞ୍ଚ୍ ଆସିଥିବା ଦୁଇଜଣ ପିଓକେ ବାସିନ୍ଦାଙ୍କ ପରମିଟ ଅବଧି ଆଉ ଦୁଇଦିନ ଥିବାବେଳେ ସେମାନଙ୍କୁ ଫେରିଯିବାର ସୁଯୋଗ ମିଳିଛି। ପାଇଗମ-ଇ-ଅମନ ନାମରେ ଏହି ବସ୍ ସେବା ପ୍ରତି ସୋମବାର ଉପଲବ୍ଧ ହୋଇଥାଏ।

# ୩୭୦ ଉଚ୍ଛେଦ ନିଷ୍ପତ୍ତିର ଗୁରୁତ୍ୱ ଲୋକଙ୍କୁ ଜଣାଇବ ଭାଜପା

**ନୂଆଦିଲ୍ଲୀ,୨୬।୮(ପି.ଟି.)**

### ମାସେବ୍ୟାପୀ ଜନସମ୍ପର୍କ କାର୍ଯ୍ୟକ୍ରମ

ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିର ଗୁରୁତ୍ୱ ସମ୍ପର୍କରେ ଭାଜପା ଜନସାଧାରଣଙ୍କୁ ଜଣାଇବ। ଏଥିପାଇଁ ମାସେ ବ୍ୟାପୀ ସାରା ଦେଶରେ ଜନସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଗୈରିକ ଦଳ ସୋମବାର ଘୋଷଣା କରିଛି। ଦେଶର ୩୫ଟି ମହାନଗରୀ ଓ ୩୭୦ଟି ସହରରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ମନ୍ତ୍ରୀ ଓ ଦଳୀୟ ଏମ୍‌ପି ତଥା କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଗଜେନ୍ଦ୍ର ସିଂ ଶେଖାୱତ ଖବରଦାତାମାନଙ୍କୁ କହିଛନ୍ତି। ସେମାନେ ଦେଶର ବିଭିନ୍ନ ଭାଗରେ ଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଭେଟିବେ। ସେପ୍ଟେମ୍ବର ୧ରୁ ୩୦ ମଧ୍ୟରେ ଉପତ୍ୟକାର ଶ୍ରୀନଗର, ଅନନ୍ତନାଗ, ବାରମୁଲା ଏବଂ ସୋପୋରେ ସମେତ ଜମ୍ମୁ-କଶ୍ମୀରର ୯ଟି ସ୍ଥାନରେ ଏହି ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏକ ଐତିହାସିକ ନିଷ୍ପତ୍ତି। ଦଳମତ ନିର୍ବିଶେଷରେ ସମସ୍ତେ ଏହାକୁ ସମର୍ଥନ କରିଥିବା ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ର ସରକାରଙ୍କ ୮୫ଟି ଉନ୍ନୟନମୂଳକ ଯୋଜନା ଜମ୍ମୁ-କଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

## ଫୁରସତ

### [ଇତିହାସର ଆଇନାରେ]

### ଅଗଷ୍ଟ ୨୭ର ପ୍ରମୁଖ ଘଟଣା

୧୯୯୧ ଅଗଷ୍ଟ ୨୭ରେ ରୁଷିଆଠାରୁ ସ୍ୱାଧୀନତା ଲାଭକଲା ମୋଲଡୋଭା। ରିପବ୍ଲିକ୍ ଅଫ୍ ମୋଲଡୋଭା ହେଉଛି ପୂର୍ବ ୟୁରୋପର ଏକ ଭୂ-ପରିବେଷ୍ଟିତ ଦେଶ। ଏହାର ପଶ୍ଚିମ ଦିଗରେ ରୋମାନିଆ ରହିଥିବାବେଳେ ଉତ୍ତର, ପୂର୍ବ ଓ ଦକ୍ଷିଣରେ ୟୁକ୍ରେନ ରହିଛି।


୨୦୧୧ ଅଗଷ୍ଟ ୨୭ରେ ଆମେରିକାର ପୂର୍ବ ଉପକୂଳରେ ଝଡତୋଫାନ ‘ଇରିନ’ ମାଡରେ ୪୭ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ପାଖାପାଖି ୧୫.୬ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଥିଲା। ଏହି ବିଧ୍ୱଂସକାରୀ ଝଡତୋଫାନ ପ୍ରଭାବରେ ଆମେରିକାର ପୂର୍ବ ଉପକୂଳ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଅଧିକାଂଶ ଭାଗ କ୍ଷତିଗ୍ରସ୍ତ ହୋଇଥିଲା।

# ‘ପାଗଲପନ୍ତି’ରେ ଜନ୍ ଆବ୍ରାହମ

**ମୁମ୍ବାଇ:**

କପ୍-ଡ୍ରାମା ଏବଂ ଆକ୍ସନ ଫିଲ୍ମ ପରେ ଜନ୍ ଆବ୍ରାହମ୍‌ଙ୍କୁ ଆଗାମୀ କମେଡି ଫିଲ୍ମ ‘ପାଗଲପନ୍ତି’ରେ ଦେଖିବାକୁ ମିଳିବ। ଉକ୍ତ ଫିଲ୍ମ ଚଳିତ ବର୍ଷ ଶେଷଭାଗରେ ରିଲିଜ ହେବାକୁ ଯାଉଛି। ଆବ୍ରାହମ୍ ଏଥିରେ ତାଙ୍କର ସର୍ବାଧିକ ଦକ୍ଷତା ପ୍ରଦର୍ଶନ କରିଥିବା କହିଛନ୍ତି। ‘ପାଗଲପନ୍ତି’ରେ ଅନ୍ୟ ପ୍ରମୁଖ ଚରିତ୍ରରେ ଅଭିନୟ କରିଛନ୍ତି ଅନିଲ କପୁର, ଇଲିଆନା ଡି’କ୍ରୁଜ୍, ଅର୍ଶଦ ୱାର୍ସି, ପୁଲକିତ ସମ୍ରାଟ୍ କ୍ରିତି ଖାରବନ୍ଦା, ଉର୍ବଶୀ ରଉତେଲା ଏବଂ ସୌରଭ ଶୁକ୍ଲା। ଉକ୍ତ ଫିଲ୍ମରେ ଜନ୍‌ଙ୍କ ସହ ପୁଣି ଯୋଡି ହୋଇଛନ୍ତି ନିର୍ଦ୍ଦେଶକ ଅନିସ ବାଜ୍‌ମୀ। ବାଜ୍‌ମୀ ମଧ୍ୟ ଆବ୍ରାହମ୍‌ଙ୍କ ଶେଷ କମେଡି ଫିଲ୍ମ ୨୦୧୫ର ‘ୱେଲକମ୍ ବ୍ୟାକ୍’ରେ ନିର୍ଦ୍ଦେଶନା ଦେଇଥିଲେ।

ଏଥର ‘ପାଗଲପନ୍ତି’ରେ ଜନ୍ ଆବ୍ରାହମ୍‌ଙ୍କର ବଡି ଲାଙ୍ଗୁଏଜ୍ ଅଧିକ ଦେଖିବାକୁ ମିଳିବ। ଏହି ଅଭିନୟ



ଜନ୍‌ଙ୍କର ନୁହେଁ ବୋଲି ଦର୍ଶକଙ୍କ ଧାରଣା ସୃଷ୍ଟି ହୋଇପାରେ। ପୂର୍ବାପେକ୍ଷା ଏଥର ଫିଲ୍ମରେ ଜନ୍‌ଙ୍କ ଅଭିନୟରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରିବେ ଦର୍ଶକ। ଏଥିରେ ଜନ୍ ଦର୍ଶକଙ୍କୁ ଖୁବ୍ ହସେଇବେ ବୋଲି ନିର୍ଦ୍ଦେଶକ ଅନୁଭବ କରୁଛନ୍ତି। ସିନେମା ଆମୋଦପ୍ରମୋଦର ଏକ ମଞ୍ଚ ହୋଇଥିବାବେଳେ ଦର୍ଶକଙ୍କୁ ହସେଇପାରିଲେ ସେଥିରେ ଆନନ୍ଦ ମିଳିବ ବୋଲି ଜନ୍ କହିଛନ୍ତି। ଟି-ସିରିଜ୍ ଓ ପାନୋରମା ଷ୍ଟୁଡିଓଜ୍‌ର ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ସହ-ପ୍ରଯୋଜକ ଅଛନ୍ତି ଆଦିତ୍ୟ ଚୋକ୍‌ସି ଓ ସଞ୍ଜୀବ ଯୋଷୀ। ନଭେମ୍ବର ୮ରେ ଏହା ରିଲିଜ୍ ହେବାର ଅଛି।

# ଚନ୍ଦ୍ରପୃଷ୍ଠର ସାନି ଫଟୋ ଜାରି କଲା ଇସ୍ରୋ



**ଚେନ୍ନାଇ:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପୁନର୍ବାର ଚନ୍ଦ୍ରର ପୃଷ୍ଠଭାଗ ଓ ଏଠାରେ ଥିବା ମୃତ ଆଗ୍ନେୟଗିରି ମୁଖ (କ୍ରେଟର)ର ଫଟୋ ପ୍ରକାଶ କରିଛି। ଚନ୍ଦ୍ରୟାନ-୨ ସ୍ପେସ୍‌କ୍ରାଫ୍ଟର ଟେରାଇନ୍ ମ୍ୟାପିଂ କ୍ୟାମେରା-୨ ଦ୍ୱାରା ଏହିସବୁ ଫଟୋ ଉତ୍ତୋଳନ କରାଯାଇଛି। ଇସ୍ରୋ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚନ୍ଦ୍ରପୃଷ୍ଠରୁ ୪,୩୭୫ କିଲୋମିଟର ଉଚ୍ଚତାରୁ ଅଗଷ୍ଟ ୨୩ରେ ଏହିସବୁ ଫଟୋ ଉଠାଯାଇଥିଲା। ଉତ୍ତୋଳନ କରାଯାଇଥିବା କ୍ରେଟରଗୁଡିକର ନାମ ଜାକସନ୍, ମିତ୍ର, ମାଚ୍ ଓ କୋରୋଲେଭ୍ ରଖାଯାଇଛି। ଚନ୍ଦ୍ରର ଉତ୍ତର ଗୋଲାର୍ଦ୍ଧରେ ଥିବା ଜାକସନ୍‌ର ବ୍ୟାସ ୭୧ କିଲୋମିଟର। ପଶ୍ଚିମ ଭାଗରେ ଥିବା ମାଚ୍ କ୍ରେଟର ନିକଟରେ ମିତ୍ର କ୍ରେଟର ରହିଛି। ଏହାର ବ୍ୟାସ ୯୨ କିଲୋମିଟର। ଏହାର ନାମକରଣ ପ୍ରଫେସର ଶିଶିର କୁମାର ମିତ୍ରଙ୍କ ନାମାନୁସାରେ ହୋଇଛି। ମିତ୍ର ହେଉଛନ୍ତି ଜଣେ ଭାରତୀୟ ପଦାର୍ଥବିଦ୍ୟାବିତ୍ ଏବଂ ପଦ୍ମ ଭୂଷଣ ପୁରସ୍କାରପ୍ରାପ୍ତ ବୈଜ୍ଞାନିକ। ଆୟୋନୋସ୍ଫିୟର ଓ ରେଡିଓଫିଜିକ୍ସ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। କୋରୋଲେଭ କ୍ରେଟର ବ୍ୟାସ ୪୩୭ କିଲୋମିଟର ହୋଇଥିବାବେଳେ ଏହା ମଧ୍ୟରେ ବିଭିନ୍ନ ଆକୃତିର ଅନେକ ଛୋଟ ଛୋଟ ଗହ୍ୱର ରହିଛି।

ଆଉ ଯେଉଁ ବୃହତ୍ କ୍ରେଟରର ଫଟୋ ଉତ୍ତୋଳନ କରାଯାଇଛି, ସେହି ଦୁଇଟି ହେଉଛି ସମରଫେଲ୍ଡ ଏବଂ କିର୍କଉଡ୍। ଚନ୍ଦ୍ରର ଉତ୍ତର ଅକ୍ଷାଂଶରେ ଥିବା ସମରଫେଲ୍ଡର ବ୍ୟାସ ୧୬୯ କିଲୋମିଟର। ଉକ୍ତ କ୍ରେଟର ନାମକରଣ ଜର୍ମାନ ପଦାର୍ଥବିଜ୍ଞାନୀ ଡ. ଆରନୋଲ୍ଡ ସମରଫେଲ୍ଡଙ୍କ ନାମାନୁସାରେ ହୋଇଛି। ଚନ୍ଦ୍ରର ଉତ୍ତର-ପୂର୍ବ ଭାଗରେ ଥିବା କିର୍କଉଡ କ୍ରେଟର ନାମକରଣ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଡାନିଏଲ୍ କିର୍କଉଡ୍‌ଙ୍କ ନାମାନୁସାରେ ହୋଇଛି। କିର୍କଉଡ୍‌ର ବ୍ୟାସ ପାଖାପାଖି ୬୮କିଲୋମିଟର।

## ସଂକ୍ଷେପରେ

### ଲଲାଟ ଇନ୍ଦୁ ପରିଜାଙ୍କ ଦେହାନ୍ତ



ଭୁବନେଶ୍ୱର, ୨୬।୮ (ବ୍ୟୁରୋ): ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଲଲାଟ ଇନ୍ଦୁ ପରିଜାଙ୍କର ସୋମବାର କଟକସ୍ଥିତ ଏକ ଘରୋଇ ନର୍ସିଂହୋମରେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ପରିଜା ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବିଭିନ୍ନ ପ୍ରମୁଖ ବିଭାଗର ସଚିବ ଭାବେ ଦାୟିତ୍ୱ ତୁଲାଇବା ସହ ଦୁଇ ଥର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଖ୍ୟାତନାମା ବୈଜ୍ଞାନିକ ତଥା ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ପ୍ରାଣକୃଷ୍ଣ ପରିଜାଙ୍କର ସେ ସୁପୁତ୍ର ଥିଲେ। ସ୍ୱର୍ଗତ ପରିଜା ଏକାଧାରରେ ଜଣେ ସଶକ୍ତ ପ୍ରଶାସକ, ସୁବକ୍ତା, ଉଚ୍ଚକୋଟୀର କ୍ରିକେଟ ଖେଳାଳି ଏବଂ ପ୍ରମୁଖ ସ୍ତମ୍ଭକାର ଭାବେ ଜଣାଶୁଣା ଥିଲେ। ସେ ଓଡ଼ିଶା ରଣଜୀ କ୍ରିକେଟ ଦଳର ଅଧିନାୟକ ମଧ୍ୟ ରହିଥିଲେ। ଗତ ମାର୍ଚ୍ଚ ମାସରେ ପରିଜାଙ୍କ ଲିଖିତ ପୁସ୍ତକ 'ଫେଟ୍ ଟେକ୍ସ ଏ ହ୍ୟାଣ୍ଡ' ଉନ୍ମୋଚନ ହୋଇଥିଲା। ଏହି ପୁସ୍ତକରେ ସେ ଓଡ଼ିଶା ସରକାରଙ୍କ ଅଧୀନରେ ନିଜ ୪୦ ବର୍ଷର ପ୍ରଶାସନିକ ଜୀବନ ଉପରେ ଆଲୋକପାତ କରିଛନ୍ତି। ଜିଲାପାଳ ପଦବୀଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ ପଦବୀରେ ରହି ସେ ନିଜ କର୍ତ୍ତବ୍ୟ ବେଶ୍ ସମ୍ପାଦନ କରିଥିଲେ।

ସରକାରୀ ଇଞ୍ଜିନିୟରିଂ କଲେଜରେ ଛାତ୍ରଙ୍କୁ ଆକ୍ରମଣ ଘଟଣା

### ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରୀଛାତ୍ର

ଭବାନୀପାଟଣା, ୨୬।୮ (ଡି.ଏନ.ଏ.): କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ କଲେଜ ପରିସରରେ ନିୟମିତ ଭାବେ ଅଣଛାତ୍ରମାନେ ପ୍ରବେଶ କରି ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କୁ ଅସଦାଚରଣ କରୁଛନ୍ତି। ଏ ସମ୍ପର୍କରେ ଛାତ୍ରୀଛାତ୍ରମାନେ ବାରମ୍ବାର କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଆସୁଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଗତ ୨୫ ତାରିଖ ସନ୍ଧ୍ୟାରେ ୭ ଜଣ ଅଣଛାତ୍ର ଇଞ୍ଜିନିୟରିଂ କଲେଜ କ୍ୟାମ୍ପସ ଭିତରକୁ ପ୍ରବେଶ କରି ୩ ଜଣ ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପ୍ରତିବାଦରେ ସୋମବାର ଛାତ୍ରୀଛାତ୍ରମାନେ କଲେଜ ଗେଟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କଲେଜ ଅଧକ୍ଷଙ୍କୁ ଦୀର୍ଘ ସମୟ ଧରି ଘେରାଉ କରି ରଖିଥିଲେ। ହଷ୍ଟେଲରେ ସିସିଟିଭି କ୍ୟାମେରା ଲଗାଇବା ଓ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଖବର ପାଇ ଜିଲା ପ୍ରଶାସନିକ ଅଧିକାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ପରେ ଛାତ୍ରୀଛାତ୍ରମାନେ କଲେଜ ଗେଟ୍‌ରୁ ତାଲା ଖୋଲିବା ସହିତ ବିକ୍ଷୋଭରୁ ଓହରିଥିଲେ।

### ଉଦଳା ଏନ୍‌ଏସିରେ ବାଘ ଆତଙ୍କ

ବନ ବିଭାଗ କହିଲା ଗୁଜବ

ଉଦଳା, ୨୬।୮ (ଡି.ଏନ୍.ଏ.): କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳା ଏନଏସିର ୧୨ ନଂ ୱାର୍ଡରେ ବାଘ ଆତଙ୍କ ଦେଖାଦେଇଛି। ରବିବାର ରାତିରେ ଏହି ୱାର୍ଡକୁ ବାଘ ପଶି ଆସିଥିବା ଖବର ପ୍ରଚାରିତ ହୋଇଥିଲା। ଏଥିନେଇ ଲୋକେ ଆତଙ୍କିତ ହୋଇ ପଡିଥିଲେ। ବନ ବିଭାଗ ପାଖରେ ଏ ସମ୍ପର୍କରେ କୌଣସି ଠୋସ୍ ଖବର ନ ଥିବା ବେଳେ ଏହା ସମ୍ପୂର୍ଣ୍ଣ ଗୁଜବ ବୋଲି ଉଦଳା ରେଞ୍ଜ ଅଧିକାରୀ ଅଜୟ କୁମାର ଦାସ କହିଛନ୍ତି। ଯଦି ସହର ଭିତରକୁ ବାଘ ପଶି ଆସିଥିବା ଜଣାପଡ଼େ ତେବେ ବନ ବିଭାଗ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ବର୍ତ୍ତମାନ ଜଙ୍ଗଲୀ ଛତୁ ମିଳୁଥିବାରୁ ସକାଳ ହେଲା ମାତ୍ରେ ଗ୍ରାମବାସୀମାନେ ଛତୁ ଆଣିବାକୁ ଜଙ୍ଗଲକୁ ଯାଉଛନ୍ତି। ଛତୁ ଆଣିବାକୁ ଯାଉଥିବା ଲୋକଙ୍କୁ ଭୟଭୀତ କରିବା ପାଇଁ କେହି ଏଭଳି ଗୁଜବ ପ୍ରଚାର କରିଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଉଦଳା ସହରର ପଶ୍ଚିମ ଦିଗକୁ ଶିମିଳିପାଳ ଅଭୟାରଣ୍ୟ ରହିଛି। ୨୦୧୬ରେ ଗୋଟିଏ କଲରାପତରିଆ ବାଘ ଅଭୟାରଣ୍ୟରୁ ଖସିଆସି ୧୨ ନଂ ୱାର୍ଡର ଏକ ଫାର୍ମ ହାଉସରେ ପଶିଯାଇଥିଲା। ସେତେବେଳେ ବନ ବିଭାଗର କର୍ମଚାରୀମାନଙ୍କୁ ଏଥିପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ବର୍ତ୍ତମାନ ବାଘ ଆତଙ୍କ ଦେଖାଦେଇଥିବାରୁ ଉଦଳା ବନ ବିଭାଗ ଏଥିପ୍ରତି ନଜର ରଖିଥିବା ଜଣାଯାଇଛି।




### 'ଏସ୍ ଅଫ୍ ସ୍ପେସ୍' ସିଜନ୍-୨ରେ ପ୍ରକୃତି

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ଗୋଟିକ ପରେ ଗୋଟିଏ ସଫଳତାର ପାହାଚ ଚଢୁଥିବା ଅଭିନେତ୍ରୀ ପ୍ରକୃତି ମିଶ୍ର ରାଜ୍ୟ ପାଇଁ ଆଉ ଏକ ଗୌରବ ଆଣିଛନ୍ତି। ଜାତୀୟ ଟେଲିଭିଜନ ଚ୍ୟାନେଲ ଏମ୍ ଟିଭିରେ ପ୍ରସାରିତ ରିୟଲିଟି ଶୋ' 'ଏସ୍ ଅଫ୍ ସ୍ପେସ୍' ସିଜନ ୨ରେ ପ୍ରଥମ ଓଡ଼ିଆ ଭାବେ ସାମିଲ ହୋଇ ସଫଳତା ପାଇଛନ୍ତି। କଲର୍ସ ଚ୍ୟାନେଲର 'ବିଗ୍ ବସ୍' ଭଳି ଏହି ଶୋ' ଗତ ୨୪ ତାରିଖଠାରୁ ଏମ୍ ଟିଭିରେ ପ୍ରସାରିତ ହେଉଛି। ଏଥିରେ ପ୍ରକୃତିଙ୍କୁ ଜଣେ ଦୃଢ ପ୍ରତିଯୋଗୀଭାବେ ଦେଖିବାକୁ ମିଳିଛି। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଏହି ଅଭିନେତ୍ରୀ ପୂର୍ବରୁ ହିନ୍ଦୀ ଧାରାବାହିକ 'ଜୟ କନ୍ହେୟା ଲାଲ୍ କି' ଓ 'ବିଟ୍ଟି ବିଜ୍‌ନେସ୍ ୱାଲି'ରେ ଅଭିନୟ କରି ନିଜ ଚମତ୍କାରିତା ଦେଖାଇଛନ୍ତି।

### ଦାୟିତ୍ୱ ଗ୍ରହଣ କଲେ ଅଗ୍ନିଶମ, ହୋମ୍‌ଗାର୍ଡ ଆଇଜି ଅସିତ୍ ପାଣିଗ୍ରାହୀ

କଟକ ଅଫିସ, ୨୬।୮



ଅଗ୍ନିଶମ ଓ ହୋମ୍‌ଗାର୍ଡ ନୂତନ ଆଇଜି ଭାବେ ଅସିତ୍ ପାଣିଗ୍ରାହୀ ସୋମବାର ଅଗ୍ନିଶମ ମୁଖ୍ୟ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ପଦବୀରେ କାର୍ଯ୍ୟରତ ଥିବା ରାଜେଶ କୁମାର ତାଙ୍କୁ ବିଧିବଦ୍ଧ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଅଗ୍ନିଶମ ଓ ହୋମ୍‌ଗାର୍ଡ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ନୂତନ ଆଇଜିଙ୍କୁ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଆଇଜି ଭାବେ ତାଙ୍କର ଆଗାମୀ କାର୍ଯ୍ୟପନ୍ଥା ତଥା ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ, ୧୯୯୭ ବ୍ୟାଚ୍‌ର ଆଇପିଏସ ଅଫିସର ଅସିତ ପୂର୍ବରୁ ରାଜ୍ୟ ପୋଲିସ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିସାରିଛନ୍ତି। ସେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆଇଜି ଭାବେ ଦାୟିତ୍ୱ ତୁଲାଇଥିବାବେଳେ କ୍ରାଇମବ୍ରାଞ୍ଚରେ ଆଇଜି ଭାବେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ରହିଛି।

## ତଦନ୍ତ ଆଳରେ ରାଜକୋଷ ବରବାଦ

# ୨୦ ବର୍ଷରେ ୨୭ ତଦନ୍ତ କମିଶନ

- ଖର୍ଚ୍ଚ ୯.୨୨କୋଟି, ଫଳ ଶୂନ୍
- ବିଧାନସଭାରେ ଉପସ୍ଥାପନ ହୋଇଛି ୮ ରିପୋର୍ଟ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ରାଜ୍ୟରେ ଘଟୁଥିବା ଗୁଳିକାଣ୍ଡ, ହତ୍ୟା, ବଳାତ୍କାର, ମଦ ମୃତ୍ୟୁ, ପୋଲିସ ନିର୍ଯାତନା, ସାମ୍ପ୍ରଦାୟିକ ହିଂସା ଆଦି ବିଭିନ୍ନ ସତ୍ୟାସତ୍ୟ ଜାଣିବା ଘଟଣା ପାଇଁ ରାଜ୍ୟ ସରକାର ବସାଉଛନ୍ତି ତଦନ୍ତ କମିଶନ। ବର୍ଷ ପରେ ବର୍ଷ ଗଡ଼ି ଚାଲିଛି। ଶେଷ ହେଉନି ତଦନ୍ତ। କମିଶନଗୁଡ଼ିକର ଅବଧି ତଦନ୍ତ ଆଳରେ ଲମ୍ବିଯାଉଛି। ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ପାଣି ଭଳି ବୋହି ଯାଉଛି। ଘଟଣାର ସତ୍ୟାସତ୍ୟ ପ୍ରକାଶ ପାଇବା ପୂର୍ବରୁ ଅନେକ ତଦନ୍ତ କମିଶନର ଘଟୁଛି ଅକାଳ ମୃତ୍ୟୁ। ଆଉ କେତେକ କମିଶନ ସରକାରଙ୍କ ନିକଟରେ ସେମାନଙ୍କ ରିପୋର୍ଟ ଦାଖଲ କରିଥିଲେ ମଧ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏପରିକି ବହୁ ଅର୍ଥ ଶ୍ରାଦ୍ଧ କରି ବସାଯାଇଥିବା ତଦନ୍ତ କମିଶନ କି ରିପୋର୍ଟ ଦେଲେ ସର୍ବସାଧାରଣ ଜାଣିବା ପାଇଁ ବିଧାନସଭାରେ ମଧ୍ୟ ଉପସ୍ଥାପନ ହେଉନାହିଁ। ଘଟଣାର ଛାପ ଜନମାନସରୁ ଲିଭିଗଲା ପରେ କମିଶନ ରିପୋର୍ଟଗୁଡ଼ିକ ଆପେଆପେ ଫାଇଲ୍‌ରେ ଚାପି ହୋଇଯାଉଛି।

ଗୃହ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଘଟିଥିବା ବିଭିନ୍ନ ଘଟଣା ପାଇଁ ରାଜ୍ୟ ସରକାର ୨୭ଟି ବିଚାର ବିଭାଗୀୟ ତଦନ୍ତ କମିଶନ ବସାଇଛନ୍ତି। ସେହି କମିଶନଗୁଡ଼ିକର ପରିଚାଳନା ପାଇଁ ରାଜକୋଷରୁ ବ୍ୟୟ ହୋଇଛି ୯ କୋଟି ୨୨ ଲକ୍ଷ ୬୬ ହଜାର ୬୧ଟଙ୍କା। ୧୯୯୯ରେ ଜି.ଉଦୟଗିରି ଜେଲ ଭଙ୍ଗା ଘଟଣା ଓ ରଣଲଇ ସାମ୍ପ୍ରଦାୟିକ ହିଂସାକାଣ୍ଡର ତଦନ୍ତ କରିବା ପାଇଁ ଜଷ୍ଟିସ କେ. ସି. ଜଗଦେବରାୟ କମିଶନ ଗଠନ ହୋଇଥିଲା। ଏ ବାବଦରେ ୨୭ଲକ୍ଷ ୩୪ ହଜାର ୪୩୮ ଟଙ୍କା ବ୍ୟୟ କରାଯାଇଛି। ସେହି ବର୍ଷ ମେ ୨୯ ତାରିଖରେ ଘେରି ଭଙ୍ଗା ଉଚ୍ଛେଦକୁ ନେଇ ଚିଲିକାରେ ପୋଲିସ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୪ଜଣ ମତ୍ସ୍ୟଜୀବୀ ପ୍ରାଣ ହରାଇଥିଲେ। ଏହି ଘଟଣାର ତଦନ୍ତ କରିଥିଲେ ଜଷ୍ଟିସ ପି. କେ. ତ୍ରିପାଠୀ କମିଶନ। ଏଥିପାଇଁ ଖର୍ଚ୍ଚ ହୋଇଛି ୧୭ଲକ୍ଷ ୭୨ହଜାର ଟଙ୍କା। ୨୦୦୦ରେ ବାଲେଶ୍ୱର ଡ୍ରଗ୍ ମାଫିଆ ଘଟଣାର ତଦନ୍ତ କରିଥିଲେ ଜଷ୍ଟିସ ପି. କେ. ମହାନ୍ତି କମିଶନ। ଏଥିପାଇଁ ଖର୍ଚ୍ଚ ହୋଇଛି ୧୧ ଲକ୍ଷ ୫୪ ହଜାର ଟଙ୍କା। ସେହି ବର୍ଷ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ହୋଇଥିବା ହିଂସାକାଣ୍ଡ ଘଟଣାର ତଦନ୍ତ କରିଥିଲେ ଜଷ୍ଟିସ ପି. କେ. ମିଶ୍ର କମିଶନ। ଏ ବାବଦରେ ଖର୍ଚ୍ଚ ହୋଇଛି ୮ ଲକ୍ଷ ୭୧ ହଜାର ଟଙ୍କା। ୨୦୦୧ ନଭେମ୍ବର ୧୫ ତାରିଖରେ ପୁରୀରେ ପୋଲିସ ଏବଂ ଓକିଲଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହି ଘଟଣାର ତଦନ୍ତ କରିଥିଲେ ଏ. କେ. ପରିଚ୍ଛା ଏବଂ ଏସ୍. କେ. ମିଶ୍ର କମିଶନ। ଏଥିପାଇଁ ଖର୍ଚ୍ଚ ହୋଇଛି ୪ ଲକ୍ଷ ୨ ହଜାର ଟଙ୍କା। ସେହିପରି ୨୦୦୧ ଡିସେମ୍ବର ୪ ତାରିଖରେ ନବରଙ୍ଗପୁର ଜିଲା ରଙ୍ଗବାଟି ଏବଂ ରାୟଘରଠାରେ ଘଟିଥିବା ଗୁଳିକାଣ୍ଡ ଘଟଣାର ତଦନ୍ତ କରିଥିଲେ ଜଷ୍ଟିସ ବାସୁଦେବ ପାଣିଗ୍ରାହୀ ଏବଂ କୋରାପୁଟ ଜିଲା ସେସନ୍ସ ଜଜ୍ କମିଶନ। ଏଥିପାଇଁ ଖର୍ଚ୍ଚ ହୋଇଛି ୧୪ ଲକ୍ଷ ୩୦ ହଜାର ୮୦୬ଟଙ୍କା। ୨୦୦୬ରେ ଶହୀଦନଗର ଥାନା ହାଜତରେ ଦିଲୀପ ସାହୁ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ କରିଥିଲେ ଖୋର୍ଦ୍ଧା ଜିଲା ସେସନ୍ସ ଜଜ୍। ଏ ବାବଦରେ ଖର୍ଚ୍ଚ ହୋଇଛି ୩ ଲକ୍ଷ ୧୬ ହଜାର ୩୪୧ ଟଙ୍କା। ସେହି ବର୍ଷ ସମ୍ବଲପୁର ଜିଲା କୁଚିଣ୍ଡା ହାଜତରେ ଗଜେନ୍ଦ୍ର ମାଝି ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ କରିଥିଲେ ସମ୍ବଲପୁର ଜିଲା ସେସନ୍ସ ଜଜ୍। ଏଥିରେ ଖର୍ଚ୍ଚ ହୋଇଛି ୨ ଲକ୍ଷ ୧୦ ହଜାର ଟଙ୍କା। ସେହି ବର୍ଷ ଅନ୍ୟ ଏକ ଘଟଣାରେ କେନ୍ଦୁଝର ଜିଲା ଥାନା ସମ୍ମୁଖରେ ହୋଇଥିବା ଗୁଳିକାଣ୍ଡର ତଦନ୍ତ କରିଥିଲେ କେନ୍ଦୁଝର ଜିଲା ସେସନ୍ସ ଜଜ୍। ଏ ବାବଦରେ ଖର୍ଚ୍ଚ ହୋଇଛି ୧ ଲକ୍ଷ ୭୫ ହଜାର ଟଙ୍କା। ୨୦୦୬ କଳିଙ୍ଗନଗର ଗୁଳିକାଣ୍ଡ ଘଟଣାର ତଦନ୍ତ କରିଥିଲେ ଜଷ୍ଟିସ ଏ.ଏସ୍. ନାଇଡୁ, ଜଷ୍ଟିସ ପି. କେ. ପାତ୍ର ଏବଂ ଜଷ୍ଟିସ ପି. କେ. ମହାନ୍ତି କମିଶନ। ଏଥିପାଇଁ ଖର୍ଚ୍ଚ ହୋଇଛି ୪୫ ଲକ୍ଷ ୪୯ ହଜାର ୫୦୦ଟଙ୍କା। ଓଡ଼ିଶା ବିଧାନସଭା ନିଯୁକ୍ତିରେ ହୋଇଥିବା ଦୁର୍ନୀତିର ତଦନ୍ତ କରିଥିଲା ସଂସଦୀୟ ବ୍ୟାପାର ବିଭାଗ। ଏଥିପାଇଁ ଖର୍ଚ୍ଚ ହୋଇଥିଲା ୨୨ଲକ୍ଷ ୬୩ ହଜାର ୨୮୨ ଟଙ୍କା। ସେହିପରି ଗଞ୍ଜାମ ମଦ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଖର୍ଚ୍ଚ ହୋଇଛି ୨୦ ଲକ୍ଷ ୪୧ ହଜାର। ଖୋର୍ଦ୍ଧା ଜିଲା ବିଷାକ୍ତ ମଦ ମୃତ୍ୟୁ ଘଟଣା ତଦନ୍ତ ପାଇଁ ୮ ଲକ୍ଷ ୭୮ହଜାର, ୨୦୦୭ରେ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ହୋଇଥିବା ହିଂସାକାଣ୍ଡ ଘଟଣାର ତଦନ୍ତ ପାଇଁ ୫୩ ଲକ୍ଷ ୮୩ ହଜାର ୬୭ ଟଙ୍କା ବ୍ୟୟ କରାଯାଇଛି। ୨୦୦୮ରେ ସମ୍ବଲପୁର, ବ୍ରହ୍ମପୁର, ବାରିପଦା ଓ ଭୁବନେଶ୍ୱରଠାରେ ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ସକାଶେ ବସିଥିବା ତଦନ୍ତ ପାଇଁ ୨୨ ଲକ୍ଷ ୫୫ ହଜାର ୪୦୦ ଟଙ୍କା ଏବଂ ୨୦୦୯ରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ୩୨ ଲକ୍ଷ ୬୬ ହଜାର ୪୭୯ ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୦୯ରେ ଅନ୍ୟ ଏକ ଘଟଣାରେ ଢେଙ୍କାନାଳ ଭୁବନରେ ପୋଲିସ ଗୁଳିକାଣ୍ଡରେ ଦୁର୍ଯ୍ୟୋଧନ ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ସେହି ବର୍ଷ ବଲାଙ୍ଗୀର ସହରରେ ପୋଲିସ ଭ୍ୟାନ ଧକ୍କାରେ ୨ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ ପାଇଁ ସରକାର ରାଜକୋଷରୁ ୧୧ ଲକ୍ଷ ୯୬ ହଜାର ୭୯୭ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ୨୦୧୦ରେ କଟକ ଜିଲା ବାଗଲପୁର ପୋଲିସ ଗୁଳିକାଣ୍ଡ ଘଟଣାର ତଦନ୍ତ ପାଇଁ ୩୧, ୬୧, ୩୯୧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨୦୧୧ରେ ରାଉରକେଲାଠାରେ ପୋଲିସ ଓ ବିଚାରପତି ବିବାଦ ମାମଲାରେ ୩୧,୦୬,୮୬୦ ଟଙ୍କା, ସେହିବର୍ଷ ନଭେମ୍ବର ୩୦ରେ ପୁରୀ ଜିଲା ଅର୍ଜୁନଗୋଦାଠାରେ ଏକ ବଳାତ୍କାର ମାମଲାରେ ସରକାର ତଦନ୍ତ କମିଶନ ବସାଇବା ବାବଦରେ ୩୫, ୩୦, ୮୧୮ଟଙ୍କା ଖର୍ଚ୍ଚ କରିଛନ୍ତି।

ସେହିପରି ଚିଟ୍‌ଫଣ୍ଡ ତଦନ୍ତ ପାଇଁ ସରକାରୀ ତହବିଲରୁ ଖର୍ଚ୍ଚ ହୋଇଛି ୫,୫୫,୩୦,୯୬୯ ଟଙ୍କା। ୨୦୧୬ରେ କନ୍ଧମାଳ ଜିଲା ଗୁମୁଡ଼ିମାହା ପୋଲିସ ଗୁଳିକାଣ୍ଡ ଘଟଣାର ତଦନ୍ତ ପାଇଁ ୧, ୭୩, ୭୪୨ଟଙ୍କା, କୋରାପୁଟ ଜିଲା ନାବାଳିକା ବଳାତ୍କାର ଘଟଣାର ତଦନ୍ତ ପାଇଁ ୩୯, ୩୭୦ ଏବଂ ପୁରୀ ଶ୍ରୀଜଗନ୍ନାଥ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ପାଇଁ ରାଜକୋଷରୁ ୨୨, ୨୭, ୯୧୮ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ଗଞ୍ଜାମ ଜିଲାର ଫାସିପଡ଼ା ପୋଲିସ ଗୁଳିକାଣ୍ଡ ଏବଂ ୨୦୧୭ ଅକ୍ଟୋବର ୧୦ ତାରିଖରେ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାରେ ସରକାର କିଛି ଖର୍ଚ୍ଚ କରି ନ ଥିବା କହିଛନ୍ତି। ଉକ୍ତ ତଦନ୍ତ କମିଶନ ମଧ୍ୟରୁ ମାତ୍ର ୮ଟି ଘଟଣାର ତଦନ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯାଇଥିବା ବେଳେ ଅନ୍ୟ କେତେକ ଘଟଣାର ସରକାର ପରୀକ୍ଷାନିରୀକ୍ଷା କରୁଛନ୍ତି ଓ ଆଉ କେତେକର ତଦନ୍ତ ଜାରି ରହିଥିବା କୁହାଯାଉଛି। ପୂର୍ବତନ ଆଇନ ମନ୍ତ୍ରୀ ତଥା କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ରାଜ୍ୟ ସରକାର ସମୟ କିଣିବାକୁ ତଦନ୍ତ କମିଶନକୁ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ତଦନ୍ତ ଗଡି ଚାଲୁଛି, ଲୋକମାନେ ଘଟଣାକୁ ପାସୋରି ଯାଉଛନ୍ତି। ରାଜକୋଷରୁ ପର୍ଯ୍ୟାପ୍ତ ଅର୍ଥ ବରବାଦ ହେଉଛି। ମାତ୍ର ଉଦ୍ଦେଶ୍ୟ ସାଧିତ ହେଉ ନାହିଁ। ଧର୍ମକୁ ଆଖିଠାର ଭଳି ନାମକୁ ମାତ୍ର କେତେକ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯାଉଛି। ସେଗୁଡିକୁ ମଧ୍ୟ ସରକାର ପାଳନ କରୁନାହାନ୍ତି ବୋଲି ମିଶ୍ର କହିଛନ୍ତି।

## ଆଜିଠୁ ୭୫ ମିଟର ଉଚ୍ଛେଦ ଅଭିଯାନ

ପୁରୀ ଅଫିସ, ୨୬।୮

ଶ୍ରୀମନ୍ଦିରର ସୁରକ୍ଷା ପାଇଁ ତ୍ୟାଗ କର। ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନ ପରେ ମେଘନାଦ ପ୍ରାଚୀର ଚତୁଃପାର୍ଶ୍ୱର ୭୫ ମିଟର ପରିଧି ମଧ୍ୟରେ ଥିବା ନିର୍ମାଣ ଉଚ୍ଛେଦ ଅଭିଯାନ ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଲଙ୍ଗୁଳି ମଠ ଭଙ୍ଗାଯିବ। ଏହି ମଠ କୋଠାରେ ଦୋକାନ କରିଥିବା ବ୍ୟବସାୟୀମାନେ ସୋମବାର ସେମାନଙ୍କ ଜିନିଷପତ୍ର ଖାଲି କରିଦେଇଥିବା ବେଳେ ଉଚ୍ଛେଦ ଲାଗି ପ୍ରଶାସନ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ମଙ୍ଗଳବାର ସକାଳୁ ହେବାକୁ ଥିବା ଏହି ଉଚ୍ଛେଦ କାର୍ଯ୍ୟରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଜେସିବି ଓ ବ୍ରେକର ସହିତ ଟ୍ରାକ୍ଟର, ହାଇୱା ନିୟୋଜିତ ହେବ। ସେହିପରି ୨୦ ପ୍ଲାଟୁନ ଫୋର୍ସ ସହ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

ମଙ୍ଗଳବାର ପ୍ରଥମେ ଲଙ୍ଗୁଳି ମଠ ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଲଙ୍ଗୁଳି ମଠ ଏବଂ ଏମାର ମଠ କୋଠାରେ ଦୋକାନ କରିଥିବା ବ୍ୟବସାୟୀଙ୍କୁ ରବିବାର ପ୍ରଶାସନ ପକ୍ଷରୁ ମୌଖିକ ଭାବେ ସୋମବାର ଅପରାହ୍ନ ଗୋଟାଏ ସୁଦ୍ଧା ଦୋକାନ ଖାଲି କରିବାକୁ କୁହାଯାଇଥିଲା। ସନ୍ଧ୍ୟା ସୁଦ୍ଧା ଲଙ୍ଗୁଳି ମଠ କୋଠାରେ ଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଦୋକାନ ଘର ଖାଲି କରାଯାଇଥିବା ବେଳେ ଏମାର ମଠର ପ୍ରାୟ ୬ଟି ଦୋକାନରୁ ଜିନିଷପତ୍ର ଖାଲି କରି ନେଇଛନ୍ତି ବ୍ୟବସାୟୀମାନେ। ତେବେ ପ୍ରଶାସନର ଏପରି ନିଷ୍ପତ୍ତିକୁ ବ୍ୟବସାୟୀମାନେ ବିରୋଧ କରିଛନ୍ତି। ପ୍ରଶାସନ ଜୋର୍‌ଜବରଦସ୍ତ ସେମାନଙ୍କୁ ଭୟଭୀତ କରାଉଛି ଏବଂ ଦୋକାନ ଘର ଖାଲି କରିବାକୁ ସମୟ ଦେଉ ନ ଥିବା ଅଭିଯୋଗ କରି ଲଙ୍ଗୁଳି ମଠ କୋଠାରେ ଦୋକାନ କରିଥିବା ବ୍ୟବସାୟୀମାନେ ସିଂହଦ୍ୱାର ନିକଟରେ ବଡ଼ଦାଣ୍ଡରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଶ୍ରୀମନ୍ଦିର ନିକଟସ୍ଥ ଲଙ୍ଗୁଳି ମଠର ଅସୁରକ୍ଷିତ କୋଠା ମଙ୍ଗଳବାର ଭଙ୍ଗାଯିବ। ଏହି କୋଠା ଅସୁରକ୍ଷିତ ଥିବା ନେଇ ବୈଷୟିକ କମିଟିର ରିପୋର୍ଟକୁ ଆଧାର କରି ପୌରପାଳିକା ଆଇନ ଅନୁଯାୟୀ କୋଠା ଭଙ୍ଗାଯିବ। ଏଥିପାଇଁ ମଠ ମହନ୍ତଙ୍କୁ ନାର୍ଯ୍ୟ କ୍ଷତିପୂରଣ ପ୍ରଦାନ ଏବଂ ସମ୍ପୃକ୍ତ ଅନ୍ତେବାସୀଙ୍କୁ ଥଇଥାନ କରାଯିବା ସହ ଉପଯୁକ୍ତ ସ୍ଥାନରେ ରହିବା ବ୍ୟବସ୍ଥା ମଧ୍ୟ ପ୍ରଶାସନ ପକ୍ଷରୁ କରାଯିବ। ଲଙ୍ଗୁଳି ମଠର ମୁଖ୍ୟ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବପରି ଚାଲୁ ରହିବ। ଏଥିଲାଗି ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ଏହି ମଠ କୋଠାରେ ଥିବା ଦୋକାନଗୁଡ଼ିକର ତାଲିକା ପାଇବା ପରେ ଅନୁଧ୍ୟାନ କରାଯାଇ ପ୍ରଭାବିତମାନଙ୍କୁ ମଠ ମାଧ୍ୟମରେ ଥଇଥାନ ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି ଜିଲାପାଳ କହିଛନ୍ତି।



ଦୋକାନ ଭଙ୍ଗାହେବା ପୂର୍ବରୁ ବ୍ୟବସାୟୀମାନେ ଦୋକାନ ସାମଗ୍ରୀକୁ ଗାଡ଼ିରେ ବୋହି ନେଉଛନ୍ତି।

- ଭଙ୍ଗାଯିବ ଲଙ୍ଗୁଳି ମଠ
- ଜିନିଷପତ୍ର ଖାଲି କଲେ ଦୋକାନୀ
- ଉଚ୍ଛେଦରେ ଲାଗିବ ୨୦ରୁ ଊର୍ଦ୍ଧ୍ୱ ଜେସିବି, ବ୍ରେକର
- ସୁରକ୍ଷା ପାଇଁ ରହିବେ ୨୦ ପ୍ଲାଟୁନ ଫୋର୍ସ

ଫ୍ଲାଏ ଓଭରରେ ଆପ୍ରୋଚ ରୋଡ୍ ୬ ଇଞ୍ଚ ଦବିଯିବା ଘଟଣା

## ଠିକାସଂସ୍ଥା କଲା ମରାମତି

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ହାଇଟେକ ଛକ ନିକଟସ୍ଥ କଟକ-ପୁରୀ ବାଇପାସ୍ ଫ୍ଲାଏ ଓଭରବ୍ରିଜ୍‌ର ଆପ୍ରୋଚ୍ ରୋଡ୍ ରବିବାର ୬ଇଞ୍ଚ ଦବି ଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋମବାର ସମ୍ପୃକ୍ତ ଠିକା ସଂସ୍ଥା ପକ୍ଷରୁ ସେହି ସ୍ଥାନକୁ ମରାମତି କରାଯାଇଛି। ପୂର୍ବାହ୍ନରୁ କାମ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ପୂର୍ତ୍ତ ବିଭାଗ ଏବଂ ଏନ୍‌ଏଚ୍‌ଏଆଇର ଅଧିକାରୀମାନେ ଘଟଣାସ୍ଥଳ ଅନୁଧ୍ୟାନ କରିବା ପରେ ଠିକାସଂସ୍ଥାର ଜଣେ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମରାମତି କାମ ଆରମ୍ଭ ହୋଇଥିଲା। ଦବିଥିବା ସ୍ଥାନରେ ପକାଯାଇଥିବା ବାଲିବସ୍ତାଗୁଡ଼ିକୁ ପ୍ରଥମେ କଢାଯାଇଥିଲା। ପରେ ସେହି ସ୍ଥାନକୁ ସଫା କରାଯିବା ସହ ପିଚୁ ଓ ଚିପ୍ସ ପକାଯାଇ ରୋଲର ଦ୍ୱାରା ଚପାଯାଇଥିଲା। ମରାମତି ହୋଇଥିଲେ ମଧ୍ୟ ଦବିଥିବା ସ୍ଥାନ ନିକଟ ବାଡ଼ା (ବ୍ରିଜ୍ ୱାଲ୍)ରେ ଫାଟ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ମରାମତି ସମୟରେ ଯେପରି ଟ୍ରାଫିକ ସମସ୍ୟା ସହ କୌଣସି ଦୁର୍ଘଟଣା ନ ଘଟିବ ସେଥିଲାଗି ପୋଲିସ ମୁତୟନ ରହି ଉକ୍ତ ସ୍ଥାନକୁ କର୍ଡନ କରି ରଖିଥିଲେ। ରବିବାର ସନ୍ଧ୍ୟାରୁ ମରାମତି ଶେଷ ହେବା ପର୍ଯ୍ୟନ୍ତ ପୋଲିସ ଉକ୍ତ ସ୍ଥାନକୁ କର୍ଡନ କରି ରଖିଥିଲା। ସ୍ଥାନୀୟ ପଳାଶୁଣି ଗ୍ରାମର ସନ୍ତୋଷ ସାସମଲ କହିଛନ୍ତି, ରଥଯାତ୍ରା ପୂର୍ବରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବ୍ରିଜ୍‌ର ବିଭିନ୍ନ ସ୍ଥାନରେ ୪ଥର ଦବିଲାଣି। ଏ ନେଇ ଆମେ ଠିକା ସଂସ୍ଥାକୁ ଜଣାଇଥିଲେ ମଧ୍ୟ କିଛି ଶୁଣୁନାହିଁ। ଆଗକୁ ଯଦି ପୁଣି ଆପ୍ରୋଚ୍ ରୋଡ୍ ଦବିବ ତାହାଲେ ଆମେ ରାସ୍ତାରୋକୋ ଭଳି ବଡ ଆନ୍ଦୋଳନ କରିବୁ। ଏ ନେଇ ଠିକା ସଂସ୍ଥାର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ପ୍ରବଳ ବର୍ଷା ଯୋଗୁ ଏହି ସ୍ଥାନ ଦବି ଯାଇଛି। ଏହା ଫ୍ଲାଏ ଓଭରବ୍ରିଜ୍‌ର କିଛି କ୍ଷତି ଘଟାଇବ ନାହିଁ। ବ୍ରିଜ୍‌ଟି ଗୋଟିଏ ଗୋଟିଏ ପ୍ଲେଟ୍‌ରେ ନିର୍ମାଣ ହୋଇଥିବାବେଳେ ଆପ୍ରୋଚ ରୋଡ୍‌ର କିଛି ଅଂଶ ଦବିଛି। ତେଣୁ ଭୟଭୀତ ହେବାର କୌଣସି କାରଣ ନାହିଁ। ତେବେ ବ୍ରିଜ୍ ନିର୍ମାଣ ପାଇଁ ଆମକୁ ଯଥେଷ୍ଟ ସମୟ ମିଳି ନ ଥିଲା। ଧାର୍ଯ୍ୟ ସମୟ ପୂର୍ବରୁ ତୁରନ୍ତ କାମ ସାରିବା ଲାଗି ଠିକା ସଂସ୍ଥାକୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ଏକ ଭାରିଯାନ ହାଇଟେକ୍ ଛକ ନିକଟସ୍ଥ କଟକ-ପୁରୀ ବାଇପାସ ଫ୍ଲାଏଓଭର ଦେଇ ଯିବା ସମୟରେ ତାହା ଦବି ଯାଇଥିଲା। ଖବର ପାଇ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ହୋ ହଲ୍ଲା କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ପହଞ୍ଚି ସେହି ସ୍ଥାନକୁ କର୍ଡନ କରିଥିଲା। ଦବିଥିବା ସ୍ଥାନରେ ବାଲିବସ୍ତା ପକାଯାଇଥିଲା। ଆଲୋକ ବ୍ୟବସ୍ଥା ସହ ଓଡ୍ରାଫ ଟିମ୍ ରାତିସାରା ଜଗି ରହିଥିଲେ।



ଦବି ଯାଇଥିବା ଆପ୍ରୋଚ୍ ରୋଡକୁ ମରାମତି କରାଯାଇଛି।

- ବ୍ରିଜ୍ ନିର୍ମାଣ ପାଇଁ ଯଥେଷ୍ଟ ସମୟ ମିଳି ନ ଥିଲା
- ପୁଣି ଦବିଲେ ହେବ ଆନ୍ଦୋଳନ: ଅଞ୍ଚଳବାସୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ପ୍ରାଚୀ
ପରିବାରବର୍ଗ


ଆୟଶା
ପରିବାରବର୍ଗ


ସ୍ୱସ୍ତିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୧ ବର୍ଷର ସର୍ବନିମ୍ନ ସ୍ତରରେ ୟୁଆନ

**ନୂଆଦିଲ୍ଲୀ,୨୬।୮:** ଆମେରିକା ସହ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ କାରଣରୁ ଚାଇନାର ମୁଦ୍ରା ୟୁଆନ ସୋମବାର ଡଲାର ମୁକାବିଲାରେ ୧୧ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି। ଏବେ ଗୋଟିଏ ଡଲାର ବିନିମୟରେ ୟୁଆନ୍ ମୂଲ୍ୟ ୭.୧୪୮୭ ରହିଛି। ହଂକଂରେ ଗତ ସପ୍ତାହରେ ସ୍ୱାଧୀନତା ଦାବିରେ ବିକ୍ଷୋଭ ପ୍ରଦର୍ଶନ ଉଗ୍ରରୂପ ନେବା ପରେ ଏବଂ ଆମେରିକା-ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଅଧିକ ଗଭୀର ହେବ ବୋଲି ସଙ୍କେତ ମିଳିବା କାରଣରୁ ୟୁଆନ ଉପରେ ଚାପ ବଢ଼ିଚାଲିଛି। ୨୦୦୮ ଫେବୃୟାରୀ ପରେ ୟୁଆନ ଏବେ ଦୟନୀୟ ସ୍ଥିତିରେ ରହିଛି।

ପ୍ରଥମ ପୃଷ୍ଠାରୁ...

## ଉଲ୍ଲଂଘନକାରୀଙ୍କୁ...

କରାଯାଉଛି। ଲେନ୍ ଡ୍ରାଇଭିଂ କ'ଣ, ଏହାଦ୍ୱାରା କ'ଣ ଫାଇଦା ହେବ ସେନେଇ ବର୍ଷା ଋତୁ ପରେ କିଛି କିଛି ବାଇକ୍ ଚାଳକଙ୍କୁ ଅଟକାଇ ୩ ମିନିଟ୍ ପ୍ରଶିକ୍ଷଣ ଦିଆଯିବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି। ରାଜଧାନୀର ସମସ୍ତ ଅଞ୍ଚଳରେ ଲେନ୍ ଡ୍ରାଇଭିଂ ଲାଗୁ ହେବ। ଯଦି କୌଣସି ଅଞ୍ଚଳରେ ଚାଳକମାନେ ନିୟମ ଉଲ୍ଲଂଘନ କରୁଛନ୍ତି, ତେବେ ଆଉ ସଚେତନ କରାଯିବ ନାହିଁ, ସିଧା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଷଡ଼ଙ୍ଗୀ ସତର୍କ କରାଇଛନ୍ତି।

ଭୁବନେଶ୍ୱରରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ପାଇଁ ଅଟୋରିକ୍ସାଗୁଡ଼ିକ ମୁଖ୍ୟ କାରଣ ପାଲଟୁଛନ୍ତି। ରାସ୍ତା ମଝିରେ ଗାଡ଼ି ରଖି ଯାତ୍ରୀ ଉଠାଉଛନ୍ତି। ତେଣୁ ଏନେଇ ଅଟୋ ଚାଳକ ସଂଘ କର୍ମକର୍ତ୍ତାଙ୍କ ସହ ପୋଲିସ କମିଶନର କଥା ହୋଇଛନ୍ତି। ସଂଘ କର୍ମକର୍ତ୍ତାମାନେ ସମସ୍ତ ଚାଳକଙ୍କୁ ଅବଗତ କରି ଏହି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଯଦି ଅଟୋ ଚାଳକମାନେ ନ ସୁଧରନ୍ତି, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

ସେହିପରି ରାଜଧାନୀରେ ବଡ଼ ବଡ଼ ମଲ୍ ଏବଂ ବିଲ୍ଡିଂ ତିଆରି ହେଉଛି। କିନ୍ତୁ ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉନାହିଁ। ଏଣୁ ପ୍ରତି ସପ୍ତାହରେ ବିଏମ୍‌ସି, ବିଡିଏ ଓ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କ ସହ ବୈଠକ କରାଯାଇ ନିରାକରଣ ବ୍ୟବସ୍ଥା କରାଯିବ। ଏହି ବୈଠକରେ ସିପି କିମ୍ବା ଡିସିପି ରହିବେ। ରାଜଧାନୀର ଅନେକ ସ୍ଥାନରେ ଥିବା ମଲ୍‌ଗୁଡିକ ଆଗରେ ବେଆଇନ ପାର୍କିଂ କରାଯାଉଛି। ତେଣୁ ବେଆଇନ ପାର୍କିଂ ହୋଇଥିବା ଗାଡିଗୁଡିକୁ ପୋଲିସ ମୋବାଇଲ୍ ଭ୍ୟାନ୍ ଉଠାଇ ଆଣିବ। ଅନେକ ଦେଶରେ ନିୟମ ରହିଛି ଯେ, ଧଳା ଗାର ଥିବା ସ୍ଥାନରେ ସକାଳ ୯ରୁ ରାତି ୯ ପର୍ଯ୍ୟନ୍ତ ପାର୍କିଂ ହୋଇପାରିବ ନାହିଁ। ଯଦି ହଳଦିଆ ଗାର ରହିଥାଏ, ତେବେ ସେଠାରେ ଆଦୌ ପାର୍କିଂ କରିହେବ ନାହିଁ ବୋଲି ସଂକେତ ଦିଆଯାଇଥାଏ। ତେଣୁ ଏଠାରେ ଏପରି ବ୍ୟବସ୍ଥା କରିବା ପାଇଁ ଡିସିପିଙ୍କ ସହ ଆଲୋଚନା କରାଯିବ। ଏହାସହ ରାଜଧାନୀରେ ଅନେକ ଅଞ୍ଚଳରେ ରାସ୍ତା ଉପରେ ଉଠା ଦୋକାନୀମାନେ ରହି ବ୍ୟବସାୟ କରୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏନେଇ ଆମେ ବିଏମ୍‌ସି ସହ ଆଲୋଚନା କରିବୁ। ସେହି ସବୁ ସ୍ଥାନଗୁଡିକୁ ଚିହ୍ନଟ କରିବା ପରେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଟ୍ରାଫିକ୍ ଡିସିପି ସାଗରିକା ନାଥ ଉପସ୍ଥିତ ଥିଲେ।

### ବିଦେଶରେ ବି ରହିଛି ଓଭରଟେକିଂ କଟକଣା

ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, କାନାଡା, ଡେନ୍‌ମାର୍କ, ଫିନଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ହଙ୍ଗେରି, ଆୟର୍ଲାଣ୍ଡ, ନେଦରଲାଣ୍ଡସ, ପୋଲାଣ୍ଡ, ସ୍ପେନ୍, ବ୍ରିଟେନ ଓ ଆମେରିକା ଭଳି କେତେକ ଦେଶରେ ଓଭରଟେକିଂକୁ ନେଇ କଟକଣା କରାଯାଇଛି। ଓଭରଟେକିଂ ପାଇଁ ଏକ ନିର୍ଦ୍ଦିଷ୍ଟ ଜୋନ ରହିଛି, ଯେଉଁ ସ୍ଥାନରେ କି ଚାଳକ ଅନ୍ୟ ଗାଡ଼ିକୁ ସହଜରେ ଅତିକ୍ରମ କରିପାରିବେ। କିନ୍ତୁ ଅନ୍ୟ ସ୍ଥାନରେ ଓଭରଟେକିଂକୁ ସମ୍ପୂର୍ଣ୍ଣ ନିଷେଧ। ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି। ଫଳରେ ସେହି ସବୁ ଦେଶରେ ଦୁର୍ଘଟଣା ରୋକିବାରେ ସହାୟକ ହେଉଛି।

## ରେଳ, ଟେଲିକମ୍...

ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ରେଳ ପ୍ରକଳ୍ପ ଆସନ୍ତା ୩୬ ମାସ ମଧ୍ୟରେ କାର୍ଯ୍ୟକାରୀ କରିହେବ । ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇ ଦେବା ସହ ପ୍ରକଳ୍ପର ଖର୍ଚ୍ଚରେ ମଧ୍ୟ ଭାଗିଦାର ହେବେ। ଏଥିସହିତ ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ବ୍ୟାଙ୍କ ସୁବିଧା ଯୋଗାଇ ଦେବା ସକାଶେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ସୁରକ୍ଷା ସମ୍ପର୍କିତ ଖର୍ଚ୍ଚ (ଏସଆରଇ) ଯୋଜନାରେ ବାକି ଥିବା ୨୨୭ କୋଟି ଟଙ୍କା ପ୍ରଦାନ କରିବା ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ନିଯୁକ୍ତି ବାବଦ ଖର୍ଚ୍ଚକୁ ଛାଡ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାଓବାଦୀ ସମଗ୍ର ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପାଇଁ ବଡ ସମସ୍ୟା ସୃଷ୍ଟି କରିଛି। ଏହାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଦୃଢତାର ସହ ମୁକାବିଲା କରିବାକୁ ପଡିବ। ଗତ ୩ ଦଶନ୍ଧି ଧରି ଓଡିଶା ବାମପନ୍ଥୀ ମାଓବାଦୀ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ ଆସିଛି। ରାଜ୍ୟ ସରକାରଙ୍କ ଆବଶ୍ୟକ ସୁରକ୍ଷା ପଦକ୍ଷେପ, ବିକାଶ ଏବଂ ବିଶ୍ୱାସମୂଳକ ପଦକ୍ଷେପ ଯୋଗୁ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା ଦିଗରେ ଯଥେଷ୍ଟ ଉନ୍ନତି ଘଟିଛି। ୨୦୧୮ ଏବଂ ୨୦୧୯ ଅଗଷ୍ଟ ୧୫ ମଧ୍ୟରେ ପୋଲିସ ଗୁଳିରେ ୨୬ ଜଣ କୁଖ୍ୟାତ ମାଓବାଦୀ କ୍ୟାଡରଙ୍କର ମୃତ୍ୟୁ ହୋଇଥିବା ବେଳେ ୮୫ ଜଣ ଗିରଫ ହୋଇଛନ୍ତି ଓ ୩୫ଜଣ ଆତ୍ମସମର୍ପଣ କରିଛନ୍ତି। ଲୋକମାନଙ୍କର ସମର୍ଥନ ନ ମିଳିବା ଯୋଗୁ ସ୍ଥାନୀୟ ମାଓବାଦୀ କ୍ୟାଡର ନିଯୁକ୍ତି ସମ୍ଭବ ହୋଇପାରୁ ନାହିଁ। ଏଥିଯୋଗୁ ମାଓବାଦୀ କ୍ୟାଡର ଗଠନ ରାଜ୍ୟରେ ବହୁମାତ୍ରାରେ ହ୍ରାସ ପାଇଛି। ମାଓବାଦୀପ୍ରବଣ ଜିଲାଗୁଡିକରେ ୧୦୦ ପ୍ରତିଶତ ଜନମଙ୍ଗଳକାରୀ ଯୋଜନା ଯଥା ବିଦ୍ୟୁତୀକରଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ପହଞ୍ଚାଇବାରେ ସମସ୍ୟା ସୃଷ୍ଟି ହେଉଛି। ତେବେ ନିୟମିତ ଯୋଜନାଗୁଡିକର କାର୍ଯ୍ୟକାରିତାକୁ ତଦାରଖ କରାଯାଉଥିବାରୁ ଆଦିବାସୀ ଅଞ୍ଚଳରେ ଯଥେଷ୍ଟ ମାନବ ସମ୍ବଳ ବୃଦ୍ଧି ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ପଶ୍ଚିମ ଓ ଦକ୍ଷିଣ ଭାଗ ଦୁର୍ଗମ ଅଞ୍ଚଳ ସତ୍ତ୍ୱେ ରାଜ୍ୟ ସରକାର ନିଯୁକ୍ତି, ବାସଗୃହ ଯୋଗାଇବା, ରାସ୍ତା ଓ ପୋଲ ସଂଯୋଗୀକରଣ ସଫଳତାର ସହ କରାଇ ପାରିଛନ୍ତି । କେନ୍ଦ୍ର ଓ ପଡୋଶୀ ରାଜ୍ୟ ସହଯୋଗରେ ରାଜ୍ୟ ସରକାର ମାଓବାଦୀ ସମସ୍ୟାକୁ ଦୃଢହସ୍ତରେ ଦମନ କରିବାରେ ସମର୍ଥ ହୋଇଛନ୍ତି। ଗୋଇନ୍ଦା ସୂଚନା ଆଧାରରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ, ସ୍ୱତନ୍ତ୍ର ପୋଲିସ ଫୋର୍ସ ଦ୍ୱାରା ମାଓବାଦୀ ପ୍ରବଣ ଅଞ୍ଚଳ, ଆନ୍ତଃରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାଲକାନଗିରି ଜିଲାର ବିଚ୍ଛିନ୍ନ ଅଞ୍ଚଳକୁ ସଂଯୋଗ ପାଇଁ ଗୁରୁପ୍ରିୟା ସେତୁ ନିର୍ମାଣ କରାଯାଇପାରିଛି । ଯାହାକି ଏବେ ସ୍ୱାଭିମାନ ଅଞ୍ଚଳ ବୋଲି କୁହାଯାଉଛି। ଏହାଛଡା ରାଜ୍ୟ ସରକାର ମାଓବାଦୀ ଅଞ୍ଚଳରେ ସ୍ୱତନ୍ତ୍ର ପ୍ୟାକେଜ ଭାବେ ଶିକ୍ଷା, ଯୋଗାଯୋଗ, ବିଦ୍ୟୁତୀକରଣ ଇତ୍ୟାଦିକୁ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ବାହାରୁ ଆସୁଥିବା ମାଓବାଦୀଙ୍କୁ ପ୍ରତିହତ କରିବା ସକାଶେ ଦୁଇଟି ଅତିରିକ୍ତ କେନ୍ଦ୍ରୀୟ ସୁରକ୍ଷା ବାହିନୀକୁ କାର୍ଯ୍ୟରେ ଲଗାଯାଇଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷାକୁ କଡାକଡି କରିବା ସହ ସର୍ବାଙ୍ଗୀନ ବିକାଶ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏ ଦିଗରେ କେନ୍ଦ୍ର ସରକାର ସହଯୋଗ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଏବଂ ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।

## ତୃତୀୟ ପକ୍ଷକୁ...

ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ଇମ୍ରାନ୍ ଖାନ୍‌ଙ୍କୁ ଗରିବୀ, ରୋଗ ଓ ନିରକ୍ଷରତା ବିରୋଧରେ ଏକାଠି ଲଢେଇ କରି ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେବାକୁ କହିଥିଲି ବୋଲି ମୋଦି ପ୍ରକାଶ କରିଛନ୍ତି। ଦୁଇ ରାଷ୍ଟ୍ର ମଧ୍ୟରେ ରହିଥିବା ସମସ୍ୟାର ଆପୋଷ ସମାଧାନ ଉପରେ ଗୁରୁତ୍ୱ ଦେଇଆସିଛୁ। ଟ୍ରମ୍ପ ମଧ୍ୟ ମୋଦିଙ୍କ କଥାକୁ ସମର୍ଥନ କରି ସମସ୍ୟାର ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ ବୋଲି କହିଛନ୍ତି। କଶ୍ମୀର ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ମୋଦି କହିସାରିଛନ୍ତି। ଅପରପକ୍ଷରେ ଇମ୍ରାନ୍ ଓ ମୋଦିଙ୍କ ସହ ମୋର ଉତ୍ତମ ସମ୍ପର୍କ ରହିଆସିଛି, ସେମାନେ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିପାରିବେ ବୋଲି ଆଶା ରଖିଥିବା ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ସହ ଆଲୋଚନାରେ ବାଣିଜ୍ୟ, ପ୍ରତିରକ୍ଷା ଭଳି ଅନେକ ପ୍ରସଙ୍ଗ ଉପରେ ମୋଦି ଆଲୋଚନା କରିଥିବା ଜଣାପଡ଼ିଛି।

ଅଗଷ୍ଟ ୫ରେ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ସହ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରାଯିବାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଅନ୍ତର୍ଜାତୀୟ ସମୁଦାୟକୁ ଭାରତ ଏହା ଆଭ୍ୟନ୍ତରୀଣ ବ୍ୟାପାର ବୋଲି କହିଆସୁଥିବାବେଳେ ପାକିସ୍ତାନ କିନ୍ତୁ ଏହାକୁ ବିରୋଧ କରି ଜାତିସଂଘ ସୁରକ୍ଷା ପରିଷଦରେ ପହଞ୍ଚିଥିଲା। ଶେଷରେ ଜାତିସଂଘ ସୁରକ୍ଷା ପରିଷଦରୁ ପାକିସ୍ତାନ ନିରାଶ ହୋଇଥିଲା। ଏବେ ଆମେରିକା ଭାରତକୁ ସମର୍ଥନ କରି କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ସ୍ୱୀକାର କରିଛି। ପ୍ରକାଶଥାଉ କି, ପୂର୍ବରୁ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଲାଗି ଟ୍ରମ୍ପ ଏକାଧିକ ବାର ମନ ବଳାଇଥିଲେ। ଭାରତ ମଧ୍ୟ ତାଙ୍କ ଏଭଳି ପ୍ରୟାସକୁ ତୀବ୍ର ସମାଲୋଚନା କରିଥିଲା।

## ଅଣୁ ଯୁଦ୍ଧର...

ସ୍ତରକୁ ଯାଇପାରେ ବୋଲି ମଧ୍ୟ ସେ ଧମକ ଦେଇ କହିଛନ୍ତି। ପ୍ରକାଶଥାଉ କି, କଶ୍ମୀର ପ୍ରସଙ୍ଗରେ ଜାତିସଂଘ ନିରାପତ୍ତା ପରିଷଦ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସପକ୍ଷରେ ମତଦେଇ ଏହାକୁ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି କହିବା ପରେ ପାକିସ୍ତାନ ଏହାକୁ ସହଜରେ ହଜମ ନ କରି ଅଣୁ ଯୁଦ୍ଧର ଧମକ ଦେଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ବନ୍ଧୁ ଓ ପରିଜନଙ୍କ ସହ ସକାଳୁ ସକାଳୁ ପ୍ରୀତିପ୍ରଦ ଯାତ୍ରା କରିବାର ସୁଯୋଗ ପାଇପାରନ୍ତି। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଓ ସମ୍ପନ୍ନ ମଧ୍ୟ କରିବେ। ବିବାଦୀୟ ଘଟଣାରେ ମୁଣ୍ଡ ଖେଳାଇଲେ ଅଯଥା ସମାଲୋଚିତ ହେବାକୁ ପଡିବ। ବ୍ୟବସାୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**ବୃଷ** – କର୍ମକ୍ଷେତ୍ରରେ ବିଭିନ୍ନ ମାନସିକ ଚାପର ସମ୍ମୁଖୀନ ହୋଇ ଅଶାନ୍ତ ରହିପାରନ୍ତି। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଲେଖାପଢା,ଗବେଷଣା କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଥିବାରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** – କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକୁ ପୂର୍ଣ୍ଣ କରିବା ସକାଶେ ଦୃଢ ପଦକ୍ଷେପ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ନେଇ ବିବାଦୀୟ ଘଟଣାର ଅବସାନ ଘଟାଇ ପାରନ୍ତି। ନୂତନ ଗୃହ, ଯାନବାହନ କିଣିବା ସକାଶେ ମନ ବଳାଇବେ।

**କର୍କଟ** – ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମତପାର୍ଥକ୍ୟ କାରଣରୁ ମନ ଉତ୍ତେଜନାପୂର୍ଣ୍ଣ ରହିବ। ବହୁତ ଯୁକ୍ତିତର୍କ ପରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ । ମାତାଙ୍କ ସ୍ୱାସ୍ଥ୍ୟ ଓ ଭ୍ରାତୃ ସମ୍ପର୍କ ହାନି ଯୋଗୁ ଚିନ୍ତା ବୃଦ୍ଧି ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ କଥାରେ ହଁ ଭରିଲେ ଅସୁବିଧାର ସମ୍ମୁଖୀନ ହେବେ। ପଚାରିବା ପୂର୍ବରୁ କିଛି କହିବା ସାଙ୍ଗକୁ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ। ସଭାସମିତି ଓ ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପିଲାମାନଙ୍କ ଚିନ୍ତା ମନରେ ବିଶେଷ କଷ୍ଟ ଦେବାର ସୂଚନା ରହିଛି ।

**କନ୍ୟା** – ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାରେ ପଡୋଶୀ ସାହାଯ୍ୟ କରିବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଏବଂ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ତୁଳା** – କାର୍ଯ୍ୟ ହାସଲ କରିବା ପରିପ୍ରେକ୍ଷୀରେ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ଶାରୀରିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟହାନି ଘଟିବା ହେତୁ ମାନସିକ ସ୍ଥିରତା ଠିକ୍ ରହିବ ନାହିଁ। ପରିବାରର କୌଣସି ବ୍ୟତିକ୍ରମକୁ ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଅତିରଞ୍ଜିତ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟରେ ପୂର୍ଣ୍ଣ ସନ୍ତୋଷ ପାଇବା କାଠିକର ପାଠ ହୋଇପାରେ ।

**ବିଛା** – ଆଦୌ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ ବାଧ୍ୟ ହୋଇ କରିବାକୁ ପଡିବ । ସାହାଯ୍ୟ, ସହଯୋଗ ଅଭାବରୁ କୌଣସି କାମ ଶୃଙ୍ଖଳିତ ହୋଇପାରିବ ନାହିଁ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଭାଇ ବନ୍ଧୁ ଓ ନିକଟ ସମ୍ପର୍କୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ।

**ଧନୁ** – ଆପଣଙ୍କ ଅଭାବନୀୟ ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ଆର୍ଥିକ ସାହାଯ୍ୟ କରିପାରନ୍ତି। କର୍ମକ୍ଷେତ୍ରରେ ବ୍ୟସ୍ତତା ଭିତରେ ରହିଥିବା ସମୟରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ନିର୍ମାଣ, ଯାତ୍ରା, ଆନୁଷ୍ଠାନିକ କାମ, ପରିବହନ, ଶିଳ୍ପ ତଥା ବାଣିଜ୍ୟ କ୍ଷେତ୍ରରେ ଅଭ୍ୟୁଦୟ ଘଟିବ। ପୁରାତନ ରୋଗପୀଡା ବୃଦ୍ଧିହୋଇପାରେ।

**ମକର** – ସମସ୍ୟା ଆସିଲେ ମଧ୍ୟ ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ । ବିବାଦୀୟ ଘଟଣା, ପାରିପାର୍ଶ୍ୱିକ ପରିସ୍ଥିତି, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଅଫିସରେ ଫାଇଲ୍ କାମ ସଜାଡିବାରେ ଅପେକ୍ଷାକୃତ ଅସୁବିଧା ଭୋଗିପାରନ୍ତି।

**କୁମ୍ଭ** – ସତର୍କତା ଅଭାବରୁ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ । ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ଆତ୍ମୀୟ ସ୍ୱଜନମାନେ କ୍ରମଶଃ ଦୂରେଇଯିବାର ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ ।

**ମୀନ** – କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ । ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ । ଏଣେ କର୍ମକ୍ଷେତ୍ରର ବିଭିନ୍ନପ୍ରକାରର ଘଟଣାବଳୀ ମନକୁ ବାରମ୍ବାର ଆଲୋଡିତ କରିବ। ଆପଣ ମନେ ମନେ ଯାହା ଭାବୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ।

ଆଜି ଭାଦ୍ରବ କୃଷ୍ଣ ଦ୍ୱାଦଶୀ ମଙ୍ଗଳବାର, ଅଗଷ୍ଟ ୨୭ ତାରିଖ, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରଳମ୍ବାସୁର ବଧ ବେଶ, ରାଶି ନକ୍ଷତ୍ର-ପୁନର୍ବସୁ / ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୮।୨୯ମି. ଗତେ ଘ୧୦।୦୯ମି. ମଧ୍ୟେ, ଘ୧୧।୪୮ମି. ଗତେ ଘ୧।୨୬ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୯ମି. ଗତେ ଘ୧୧।୪୮ମି. ମଧ୍ୟେ, ଘ୩।୪୨ମି. ଗତେ ଘ୫।୦୩ମି. ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ନ ଘ୨।୫୫ମି. ଗତେ ଘ୫।୦୯ମି. ମଧ୍ୟେ ରାହୁକାଳ।

## classifieds Everyday
0674-2580101, 2549302




SALE

Private plot sale near DN Regalia Mall, Patrapada, Bhubaneswar. 899/- sqft. 9437335686, 7008487006. D-14019

Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730. D-66760

ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740. D-67355

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508. D-66764

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Good investment/ residential Govt. approved plots in Visakhapatnam Andhra Pradesh. Contact: Gopal Krishna, 9642406518. D-14033

କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

ଭୁବନେଶ୍ୱର-ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ Road, Electricity ପାଚେରୀ ଥାଇ plot ମିଳୁଅଛି। 9937749564, 9090142564. D-66771

Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564. D-66770

Property Sale: (Area-5300 sqft. land) At-Madan Mohan Pada, Angul, near Main Bazar, Contact: Shakti Dwibedy, Ph. No: 9350035896. D-14082

ଭୁବନେଶ୍ୱର Patia College ରୁ 2k.m., 50'x30 = 1500sqft କୁ 6,75,000/- ଘରକରିବା ପାଇଁ ପ୍ଲଟ ମିଳୁଅଛି। 9937032327, 9583328312. D-66766

Own plot for sale 1400 (30'x47') near Khandagiri. 9937816565, 9937568585. D-14067

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/-outrightରେ ମିଳୁଅଛି। 9348847649, 8249243709. D-66772

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ ବାସୋପଯୋଗୀ BDA Plot sqft. 650/-ରେ କିଣନ୍ତୁ। Contact: 6371719107, 9777449397. D-14081

ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560. D-66773




Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980




A spacious 3BHK 14th floor (1810 sqft) semi-furnished flat at Royal Lagoon Apartment, Bhubaneswar with 3 toilets, servant room & toilet, garage is available for rent. Contact: 8240107574 8961512649. D-14074




Shivam logistic packers movers. Household/ car relocation countrywide. 9777044177, 9338461133. D-13903




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Excellent body massage and SPA provided by trained expert: 7991082881. D-56653

Kajal ayurvedic massage club fully relaxed by smart lady, home service available. 9937637219. D-66943

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359

Newly open Herbal full body massage ladies & gents. 8018246332. D-66948

Ayurvedic full body massage ladies/gents smart experts therapist. 9114697517. D-66949


Ayurvedic full body massage ladies & gents smart therapist. 9040900385. D-66950

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

I, A. Vandana Patra, aged about 31 years, W/o- Achin Sunil Patra of Hadagadia Sahi, P.S- Puri Town, Po/Dist- Puri have changed my name from "B.Vandana to A.Vandana Patra" by virtue of an affidavit before Notary Public, Puri. I shall be known as A.Vandana Patra for all purposes. D-64086

Happy Birthday




Swastik Swaroop Padhy (Goon)
Brahmapur

Happy Birth Day Goon. May Lord Jagannath bless you with loads of success and prosperity in life. Keep shining always.

Best Wishes:
Bapa, Maa, Papa, Mama, Dada, Khu-di, Goodly, Shreya and Shubham.
D-14080

5th Happy Birthday



Ayisha Nayak
Bhuban PHD Office, Near Bhuban, Dhenkanal

Many Many Happy Returns of the Day. Wishing you Happy Birth Day.

Best Wishes:
Mamy, Dady, Bouu, Aai maa, Budhi maa, Tiki Dei, Ajaa, Aai, Bablu, Mama, Sonu Anty and Peribarbarga
D-14085

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜିଲ୍ଲା ଚିଠି ନୟାଗଡ଼

## ବଢୁଛି ବାଲ୍ୟବିବାହ

ନୟାଗଡ଼ ଜିଲାରେ ବାଲ୍ୟବିବାହ ଘଟଣା ଜିଲା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଥିପାଇଁ ଏହି ଜିଲା ରାଜ୍ୟସ୍ତରରେ ମଧ୍ୟ ନିନ୍ଦିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଜୁଲାଇ ୩୧ ତାରିଖରେ 'ବାଲ୍ୟବିବାହକୁ ନା' ସଚେତନତା ରଥ ଗଡ଼ିବା ଆରମ୍ଭ କରିଥିଲା। ଏହା ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ଜିଲାର ୧୯୪ ପଞ୍ଚାୟତରେ ବୁଲି ଲୋକମାନଙ୍କୁ ସଚେତନ କରାଇଛି। ପ୍ରଶାସନ ପକ୍ଷରୁ ପୂର୍ବରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ସତ୍ତ୍ୱେ ଜିଲାରେ ବାଲ୍ୟ ବିବାହ ବନ୍ଦ ହେବାର ନାଁ ଧରୁନାହିଁ, ବରଂ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ବିଗତ ୪ ବର୍ଷରେ ଚାଇଲ୍ଡ ଲାଇନ୍ ପକ୍ଷରୁ ୯୧ ବାଲ୍ୟ ବିବାହ ବନ୍ଦ କରାଯାଇଛି। ୨୦୧୬-୧୭ ଆର୍ଥିକ ବର୍ଷରେ ୧୧, ୨୦୧୭-୧୮ରେ ୧୭, ୨୦୧୮-୧୯ରେ ୧୬ ଓ ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୪୭ଟି ବାଲ୍ୟ ବିବାହ ବନ୍ଦ କରାଯାଇଛି। ବେସରକାରୀ ରିପୋର୍ଟ ଏହାଠାରୁ ତେର ଗୁଣା ଅଧିକ ହେବ ବୋଲି କୁହାଯାଉଛି। ଜିଲାର କୌଣସି ସ୍ଥାନରେ ବାଲ୍ୟ ବିବାହ ଖବର ମିଳିଲେ ଚାଇଲ୍ଡ ଲାଇନ୍ କର୍ମକର୍ତ୍ତା ସେଠାରେ ପହଞ୍ଚୁଛନ୍ତି। ହେଲେ ବିବାହ ବନ୍ଦ କରି ଆସିବାର କିଛିଦିନ ପରେ ପରିବାର ଲୋକେ ପୁନର୍ବାର ନାବାଳିକାଙ୍କ ବାହାଘର କରି ଦେଉଛନ୍ତି। ଝିଅକୁ ବୋଝ ଭାବି ପରିବାର ଲୋକେ ଏପରି କରୁଥିବା କେତେକ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପ୍ରତି ବ୍ଲକରେ ବାଲ୍ୟ ବିବାହ ନିରୋଧୀ ଅଧିକାରୀ ଭାବେ ସିଡିପିଓମାନେ ନିଯୁକ୍ତି ପାଇଛନ୍ତି। ହେଲେ ସେମାନେ ନିଜ କର୍ତ୍ତବ୍ୟରୁ ଓହରିଯାଉଛନ୍ତି। ବାଲ୍ୟ ବିବାହ ଖବର ପାଇ ଚାଇଲ୍ଡ ଲାଇନ୍ ତଡ଼ାଉ ପାଇଁ ଗଲାବେଳେ ସିଡିପିଓମାନେ କାର୍ଯ୍ୟ ବାହାନାରେ ଘଟଣାସ୍ଥଳକୁ ନ ଯାଇ ସୁପରଭାଇଜରମାନଙ୍କୁ ପଠାଇ ଦେଉଛନ୍ତି। ଏହାପରେ ଚାଇଲ୍ଡ ଲାଇନ୍ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ବାଲ୍ୟ ବିବାହ ବନ୍ଦ କରିବା ସହିତ ପରିବାର ଲୋକଙ୍କଠାରୁ ସହମତି (ଅଣ୍ଡରଟେକିଂ) ପତ୍ର ଲେଖି ଆଣୁଛନ୍ତି ସିଡିପିଓମାନେ ସମ୍ପୃକ୍ତ ପରିବାର ଲୋକଙ୍କ ନାମରେ ଥାନାରେ ଅଭିଯୋଗ କରିବା ପାଇଁ ନିୟମ ଥିଲେ ମଧ୍ୟ କେହି ଏହାକୁ ପାଳନ କରୁନାହାନ୍ତି। ସେମାନେ ଥାନାରେ ଅଭିଯୋଗ କରୁ ନ ଥିବାରୁ ବର୍ତ୍ତମାନ ସୁଦ୍ଧା ଜିଲାରେ ବାଲ୍ୟବିବାହ ଘଟଣାରେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। କାର୍ଯ୍ୟାନୁଷ୍ଠାନ ଅଭାବରୁ ଜିଲାରେ ପ୍ରତିବର୍ଷ ବାଲ୍ୟ ବିବାହ ବଢୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ବାଡ଼ ଫସଲ ଖାଇବା ନ୍ୟାୟରେ କିଛି ସ୍ଥାନରେ ପଞ୍ଚାୟତ ଶିଶୁ ସୁରକ୍ଷା ଅଧିକାରୀ ତଥା ସରପଞ୍ଚମାନେ ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଛନ୍ତି। କିଛିମାସ ତଳେ ଭାପୁର ବ୍ଲକ ଅନ୍ତର୍ଗତ ଏକ ପଞ୍ଚାୟତର ସରପଞ୍ଚଙ୍କ ଭାଇ ଜଣେ ନାବାଳିକାଙ୍କୁ ବିବାହ କରିବାକୁ ଯାଉଥିଲେ। ଖବର ପାଇ ନୟାଗଡ଼ ଚାଇଲ୍ଡ ଲାଇନ୍ ସଦସ୍ୟ ପହଞ୍ଚି ଏହାକୁ ବନ୍ଦ କରିଥିଲେ। ଏହାର ୭ଦିନ ପରେ ଭୁବନେଶ୍ୱରରେ ଉକ୍ତ ନାବାଳିକାଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହିଭଳି ବିଭିନ୍ନ କାରଣରୁ ଜିଲାରେ ବାଲ୍ୟ ବିବାହ ଭଳି ବେଆଇନ କାର୍ଯ୍ୟକୁ ବନ୍ଦ କରାଯାଇପାରୁ ନାହିଁ। ଏହି ପରିପ୍ରେକ୍ଷୀରେ ତୃଣମୂଳସ୍ତରରୁ ସରକାରୀ ସ୍ତର ପର୍ଯ୍ୟନ୍ତ ସମସ୍ତେ ଆନ୍ତରିକ ଭାବେ ଉଦ୍ୟମ କଲେ ଏଭଳି ବ୍ୟବସ୍ଥା ବନ୍ଦ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି।

– ରଞ୍ଜନ କୁମାର ପ୍ରଧାନ

# ସପ୍ତମ ଅର୍ଥନୈତିକ ଗଣନା ଆରମ୍ଭ

## ଅଣକୃଷି ଅର୍ଥନୈତିକ କାର୍ଯ୍ୟକଳାପ ଜାଣିବାକୁ ବ୍ୟାପକ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ରାଜ୍ୟରେ ସପ୍ତମ ଅର୍ଥନୈତିକ ଗଣନା ସୋମବାରଠାରୁ ଆରମ୍ଭ କରାଯାଇଛି। ଲୋକସେବା ଭବନଠାରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏହି ଗଣନାର ଶୁଭାରମ୍ଭ କରିଛନ୍ତି। ଏହାସହ ଅର୍ଥନୈତିକ ଗଣନା ନିମନ୍ତେ ସ୍ୱତନ୍ତ୍ର ଭାବେ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମ ତିନିମାସ ପର୍ଯ୍ୟନ୍ତ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଏବଂ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଚାଲିବ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଉପମହାନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଏବଂ ଗଣନା ପ୍ରକ୍ରିୟାରେ ସମ୍ପୃକ୍ତ ଅଂଶୀଦାର ବୃନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ। ଅର୍ଥନୈତିକ ଗଣନା ପ୍ରକ୍ରିୟାରେ ନିଯୁକ୍ତି ତଥା ଆୟ ସୃଷ୍ଟି ମାଧ୍ୟମରେ ଭାରତୀୟ ଅର୍ଥନୀତିକୁ ବିଶେଷଭାବେ ସାହାଯ୍ୟ କରୁଥିବା ସମସ୍ତ ପ୍ରତିଷ୍ଠାନ ଏବଂ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅନୁଷ୍ଠାନଗୁଡ଼ିକର ସମ୍ପୂର୍ଣ୍ଣ ଗଣନାକୁ ଅଗ୍ରାଧିକାର ଦିଆଯିବ । ଫଳରେ ନିର୍ଦ୍ଦିଷ୍ଟ ଭୌଗୋଳିକ ଅବସ୍ଥିତି ତଥା ସ୍ଥାନ ପୁଞ୍ଜିର ଆର୍ଥିକ କାର୍ଯ୍ୟକଳାପ, ମାଲିକାନା ଅଧିକାର ଏବଂ ନିୟୋଜିତ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ମୂଲ୍ୟବାନ ତଥ୍ୟ ମିଳିପାରିବ । ଅଣକୃଷି ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପର୍କିତ ତଥ୍ୟ ଆହରଣ ନିମନ୍ତେ ଦେଶର ସପ୍ତମ ଅର୍ଥନୈତିକ ଗଣନା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ବୋଲି ସରକାର କହିଛନ୍ତି ।

ରାଜ୍ୟ ଓ ଜିଲାସ୍ତରରେ ସାମାଜିକ-ଅର୍ଥନୈତିକ ଉନ୍ନୟନମୂଳକ ଯୋଜନା ପ୍ରଣୟନସମୟରେ ଏହିଅର୍ଥନୈତିକଗଣନାର ସଂଗୃହୀତ ବିବରଣୀ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ । ସପ୍ତମ ଅର୍ଥନୈତିକ ଗଣନା-୨୦୧୯ ରିୟଲଟାଇମ୍ ଡାଟା ଭାଲିଡେସନ୍ ଓ ଯାଞ୍ଚ, ଜିଓଟ୍ୟାଗିଂ, ଟାଇମସ୍ ଷ୍ଟାମ୍ପିଂ, ଏମ୍ଆଇଏସ୍ ଡ୍ୟାସ୍ ବୋର୍ଡ ବ୍ୟବହାର ଇତ୍ୟାଦିର ବିନିଯୋଗ ସାଙ୍ଗକୁ ଅଗ୍ରଣୀ ସୂଚନା ପ୍ରଯୁକ୍ତି ଉପକରଣ ସହାୟତାରେ ଆଧୁନିକ ମୋବାଇଲ୍ ଆପ୍ ଦ୍ୱାରା ପରିଚାଳିତ ହେବ। ଏହା ଫଳରେ ସର୍ବେକ୍ଷଣରେ ଶତପ୍ରତିଶତ ଅନ୍ତର୍ଭୁକ୍ତି ସମେତ ସଫଳତା ମିଳିପାରିବ। ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ଏକ ସ୍ପେଶାଲ୍ ପର୍‌ପୋଜ୍ ଭେହିକିଲ୍ (ଏସ୍‌ପିଭି) 'କମନ୍ ସର୍ଭିସ୍ ସେଣ୍ଟର ଇ-ଗଭର୍ନାନ୍ସ ସର୍ଭିସ୍ ଇଣ୍ଡିଆ ଲିମିଟେଡ୍' ମାଧ୍ୟମରେ ସପ୍ତମ ଅର୍ଥନୈତିକ ଗଣନାକୁ କାର୍ଯ୍ୟକାରୀ କରୁଛନ୍ତି। ଇତି ପୂର୍ବରୁ ଦେଶରେ ୬ଟି ଅର୍ଥନୈତିକ ଗଣନା କାର୍ଯ୍ୟ ସମ୍ପନ୍ନ ହୋଇଛି। ବିଗତ ଷଷ୍ଠ ଅର୍ଥନୈତିକ ଗଣନା ସମେତ ପୂର୍ବରୁ ହୋଇଥିବା ଗଣନାଗୁଡ଼ିକରେ ପ୍ରାପ୍ତ ଉଦ୍ୟୋଗୀ ପରିବାର ଓ ପ୍ରତିଷ୍ଠାନଗୁଡ଼ିକର ସଂଖ୍ୟାକୁ ଭିତ୍ତିକରି ଜଣାଯାଇଛି ଯେ, ସପ୍ତମ ଅର୍ଥନୈତିକ ଗଣନାରେ ପ୍ରାୟ ୨୭ କୋଟି ପରିବାର ଓ ୭ କୋଟି ସଂସ୍ଥା ସାମିଲ ହେବେ। ଏହି ବ୍ୟାପକ କାର୍ଯ୍ୟ ପାଇଁ ୯ ଲକ୍ଷ ଗଣନାକାରୀ ଓ ୩ ଲକ୍ଷ ପର୍ଯ୍ୟବେକ୍ଷକ ନିୟୋଜିତ ହେବେ। ଓଡ଼ିଶାରେ ବିବରଣୀ ସଂଗ୍ରହ ଓ ତଦାରଖ ନିମନ୍ତେ ପ୍ରାୟ ୩୧ ହଜାର ଗଣନାକାରୀ ୬୬୦୦ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି। ଏହା ବ୍ୟତୀତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପଦାଧିକାରୀ ଓଡ଼ିଶା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟବେକ୍ଷଣ କାର୍ଯ୍ୟ ନିମନ୍ତେ ନିଯୁକ୍ତ ହୋଇଛନ୍ତି। ରାଜ୍ୟରେ ଅର୍ଥନୈତିକ ଗଣନା ପାଇଁ କାର୍ଯ୍ୟକାରୀ ହେଉଥିବା ୧୬୦୦୦ କମନ୍ ସର୍ଭିସ୍ ସେଣ୍ଟର (ସାଧାରଣ ସେବା କେନ୍ଦ୍ର) ତଥା ସମସ୍ତ ବ୍ଲକ୍ ଅଞ୍ଚଳକୁ ଏହାର ପଦାଧିକାରୀଙ୍କ ପର୍ଯ୍ୟବେକ୍ଷଣ ଅନ୍ତର୍ଭୁକ୍ତ କରାଯାଇଛି।

# ୧୦ମ ସିଜିଡି ବିଡିଂ ରାଉଣ୍ଡର କାମ ପ୍ରାରମ୍ଭ

## ସ୍ୱଚ୍ଛ ଇନ୍ଧନ ଭିତ୍ତିଭୂମିରେ ଦ୍ରୁତ ପରିବର୍ତ୍ତନ ହୋଇଛି: ଧର୍ମେନ୍ଦ୍ର




ସିଜିଡି ବିଡିଂ ରାଉଣ୍ଡ କାମର ଶୁଭାରମ୍ଭ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ଦେଶରେ ସ୍ୱଚ୍ଛ ଇନ୍ଧନର ଭିତ୍ତିଭୂମିରେ ଦ୍ରୁତ ପରିବର୍ତ୍ତନ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ସୋମବାର ୧୦ମ ସିଜିଡି ବିଡିଂ ରାଉଣ୍ଡ କାମ ପ୍ରାରମ୍ଭ ଅବସରରେ ଶକ୍ତି ବିଭାଗର ଅଂଶୀଦାର ଓ ବିଶେଷଜ୍ଞମାନଙ୍କ ଉପସ୍ଥିତିରେ ଧର୍ମେନ୍ଦ୍ର କହିଛନ୍ତି, ଦେଶରେ ସ୍ୱଚ୍ଛ ଇନ୍ଧନକୁ ଦ୍ରୁତ ଗତି ଦେବା ଏବଂ ଦେଶକୁ ଗ୍ୟାସ ଆଧାରିତ ଅର୍ଥ ବ୍ୟବସ୍ଥା ବନାଇବା ଦିଗରେ ମୋଦି ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରାଯାଇଛି । କେନ୍ଦ୍ର ସରକାର ଏକ ସ୍ୱଚ୍ଛ ଏବଂ ସବୁଜ ଭାରତ ନିର୍ମାଣ ପାଇଁ ଦେଶରେ ସ୍ୱଚ୍ଛ ଇନ୍ଧନର ବିକାଶ ପ୍ରତି ପ୍ରତିଶ୍ରୁତିବଦ୍ଧ। ମୋଦି ସରକାରଙ୍କ ପ୍ରଥମ ବର୍ଷ ତଥା ୨୦୧୪ରୁ ସିଟି ଗ୍ୟାସ ବିତରଣ (ସିଜିଡି) ନେଟୱର୍କର ବିସ୍ତାର ସାରା ଦେଶରେ ୩୪ ଜିଏରୁ ୨୮ ଜିଏ ପର୍ଯ୍ୟନ୍ତ କରାଯାଇଛି, ଯାହା ଦେଶର ଭୌଗୋଳିକର ପ୍ରାୟ ୫୦ ପ୍ରତିଶତ ଏବଂ ଭାରତୀୟ ଜନସଂଖ୍ୟାର ପ୍ରାୟ ୭୦ ପ୍ରତିଶତକୁ ଆଚ୍ଛାଦିତ କରୁଛି। ମୋଦି ସରକାରରେ ଦେଶରେ ଘରୋଇ ପିଏନଜି ସଂଯୋଗ କ୍ଷେତ୍ରରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୧୪ରୁ ଘରୋଇ ପିଏନଜି ସଂଯୋଗ ସଂଖ୍ୟା ୨୫.୪ ଲକ୍ଷ ଉପଭୋକ୍ତାରୁ ବଢି ୫୦.୪୩ ଲକ୍ଷରେ ପହଞ୍ଚିଛି। ସେହିଭଳି ପରିବେଶ ସଂରକ୍ଷଣରେ ମଧ୍ୟ ପ୍ରାକୃତିକ ଗ୍ୟାସ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଯୁବବର୍ଗଙ୍କ ପାଇଁ ନୂଆ ଅର୍ଥନୀତି ଏବଂ ରୋଜଗାରର ସୁଯୋଗ ପ୍ରଦାନ କରୁଛି। ବିଶ୍ୱର ଦାୟିତ୍ୱପୂର୍ଣ୍ଣ ଦେଶଭାବେ ଭାରତ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରାକୁ ହ୍ରାସ କରିବା ନିମନ୍ତେ ସିଓପି ୨୧ର ପ୍ରତିଶ୍ରୁତି ଦିଗରେ କାର୍ଯ୍ୟରତ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୫ରୁ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ

- ୫ଜଣଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର'
- ୫ କଳାକାରଙ୍କୁ ଯୁବପ୍ରତିଭା ସମ୍ମାନ
- ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ ହେବ ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତର ମହାକୁମ୍ଭ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ' ଆସନ୍ତା ସେପ୍ଟେମ୍ବର ୫ ରୁ ୧୧ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ ହେବ। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଏଥର ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ସହ ଦେଶର ବିଭିନ୍ନ ପ୍ରାନ୍ତର ଶାସ୍ତ୍ରୀୟ ସଙ୍ଗୀତ, ଗଜଲ ଓ ମ୍ୟୁଜିକାଲ ଫ୍ୟୁଜନ୍ ଆକର୍ଷଣ ରହିବ। ସବୁବର୍ଷ ପରି ଏବର୍ଷ ମଧ୍ୟ ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ ପ୍ରସିଦ୍ଧିଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ୨୫ବର୍ଷରେ ପଦାର୍ପଣ କରିଥିବା ଏହି ପୁରସ୍କାର ଉତ୍ସବ ଏଥର ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ ୫ଜଣଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ଏବଂ ୫ଜଣ ଯୁବ କଳାକାରଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ଯୁବପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ବିଶିଷ୍ଟ ତବଲା ବାଦକ ଗୁରୁ ହରମୋହନ ଖୁଣ୍ଟିଆ, ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ନୃତ୍ୟ ସମାଲୋଚକ ତଥା ଲେଖକ ପଦ୍ମଶ୍ରୀ ଡ. ସୁନୀଲ କୋଠାରୀ, ନୃତ୍ୟ ସମୀକ୍ଷିକା ଲୀଲା ଭେଙ୍କଟରମଣ ଏବଂ ଖ୍ୟାତନାମା ଆର୍ଟ ଫଟୋଗ୍ରାଫର ଅବିନାଶ ପଶ୍ରିଚାଙ୍କୁ ୨୦୧୯ ମସିହା ଲାଗି ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ସେମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। ସେହିଭଳି ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ୱପ୍ନକଳ୍ପା ଦାସଗୁପ୍ତା, ରାହୁଲ ଆଚାର୍ଯ୍ୟ ଓ ରାଜଶ୍ରୀ ପ୍ରହରାଜ, ସତ୍ରୀୟା ନୃତ୍ୟଶିଳ୍ପୀ ଅନ୍ୱେଷା ମହାନ୍ତ ଏବଂ ଓଡ଼ିଶୀ ସଙ୍ଗୀତଶିଳ୍ପୀ ସତ୍ୟବ୍ରତ କାଠଙ୍କୁ ଏହିବର୍ଷ ଲାଗି ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ଯୁବପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ ବୋଲି 'ସୃଜନ'ର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଓ ଦେବୀପ୍ରସାଦ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।


ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଦ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
SCABIRAJ LOTION
ନକଲି ପ୍ରତି ସାବଧାନ !
DIBYA SAI PHARMACY, CUTTACK-11, PH.-6372898038


# ସଡ଼କ ଦୁର୍ଘଟଣାରେ ବୌଦ୍ଧ ଅତିରିକ୍ତ ଜିଲାପାଳ ମୃତ

ବୌଦ୍ଧ/ପୁରୁଣାକଟକ,୨୬।୮(ସ୍ୱ.ପ୍ର/ଡି.ଏନ.ଏ.)



- କାର୍ ଚାଳକ ଗୁରୁତର
- ବୌଦ୍ଧରେ ଶୋକାକୁଳ ପରିବେଶ
- ଅନ୍ତିମ ସମ୍ମାନ ଜଣାଇଲେ କର୍ମଚାରୀ

ବୌଦ୍ଧ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସେ ସୋମବାର ସକାଳୁ ଏକ କାର୍ (ନଂ.ଓଡି୨୭ଏ/୫୨୫୧)ରେ ଭୁବନେଶ୍ୱରରୁ ବୌଦ୍ଧ ଫେରୁଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକଠାରୁ ମାତ୍ର ୨କିମି ଦୂର କଲରାକୋଠା ଗ୍ରାମ ନିକଟରେ ତାଙ୍କ କାର ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ବଡ ଗଛରେ ପିଟି ହୋଇଯାଇଥିଲା । ଫଳରେ ଅତିରିକ୍ତ ଜିଲାପାଳ ସେଠୀ ଓ ଡ୍ରାଇଭର ସୁଶାନ୍ତ ପ୍ରଧାନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ ଉଭୟଙ୍କୁ ପ୍ରଥମେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତୁରନ୍ତ ଉଭୟଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ବୌଦ୍ଧ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ଅତିରିକ୍ତ ଜିଲାପାଳ ସେଠୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ବୌଦ୍ଧ ବିଡିଓ ଅଶ୍ୱିନୀ କୁମାର ମେହେର, ତହସିଲଦାର ଲଲାଟେନ୍ଦୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ଓ ଜିଲା ଓକିଲ ସଂଘ ସଭାପତି ତାରିଣୀ କୁମାର ମହାପାତ୍ର ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ତାଙ୍କ ପରିବାର ଲୋକେ ଭୁବନେଶ୍ୱରରୁ ଆସି ବୌଦ୍ଧରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଅପରାହ୍ନ ୪ଟାରେ ସେଠୀଙ୍କ ମରଶରୀରକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଜିଲାପାଳ, ଡିଆରଡିଏ ପିଡି, ଉପଜିଲାପାଳ ଓ ସମସ୍ତ ଅଧିକାରୀ, କର୍ମଚାରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମହାପ୍ରୟାଣ ଗାଡିରେ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ବିଦାୟ ଦିଆଯାଇଥିଲା। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସେଠୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା।

# ଲଙ୍କାକାଲ ଫଳ ଖାଇ ୫ ଛାତ୍ରୀଛାତ୍ର ଗୁରୁତର

ରାମଗିରି,୨୬।୮(ଡି.ଏନ୍.ଏ.)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ପଦାର ସିଂ ପଞ୍ଚାୟତ ନିକଟ କମଳାଡିଅ ପ୍ରାଥମିକ ବିଦ୍ୟାଳୟର ୨୨ଜଣ ଛାତ୍ରୀଛାତ୍ର ସୋମବାର ଲଙ୍କାକାଲ ଫଳ ଖାଇ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣ ଗୁରୁତର ଅଛନ୍ତି। ସେମାନେ ହେଲେ ସୁନୀଲ କୁମାର ପ୍ରଧାନ(୬), ରାଜ କୁମାର ଶବର(୪), ମମତା ରଇତ(୭), ଜିତୁ ରଇତ(୮) ଓ ରଙ୍କୁ ରଇତ(୬)। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୪ଟାରେ ସ୍କୁଲ୍ ବନ୍ଦ ହେବା ପରେ ଛାତ୍ରୀଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଖେଳୁଥିଲେ। ସେଠାରେ ଥିବା ଲଙ୍କାକାଲ ଗଛରୁ ଫଳ ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଗୁରୁତର ୫ଜଣଙ୍କୁ ପାରଳାଖେମୁଣ୍ଡି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୂର୍ବତନ ଜିଲା ପରିଷଦ ସଭ୍ୟ ତାରିଣୀ ଚରଣ ଗୌଡ଼, ପୂର୍ବତନ ସିଆର୍‌ସିସି ଧନୁର୍ଦ୍ଧର ଭୂୟାଁ, ଏସ୍ଆଇ ନିରଞ୍ଜନ ଦାସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।


ସମ୍ବଲପୁରୀ ବସ୍ତ୍ରାଳୟ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ଗଣେଷ ପୁଜା ଓ ନୂଆଖାଇ ଉପଲକ୍ଷେ ସମିତିର ଅଗଣିତ ଗ୍ରାହକଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ
ବିଶେଷ ସରକାରୀ ରିହାତି
୧୦% + ୨୦%
ଅବଧି
୨୩.୦୮.୨୦୧୯ ରୁ ୦୩.୦୯.୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢୀ ତଥା ଲୁଙ୍ଗି, ଗାମୁଛା, ବେଡସିଟ, ସୁଟ ସେଟ
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ଅଟେ



CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology) — ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH — ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
● CCTV, Biometric & EPABX Marketing, Installation & Technical Training.
● Onsite Practice ● Internship
● 100% Job Placement ● Class Detailing
● 100% Practical Training ● Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111


## ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଚୌଦ୍ୱାର କଲେଜ କନିଷ୍ଠ କିରାଣିଙ୍କ ବଦଳି

ଭୁବନେଶ୍ୱର, ୨୬।୮ (ବ୍ୟୁରୋ): ଚୌଦ୍ୱାର ମହାବିଦ୍ୟାଳୟର କନିଷ୍ଠ କିରାଣି ରବୀନ୍ଦ୍ର ପୃଷ୍ଟିଙ୍କୁ ପ୍ରଶାସନିକ କାରଣରୁ ବଦଳି କରାଯାଇଛି। ଏହି ମର୍ମରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ବଦଳି ଆଦେଶ ବଳରେ ପୃଷ୍ଟିଙ୍କୁ ନରସିଂହପୁର ମହାବିଦ୍ୟାଳୟକୁ ବଦଳି କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ପକ୍ଷରୁ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଗତ ଅଗଷ୍ଟ ୧୪ତାରିଖରେ ଚୌଦ୍ୱାର ମହାବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟରେ ଅନେକ ବେଆଇନ କାର୍ଯ୍ୟରେ ରବୀନ୍ଦ୍ର ଲିପ୍ତ ଥିବା ଏହି ସମୟରେ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା।


DIRECTORATE OF DISTANCE & CONTINUING EDUCATION
ADMISSION NOTICE - 2019
NAAC Accrediated A+
D.D.C.E., UTKAL UNIVERSITY
BHUBANESWAR-751007
COURSES OFFERED
Admn Advt-7

DISTANCE MODE (Management Courses)
- Master of Business Administration (MBA)
- BBA / IMBA
- Post Graduate Diploma in Mgt. :
  - Human Resource
  - Marketing
  - Production & Operation
  - Finance
  - Tour & Travel
  - Agri Business
  - Ditetics & Nutrition
  - Public Policy

Walk in Online, Entrance Test & Rolling Admission.

REGULAR MODE (Morning Programme)
- M.Sc. I T&M
- M.Sc. Comp. Sc.
- M.Sc. IT
- P.G.Dip. in Banking & Insurance Mgt.

Walk in Online Entrance Test cum PI and Rolling Admission.

DISTANCE MODE (Graduate Courses)
- BA (HONS.)
- B.COM. (HONS.)

DISTANCE MODE (Post Graduate Courses)
- MSW
- M.Com.
- MA in Public Admn.
- MA in History
- MA in Pol.Science
- MA in Sanskrit
- MA in Education
- MA in English
- MA in Odia
- MA in Sociology
- MA in Economics
- MA in Hindi

Walkin Admission

Last Date of Admission Without Fine : 31.08.2019
APPLY ONLINE : www.ddceutkal.ac.in
(FOR ELIGIBILITY, FEE STRUCTURE, SELECTION PROCESS AND IMPORTANT DATE LINES VISIT OUR WEBSITE . NO ADMISSION ON 2ND AND 4TH SATURDAY.)
DIRECTOR

ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ସବୁଠାରୁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

# ପୋଲ ଦବିଲା

ନିକଟ ଅତୀତରେ ଭୁବନେଶ୍ୱର ବମିଖାଲ ଫ୍ଲାଏଓଭର ନିର୍ମାଣ ବେଳେ ସ୍ଲାବ ଖସିବା ଓ ଗାର୍ଡୱାଲ୍ ଭାଙ୍ଗିପଡ଼ିବା ଯୋଗୁ ଦୁଇ ଜଣଙ୍କ ଜୀବନ ଯାଇଥିଲା। କିଛିଦିନ ପୂର୍ବରୁ ରସୁଲଗଡ଼ ଓଭରବ୍ରିଜ୍‌ରୁ ବଡ଼ କଂକ୍ରିଟ ଖଣ୍ଡ ଖସିଥିଲା। ସୌଭାଗ୍ୟକ୍ରମେ ପୋଲ ତଳେ ସେତେବେଳେ କେହି ଯା'ଆସ କରୁ ନ ଥିବାରୁ କାହାରି ଜୀବନ ଯାଇ ନ ଥିଲା। ୨୫ ଅଗଷ୍ଟ ୨୦୧୯ରେ ଲୋକମାନେ ସ୍ୱାଭାବିକ ଭାବେ ଯାତାୟାତ କରୁଥିବା ବେଳେ ହାଇଟେକ୍ ଛକ ନିକଟସ୍ଥ କଟକ-ପୁରୀ ବାଇପାସ୍ ଫ୍ଲାଏଓଭର୍‌ର ଆପ୍ରୋଚ ରୋଡ୍ ହଠାତ୍ ୬ ଇଞ୍ଚ ଦବିଯାଇଛି। ଫଳରେ ସେଠାରୁ ରାସ୍ତାର ମଝି ପର୍ଯ୍ୟନ୍ତ ଏକ ଫାଟ ସୃଷ୍ଟି ହେବାରୁ ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରି ପ୍ରତିବାଦ କରିବା ସହ ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ଲୋକେ କହିଛନ୍ତି ଯେ, ଫ୍ଲାଏଓଭର କାର୍ଯ୍ୟକ୍ଷମ ହେବା ପରେ ଏହା ୩ ଥର ଦବିଲାଣି। ଲୋକଙ୍କ ପ୍ରତିବାଦ ଉଗ୍ର ରୂପ ଧାରଣ କରିବା ଆଶଙ୍କା କରି ୨୬ ଅଗଷ୍ଟରେ ଦବି ଯାଇଥିବା ସ୍ଥାନରେ ମରାମତି କରାଯାଇଛି। ଏଠାରେ ମନେପଡ଼େ ପୁରୀ ଜିଲା ନିକଟସ୍ଥ ସମୟାଜପୁର ଫ୍ଲାଏଓଭର କଥା। ନବକଳେବର ସମୟରେ ଅତି ତରବରିଆ ଭାବେ ଏହା ନିର୍ମାଣ କରାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ସେହିପରି ସମ୍ବଲପୁର ଓ ଖୋର୍ଦ୍ଧାରେ ନିର୍ମାଣାଧୀନ ଫ୍ଲାଏଓଭରରେ ବ୍ୟାପକ ତ୍ରୁଟି ଦେଖା ଦେଇଥିବା ଖବର ବାରମ୍ବାର ପଦାକୁ ଆସିଛି। ରାଜ୍ୟବ୍ୟାପୀ ନିର୍ମାଣ ହେଉଥିବା ରାଜପଥ ଓ ଫ୍ଲାଏଓଭରରେ ଅନେକ ସମୟରେ ତ୍ରୁଟି ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି।

ଆଜିର ସମୟରେ ଅଭିନବ କୌଶଳ ଓ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ଦୀର୍ଘସ୍ଥାୟୀ ଫ୍ଲାଏଓଭର ନିର୍ମାଣ କରାଯାଇପାରୁଛି। ହେଲେ ଦେଖାଯାଉଛି କେତେକ ନିର୍ମାଣକାରୀ ସଂସ୍ଥା ପର୍ଯ୍ୟାପ୍ତ ଲାଭ ରଖିବାକୁ ଯାଇ କାମକୁ ନିମ୍ନମାନର କରୁଛନ୍ତି। ବମିଖାଲ ଫ୍ଲାଏଓଭର ଦୁର୍ଘଟଣା ଦେଖିଲେ ଠିକ୍ ଭାବେ କାର୍ଯ୍ୟ ନ ହେବା ଓ ଶ୍ରମିକଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦିଆ ନ ଯିବାରୁ ୨ ଜୀବନ ଚାଲିଗଲା। ଆଶା କରାଯାଉଥିଲା ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀକୁ ସମ୍ପୂର୍ଣ୍ଣ କଳାତାଲିକାଭୁକ୍ତ କରାଯାଇ ଏହାର ମାଲିକଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ। ହେଲେ ସାମୟିକ ସମୟ ପାଇଁ ମାଲିକଙ୍କୁ ଗିରଫ କରାଯିବାରେ ଦଣ୍ଡ ସୀମିତ ରହିଯାଉଛି। ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ବ୍ୟକ୍ତିଙ୍କ ବିରୋଧରେ ଯଦି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇପାରନ୍ତା, ତାହା ହେଲେ ନିର୍ମାଣ କ୍ଷେତ୍ର ସହ ଜଡ଼ିତ ଲୋକଙ୍କ ମଧ୍ୟରେ ଭୟ ପଶନ୍ତା। ଠିକାଦାରି ବୃତ୍ତିରେ ଲାଭ ଅର୍ଜନ କରିବାରେ କୌଣସି ଭୁଲ ନାହିଁ। କିନ୍ତୁ ଭାଗମାପ ଭୁଲ କରି ନିର୍ମାଣ କରାଗଲେ ତାହା ଜନସାଧାରଣଙ୍କୁ କ୍ଷତି ପହଞ୍ଚାଇବ। ସମୟ ଏମିତି ହୋଇପାରେ ସେହି ରାସ୍ତା ବା ପୋଲ ଉପରେ ଚାଲୁଥିବା ବେଳେ ନିର୍ମାଣ କାର୍ଯ୍ୟରେ ଭୁଲ କରିଥିବା ବ୍ୟକ୍ତି ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। ୨୫ ଅଗଷ୍ଟରେ ହାଇଟେକ୍ ଛକ ନିକଟସ୍ଥ ଫ୍ଲାଏଓଭର ଦବିଯିବା କଥା ଦେଖିଲେ ସାମାନ୍ୟ ମରାମତି ତାହାକୁ ସୁରକ୍ଷିତ ରଖିପାରିବ ନାହିଁ। କିଛି ଦିନ ଗଲା ପରେ ସେଥିରେ ଅସୁବିଧା ନିଶ୍ଚିତ ଦେଖାଦେବ। ତେଣୁ ନିର୍ମାଣ କରିଥିବା ସଂସ୍ଥାକୁ ଧରାଯାଇ ତା' କାର୍ଯ୍ୟର ପୁନଃ ସମୀକ୍ଷା କରାଯିବା ଉଚିତ। କେଉଁ ପରିସ୍ଥିତିରେ ନବନିର୍ମିତ ଫ୍ଲାଏଓଭର ଦବିଲା ତାହାର ବିଧିବଦ୍ଧ ତଦନ୍ତ ହେବା ଦରକାର। ପୂର୍ତ୍ତ ବିଭାଗର ସର୍ବୋଚ୍ଚ ସ୍ଥାନରେ ଥିବା ବ୍ୟକ୍ତିଙ୍କଠାରୁ ନିର୍ମାଣ ସଂସ୍ଥାର ମାଲିକଙ୍କ ପର୍ଯ୍ୟନ୍ତ କୈଫିୟତ ମଗାଯିବା ନିତାନ୍ତ ଆବଶ୍ୟକ। ଏଥିସହିତ ଧନଜୀବନ ହାନି ଲାଗି କ୍ଷତିପୂରଣ ସମ୍ପୃକ୍ତ ସଂସ୍ଥାଠାରୁ ମଧ୍ୟ ଆଦାୟ କରାଯିବା ବାଞ୍ଛନୀୟ। ଏହି ପରିପ୍ରେକ୍ଷୀରେ ଏବର ନିର୍ମାଣକାରୀ ସଂସ୍ଥାର ମାଲିକମାନେ ହୃଦୟଙ୍ଗମ କରିବା କଥା ଯେ, ବ୍ରିଟିଶ ଅମଳରେ ନିର୍ମିତ ପୋଲ ଅନେକ ସ୍ଥାନରେ ଅତୁଟ ରହିଥିବା ବେଳେ ସେମାନେ କାହିଁକି ବିଫଳ ହେଉଛନ୍ତି। ଯେତେବେଳ ଯାଏ ନିର୍ମାଣ କ୍ଷେତ୍ର ସହ ଜଡ଼ିତ ଉପରୁ ତଳ ଯାଏ ବ୍ୟକ୍ତି ନିଜ କାର୍ଯ୍ୟକୁ ସୁଚାରୁ ରୂପେ ନ ତୁଲାଇଛନ୍ତି, ସେତେବେଳ ଯାଏ ସାମାଜିକ ମଙ୍ଗଳ ହୋଇପାରିବ ନାହିଁ।

## ଏଇ ଭାରତରେ

କର୍ଣ୍ଣାଟକର ମହୀଶୂରରେ ରୁହନ୍ତି ଆୟୁବ ଅହମଦ। ଅଜଣା ମୃତଦେହକୁ ସଂସ୍କାର କରିବା ତାଙ୍କର ନିଶା। ଫୁଟ୍‌ପାଥରେ ରହୁଥିବା ଲୋକଙ୍କୁ ମଧ୍ୟ ସେ ସାହାଯ୍ୟ କରନ୍ତି। ମାତ୍ର ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଆୟୁବଙ୍କ ଏହି କାମ ପାଇଁ ଏବେ ସେ ସମସ୍ତଙ୍କର ପ୍ରଶଂସାର ପାତ୍ର ପାଲଟି ଯାଇଛନ୍ତି। ପ୍ରଥମେ ତାଙ୍କର ଏହି କାର୍ଯ୍ୟକୁ ସମସ୍ତେ ନିନ୍ଦା କରୁଥିବାବେଳେ ଏବେ କିନ୍ତୁ ଅଜଣା ମୃତଦେହ ଦେଖିଲେ ଖୋଜା ପଡୁଛନ୍ତି ଆୟୁବ। ସେ କୁହନ୍ତି, ଏକ କାର୍ କିଣିବାକୁ ଗୁନ୍ଦୁଲପେଟ ଯାଉଥିଲାବେଳେ ବାଟରେ ଗୋଟିଏ ମୃତଦେହ ଦେଖିଥିଲେ। ଏହାପରେ ସେ କାର୍ କିଣି ଫେରିବା ପର୍ଯ୍ୟନ୍ତ ସେମିତି ସେହିଠାରେ ମୃତଦେହଟି ପଡି ରହିଥିଲା। କେହି ପୋଲିସକୁ ଖବର ମଧ୍ୟ ଦେଇ ନ ଥିଲେ। ଏହାପରେ କିଛି ଚିନ୍ତା ନ କରି ଆୟୁବ ନିଜ ହାତରେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଉଠାଇ କାର୍‌ରେ ଲଦି ଅନ୍ତିମ ସଂସ୍କାର କରିଥିଲେ। ଅବଶ୍ୟ ପୋଲିସକୁ ଖବର ଦେଇ ନ ଥିବାରୁ ଏହାର ପରିଣାମ ବି ତାଙ୍କୁ ଭୋଗିବାକୁ ପଡିଥିଲା। ଆଉ ଏ କଥା ଘର ଲୋକଙ୍କୁ କହିବା ପରେ ଏମିତି ବିରୋଧର ସମ୍ମୁଖୀନ ହୋଇଥିଲେ ଯେ ଶେଷରେ ସେ ଘର ଛାଡି ବେଙ୍ଗାଲୁରୁ ଚାଲି ଯାଇଥିଲେ। ସେଠାରେ ମଧ୍ୟ ସେ ଏହି କାମ ଜାରି ରଖିଲେ। ଦିନେ ସ୍ଥିର କଲେ, ସେ ନିଜ ଗାଁକୁ ଫେରି ମା'ବାପାଙ୍କୁ ଏକଥା ବୁଝାଇବେ। ତାହା ହିଁ ହେଲା। ଆଉ ଏଥିରେ ତାଙ୍କ ମା' ସହଯୋଗର ହାତ ବଢାଇଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୨୦ ବର୍ଷ ମଧ୍ୟରେ ସେ ପାଖାପାଖି ୧୦ ହଜାର ଅଜଣା ମୃତଦେହ ସଂସ୍କାର କରି ସାରିଛନ୍ତି। ଏବେ ଆୟୁବଙ୍କର ଏହି କାମ ପାଇଁ ତାଙ୍କୁ ବହୁ ପ୍ରଶଂସା ମିଳୁଛି। ହେଲେ ଏହାକୁ ଦେଖିବାକୁ ତାଙ୍କ ନିକଟରେ ତାଙ୍କ ମା' ନ ଥିବା ସେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | 5 | | E | 4 | | | | 8 | | | | |
| | | | | | | | | 8 | | | | 2 | 3 | E |
| | | | 9 | | | 0 | | 3 | | A | | | | 5 |
| 2 | C | | | | 8 | | | 7 | 6 | D | | | 0 | |
| | | | | | | | | | | 7 | | | | |
| | D | | E | | A | | | | 7 | | | 0 | | 2 |
| C | | E | 4 | | | 5 | B | | | | | | | |
| | | | | B | | | 4 | 0 | 3 | | | | | A |
| 9 | | 5 | | | C | | 3 | | 1 | | | 7 | | |
| A | 3 | 1 | | 2 | 6 | | | | | E | D | | B | |
| | | C | A | | B | 6 | 1 | | | 4 | | 8 | | |
| 4 | | | 8 | | | | | | A | | | | | 6 |
| | 7 | 8 | | | 0 | D | E | | | | | | | 9 |
| | | A | | | 9 | | | B | 5 | 3 | | | | 7 |
| 6 | | D | | 1 | | 8 | 9 | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 9 | A | 3 | 1 | 8 | 6 | 4 | B | E | 5 | 0 | D | 7 | C |
| 5 | E | D | 7 | 6 | 4 | C | 3 | 1 | 8 | 9 | A | B | 2 | 0 |
| B | C | 6 | 2 | A | 0 | 9 | 5 | D | 4 | 7 | 3 | E | 1 | 8 |
| 7 | 8 | 3 | C | 9 | B | 2 | 0 | E | 1 | 6 | D | 4 | A | 5 |
| 1 | 0 | 4 | 5 | D | E | 7 | A | 8 | 2 | C | B | 6 | 3 | 9 |
| 3 | 1 | 0 | A | 8 | D | 5 | 7 | 9 | B | 4 | 6 | 2 | C | E |
| 9 | 7 | 2 | 1 | 4 | 3 | E | C | 6 | D | 8 | 5 | A | 0 | B |
| E | D | 8 | B | 5 | 9 | 0 | 2 | 4 | A | 3 | C | 1 | 6 | 7 |
| A | B | 5 | 6 | 0 | C | D | 1 | 3 | 7 | E | 2 | 9 | 8 | 4 |
| 4 | 6 | C | E | 2 | 7 | 8 | B | A | 0 | 1 | 9 | 5 | D | 3 |
| 6 | A | 9 | 4 | 3 | 5 | 1 | E | 0 | C | 2 | 7 | 8 | B | D |
| D | 2 | B | 9 | C | 6 | 4 | 8 | 7 | 5 | 0 | 1 | 3 | E | A |
| 8 | 5 | 1 | 0 | B | A | 3 | 9 | C | 6 | D | E | 7 | 4 | 2 |
| C | 4 | E | D | 7 | 2 | B | 6 | 5 | 3 | A | 8 | 0 | 9 | 1 |
| 0 | 3 | 7 | 8 | E | 1 | A | D | 2 | 9 | B | 4 | C | 5 | 6 |

ଗତକାଲିର ଉତ୍ତର



# ଏ ଯୁଗର ନୂଆ ଯୁଦ୍ଧାସ୍ତ୍ର

ସହଦେବ ସାହୁ

ଖବର ବା ଇନ୍‌ଫର୍ମେଶନକୁ ଯୁଦ୍ଧର ଅସ୍ତ୍ର ରୂପେ ବ୍ୟବହାର କରାଗଲାଣି ଏବଂ ଏମିତି ବ୍ୟବହାର ହେଲାଣି ଯେ ଲୋକଙ୍କ ମତ ବଦଳାଯାଇ ପାରୁଛି। ଆମେ ଜାଣିଥିଲୁ ଗ୍ରାହକର ମତ ବଦଳାଇବା ଏବଂ ନିଜ ସାମଗ୍ରୀ ପ୍ରତି ଆଗ୍ରହ ବଢ଼ାଇବା ପାଇଁ କମ୍ପାନୀମାନେ ବିଜ୍ଞାପନ ଜାରିକରନ୍ତି ଏବଂ ଦୃଶ୍ୟଶ୍ରାବ୍ୟ ମିଡିଆରେ ଜଣାଶୁଣା ଲୋକଙ୍କ ମୁହଁରେ କୁହାଇ ସେମାନଙ୍କ ସାମଗ୍ରୀର ବିକ୍ରି ବଢ଼ାନ୍ତି। ସୂଚନା (ଇନ୍‌ଫର୍ମେଶନ୍) ବା ଖବର (ନ୍ୟୁଜ୍) ଦେବା ଆଳରେ ମିଡିଆ ଯାହା ଲୋକଙ୍କୁ ଦେଖାନ୍ତି ବା ଶୁଣାନ୍ତି ତାହା ଭିତରେ ମିଛ ଓ ମନଗଢ଼ା ଖବର ଦେବା ସମ୍ଭବ। ଏ ପ୍ରଚେଷ୍ଟା ପ୍ରବଳ ବେଗରେ ବଢ଼ୁଛି।

ଏବେ ତିନି ସପ୍ତାହ ହେଲା ଚାଲୁଥିବା ହଂକଂର ପ୍ରତିବାଦ ଅଭିଯାନ ସମ୍ପର୍କରେ ମନଗଢ଼ା ଖବର ଚାଇନା ପ୍ରଚାର କରୁଛି, କହିବାରେ ଲାଗିଛି ଯେ ପ୍ରତିବାଦକାରୀମାନେ ପାଶ୍ଚାତ୍ୟ ଦେଶ ଓ ହିଂସାବାଦୀମାନଙ୍କ ଏଜେଣ୍ଟ ଭାବେ କାମ କରୁଛନ୍ତି। ହଂକଂର ଲୋକଙ୍କ ସ୍ୱାଧୀନତା ପ୍ରତି ଏହା ଏକ ବିପଦ ବୋଲି ଚାଇନା ସୋସିଆଲ ମିଡିଆରେ କହୁଛି। କେହି କେଉଁଠି ପଡି ଖଣ୍ଡିଆଖାବରା ହେଲେ ତାହା ପ୍ରତିବାଦକୁ ଉସୁକାଉଥିବା ବିଦେଶୀଙ୍କ ଯୋଗୁ ହୋଇଛି ବୋଲି ପ୍ରଚାର କରୁଛି। ପ୍ରାୟ ପାଖାପାଖି ଦୁଇଲକ୍ଷ ଆକାଉଣ୍ଟ ଜରିଆରେ ଚାଇନା ଏଭଳି ମନଗଢ଼ା ଖବର ପ୍ରକାଶ କରୁଛି। ଯେତେବେଳେ ୧୯୯୭ରେ ବ୍ରିଟିଶ୍ ଶାସନରୁ ଚାଇନାକୁ ହଂକଂର କଣ୍ଟ୍ରୋଲ ଗଲା, ସର୍ତ୍ତ ଥିଲା ୨୦୪୭ ପର୍ଯ୍ୟନ୍ତ ହଂକଂରେ ଦ୍ୱୈତ ବ୍ୟବସ୍ଥା ଚାଲିବ; ଚାଇନା ଅଧୀନରେ ଥିଲେ ବି ସ୍ୱାୟତ୍ତଶାସନ ରହିବ। ବେଜିଂରେ କେହି ସରକାର ବିରୋଧରେ କହିପାରିବେ ନାହିଁ କିମ୍ବା ଗଣତନ୍ତ୍ର କଥା ଉଠାଇପାରିବେ ନାହିଁ କିନ୍ତୁ ହଂକଂରେ କରିପାରିବେ। ହଂକଂର ଏ ପ୍ରକାର ଗଣତନ୍ତ୍ର (କ୍ୱାସାଇ ଡେମୋକ୍ରାସି) କାଳେ ବ୍ୟାପିବ ତାହା ବେଜିଂକୁ ଡରାଉଛି। ଏ ବର୍ଷ ଚାଇନା ଚାହିଁଲା ହଂକଂ ଏକ ପ୍ରତ୍ୟର୍ପଣ ଚୁକ୍ତି କରୁ, ଉଦ୍ଦେଶ୍ୟ ଚାଇନା-ହଂକଂ ମିଶ୍ରଣକୁ ବିରୋଧ କରୁଥିବା ବା ଚାଇନାରେ ଗଣତନ୍ତ୍ର ନାହିଁ ବୋଲି କହୁଥିବା ନେତାଙ୍କୁ ବିଭିନ୍ନ ଅପରାଧ ଦ୍ୱାହିରେ ଚାଇନାକୁ ନେଇ ଛେଚିପାରିବ। ହଂକଂବାସୀଙ୍କ ନାଗରିକ ଅଧିକାର ଉପରେ ଚାଇନା ନିଜ କଣ୍ଟ୍ରୋଲ ଦୃଢ଼ କରୁଛି ବୋଲି ଲୋକେ ବିଲ୍ ବିରୋଧରେ ପ୍ରତିବାଦ କଲେ। ଏ ପ୍ରତିବାଦ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚାଇନା ସୂଚନାବିଦ୍ୟାକୁ ଅସ୍ତ୍ର ରୂପେ ବ୍ୟବହାର କରୁଛି।

ପାକିସ୍ତାନ ତା'ର ନାଗରିକ ଓ ପ୍ରବାସୀ ପାକିସ୍ତାନୀମାନଙ୍କ ଜରିଆରେ କଶ୍ମୀରର ୩୭୦ ଧାରା ଉଚ୍ଛେଦକୁ ଏକ ଅନ୍ତର୍ଜାତୀୟ ତଥା ମାନବିକ-ଅଧିକାର ଉଲ୍ଲଂଘନ ସମସ୍ୟା ରୂପେ ସୋସିଆଲ୍ ମିଡିଆରେ କହିଚାଲିଛି। ୨୦୧୯ର ଲୋକ ସଭା ପୂର୍ବରୁ ମୋଦିଙ୍କ ଉପରେ ବହୁତ ଅପପ୍ରଚାର ଚଳାଇଥିଲା। ମିଛ ଖବରର ଉତ୍ସରୂପେ କାମ କରୁଥିବା ଗୁଡାଏ ପିଆର୍ (ପବ୍ଲିକ୍ ରିଲେସନ୍ସ) କମ୍ପାନୀ ଏବଂ ଲବି କରୁଥିବା ପେସାଦାର କମ୍ପାନୀଙ୍କୁ ପାକିସ୍ତାନ ସରକାର ତଥା ପ୍ରବାସୀ ପାକିସ୍ତାନୀମାନେ ପଇସାପତ୍ର ଦେଇ ଏ କାମରେ ଲଗାଇଉଛନ୍ତି। ସୂଚନାକୁ ଯୁଦ୍ଧାସ୍ତ୍ରରୂପେ ବ୍ୟବହାର କରିବାର ଏ ହେଲା ପ୍ରଥମ ପଦକ୍ଷେପ। ପରବର୍ତ୍ତୀ ସ୍ତର ହେଉଛି- କିପରି ଭାବରେ ସୂଚନାଗୁଡିକ ଲୋକମତକୁ ପ୍ରଭାବିତ କରିପାରିବ ତା' ଉପରେ ନିୟନ୍ତ୍ରଣ ଜାହିର କରିବା। ଅର୍ଥାତ୍ ଜନମତକୁ ହାତେଇବା। ଏବେ କଶ୍ମୀରରେ ଯୋଗାଯୋଗ ବନ୍ଦ କରିବା ଏକ କମ୍ୟୁନିକେଶନ ବ୍ଲାକ୍‌ଆଉଟ ନ କହି 'ଲୋକଙ୍କ ବାକ୍ ସ୍ୱାଧୀନତାକୁ ମୋଦି ସରକାର ଦଳିଦେଉଛନ୍ତି' ବୋଲି ପ୍ରଚାର ହେଉଛି। ଏମିତି ବ୍ଲାକ୍‌ଆଉଟ ଆଫ୍ରିକାରେ ଏକ ସାଧାରଣ କଥା। ୨୦୧୬ରୁ ୨୦୧୮ ଭିତରେ ବିଶ୍ୱରେ ଇଣ୍ଟରନେଟ-ବନ୍ଦ ବ୍ୟବସ୍ଥା ଦୁଇଗୁଣ ହୋଇଯାଇଛି। ହଂକଂରେ ପ୍ରତିବାଦକାରୀଙ୍କ ପ୍ରତିବାଦର ଅଗ୍ରଗତି ବିଷୟରେ ଜଣାଇବାର ଇଣ୍ଟରନେଟ୍ ପ୍ରୋଗ୍ରାମ 'ଟେଲିଗ୍ରାମ୍'କୁ ଚାଇନା ସରକାର କେବଳ ବନ୍ଦ କରିନାହାନ୍ତି ତାକୁ କଣ୍ଟ୍ରୋଲ କରିନେଇଛନ୍ତି, ତାହା ଜରିଆରେ ମନଗଢା ଖବର ବିତରଣ କରିବାରେ ଲାଗିପଡିଛନ୍ତି। ତେଣୁ ଚାଇନା ଅଧିବାସୀମାନେ ଟେଲିଗ୍ରାମ୍ ଜରିଆରେ ହଂକଂ ଲୋକଙ୍କର ପ୍ରତିବାଦ ସ୍ୱର ଜାଣୁନାହାନ୍ତି, ବରଂ ତା' ବିରୋଧରେ ଖବର ପାଉଛନ୍ତି ଯେ ପାଶ୍ଚାତ୍ୟ ଦେଶମାନେ ଏବଂ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଲୋକେ ଏ ପ୍ରତିବାଦ ଶୋଭାଯାତ୍ରାକୁ ଉସୁକାଉଛନ୍ତି।

ଏବେ ସମସ୍ତେ ଜାଣନ୍ତି- ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୈଦେଶିକ ନୀତି ଘୋଷଣା ନଥିପତ୍ରରେ ଉଲ୍ଲେଖ କରିବା ପରିବର୍ତ୍ତେ ଟୁଇଟର୍‌ରେ ଜଣାଉଛନ୍ତି। ଟୁଇଟର୍ ଟ୍ରମ୍ପଙ୍କ 'ଡି ଫାକ୍ଟୋ ମାଉଥ୍‌ପିସ୍, ଅର୍ଥାତ୍ ଆମେରିକା ସରକାରଙ୍କ ବୈଦେଶିକ ନୀତିର ମୁଖପତ୍ର ହୋଇପଡିଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ଯେଉଁ ମିଡିଆ ନାଗରିକମାନଙ୍କ ମତ ବ୍ୟକ୍ତ କରିବାର ସ୍ୱାଧୀନତାକୁ ଟେକି ଧରିବା କଥା ସେଗୁଡିକ ତ ରାଜନୈତିକ ବ୍ୟବସ୍ଥାର ଅଙ୍ଗ ହୋଇଯାଉଛନ୍ତି, ତାକୁ ସୋସିଆଲ ମିଡିଆ ଇତସ୍ତତଃ କରିଦେଉଛି।

ସୂଚନାକୁ ଅସ୍ତ୍ର କରିବାର ତୃତୀୟ ସ୍ତର ତ ଆହୁରି ଖରାପ। ଏବେ ତ ଖୋଜାଖୋଜି କରି ଚୋରି କରି ଡାଟା ନେବା ସାଧାରଣ କଥା ହୋଇଗଲାଣି। ଖଣି ଖୋଳି ଖଣିଜପଦାର୍ଥ ଉଠାଇବା ଯେପରି ଏକ ପେସା, ଡାଟା ମାଇନିଂ (ତଥ୍ୟ ଖୋଜିବା) ଏକ ପେସା ହୋଇଗଲାଣି। ସେ ପେସାରେ କାମ କରୁଥିବା କେମ୍ବ୍ରିଜ୍ ଆନାଲିଟିକା କ୍ଲିଣ୍ଟନ୍ ବଦଳରେ ଟ୍ରମ୍ପଙ୍କୁ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଜିତାଇ ଦେଲା ବୋଲି ଆମେ ଶୁଣୁଛୁ। ମୋର ବ୍ୟକ୍ତିଗତ ଡାଟା ସବୁ ସଂଗ୍ରହ କରି ବା ଚୋରି କରି ପେସାଦାର ବିଶ୍ଳେଷଣକାରୀମାନେ କହିଦେବେ ମୁଁ କେଉଁଆଡେ ଢଳୁଛି ବା ମୋର ମାନସିକତା କିପରି, ଯିଏ ମୋତେ ତା' ସପକ୍ଷରେ ନେବାକୁ ଚାହୁଁଛି ଯଦି ସେ ମୋ ଡାଟାରୁ ଦେଖିଲା ମୁଁ ତାକୁ ସମର୍ଥନ କରିବି ସେ ଖୁସି ହେବ, କିଛି କରିବ ନାହିଁ। ଯଦି ପେସାଦାର ସଂସ୍ଥା ଜାଣିଲା ମୋ ମତ ଭିନ୍ନ, ତାକୁ ବଦଳାଇବା ପାଇଁ ମୁଁ ପସନ୍ଦ କରୁଥିବା ମେସେଜ୍ ମାନ ଦେଇ ମୋତେ ତା' ଦଳ ବା ଗ୍ରୁପ୍‌ରେ ରଖିବାକୁ ଚାହିଁବ, ମୋତେ ତା' ଆଡକୁ ଢଳିବାର ବ୍ୟବସ୍ଥା ରୂପେ ପ୍ରଥମେ ମୋ ସାଙ୍ଗମାନଙ୍କୁ ଖୋଜିବ, ସେମାନଙ୍କ ସୋସିଆଲ ମିଡିଆ ବାଟେ ମୋ ଉପରେ ପ୍ରଭାବ ପକାଇବ। ତିନି ତୁଣ୍ଡରେ ଛେଳି କୁକୁର ହେଲା ଭଳି ମୁଁ ଭାବିବି ବୋଧହୁଏ ସେମାନେ ସତ କହୁଛନ୍ତି, ସେଇଟା କୁକୁର ହୋଇଥିବ, ଅନ୍ତତଃ କୁକୁର ଶବ୍ଦ ଲଗାଇଲେ ଅନ୍ୟମାନେ ମୋ ମତର ଛେଳି ବୋଲି ବୁଝିବେ। ଏମିତି ବାର ଆଡୁ ମୋ ପାଖକୁ ମେସେଜ ଆସିଲେ ଦିନେ ନା ଦିନେ ମୋ ଭଳି ଲୋକର ମତ ପରିବର୍ତ୍ତନ କରି ତାକୁ ସମର୍ଥକ କରିପାରିବ। ମନଗଢ଼ା ସୂଚନା ଏମିତି ମତ ତିଆରି କରିଥାଏ ବା କରି ଚାଲିଥାଏ। ଅନ୍ୟର ମତ ବଦଳାଇ ନିଜପକ୍ଷକୁ ନେବାର ମନସ୍ତତ୍ତ୍ୱ ବିଦ୍ୟା ହାସଲ କରିଥିବା ବିଶାରଦମାନେ ଏ କାମ କରିଥାନ୍ତି।

ଆଇବିଏମ୍‌ର ହିସାବ ଅନୁଯାୟୀ ପ୍ରତିଦିନ ୨.୫ କ୍ୱିଣ୍ଟିଲିଅନ୍ (୧ପରେ ୧୮ଟି ଶୂନ) ବାଇଟ୍ ଡାଟା ତିଆରି ହେଉଛି। ମୁଁ ସାଙ୍ଗମାନଙ୍କ ସହିତ କିପରି କଥା ହେଉଛି, ଲୋକଙ୍କ ସହିତ କିଭଳି କଥାବାର୍ତ୍ତା କରୁଛି ଏବଂ କମ୍ପାନୀମାନଙ୍କ ସହିତ କିପରି ବ୍ୟବହାର କରୁଛି- ଅନ୍‌ଲାଇନ୍‌ରେ ହେଉଥିବା ଏସବୁ ଆଳାପକୁ ଡାଟା ବେସ୍‌ରେ ରଖି କମ୍ପାନୀମାନେ ମୋର ସ୍ୱଭାବକୁ ବା ମାନସିକତାକୁ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଏହାକୁ କୁହାଯାଉଛି ହାଇପର ନଜିଂ, ନଜ୍ ମାନେ ଉଖୁରେଇଦେବା, ବାହାର କରିଦେବା। ଅର୍ଥାତ୍ ଚିନ୍ତାଧାରାର ଟିକି ଟିକି ଅଣୁକୁ କାଢି ନୂଆ ନୂଆ ଅଣୁ ପୂରାଇବା। କାଲି ଆମେ ଯେଉଁ କଥା ବିଶ୍ୱାସ କରୁ ନ ଥିଲୁ ବିଭିନ୍ନ ସୂତ୍ର ଜରିଆରେ ଆମକୁ ଜଣାଇ ଆମକୁ ସେଗୁଡିକ ଉପରେ ବିଶ୍ୱାସ ଜନ୍ମାଇ ନିଅନ୍ତି। ଆମକୁ କ'ଣ ଭଲ ଲାଗୁଛି ତାହା ଜରିଆରେ ଆମ ମନ ଭିତରେ ପଶିବାକୁ ଚେଷ୍ଟା କରନ୍ତି। ଗୋଟିଏ କଥାକୁ ବାରମ୍ବାର ଶୁଣିଲେ ଏବଂ ବିଭିନ୍ନ ଲୋକଙ୍କଠାରୁ ଶୁଣିଲେ- ଯାହାକି ସୋସିଆଲ ମିଡ଼ିଆ କରୁଛି- ଲୋକଟିର ମତ ନୂଆ ହୋଇଯାଏ। ଅସଂଖ୍ୟ ଉପାୟରେ ଏଭଳି ମାନିପୁଲେଶନ କରାଯାଇପାରେ। ଯେତେବେଳେ ପାୱାର ଡାଇନାମିକ୍ସକୁ ବଦଳାଇବାକୁ ନେତାମାନେ ଚାହାନ୍ତି ସେମାନେ ଏମିତି ଆଇନକୁ ଆଖିମିଟିକା ମାରୁଥିବା ବ୍ୟତିକ୍ରମ, ଲିଗାଲ ଭାକ୍ୟୁମ୍‌ର ସୁବିଧା ନେଇ ଜନମତ ସୃଷ୍ଟି କରଥାନ୍ତି। ଖବରକୁ ଯୁଦ୍ଧର ଅସ୍ତ୍ର କରୁଥିବା ଲୋକଙ୍କ ବିରୋଧରେ ଯଦି ଆମେ ସ୍ୱର ଉତ୍ତୋଳନ କରିବା ତେବେ ତ ଆମକୁ ସେହି ସୂଚନା-ଅସ୍ତ୍ର ବ୍ୟବହାର କରିବାକୁ ପଡିବ। ତେଣୁ ପ୍ରତି ସୋସିଆଲ ମିଡିଆର ସନ୍ଦେଶ ଭିତରେ କେତେ ମିଛ କେତେ ସତ ଅଛି ଜଣେଇବାର ସଫ୍ଟୱେର ବିକାଶ କରିବାର ଗୋଷ୍ଠୀଟିଏ ଦରକାର। ସୂଚନାଟି ସତକି ମିଛ ତାକୁ ଯାଞ୍ଚ କରିବାର ସମୟ କାହା ପାଖରେ ନାହିଁ। ଅଜାଣତରେ ଅଚେତନ ଅବସ୍ଥାରେ ବି ପାଉଥିବା ସନ୍ଦେଶକୁ ପ୍ରହିତ କଲା ଭଳି ଅବସ୍ଥାକୁ ଆସିବାକୁ ହେଲେ ଏପରି ସଂସ୍ଥା ଓ ସଫ୍ଟୱେର ଗଢିବାକୁ ପଡିବ, ଯାହା ସନ୍ଦେଶ ପାଇଲା କ୍ଷଣି ତତ୍‌କ୍ଷଣାତ୍ ସତ୍ୟାସତ୍ୟ ସୋସିଆଲ୍ ମିଡିଆରେ ବିଛୁରିତ କରିବ। ବହୁତ ଲୋକ ଜଣକୁ ଖରାପ କରିଦେଇପାରନ୍ତି, କିନ୍ତୁ ଜଣେ ବହୁତ ଲୋକଙ୍କୁ ଠିକ୍ କରିପାରିବ ନାହିଁ।

ଇମେଲ୍: sahadevas@yahoo.com



# କାଣୀ ବିରାଡ଼ି ଓ କୁଜି ଅସରପା

ମମତା ଶୁକ୍ଳା

ବର୍ତ୍ତମାନ କଲେଜଗୁଡ଼ିକରେ ଆଡ୍‌ମିଶନ ଶେଷ ହୋଇ ପଢ଼ା ଆରମ୍ଭ ହୋଇଗଲାଣି। ଅସୁମାରି ସ୍ୱପ୍ନକୁ ନେଇ ନୂଆ ଦୁନିଆରେ ପାଦ ଥାପିବା ବେଳେ ବି ଅଜଣା ଭୟରେ ଆତଙ୍କିତ ପିଲାମାନଙ୍କ ମନ। ର୍ୟାଗିଂ ହିଁ ଏହି ଆତଙ୍କର ମୁଖ୍ୟ କାରଣ । ଅଳ୍ପ କିଛି ଜାଣିଲେ ବା ଅନୁଭବ କଲେ ଅନେକ କିଛି ଜାଣିଥିବାର ଅହଂ ଏ ବୟସର ଏକ ସ୍ୱଭାବସୁଲଭ ଗୁଣ। ଏହି ଗୁଣ ଯୋଗୁ ଅଭିଭାବକଙ୍କ ଉପଦେଶକୁ ଅଣଦେଖା କରିବା, ମିଛକହିବା, ନିଜକୁ ଦୋଷୀ ଭାବି ଭୟରେ ଅନେକ କିଛି ଗୋପନ ରଖିବା ଇତ୍ୟାଦି ସେମାନଙ୍କୁ ଅବାଟକୁ ନେଇଯାଏ। ଅଭିଭାବକଙ୍କ ନିଷ୍କ୍ରିୟତା ଯୋଗୁ ଠିକ୍ ଦଗ୍‌ଦର୍ଶନ ନ ପାଇ ଭୁଲ୍ ମାର୍ଗରେ ବି ପରିଚାଳିତ ହୋଇଥାନ୍ତି ସେମାନେ। ବହୁତ କିଛି ଅସାଧ୍ୟ ସାଧନ କରିପାରିବାର ଭାବନା ରଖୁଥିବା ଚଞ୍ଚଳମନ ଏବଂ ସେଇ ମାପରେ ସେମିତି କିଛି କରି ନ ପାରିବାର ହତାଶାବୋଧ କେତେକଙ୍କୁ କ୍ରୁଦ୍ଧ କରିଦିଏ ତ ଆଉ କେତେକଙ୍କୁ କରିଦିଏ ହତୋତ୍ସାହ। ଆଉ କ୍ରୁଦ୍ଧମାନେ କ୍ରୋଧ ପ୍ରଶମିତ କରିବାକୁ ପାଇଯାଆନ୍ତି ଆଧାର ହତୋତ୍ସାହମାନଙ୍କ ଚାହାଣିରୁ। ବୋଧହୁଏ ଏଇ ମାନସିକତାରୁ ର୍ୟାଗିଂ ସଂସ୍କୃତିର ସୃଷ୍ଟି। ପରିବାରର ସାନ୍ନିଧ୍ୟଜନିତ ଅଭାବବୋଧ ବି ଉଭୟ ଗୋଷ୍ଠୀଙ୍କ ମାନସିକତାକୁ ହଲ୍‌ଚଲ୍ କରିବାର ଏକ ପରୋକ୍ଷ କାରଣ ହୋଇପାରେ। ହଷ୍ଟେଲ ଜୀବନର ସତମିଛ ରାଗରୁଷା, ହାସପରିହାସ ହଷ୍ଟେଲ ପରବର୍ତ୍ତୀ ଜୀବନକୁ ସ୍ମୃତିରଞ୍ଜିତ କରିଥାଏ। କେବଳ ଆମୋଦପ୍ରମୋଦ ପାଇଁ କରାଯାଉଥିବା ନିରୋଳା କୌତୁକ ସହିତ ଜୋରଜବରଦସ୍ତ କରାଯାଉଥିବା ର୍ୟାଗିଂର ଭୟଙ୍କର ରୂପ କଦାପି ତୁଳନୀୟ ନୁହେଁ। ବରିଷ୍ଠ ଛାତ୍ରମାନଙ୍କର କନିଷ୍ଠମାନଙ୍କ ପ୍ରତି ଅନୁଶାସନ ସୀମା ଲଂଘନ ନ କରିବା କଥା ଏବଂ କନିଷ୍ଠମାନଙ୍କର ବରିଷ୍ଠମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନରେ ଭ୍ରାତୃସୁଲଭ ସ୍ନେହଶ୍ରଦ୍ଧା ପରିଦୃଷ୍ଟ ହେଉଥିବା ଦରକାର। ବିଭିନ୍ନ କାରଣରୁ ବେଳେବେଳେ ଏଇ ଛୋଟଛୋଟ ହସଗମାତ ଅଣାୟତ୍ତ ରୂପ ଧାରଣ କରିନେଇଥାଏ। ବଡ଼ ବଡ଼ ଅନୁଷ୍ଠାନରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ଅଭାବ ଏମାନଙ୍କୁ ସୁହାଏ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଇ ଦୁଇ ପ୍ରକାର ଗୋଷ୍ଠୀ ମଧ୍ୟରେ ସଂଘାତ ହେତୁ ଅନେକ ନିରୀହ ବହୁ ସମୟରେ ବଳି ପଡିଆସୁଛନ୍ତି। ପ୍ରତିବର୍ଷ କେଉଁଠି ନା କେଉଁଠି କିଛି ଛାତ୍ର ମୃତ୍ୟୁକୁ ଆଦରି ନେଉଛନ୍ତି, କିଛି ମାନସିକ ସନ୍ତୁଳନ ହରାଉଛନ୍ତି ତ ଆଉ କିଛି ଅନୁଷ୍ଠାନ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଅନେକ କଡ଼ା ଅନୁଶାସନ ତିଆରି କରି ମୁରବିମାନେ ନିଜ କର୍ତ୍ତବ୍ୟ ସଂପାଦନ କରିବା ସତ୍ତ୍ୱେ ପ୍ରତିବର୍ଷ ଏପରି ଘଟଣାମାନ ଘଟିଚାଲିଛି। ଆଉ ଆମେ ଅଭିଭାବକମାନେ ପିଲାଙ୍କୁ ବଡ଼ମଣିଷ କରିବାର ମନ ନେଇ ସେମାନଙ୍କୁ ଜୋରଜବରଦସ୍ତ ଖୁଆଡ଼ରେ ଭର୍ତ୍ତିକରି ବର୍ଷ ଗଣିବାରେ ଲାଗୁଛୁ।

ଏଇ ଦୌଡ଼ରେ କେବେ ବି ଲକ୍ଷ୍ୟ କରୁନୁ ଆମ ପିଲାର କ'ଣ ଅସୁବିଧା ହେଉଛି। ସେ ବିଷୟରେ ଚିନ୍ତା ବି କରୁନୁ। ମନକୁ ଆସିଲେ ବି ଅଣଦେଖା କରୁଛୁ। ଆଖି ଆଗକୁ ଚାଲିଆସୁଛି ଆମର ନିବେଶ ପାଣିରେ ପଡିଯିବାର ଆଶଙ୍କା କିମ୍ବା ପରିଚିତ ମହଲରେ ନ୍ୟୂନ ପଡିଯିବାର ଭୟ। ତୁଚ୍ଛା ଭ୍ରମ। ର୍ୟାଗିଂ କିମ୍ବା ଅନ୍ୟାନ୍ୟ ଅସୁବିଧା କଥା ପିଲାଟି ନିଶ୍ଚୟ ଜଣାଏ। କିନ୍ତୁ ଆଡ୍‌ମିଶନ ସରିଲାଣି, ଯେକୌଣସି ମତେ ଆଡ୍‌ଜଷ୍ଟ କରି ରହିବାକୁ ବାଧ୍ୟ କରି କିମ୍ବା ପାଠ ପଢିବାର ଅନିଚ୍ଛା ଯୋଗୁ ବାହାନା କରୁଛି କହି, ତା' ଅଭିଯୋଗକୁ ଅଣଦେଖା କରନ୍ତି ଅନେକ ଅଭିଭାବକ। ଏପରି ମାଆବାପାଙ୍କୁ ଦେଖିଲେ ଭାବେ, ସତରେ କ'ଣ ଏମାନେ ଅନୁଭବ କରି ପାରନ୍ତି ନାହିଁ ତାଙ୍କ ପିଲାଟିର ପ୍ରତିଟି ରାତି କେତେ ଆତଙ୍କରେ ପାହୁଛି, ସକାଳ କେତେ କଷ୍ଟରେ ବିତୁଛି? ଏମିତି ଅବସ୍ଥାରେ ଆମେ ଅଜାଣତରେ ତାକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରୁନେ ତ! ଆମେ ତାକୁ ମାନସିକ ଅବସାଦ ଆଡ଼କୁ ଠେଲି ଦେଉନେ ତ! ଆଖି ଆଗରେ ଏପରି ଘଟଣାମାନ ଦେଖିଆସୁଥିବାରୁ ମନ ଉଦ୍‌ବେଳିତ ହୁଏ। ପ୍ରତିବର୍ଷ ପରୀକ୍ଷା ଫଳ ପ୍ରକାଶ ଓ ନାମଲେଖା ପର୍ବ ଆରମ୍ଭ ହେଲାମାତ୍ରେ ମନରେ ଛନକା ପଶେ। ଏବର୍ଷ ପୁଣି କିଛି ନିରୀହ, ନିଷ୍ପାପ ଶିକାର ହେବାକୁ ଯାଉନାହାନ୍ତି ତ! ବୈଷୟିକ ଅନୁଷ୍ଠାନଗୁଡ଼ିକର ଛାତ୍ରମାନଙ୍କଠାରୁ ଶୁଣିଛି- 'ର୍ୟାଗିଂ ଏକ ସାଧାରଣ ଅଲିଖିତ ନିୟମ। ଯେହେତୁ ଆମେ ସହିଛୁ, ତେଣୁ ଜୁନିୟରଙ୍କୁ ର୍ୟାଗିଂ କରିବା ଆମର ହକ୍।' ଅର୍ଥାତ୍ କାଣୀ ବିରାଡ଼ି କୁଜି ଅସରପା ଉପରେ ରଜା। ପରମ୍ପରା ପରି ଏହା ଗଡି ଚାଲିଛି। ଆମେ କ'ଣ ତା'ର ଅନ୍ତ କରିବାକୁ ଚାହୁଁନୁ! ଏମିତି ପରିସ୍ଥିତିରେ ନିଜ ସନ୍ତାନମାନଙ୍କୁ ହରେଇଥିବା ମାତାପିତାଙ୍କ ବିଳାପ କାହାରି ହୃଦୟକୁ ଛୁଇଁପାରୁନି? ପିଲାମାନଙ୍କୁ ହଷ୍ଟେଲ୍‌ରେ ଛାଡି ପଢ଼ା ସାରି ଘରକୁ ଫେରିବା ଯାଏ ନାନା ଆଶା-ଅଶଙ୍କାରେ ଦିନ ବିତାଉଥିବା ମା'ବାପାଙ୍କ ଦୁଃଖକୁ କ'ଣ କେହି ଅନୁଭବ କରିପାରୁନାହାନ୍ତି? ଆମେ କ'ଣ ଆମ ପିଲାଙ୍କର ସମସ୍ୟା ଶୁଣି ଉପଯୁକ୍ତ ପଦକ୍ଷେପ ନେଇପାରିବାନି, ମାର୍ଗ ବଦଳାଇ ପାରିବାନି! ଆମ ଅମଣିଆ ସନ୍ତାନମାନଙ୍କୁ ନିଷ୍ଠୁରତାପୂର୍ଣ୍ଣ ଆଚରଣରୁ କ'ଣ ନିବୃତ୍ତ କରାଇ ପାରିବା ନାହିଁ? ସନ୍ତାନର ପୂର୍ବ ପ୍ରସ୍ତୁତି କେବଳ ସ୍ପୋକନ୍ ଇଂଲିସ୍, ସମର୍ କୋର୍ସ, ଦକ୍ଷତା ବିକାଶ ତାଲିମ୍‌ରେ ସୀମିତ ନ ରଖି ସଂସ୍କାର ଦ୍ୱାରା ଚରିତ୍ରର ଉପଯୁକ୍ତ ଶୋଧନ କରିବାର ଆବଶ୍ୟକତା ରହିଛି।

ଶିକ୍ଷାନୁଷ୍ଠାନର ମୁରବିମାନେ ନିଜକୁ କେବଳ ଉତ୍ତମ ମାନର ଶିକ୍ଷାଦାନ ପାଇଁ ଉତ୍ତରଦାୟୀ ନ ଭାବି ପିଲାଙ୍କର ସୁରକ୍ଷା ପାଇଁ ଘନଘନ ପ୍ରତ୍ୟକ୍ଷ ତଦାରଖ କରିବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ଭାବିବା ଦରକାର। ସେମାନଙ୍କ ହାତରେ ଗୁଡିଏ ଅମୂଲ୍ୟ ରତ୍ନ ମାଳାରେ ଗ୍ରଥିତ ହେବା ପାଇଁ ଅପେକ୍ଷାରତ। ପ୍ରତ୍ୟେକଟି ଅମୂଲ୍ୟ। ଖସିପଡିଲେ କ୍ଷତି ଦେଶର, ଜାତିର, ସମାଜର, ଆପଣଙ୍କର ଓ ଆମ ସମସ୍ତଙ୍କର। ବାକି ମାତାପିତାଙ୍କ କଥା କ'ଣ କହିବା?

ଗୋପବନ୍ଧୁଛକ, ବୁର୍ଲା, ମୋ- ୯୯୩୮୯୮୧୪୬୮

# ମ୍ୟାଲେରିଆ ନିରାକରଣ

ସୁନୀତା ଶତପଥୀ

ଭାରତ ମ୍ୟାଲେରିଆ ବିରୋଧରେ ଯୁଦ୍ଧ ଜିତି ଆସୁଛି, କିନ୍ତୁ ଯୁଦ୍ଧ ଶେଷ ହେବାର ନାଁ ଧରୁନି। ଅନେକ ରୋଗ ମଶା ଦ୍ୱାରା ସଂକ୍ରମିତ ହୋଇଥାଏ। କିନ୍ତୁ ସେଗୁଡ଼ିକ ମଧ୍ୟରେ ମ୍ୟାଲେରିଆ ସବୁଠାରୁ ବିପଜ୍ଜନକ। ଏହି ରୋଗର ନିରାକରଣ ପାଇଁ ଭାରତ ନିୟତ ପଦକ୍ଷେପ ନେଉଥିବାରୁ ମ୍ୟାଲେରିଆଜନିତ ମୃତ୍ୟୁ ଦୁଇତୃତୀୟାଂଶ ହ୍ରାସ ପାଇବା ସହ ଏହି ରୋଗ ସଂକ୍ରମଣ ୫୦ ପ୍ରତିଶତ ହ୍ରାସ ପାଇଛି। ଭାରତ ହେଉଛି ଏକମାତ୍ର ଦେଶ ଯିଏ ମ୍ୟାଲେରିଆଜନିତ ବୋଝ ୨୪ ପ୍ରତିଶତ କମାଇପାରିଛି ଏବଂ ଏହାର ସ୍ଥାନ ଆଉ ସବୁଠୁ ଅଧିକ ମ୍ୟାଲେରିଆପୀଡ଼ିତ ତିନୋଟି ଦେଶ ଭିତରେ ନାହିଁ। ଓଡ଼ିଶା ସରକାର ମଧ୍ୟ ଉଲ୍ଲେଖନୀୟ ଭାବେ ଏହି ରୋଗର ନିରାକରଣ, ନିଦାନ ଓ ଚିକିତ୍ସାରେ ସଫଳ ହୋଇପାରିଛି।

୨୦୧୭ରେ ଭାରତରେ ମ୍ୟାଲେରିଆ ରୋଗୀ ସଂଖ୍ୟା ଡେଙ୍ଗୁ ତୁଳନାରେ ଚାରିଗୁଣ ଅଧିକ ଥିଲା ଏବଂ ଓଡ଼ିଶାରେ ୪୧ ପ୍ରତିଶତ ସଂକ୍ରମଣ ଘଟିଥିବା ବେଳେ ୧୨ ପ୍ରତିଶତ ମୃତ୍ୟୁବରଣ କରିଥିଲେ। ଅଧିକାଂଶ ମ୍ୟାଲେରିଆ ସଂକ୍ରମଣ ଘଟିଥାଏ କେନ୍ଦ୍ର ଓ ଉତ୍ତରପୂର୍ବ ଭାରତର ଆଦିବାସୀ ଅଞ୍ଚଳ, ଜଙ୍ଗଲ ଅଞ୍ଚଳ ଓ ଗ୍ରାମାଞ୍ଚଳରେ। ଚିକିତ୍ସା ପାଇଁ ଏହିସବୁ ଅଞ୍ଚଳର ଗରିବ ଲୋକମାନଙ୍କ ଉପରେ ମଧ୍ୟ ଅନେକ ଆର୍ଥିକ ବୋଝ ପଡ଼େ। ମ୍ୟାଲେରିଆବିରୋଧୀ ଯୁଦ୍ଧରେ ଭାରତ ଅନେକ ସଫଳତା ହାସଲ କରିଥିଲେ ମଧ୍ୟ ଏ ଯୁଦ୍ଧର ପରିସମାପ୍ତି ଘଟିପାରୁ ନାହିଁ। ଭାରତ ଯେମିତି ପୋଲିଓମୁକ୍ତ ଦେଶ ହୋଇପାରିଛି, ସେମିତି ପ୍ରଧାନମନ୍ତ୍ରୀ ମୋଦି ୨୦୧୫ରେ ୧୭ଟି ଆଞ୍ଚଳିକ ନେତାଙ୍କ ସହ ସାମିଲ ହୋଇ ୨୦୩୦ ସୁଦ୍ଧା ସମଗ୍ର ଏସିଆ ମହାଦେଶକୁ ମ୍ୟାଲେରିଆମୁକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ମ୍ୟାଲେରିଆ ନିରାକରଣ ପାଇଁ ୨୦୧୭ରେ ଏକ ପାଞ୍ଚବର୍ଷିଆ ଯୋଜନା କରି ୨୦୨୨ ସୁଦ୍ଧା ଦେଶର ୫୭୧ଟି ଜିଲାକୁ ମ୍ୟାଲେରିଆମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଦେଶ ମ୍ୟାଲେରିଆବିରୋଧୀ ଲଢ଼େଇରେ ସାମିଲ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ମଧ୍ୟ ଏଥିରେ ସରକାରଙ୍କୁ ସହଯୋଗ କରିବା ଆବଶ୍ୟକ। ଏଥିପାଇଁ ଆମକୁ ନିଜର ଅଭ୍ୟାସ ବଦଳାଇବାକୁ ହେବ, ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ହେବ, ମଶା-ନିବାରକ ବ୍ୟବହାର କରି ସନ୍ଧ୍ୟା ସମୟରେ ଘରେ ରହିବାକୁ ହେବ, ଫୁଲ୍ ପ୍ୟାଣ୍ଟ, ଶାର୍ଟ ଓ ଜୋତା ପିନ୍ଧିବାକୁ ହେବ, ରାତିରେ ମଶାରି ଟାଣି ଶୋଇବାକୁ ହେବ।

ମୋ-୯୮୧୯୦୯୩୭୬୯, sunita@thinktankmsc.com

## ପାଠକ ଶ୍ରେଷ୍ଠ ବିଚାରକ

### ଆବାସ ଯୋଜନାରେ ପରିବେଶ ସୁରକ୍ଷା

ମହାଶୟ,

ପ୍ରଧାନମନ୍ତ୍ରୀ ଆବାସ ଭଳି ଯୋଜନାରେ ରୁଫ୍ ଟପ୍ ସୋଲାର ପ୍ରକଳ୍ପ କରାଯାଉ। ବର୍ଦ୍ଧିତ ଖର୍ଚ୍ଚକୁ ସରକାର ବହନ କରନ୍ତୁ। ବିଭିନ୍ନ ଭତ୍ତାର ହିତାଧିକାରୀଙ୍କୁ ସରକାର ପ୍ରତିବର୍ଷ ଛତା ଓ କମ୍ବଳ ନ ଦେଇ ଏକବର୍ଷ ଅନ୍ତରରେ କିଛି ଫଳଚାରା କିମ୍ବା ମୂଲ୍ୟବାନ ବୃକ୍ଷଚାରା ପ୍ରଦାନ କରନ୍ତୁ। ରାସାୟନିକ ସାର ଓ କୀଟନାଶକକୁ ନିରୁତ୍ସାହିତ କରି ଜୈବିକ କୃଷିକୁ ପ୍ରୋତ୍ସାହିତ କରାଯାଉ। ମୋ ପୋଖରୀ ଯୋଜନାକୁ କାର୍ଯ୍ୟକାରୀ କରାଯାଉ।

ରାସବିହାରୀ ଭୂୟାଁ, ରାଜକନିକା, କେନ୍ଦ୍ରାପଡ଼ା

### ସରକାରୀ ଛୁଟି ଓ ଅଫିସ ସମୟ

ରାଜ୍ୟ ସରକାର କର୍ମଚାରୀଙ୍କ ପାଇଁ ମାସର ୨ୟ ପରେ ୪ର୍ଥ ଶନିବାର ବି ଛୁଟି କରିଛନ୍ତି। ଏହାଦ୍ୱାରା ଅନେକ କର୍ମଦିବସ ନଷ୍ଟ ହେବ। କର୍ମଚାରୀ ଅଭାବ ବେଳେ ଏତେ ଛୁଟି ଦେବା କି ଦରକାର? ପୁଣି ଅଫିସ ସମୟ ଯାହା ନିର୍ଘଣ୍ଟ କରାଯାଇଛି ସକାଳ ୧୦ରୁ ସନ୍ଧ୍ୟା ୫ଟା ୩୦, ତାହା ବର୍ଷର ସବୁ ସମୟ ପାଇଁ ଠିକ୍ ନୁହେଁ। କାରଣ ଅକ୍ଟୋବରରୁ ଜାନୁୟାରୀ ପର୍ଯ୍ୟନ୍ତ ସନ୍ଧ୍ୟା ୫ଟା ୩୦ ବେଳକୁ ରାତି ହୋଇଯିବ। ତେଣୁ ମହିଳା କର୍ମଚାରୀଙ୍କ ପ୍ରତି ଏହା ସୁରକ୍ଷାରେ ବାଧା ସୃଷ୍ଟି କରିବ। ଏ ଚାରି ମାସ ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଉଚିତ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବହିଯାଏ ସମୀରଣ ସମାଚାର ନାହିଁ ପାଏ ତା'ର,
ମଧୁକର ଆନମନେ ଫୁଲେ ଫୁଲେ ରଚଇ ବିହାର,
ହଜିଯାଏ ଯେତେ ଧନ ନାହିଁ ଯା'ର ସତ୍ତା
କେହି ତା'ର ନ ପୁଛେ ବାରତା! (ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୯୪

- ଦାଉଦ ଇବ୍ରାହିମର ସହଯୋଗୀ ହିତେନ୍ଦ୍ର ଠାକୁର ଏବଂ ପାପୁ କାଲାଣୀଙ୍କ ସହ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଶରଦ ପାୱାରଙ୍କ ଘନିଷ୍ଠ ସମ୍ପର୍କ ଥିଲା ବୋଲି ପୋଲିସ ଡେପୁଟି ଇନ୍ସପେକ୍ଟର ଜେନେରାଲ ଉଲ୍ଲାସ ଯୋଶୀଙ୍କ ଚାଞ୍ଚଲ୍ୟକର ବୟାନ।
- ଇସ୍ରାଏଲ ଅଧିକୃତ ୱେଷ୍ଟବ୍ୟାଙ୍କରେ ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଏବଂ କର ବ୍ୟବସ୍ଥା ଉପରେ ସ୍ୱୟଂଶାସନ କ୍ଷମତା ପାଲେଷ୍ଟାଇନ ହାତକୁ ଦେବା ଲକ୍ଷ୍ୟରେ ଇସ୍ରାଏଲ ଓ ପି.ଏଲ.ଓ. ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ।

**ଆଜି କ'ଣ କେଉଁଠି**

**ବଅଁରପାଳ**
◆ଡ୍ରାମା କାର୍ଯ୍ୟକ୍ରମ
ସ୍ଥାନ– ନାଲ୍‌କୋ ଟ୍ରେନିଂ ସେଣ୍ଟର
ସମୟ– ସନ୍ଧ୍ୟା ୭ଟା

## ସଂକ୍ଷେପରେ

### ଚୋରା ମଦ କାରବାର ରୋକିବା ଉପରେ ଗୁରୁତ୍ୱ

ବଇଣ୍ଡା,୨୬।୮(ଡି.ଏନ.ଏ.)- ଗ୍ରାମାଞ୍ଚଳରେ ମାତ୍ରାଧିକ ଚୋରା ମଦ ବିକ୍ରି ବଢ଼ିବାରେ ଲାଗିଛି। ଫଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚୋରା ମଦ ବିକ୍ରିରେ ରୋକ ଲଗାଇବା ପାଇଁ ପୋଲିସ ଅଧିକ ଗୁରୁତ୍ୱ ଦେଉ ବୋଲି ରବିବାର କିଶୋରନଗର ବ୍ଲକ ହଣ୍ଡପା ଥାନା ପକ୍ଷରୁ ହିଞ୍ଜିରିଡ଼ା ଗ୍ରାମରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଯୋଗଦେଇଥିବା ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ଅଞ୍ଚଳରେ ମୋବାଇଲ ସେବା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ସେହିପରି ହାତୀ ଉପଦ୍ରବ ଲାଗି ରହୁଥିବାବେଳେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଥିଲା। ମିଥ୍ୟା ଫୋନ କଲରୁ ଦୂରେଇ ରହି ଏଟିଏମ ନମ୍ବର କାହାରିକୁ ଫୋନ ମାଧ୍ୟମରେ ନ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଶିକ୍ଷାବିତ୍ ତ୍ରିଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହଣ୍ଡପା ଆଇଆଇସି ଲବ ବୋଡା, ଏଏସଆଇ କୁନି ବାରିକ, କନଷ୍ଟେବଲ ବୀରେନ୍ଦ୍ର ପ୍ରଧାନ, ୱାର୍ଡମେମ୍ବର ବବିତା ପ୍ରଧାନ, କୃଷ୍ଣଚନ୍ଦ୍ର ଦେହୁରି, ବଳରାମ ମାଝି, ଦିବାକର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ଅଚେତ ଅବସ୍ଥାରେ ଯୁବକ ଉଦ୍ଧାର

ବଇଣ୍ଡା,୨୬।୮(ଡି.ଏନ.ଏ.)-ତାଳଚେର-ସମ୍ବଲପୁର ରେଳପଥର ଜରପଡ଼ା ଥାନା କନ୍ଧକୁରୁଡା ନିକଟସ୍ଥ ରେଳ ଧାରଣାରୁ ଝାରସୁଗୁଡ଼ା ଜିଲା ଗୌରୀଗୁଡ଼ ଗ୍ରାମର ଉମାକାନ୍ତ କିଷାନଙ୍କୁ ଅଚେତ ଅବସ୍ଥାରେ ସୋମବାର ସକାଳେ ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ଉଦ୍ଧାର କରିଛି। ସେ ରେଳ ଧାରଣାରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ବଇଣ୍ଡା ରେଲୱେ ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଏ.କେ. ଗଡ଼ନାୟକ ଘଟଣାସ୍ଥଳରେ ପହଞ୍ଚି ଉମାକାନ୍ତଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବଇଣ୍ଡା ପରେ କିଶୋରନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ରେଲୱେ ପୋଲିସ କହିଛି, ଉମାକାନ୍ତ ତପସ୍ୱିନୀ ଏକ୍ସପ୍ରେସ ଯୋଗେ ଭୁବନେଶ୍ୱରରୁ ଝାରସୁଗୁଡ଼ା ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ଟ୍ରେନରୁ ଖସି ପଡ଼ିଥିଲେ।

### ଡ୍ରଗ୍ସ ସେବନ ବେଳେ ଧରାପଡିଲେ ୨

ବଅଁରପାଳ, ୨୬।୮(ଡି.ଏନ.ଏ.)- ନାଲ୍‌କୋ ଟାଉନଶିପ୍ କଲୋନୀର ସବଷ୍ଟେଶନ ଘରେ ସୋମବାର ସନ୍ଧ୍ୟାରେ ୨ ଜଣ ଯୁବକ ଡ୍ରଗ୍ସ ସେବନ କରୁଥିବାବେଳେ ଧରାପଡିଛନ୍ତି। ନାଲ୍‌କୋ ସିକ୍ୟୁରିଟି କର୍ମଚାରୀମାନେ ଉଭୟଙ୍କୁ ଧରି ନାଲ୍‌କୋ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଅଞ୍ଚଳରେ ନିଶା କାରବାର ବଢ଼ି ଚାଲିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

■ସେଣ୍ଟ୍ରାଲ ପୂଜା କମିଟି ଗଠନ

# ଲକ୍ଷ୍ମୀପୂଜା ଢାଞ୍ଚାରେ ଗଣେଶ ପୂଜା

ଅନୁଗୋଳ ଅଫିସ, ୨୬।୮

ଅନୁଗୋଳ ସହରରେ ଆସନ୍ତା ୨ ତାରିଖରେ ପୂଜା ପାଇବେ ଗଜାନନ। ଏ ନେଇ ପୂଜା କମିଟି ପାଖରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ସଜବାଜ ଆରମ୍ଭ କରିଦେଇଛନ୍ତି। ଦୁଇଥର ଅନୁଗୋଳ ଉପଜିଲାପାଳଙ୍କ ଅଧକ୍ଷତାରେ ବୈଠକ ହୋଇଥିବାବେଳେ ସୋମବାର ଅନୁଗୋଳ ଥାନାରେ ପୂଜା କମିଟିକୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଲକ୍ଷ୍ମୀ ପୂଜା ଢାଞ୍ଚାରେ ଗଜାନନ ପୂଜା ସହ ଭସାଣି ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଅପରାହ୍ନ ୨ଟାରୁ ଭସାଣି ଥାନା ଛକରୁ ବାହାରି ରାତି ୧୦ଟାରେ ଅନୁଗୋଳ ଷ୍ଟାଡିୟମରେ ପହଞ୍ଚିବା ପରେ ଶେଷ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ତେବେ ଚଳିତବର୍ଷ ପ୍ରଥମ ଥର ପାଇଁ ଏକ ସେଣ୍ଟ୍ରାଲ ପୂଜା କମିଟି ଗଠନ କରାଯାଇଛି। ସହରରେ ମୋଟ ୧୭ଟି କମିଟି ପକ୍ଷରୁ ଗଣେଶ ପୂଜା କରାଯିବାକୁ ଥିବାବେଳେ ୧୧ଟି କମିଟି ସେଣ୍ଟ୍ରାଲ ପୂଜା କମିଟିରେ ସାମିଲ ହୋଇଥିବା ସୂଚନା ମିଳିଛି।


ବୈଠକରେ ପୋଲିସ କର୍ମଚାରୀଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତାମାନେ।

ଅନୁଗୋଳରେ ଚଳିତବର୍ଷ ପ୍ରଥମ ଥର ପାଇଁ ନିଆରା ଢଙ୍ଗରେ ଗଣେଶ ପୂଜା କରାଯିବ। ଏ ନେଇ ଘନ ଘନ ବୈଠକ ସାଙ୍ଗକୁ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଅନୁଗୋଳ ଥାନାରେ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ସେଣ୍ଟ୍ରାଲ ପୂଜା କମିଟି ସଭାପତି ରଶ୍ମିରଞ୍ଜନ ସାମଲ, ସମ୍ପାଦକ ଶିବାନୀ ଶଙ୍କର ଗୌଡ଼, ଉପସଭାପତି ସୌମ୍ୟ ପ୍ରସାଦ ଦେବତା ଓ ଦେବଦତ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୨ ତାରିଖରେ ପୂଜା ଓ ଭସାଣି ୮ ତାରିଖରେ ଅନୁଷ୍ଠିତ ହେବ। ଚଳିତବର୍ଷ ଥାନା ଛକରୁ ସମୂହ ଭସାଣିରେ ୧୧ଟି କମିଟି ଅଂଶ ଗ୍ରହଣ କରିବେ। ଥାନା ଛକରୁ ଦିନ ୨ଟାରୁ ବାହାରି କାଞ୍ଚନ ଟକିଜ ଦେଇ ବସଷ୍ଟାଣ୍ଡ, ଘୋଡ଼ାଛକ, ବଜାର ପରିକ୍ରମା କରିବା ପରେ ଜାତୀୟ ରାଜପଥକୁ ମେଢ଼ ଗୁଡ଼ିକ ବାହାରିବେ। ପରେ ଅନୁଗୋଳ ଷ୍ଟାଡିୟମରେ ରାତି ୧୦ଟା ମଧ୍ୟରେ ଏକତ୍ରିତ କରାଯିବ। ସେଠାରୁ ମେଢ଼ଗୁଡ଼ିକୁ ନିଆଯାଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ। ସେହିପରି ସେଣ୍ଟ୍ରାଲ ପୂଜା କମିଟି ସହ ସାମିଲ ହୋଇ ନ ଥିବା କମିଟି ସେମାନଙ୍କ ସୁବିଧାରେ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବେ। ତେବେ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ଟା ସୁଦ୍ଧା ଶେଷ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଟ୍ରାଫିକ ବ୍ୟବସ୍ଥା କିପରି ରହିବ ତାହା ଭସାଣି ପୂର୍ବରୁ ନିଷ୍ପତ୍ତି ନିଆଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ପୂଜା ସମୟରେ ଯେପରି ଶାନ୍ତି ଶୃଙ୍ଖଳା ରହିବ ସେ ନେଇ ସମସ୍ତ ପୂଜା କମିଟି ସହ ପୋଲିସ ଆଲୋଚନା କରିଛି।

# ଶିକ୍ଷକ ନିଯୁକ୍ତି ଦାବିରେ ଆନ୍ଦୋଳନ



ମାଧପୁର,୨୬।୮

ଶିକ୍ଷକ ନିଯୁକ୍ତି ଦାବିରେ ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀ ପ୍ରକଳ୍ପ ବିଦ୍ୟାଳୟ ଫାଟକରେ ସୋମବାର ସ୍କୁଲ ପରିଚାଳନା କମିଟି ଏବଂ ଅଭିଭାବକମାନେ ତାଲା ପକାଇ ଆନ୍ଦୋଳନ କରିଛନ୍ତି।

ଅଭିଯୋଗ ମୁତାବକ, ଉକ୍ତ ବିଦ୍ୟାଳୟରେ ୧୧୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ମାତ୍ର ୪ ଜଣ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। କିଛିଦିନ ହେବ ୨ ଜଣ ଶିକ୍ଷୟିତ୍ରୀ ପ୍ରସବକାଳୀନ ଛୁଟିରେ ଯାଇଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏହାସହ ଉକ୍ତ ବିଦ୍ୟାଳୟରେ ଜଣେ ହେଲେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଅଭିଭାବକମାନେ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦାବିରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଆନ୍ଦୋଳନ କରାଯାଇଥିଲା। ଖବରପାଇ ଅପରାହ୍ନରେ ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଆଠମଲ୍ଲିକ ବିଆରସିସି ଛବି ନାରାୟଣ ସିଂ, ସିଆରସିସି ପ୍ରଦୀପ ବେହେରା ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକ ବାସବ ପଲେଇଙ୍କୁ ବିଦ୍ୟାଳୟରେ ଅବସ୍ଥାପିତ କରିବା ସହ ୭ ଦିନ ମଧ୍ୟରେ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଅଣାଯିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ହୋତା, ସତ୍ୟବାନ ପ୍ରଧାନ, ବେଲାଲ ଅମାତ, ସ୍ୱାଧୀନ ପ୍ରଧାନ, ବିପିନ ପ୍ରଧାନ, ମହେନ୍ଦ୍ର ସାହୁ, ମାନଭଞ୍ଜନ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ନାଲ୍‌କୋ ପଟଲାଇନର ପୂଜା ପ୍ରସ୍ତୁତି


ନାଲ୍‌କୋ ପଟଲାଇନର କର୍ମକର୍ତ୍ତାମାନେ।

ବଅଁରପାଳ, ୨୬।୮(ଡି.ଏନ.ଏ.)

ନାଲ୍‌କୋ ପଟଲାଇନ ବିଭାଗ ତରଫରୁ ବିଶ୍ୱକର୍ମା ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଜିଏମ ଅଶୋକ କୁମାର ଦାସ ଏଥିରେ ସଭାପତିତ୍ୱ କରି ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷର ସାଜସଜ୍ଜାକୁ ଆକର୍ଷଣୀୟ କରାଯିବା ଉପରେ ଆଲୋଚନା କରାଯାଇଥିଲା। ବାହୁବଳୀ ଚଳଚ୍ଚିତ୍ରର ବିଭିନ୍ନ ଚରିତ୍ରରେ ତୋରଣ ନିର୍ମାଣ କରାଯିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ୧୦ ଲକ୍ଷ ଟଙ୍କା ବଜେଟ ରଖାଯାଇଛି। ପୂଜାରେ ଆଲୋକସଜ୍ଜା ସହ ମୂର୍ତ୍ତି ନିର୍ମାଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଅଭିରାମ ଧୀର, ବିଜନ ଦଳବେହେରା, ପରମାନନ୍ଦ ବେହେରା, ଗୋଲକ ପ୍ରଧାନ, ଭାଗବତ ମୁଦୁଲି, ବିଜୟ ସାମଲଙ୍କ ସମେତ ପୂଜା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

■ଶିକ୍ଷକଙ୍କ ମଦ୍ୟପାନ ଭିଡିଓ ଭାଇରାଲ ଘଟଣା

# ବଦଳି ଦାବିରେ ବିଦ୍ୟାଳୟରେ ତାଲା

ବଇଣ୍ଡା,୨୬।୮(ଡି.ଏନ.ଏ.)



ଆଠମଲ୍ଲିକ ବ୍ଲକ କନ୍ତପଡ଼ା ପଞ୍ଚାୟତ ମଇମୁରା ସର୍କଲ ଅଧୀନ କେଞ୍ଜୁଆନାଳୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ମଦ୍ୟପାନ କରିଥିବା ଭିଡିଓ ଭାରରାଲ ଘଟଣା ପରେ ତାଙ୍କ ବଦଳି ଦାବିରେ ସୋମବାର ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଶିକ୍ଷକ ଜଣକ ଶନିବାର ବିଦ୍ୟାଳୟ ପ୍ରକୋଷ୍ଠରେ ବସି ମଦ୍ୟପାନ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଗ୍ରାମବାସୀ ରବିବାର ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଠମଲ୍ଲିକ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଏଥିଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଠପ୍ ହୋଇଯାଇଥିଲା। ଅନ୍ୟପକ୍ଷରେ ଶିକ୍ଷା ବିଭାଗର କୌଣସି ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅନିର୍ଦ୍ଦିଷ୍ଟ ପାଇଁ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଗ୍ରାମ ଶିକ୍ଷା କମିଟି ସଭାପତି ଗୁରୁଚରଣ ପ୍ରଧାନ, ବାବାଜୀ ବେହେରା, ସତ୍ୟ ପ୍ରକାଶ ସାହୁ, ସୁମନ୍ତ ଦେହୁରି, ପ୍ରଶାନ୍ତ ଦେହୁରି ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ପ୍ରଦୀପ କୁମାର ରଥ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ଜନଶୁଣାଣି ଶିବିରରେ ୧୭୦ ଅଭିଯୋଗ

କଣିହାଁ, ୨୬।୮(ଡି.ଏନ.ଏ.)



କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ବିଭିନ୍ନ ସମସ୍ୟାକୁ ନେଇ ୧୭୦ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ କିଛି ଅଭିଯୋଗର ଶୁଣାଣି କରାଯିବା ସହ ଅନ୍ୟ ସମସ୍ୟାଗୁଡିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କଂସମୁଣ୍ଡା ଗ୍ରାମର ମାଳତୀ ନାଏକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୫ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଲୋଧାବନ୍ଧ ଗ୍ରାମର କାଶୀନାଥ ବିଶ୍ୱାଳଙ୍କୁ ଜିଲା ରେଡକ୍ରସରୁ ୧୦ ହଜାର, ଜିଲା ସାମାଜିକ ସୁରକ୍ଷା ବିଭାଗରୁ ବିଜିଗୋଳ ଗ୍ରାମର ଶିପୁ ବେହେରାଙ୍କୁ ଏକ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଏସ୍‌ପି ଜଗମୋହନ ମୀନା, ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରତାପ ଚନ୍ଦ୍ର ବେହେରା, ସହକାରୀ ଜିଲାପାଳ ଇଶାନୀ ପଣ୍ଡା, ଏଏସ୍‌ପି ସନ୍ତୋଷ ମିଶ୍ର, ତାଳଚେର ଉପଜିଲାପାଳ ପରେଶ କୁମାର ନାୟକ, ତହସିଲଦାର ଅଂଶୁମାନ ଶତପଥୀ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ବିଡିଓ ରମେଶ କୁମାର ଜେନା, ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସମେତ ଏମ୍‌ସିଏଲ ଓ ଏନ୍‌ଟିପିସି ଅଧିକାରୀମାନେ ଉପସ୍ଥିତ ଥିଲେ।


IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆଇଡିବିଆଇ ବ୍ୟାଙ୍କ ଲିଃ. (ଆଇଡିବିଆଇ)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଜଣାଇ ଦିଆଯାଉଛି କି ଶ୍ରୀ ନଳିନୀ ବିହାରୀ ପଟ୍ଟନାୟକଙ୍କର ନିମ୍ନଲିଖିତ ସମ୍ପତ୍ତି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ସହିତ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ ଆକ୍ଟ ୨୦୦୨) ର ନିୟମ ଅନୁଯାୟୀ ବିକ୍ରୟ ପାଇଁ ବିଡ୍ / ପ୍ରସ୍ତାବ ଆହ୍ୱାନ କରୁଛନ୍ତି।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ | ବକେୟା ଦେୟ | ଦଖଲ ତାରିଖ | ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତା: ଶ୍ରୀ ସନ୍ତୋଷ ପାତ୍ର / ଗ୍ୟାରେଣ୍ଟିଦାତା: ନଳିନୀ ବିହାରୀ ପଟ୍ଟନାୟକ | ଟ.୩୭,୭୨,୫୩୬/- | ୧୦.୦୭.୨୦୧୯ | ଶ୍ରୀ ନଳିନୀ ବିହାରୀ ପଟ୍ଟନାୟକଙ୍କ ନାମରେ ଥିବା ଖାଲି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ୧) ମୌଜା: ସମାଙ୍ଗ, ମ୍ୟୁଟେଡ ଖାତା ନଂ.: ୧୦୪୭, ପ୍ଲଟ୍ ନଂ.: ୮୨୪, କ୍ଷେତ୍ର: ଏକର୦.୩୦ଡିସିମିଲି, କିସମ: ଘରବାରୀ, ଅନୁରୂପ ସ୍ଥିତିବାନ ସାବିକ ଖାତା ନଂ.: ୨୩୬, ସାବିକ ପ୍ଲଟ୍ ନଂ.: ୬୦୧, କ୍ଷେତ୍ର: ଏକର୦.୪୭ଡିସିମିଲି, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଡ୍ରେନ୍, ପଶ୍ଚିମ: ଡ୍ରେନ୍, ଦକ୍ଷିଣ: କେଲୁଣୀ ଦେଇ, ଉତ୍ତର: ଲକ୍ଷ୍ମୀଧର ପ୍ରଧାନ, ୨) ମୌଜା: ଖରୀପଡା, ମ୍ୟୁଟେଡ୍ ଖାତା ନଂ.: ୨୬୬/୧୭୫, ପ୍ଲଟ୍ ନଂ.: ୧୮୧/୮୪୧, କ୍ଷେତ୍ର: ଏକର୦.୯୬ଡିସିମିଲି, କିସମ: ଘରବାରୀ, ଅନୁରୂପ ସ୍ଥିତିବାନ ସାବିକ ଖାତା ନଂ.: ୧୧୫, ସାବିକ ପ୍ଲଟ୍ ନଂ.: ୧୮୧, କ୍ଷେତ୍ର: ଏକର୦.୩୭ଡିସିମିଲି, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଲୋକନାଥ ସାହୁ, ଦକ୍ଷିଣ: ବସ୍ତି ପ୍ଲଟ୍ -୩, ଉତ୍ତର: ବସ୍ତି ପ୍ଲଟ୍ -୧ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ |

**ସୁରକ୍ଷିତ ସମ୍ପତ୍ତିର ପ୍ରସ୍ତାବିତ ବିକ୍ରୟ ନିମ୍ନ ମତେ**

| ସଂରକ୍ଷିତ ମୂଲ୍ୟ / ଅମାନତ ରାଶି (EMD) | ଟେଣ୍ଡର କାଗଜାତ୍ ତାରିଖ / ବିଡ୍ ପ୍ରାପ୍ତି ତାରିଖ ଏବଂ ସମୟ | ତନଖି ତାରିଖ | ବିଡ୍ ଦାଖଲର ଅନ୍ତିମ ତାରିଖ | ଇ-ନିଲାମର ତାରିଖ ଏବଂ ସମୟ |
| --- | --- | --- | --- | --- |
| ୧)ଟ.୨୨,୮୦,୦୦୦/-/ ଟ.୨,୨୮,୦୦୦/- ୨)ଟ.୨୭,୩୬,୦୦୦/- / ଟ.୨,୭୩,୬୦୦/- | ୦୨.୦୯.୨୦୧୯ ରୁ ୨୩.୦୯.୨୦୧୯ ଯେ କୌଣସି କାର୍ଯ୍ୟଦିବସ (ରବିବାର ବ୍ୟତୀତ) ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ | ୦୧.୦୯.୨୦୧୯ ଠାରୁ ୨୩.୦୯.୨୦୧୯ ପର୍ଯ୍ୟନ୍ତ (ପୂର୍ବାହ୍ନ ୧୧.୦୦ ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ) | ୨୪.୦୯.୨୦୧୯ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୫.୦୯.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା |

**ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ :**

୧. ବିକ୍ରୟ ଇ-ନିଲାମ ପ୍ଲାଟ୍ ଫର୍ମ ୱେବ୍‌ସାଇଟ https://www.bankauctions.in ରେ ଅନୁଷ୍ଠିତ ହେବ।
୨. ନିଲାମ ପ୍ରକ୍ରିୟାର ସମ୍ପୂର୍ଣ୍ଣ ପଦ୍ଧତି, ନିୟମ ଏବଂ ସର୍ତ୍ତାବଳୀ ପାଇଁ ଇଚ୍ଛୁକ ବିଡରମାନେ କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨ଙ୍କ ଠାରୁ ୦୨.୦୯.୨୦୧୯ ରୁ ୨୩.୦୯.୨୦୧୯ ମଧ୍ୟରେ କୌଣସି କାର୍ଯ୍ୟଦିବସରେ (ରବିବାର ବ୍ୟତୀତ) ପୂର୍ବାହ୍ନ ୧୧.୦୦ଘଟିକା ଏବଂ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ବିଡ୍ କାଗଜପତ୍ର ସଂଗ୍ରହ କରିପାରିବେ।
୩. ବିଡ୍ କାଗଜାତ୍ ଆଇଡିବିଆଇ ୱେବ୍‌ସାଇଟ୍ (www.idbi.com) ଏବଂ https://www.bankauctions.in ରୁ ମଧ୍ୟ ଡାଉନ୍‌ଲୋଡ୍ କରିପାରିବେ।
୪. ଆଗ୍ରହୀ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଟେଲିଫୋନ୍ ନଂ.: ୦୬୭୫-୨୨୨୮୩୮୦, ମୋ.: ୭୮୭୩୨୩୭୪୨୩, ଇମେଲ: trupti@idbi.co.in ରେ ଯୋଗାଯୋଗ କରିପାରିବେ। ଇ-ନିଲାମ ସହାୟତା ପାଇଁ ବିଡ଼ରମାନେ ଇ-ନିଲାମ ସେବା ପ୍ରଦାନକାରୀ M/s 4 Closure, Hyderabad, The helpline No. 040-23836405, Aditya: 8142000030/66, Help Line e-mail ID: info@bankauctions.in କିମ୍ବା aditya@bankauctions.inଙ୍କୁ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରିବେ ।
୫. ବିକ୍ରୟର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଏବଂ ସମ୍ପୂର୍ଣ୍ଣ ବିବରଣୀ ଇତ୍ୟାଦି ପାଇଁ www.idbi.com ଏବଂ https://www.bankauctions.in ଦେଖନ୍ତୁ।

ସ୍ଥାନ : ପୁରୀ, ତାରିଖ : ୨୬.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଅନଙ୍ଗ ରାଜ ବିଶ୍ୱାଳ**
ମେରିଆବଜାର, କଟକ
ଆବିର୍ଭାବ: ୨୧।୧୦।୧୯୪୧
ତିରୋଧାନ: ୦୬।୦୯।୨୦୧୮
(ଭାଦ୍ରବ କୃଷ୍ଣପକ୍ଷ ଦ୍ୱାଦଶୀ)
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା ତୁମେ ଆମକୁ ଛାଡି ଚାଲିଗଲ କିନ୍ତୁ ପ୍ରତିଟି ମୂହୁର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ସବୁବେଳେ ମନେପଡୁଛି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ସହଧର୍ମିଣୀ, ପୁତ୍ର– ଅପୂର୍ବ (ରବିନ୍), ପୁତ୍ରବଧୂ– ସ୍ୱାଗତିକା (ଲିପା), ଭାଇ– ମଳୟ, ଅରୁଣ, ଭୂଜଙ୍ଗ, ନାତି– ଆର୍ଯ୍ୟବୀର, ପରିବାରବର୍ଗ ଓ ବନ୍ଧୁବାନ୍ଧବମାନେ
ଧ-୬୭୨୧୩

**ତୃତୀୟ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ସୋମନାଥ ବିଶ୍ୱାଳ**
ଦୁର୍ଗାବାଡି ରୋଡ୍, ପୁରୀ
ଆବିର୍ଭାବ: ୦୧।୦୧।୧୯୪୨
ତିରୋଧାନ: ୨୯।୦୮।୨୦୧୬
ତୁମ୍ଭର ସ୍ନେହ, ସତ୍ୟନିଷ୍ଠତା ଏବଂ ପରୋପକାରିତା ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରିବ। ତୁମ୍ଭେ ସ୍ୱର୍ଗରେ ରହି ସେହି ପ୍ରେରଣା ଆମ୍ଭମାନଙ୍କୁ ଦେଉଥାଅ। ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ତୁମ୍ଭର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୬୪୦୮୭

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ କୈଳାଶଚନ୍ଦ୍ର ଖଟେଇ**
ଦେୱାନ ସାହି, ଗୁରୁଜଙ୍ଗ, ଖୋର୍ଦ୍ଧା
ଆବିର୍ଭାବ: ୧୬।୦୬।୧୯୪୭
ତିରୋଧାନ: ୧୭।୦୮।୨୦୧୯
ବାପା, ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।।
**ଶୋକସନ୍ତପ୍ତ:**
ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୩୬୫

**ସ୍ମୃତି ରେ**



**ବିଜୟଲକ୍ଷ୍ମୀ କର (ଖେଜୁ)**
ଆବିର୍ଭାବ: ୦୭।୦୧।୧୯୪୨
ତିରୋଧାନ: ୧୪।୦୮।୨୦୧୯
ସ୍ୱାମୀ– ଡା. କମଳାକାନ୍ତ କର
ବଡ଼ ପୁଅ– ଶାରଦା ପ୍ରସାଦ କର
ବଡ଼ ବୋହୂ– ପ୍ରତିଭା କର
ସାନ ପୁଅ– ସ୍ୱର୍ଗତ ଡା. ବରଦା ପ୍ରସାଦ କର
ସାନ ବୋହୂ– ଡା. ବିଦ୍ୟୁତ୍ ପ୍ରଭା କର
ବଡ଼ ଜ୍ୱାଇଁ– ସ୍ଥପତି ଭବାନୀ ଶଙ୍କର ମିଶ୍ର
ବଡ଼ ଝିଅ– ଦୀପିକା ମିଶ୍ର (ଚୁମି)
ସାନ ଝିଅ– ସ୍ୱର୍ଗତା ଲିପିକା ମିଶ୍ର (ରୁମି)
ନାତି ନାତୁଣୀ– ମାମୁନି (କାଳି), ଗୁଡୁ, କୁକି, ବବ୍‌ଲୁ, ଡୁଡୁ
ଧ-୧୪୦୮୬



ବ୍ୟାଙ୍କ ଅଫ୍ ଇଣ୍ଡିଆ — बैंक ऑफ़ इंडिया Bank of India BOI
**ଆଞ୍ଚଳିକ କାର୍ଯ୍ୟାଳୟ:କେନ୍ଦୁଝର,** ଲାବଣ୍ୟ ଛକ, ମାଇନିଂ ରୋଡ, କେନ୍ଦୁଝର-୭୫୮୦୦୧, ଓଡିଶା ।

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ [ ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ଜାମିନ୍‌ଦାରମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଯୋଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଯୋଡା ଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
| --- | --- | --- | --- |
| (୧)ଋଣଗ୍ରହୀତା:ଶ୍ରୀମତୀ ଅର୍ଚ୍ଚନା ନାୟକ, ସ୍ୱା-ଶ୍ରୀ ସୁମିତ୍ କୁମାର ବେହୁରା ଏବଂ ଶ୍ରୀ ସୁମିତ୍ କୁମାର ବେହୁରା, ପିତା-ଶ୍ରୀ ଗୋପାଳ ଚନ୍ଦ୍ର ବେହୁରା, ଠିକଣା: କ୍ୱାଟର ନଂ.୧ଆରଡି-୭, ଯୋଡା ପଶ୍ଚିମ, ଟାଟା ଷ୍ଟିଲ୍, ଯୋଡା, ଜିଲ୍ଲା-କେନ୍ଦୁଝର, ଜାମିନ୍‌ଦାର: ଶ୍ରୀ ଆକାଶ କୁମାର ବେହୁରା, ପିତା-ଆନନ୍ଦ ଚନ୍ଦ୍ର ବେହୁରା, ଠିକଣା: କ୍ୱାଟର ନଂ.୨ଆର ୩୧, ପଶ୍ଚିମ ଅପର କ୍ୟାମ୍ପ, ସା/ପୋ-ଯୋଡା, ଜିଲ୍ଲା-କେନ୍ଦୁଝର-୭୫୮୦୩୪ । | ଟ.୪୧,୦୬,୪୫୧/- +ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୦୭.୦୬.୨୦୧୯ / ୨୨.୦୮.୨୦୧୯ | ଶ୍ରୀମତୀ ଅର୍ଚ୍ଚନା ନାୟକ ଏବଂ ଶ୍ରୀ ସୁମିତ୍ ବେହୁରାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୬୫/୫୬୫, ଖାତା ନଂ.୧୦୨/୧୬୫, ୟୁନିଟ୍ ନଂ.-୧୭, ମୌଜା-ବାନାର୍ଜି କଲୋନୀ, ଜଗନ୍ନାଥପୁର, କେନ୍ଦୁଝର, ଏରିଆ-୦.୦୫୦ ଡିସିମିଲି, କିସମ-ଘରବାରୀ, ଚଉହଦି-ଉତର-ରାସ୍ତା, ଦକ୍ଷିଣ-ଏ.ବିଶ୍ୱାଳ, ପୂର୍ବ-ଆର.କେ. ସିଂହ, ପଶ୍ଚିମ- ଏଚ. ଯୋଶୀ । |
| (୨)ଋଣଗ୍ରହୀତା:ମେସର୍ସ ଆର.କେ. ମିନେରାଲ୍ସ, ସତ୍ତ୍ୱାଧିକାରୀ: ଶ୍ରୀମତୀ ଅଫଶରୀ ବେଗମ୍, ସ୍ୱା-ଂ ଅବଦୁଲ୍ ରହିମ୍, ଜାମିନ୍‌ଦାର: (୧)ଶ୍ରୀ ଅବଦୁଲ୍ କରିମ୍, ପିତା-ଂଅବଦୁଲ୍ ରହିମ୍, (୨)ମିସ୍ ନୁସ୍‌ରତ ଖତୁନ୍, ପିତା-ଂଅବଦୁଲ୍ ରହିମ୍, ସମସ୍ତଙ୍କ ଠିକଣା: ସା-ହୁଡି ସାହି, ଏସ୍‌ଟି. ଟେରେସା ସ୍କୁଲ ପଛପଟ, ପୋ/ଥାନା-ଯୋଡା, ଜିଲ୍ଲା-କେନ୍ଦୁଝର-୭୫୮୦୩୪। | ଟ.୧୨,୫୨,୨୩୭.୬୮ +ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୦୬.୨୦୧୯ / ୨୬.୦୮.୨୦୧୯ | ଶ୍ରୀମତୀ ଅଫଶରୀ ବେଗମ୍, ସ୍ୱା-ଂ ଅବଦୁଲ୍ ରହିମ୍,ଶ୍ରୀ ଅବଦୁଲ୍ କରିମ୍, ପିତା-ଂଅବଦୁଲ୍ ରହିମ୍,ମିସ୍ ନୁସ୍‌ରତ ଖତୁନ୍, ପିତା-ଂଅବଦୁଲ୍ ରହିମ୍‌ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୫୫୪/୨୧୫୯, ଖାତା ନଂ.୨୨୪/୩୯୨,ୟୁନିଟ୍‌ନଂ.-୧, ବଣେଇକଳା ଗ୍ରାମ ୟୁନିଟ୍ ନଂ.୧,ପୋ/ଥାନା-ଯୋଡା, ଜିଲ୍ଲା-କେନ୍ଦୁଝର, ଏରିଆ-ଏକର୦.୧୫୦ ଡିସିମିଲି, କିସମ-ଘରବାରୀ, ଚଉହଦି: ଉତର-ଏମ୍.ଡି ସାମ୍ ଏବଂ ରାସ୍ତା, ଦକ୍ଷିଣ-ପ୍ଲଟ ନଂ.୬୩୦, ପୂର୍ବ-ଏସ୍‌ଟି ଟେରେସା ସ୍କୁଲ, ପଶ୍ଚିମ: ସୁଜିତ୍ ପୋଦାର |

ସ୍ଥାନ-କେନ୍ଦୁଝର, ତାରିଖ-୨୬.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ବ୍ୟାଟେରି ଜବତ, ୨ ଗିରଫ

ବଉଁରପାଳ, ୨୬।୮(ଡି.ଏନ.ଏ.)- ବଉଁରପାଳ ଥାନା ଅଞ୍ଚଳର ପରମାନନ୍ଦ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଟ୍ରକରୁ ଗତ ୨୪ ତାରିଖ ରାତିରେ ଚୋରି ହୋଇଥିବା ୨ଟି ବ୍ୟାଟେରି ସହ ଏକ ବାଇକ୍ ପୋଲିସ ସୋମବାର ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ କଣ୍ଟାବଣିଆ ଥାନା ଅଞ୍ଚଳର ତନୁଜ ଭୋଇ (୧୮) ଓ ସୁନଗ ଭୋଇ(୧୮) ଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୮୫/୧୯ରେ ଏକ ମାମଲା ରୁଜୁ ହୋଇଥିଲା।

### ପୁରୀ ଷ୍ଟେଶନରେ ନିଆଁ, ଯାତ୍ରୀ ଭୟଭୀତ

ପୁରୀ ଅଫିସ, ୨୬।୮: ପୁରୀ ଷ୍ଟେଶନରେ ପୁଣି ନିଆଁକୁ ନେଇ ଭୟ। ରବିବାର ରାତିରେ ପ୍ଲାଟଫର୍ମରେ ନିଆଁ ଦେଖି ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ମିଳିଥିବା ସୂଚନା ମୁତାବକ, ରବିବାର ରାତି ୧୦ଟା ୧୫ରେ ୪ ନଂ. ପ୍ଲାଟଫର୍ମରୁ ଜଗନ୍ନାଥ ଏକ୍ସପ୍ରେସ୍ (ପୁରୀ-ହାୱଡା) ଛାଡିବାକୁ ଥିଲା। ଟ୍ରେନ୍ ଛାଡିବାକୁ ଅଳ୍ପ ସମୟ ଥିବା ବେଳେ ହଠାତ୍ ପ୍ଲାଟଫର୍ମ ମଝିରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ଏହାଦେଖି ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ସେହି ନିଆଁକୁ ଲିଭାଇ ଦିଆଯାଇଥିଲା। କିନ୍ତୁ ଏହାକୁ ଷ୍ଟେଶନ ଡାଇରେକ୍ଟର ଅସ୍ୱୀକାର କରିଛନ୍ତି। ଏହା କୌଣସି ଅଗ୍ନିକାଣ୍ଡ ନ ଥିଲା। ପ୍ଲାଟଫର୍ମ ମଝିରେ ୱେଲଡିଙ୍ଗ ଚାଲିଥିବା ବେଳେ ତାର ଜଳି ଯାଇଥିଲା। ଏହାକୁ ଦେଖି ଯାତ୍ରୀମାନେ ଭୟଭୀତ ହୋଇଥାଇ ପାରନ୍ତି। ଏ ନେଇ କୌଣସି ଅସୁବିଧା ହୋଇନାହିଁ ବୋଲି ଷ୍ଟେଶନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଗତ ମାର୍ଚ୍ଚ ୨୨ ତାରିଖ ହୋଲିଦିନ ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟି ୩ଟି ବଗି ଜଳିଯାଇଥିଲା।

# ୯୯ ଅଭିଯୋଗ ଶୁଣିଲେ ଜିଲାପାଳ

କାମାକ୍ଷାନଗର,୨୬।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଭ୍ୟର୍ଥନା ପ୍ରକୋଷ୍ଠ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୁମେଶ ଚନ୍ଦ୍ର ବେହେରା ଯୋଗଦେଇ ୯୯ ଅଭିଯୋଗର ଶୁଣାଣି କରିଥିଲେ। ସେଥିରେ ସରକାରଙ୍କ ଗୃହ ନିର୍ମାଣ ଯୋଜନା, ବିଭିନ୍ନ ଭତ୍ତା, ଜମିବାଡି ସଂକ୍ରାନ୍ତୀୟ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା ଆଦି ରହିଥିଲା। ଏହି ଅବସରରେ ୬ ଜଣ ବ୍ୟକ୍ତିଙ୍କୁ ରେଡ଼କ୍ରସ ପାଣ୍ଠିରୁ ୨ ହଜାର ଲେଖାଏଁ ୧୨ ହଜାର ଟଙ୍କା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୫ ହଜାର ଓ ଜଣେ ଶାରୀରିକ ଅକ୍ଷମଙ୍କୁ ହ୍ୱିଲ ଚେୟାର ଜିଲାପାଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ତଥା ବିଡିଓ ସୁଧାଂଶୁ ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ଜିଲା ମଙ୍ଗଳ ଅଧିକାରୀ ମାନସ କୁମାର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଜିଲା ଗ୍ରାମ୍ୟ ଉନ୍ନୟନ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ବିଜୟା ନନ୍ଦ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର ହୋତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, କାମାକ୍ଷାନଗର ବ୍ଲକ ଶିକ୍ଷା ଅଧିକାରୀ ଅଜୟ ପାତ୍ର, ରେଞ୍ଜ ଅଧିକାରୀ ବିଭୂଦାନନ୍ଦ ମିଶ୍ର, ଫରେଷ୍ଟର ରମେଶ ଚନ୍ଦ୍ର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଇଂ ଅଭିଷେକ ଓଝା, ପୂର୍ତ୍ତ ଓ ଗୃହ ନିର୍ମାଣ ସହକାରୀ ଯନ୍ତ୍ରୀ ଇଂ ପ୍ରତାପ ହରିପାଲ, ଜିଲା ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସହକାରୀ କୃଷି ଅଧିକାରୀ ସନ୍ତୋଷ ତରାଇ, ପିଜିସିଏଲର ସିତାଂଶୁ ଶେଖର ଦାସ, ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନ୍ତୁଙ୍କ ଭିତରେ ନେଉଳ**
**ମାଛଙ୍କ ଭିତରେ ଶେଉଳ**
**ଲୋକଙ୍କ ଭିତରେ ଯୁବତୀ ସୁନ୍ଦର**
**ଠାକୁରଙ୍କ ପାଇଁ ଦେଉଳ ।**

ନେଉଳ ଦେଖିବାକୁ ଖୁବ୍ କଉତୁକିଆ ତଥା ଚାଲାକ ଚତୁର। ମାଛ ମଧ୍ୟରେ ଶେଉଳ ମାଛର ସ୍ୱାଦ ନିଆରା। ଯୁବତୀମାନେ ସୌନ୍ଦର୍ଯ୍ୟପ୍ରିୟା। ଯୌବନ କାଳରେ ଅଧିକ ସୁନ୍ଦର ଦିଶିଥାନ୍ତି। ସେହିପରି ଈଶ୍ୱର ବା ଠାକୁରଙ୍କ ସ୍ଥାପନା ହେତୁ ଦେଉଳର ମାହାତ୍ମ୍ୟ ବହୁଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଜୋଇଁ ଡାକରା ଭାରି ମଜା**
**ଛ' ତିଅଣକୁ ନ' ଭଜା ।**

ଶ୍ୱଶୁର ଘରେ ଜୋଇଁଙ୍କୁ ଖୁବ୍ ଆଦର ସମ୍ମାନ କରାଯାଇଥାଏ। ତାଙ୍କ ରହଣି କାଳରେ ଖାଇବା ପିଇବା ତଥା ରହିବା ନେଇ ବିଶେଷ ଧ୍ୟାନ ଦିଆଯାଇଥାଏ। ସୁସ୍ୱାଦ୍ୟ ବ୍ୟଞ୍ଜନ ରାନ୍ଧି ପରଷି ତାଙ୍କ ମନ ଖୁସି କରିବାକୁ ଚେଷ୍ଟା କରାଯାଇଥାଏ। ଜୋଇଁ ଡାକରାରେ ଜୋଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରିପୋର୍ଟ ନ ମିଳିବାରୁ ଆଇନଜୀବୀଙ୍କ ଧାରଣା

ତାଳଚେର,୨୬।୮(ନି.ପ୍ର)-




ତାଳଚେର ତହସିଲ କାର୍ଯ୍ୟାଳୟରେ ବିନା ଅର୍ଥ କାରବାରରେ କାର୍ଯ୍ୟ ହେଉନାହିଁ ବୋଲି ସୋମବାର ଅଭିଯୋଗ କରିଛନ୍ତି ଆଇନଜୀବୀ ପ୍ରତାପ ପ୍ରଧାନ। ସେ ଅଭିଯୋଗ କରିଛନ୍ତି ଯେ, ତାଳଚେର ବ୍ରଜନାଥପୁର ମୌଜାରେ ତାଙ୍କ ନାମରେ ଥିବା ଗୁଡ଼ିଆବନ୍ଧ ପୋଖରୀକୁ ପ୍ରଶାସନ ପକ୍ଷରୁ ନିଲାମ କରାଯାଇଛି। ଖାତା ନଂ.୬୫ ଏବଂ ପ୍ଲଟ ନଂ.୧୨୨ରେ ରହିଥିବା ଏହି ବନ୍ଧକୁ ବେଆଇନ ଭାବେ ୩୩ ହଜାର ଟଙ୍କାରେ ନିଲାମ ହୋଇଥିବା ସମ୍ପର୍କରେ ଜାଣିବା ପରେ ସେ ତହସିଲକୁ ପୂର୍ଣ୍ଣାଙ୍ଗ ରିପୋର୍ଟ ମାଗିଥିଲେ। ଏ ନେଇ ସମ୍ପୃକ୍ତ ଆରଆଇ ରିପୋର୍ଟ ଦେବାକୁ କୁଣ୍ଠାବୋଧ କରି ତାଙ୍କୁ ଧରାଛୁଆଁ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ପରେ ଏ ନେଇ ସେ ତାଳଚେର ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳି ପାରି ନ ଥିଲା। ଏହାର ପ୍ରତିବାଦରେ ତାଳଚେର ତହସିଲ କାର୍ଯ୍ୟାଳୟ ପରିସରରେ ସେ ଧାରଣାରେ ବସିଥିଲେ। ଖବରପାଇ ତାଳଚେର ସହକାରୀ ଜିଲାପାଳ ଗୌରୀ ନାଏକ, ସଞ୍ଜୟ କୁମାର ବେହେରା ପ୍ରମୁଖ ତାଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପ୍ରଧାନ ଧାରଣାରୁ ଓହରି ଥିଲେ।

### କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୁଣ୍ଟୁଣୀ, ୨୬।୮(ଡି.ଏନ୍.ଏ.): ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଛଅଗାଁ ଗ୍ରାମର ଏକ କେନାଲରୁ ପୋଲିସ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ରଞ୍ଜନ ରାଉତ। ସୂଚନା ଅନୁଯାୟୀ, ରଞ୍ଜନ ରବିବାର ସନ୍ଧ୍ୟାରେ ଘରୁ ଆସି ଆଉ ଫେରି ନ ଥିଲେ। ଘରଲୋକ ରଞ୍ଜନଙ୍କୁ ଖୋଜାଖୋଜି କରିବା ପରେ କେନାଲରେ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଏସ୍‌ଆଇ ଗୟାଧର ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ.୪/୧୯)ରୁଜୁ କରି ତଦନ୍ତ ଚଳାଇଛି।

# ରାସ୍ତାରେ ହାତୀ, ଲୋକେ ଭୟଭୀତ



ପରଜଙ୍ଗ, ୨୬।୮(ଡି.ଏନ.ଏ.)- ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ହାତୀ ଉପଦ୍ରବରୁ ତ୍ରାହି ମିଳୁନି। ସୋମବାର ସକାଳେ ନରହନ୍ତା ଦନ୍ତା କନ୍ଦରସିଂହା ଗ୍ରାମରେ ପଶି ତାଣ୍ଡବ ରଚିଥିଲା। ଦନ୍ତାଟି ସକାଳୁ ବିଭିନ୍ନ ସ୍ଥାନରେ ଧାନକ୍ଷେତ ନଷ୍ଟ କରିବା ସହ ମନଇଚ୍ଛା ଏଣେତେଣେ ପଶିଥିଲା। ତାର ବାଡ଼ ଡେଇଁ ପରିବା ବାଡ଼ିରେ ପଶି ଫସଲ ନଷ୍ଟ କରିଥିଲା। ସେହିପରି ସକାଳ ୧୦ଟା ବେଳେ ଏକ ମାଇ ହାତୀ କୁଆଳୋ ଅଞ୍ଚଳରୁ ବାହାରି ଜାତୀୟ ରାଜପଥରେ ଚଲାବୁଲା କରିଥିଲା। ଏହି ହାତୀଟି ପରଜଙ୍ଗ ଗାଁ ଭିତର ଦେଇ ଡାକ୍ତରଖାନାଠାରେ ବାହାରିଥିଲା। ହଠାତ୍ ହାତୀକୁ ନିକଟରେ ଦେଖି ଲୋକେ ଭୟଭୀତ ହୋଇ ଦୌଡିବାକୁ ଲାଗିଥିଲେ। କେତେଜଣ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଥିବା ଜଣାଯାଇଛି। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ନିକଟସ୍ଥ ସଂରକ୍ଷିତ ଜଙ୍ଗଲକୁ ହାତୀ ଘଉଡାଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No: 9437425759 8280476992
Email : maataratarinison@gmail.com

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236 6393626894

See Color Display Classified on every Tuesday & Friday

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663 9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠାକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ ଋଣ ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977 72910-46520
H.No-798, Block H, Jaitpur Extn Part-2, Badarpur, South Delhi

!!ଋଣ ଋଣ ଋଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ଋଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office : Rajhat, Gujurat - 360001

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764 9911417461
BISWANATHPUR, BALARAMAPUR, BALESWAR, ODISHA - 756024

!! ଋଣ ଋଣ ଋଣ!!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688 7055901278

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754 09455705969

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008 99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସାନ୍ଧ୍ୟ ମହାବିଦ୍ୟାଳୟରେ ରାଧାମୋହନ ଜୟନ୍ତୀ

**ଅନୁଗୋଳ ଅଫିସ, ୨୬।୮:** ଅନୁଗୋଳ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ମୁକ୍ତ ଚିନ୍ତନ ମଞ୍ଚ ପକ୍ଷରୁ କବି ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ରାଧାମୋହନଙ୍କ କବିତା କାଳଜୟୀ। ତାଙ୍କ କବିତାରେ ଏ ମାଟିର ପାଣି, ପବନର ବାସ୍ନା ଯେଭଳି ଚିତ୍ରିତ, ତାହା ତାଙ୍କୁ ଅମର କରି ରଖିଛି ବୋଲି ମୁଖ୍ୟ ଅତିଥି ଶତପଥୀ ପ୍ରକାଶ କରିଥିଲେ। ମଞ୍ଚ ସଭାପତି ଆଡଭୋକେଟ ରାଜକିଶୋର ମହାରଣା କବିତା ଆବୃତ୍ତି କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ ସମ୍ପାଦକ ବିଶ୍ୱରଞ୍ଜନ ପଟ୍ଟନାୟକ, ଅଧ୍ୟାପକ ପ୍ରଶାନ୍ତ କୁମାର ମାଝି, ଅନିଲ ମିଶ୍ର, ସନତ ନାୟକ ପ୍ରମୁଖ କବିଙ୍କ ସୃଷ୍ଟି ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ଦାଶଙ୍କ ସ୍ମୃତିରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ରଞ୍ଜନ ବେହେରା ସଂଯୋଜନା କରିଥିବାବେଳେ ଆଡଭୋକେଟ୍ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ଅନୁଗୋଳ ଅଫିସ, ୨୬।୮:** ଅନୁଗୋଳ ଗାନ୍ଧୀ ମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ମିନତି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଶିଶୁ ସଙ୍ଗଠନରେ ମା'ର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁବାଟିକା ବିଭାଗ ଶୈକ୍ଷିକ ପ୍ରମୁଖ କିରଣ କୁମାରୀ ପ୍ରଧାନ ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟ ସଭାପତି ଡକ୍ଟର ସୁଧାକର ପାଳ ଆଶୀର୍ବଚନ ପ୍ରଦାନ କରିଥିଲେ। ସମ୍ପାଦକ ବିଜୟ କୁମାର ମୋଦି ଉତ୍ତମ ଶିଶୁ ଗଠନ ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

### କଡ଼ାକଡ଼ି ହେବ ଟ୍ରାଫିକ ନିୟମ

ବଣ୍ଡିରପାଳି,୨୬।୮(ଡି.ଏନ.ଏ.): ନାଲ୍‌କୋ ଆଦର୍ଶ ଥାନାରେ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଗୀତାଞ୍ଜଳି ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୋଲିସ ଓ ଜନ ସାଧାରଣଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ରହିବ ସେ ନେଇ ଆଲୋଚନା ହୋଇଥିଲା। ସେହିପରି ଲୋକମାନଙ୍କ ବିଭିନ୍ନ ଅଭିଯୋଗ କିଭଳି ସହଜରେ ସମାଧାନ ହୋଇପାରିବ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବା ସହ ଯାଞ୍ଚ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯିବ ଉପରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ବିଶ୍ୱକର୍ମା ପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ ସହ ଅପରାଧ କିପରି ହ୍ରାସ ହେବ ସେ ନେଇ ଆଲୋଚନା ହୋଇଥିଲା। ଥାନା ଏସଆଇ ସଙ୍ଘମିତ୍ରା ଶତପଥୀ, ଏଏସଆଇ ଜଗନ୍ନାଥ ପଟ୍ଟନାୟକ, ସୁଜନ ସାହୁ, ମଦନ ପ୍ରଧାନ, ରଞ୍ଜିତ ନାୟକ, ଅନ୍ତର୍ଯ୍ୟାମୀ ବିଶ୍ୱାଳ କାଳିଚରଣ କର, ପ୍ରମୋଦ ବିଶ୍ୱାଳ, ବିକ୍ରମ ମହାପାତ୍ର, ବିଷ୍ଣୁ ଚରଣ ବେହେରା, ପଞ୍ଚାନନ ପଣ୍ଡା, ସନ୍ତୋଷ ମହାନ୍ତି, ପ୍ରତାପ ମହାକୁଡ, ସୁସେନ ଗଡ଼ନାୟକଙ୍କ ସମେତ ଆମ ପୋଲିସ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୯ ଦଫା ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ

ଅନୁଗୋଳ ଅଫିସ, ୨୬।୮




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ୯ ଦଫା ଦାବିରେ ସୋମବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବେତର ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ, ବନ୍ଦ ସ୍କୁଲ ପୁନର୍ବାର ଖୋଲିବା, ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା, ଲେମ୍ବୁତଇଳା ଠାରୁ କନ୍ଧକୋଇଲି ଓ ସିଟିକୋଇଲି ଦେଇ ମାଣିକଯୋଡି ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ, ଜରପଡା ଓ ମରାଡିରା ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ନିଯୁକ୍ତି, ଜମିହରା ଓ କ୍ଷତିଗ୍ରସ୍ତଙ୍କୁ ସ୍ଥାୟୀ ନିଯୁକ୍ତି, ସବୁ ଗାଁ ଓ ସାହିକୁ ପାନୀୟ ଜଳ, ଜାତୀୟ ରାଜପଥର ଦୂରାବସ୍ଥା ସୁଧାରିବା, ଜରପଡା ଠାରେ ଶୀତଳଭଣ୍ଡାର ନିର୍ମାଣ ଆଦି ଦାବି ନେଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜରପଡା ଆଞ୍ଚଳିକ କମିଟି ନେତୃତ୍ୱରେ ବେତର, କନ୍ଧକୋଇଲି, ସିଟିକୋଇଲି ଗ୍ରାମବାସୀଙ୍କ ସମେତ ଦୁର୍ଗାପୁର, ଜରପଡା, ମରାଡିରା ଅଞ୍ଚଳର ବହୁ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମିଟି ସମ୍ପାଦକ ସୁବାସ ପ୍ରଧାନ, ସଭ୍ୟ ନବକିଶୋର ପ୍ରଧାନ, ବ୍ରଜବନ୍ଧୁ ସାହୁ, ମାନସ ପାଳଙ୍କ ସମେତ ଭରତ ନାଏକ, ଜଳନ୍ଧର ଦେହୁରୀ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପରେ ମାନସ ପାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଉପଜିଲାପାଳଙ୍କ ମାଧ୍ୟମରେ ଏକ ବୈଠକ ଡାକି ଦାବି ପୂରଣ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ବିକ୍ଷୋଭ ଶେଷ ହୋଇଥିଲା।

# ମାଗଣା ସ୍ୱାସ୍ଥ୍ୟ ଶିବିର

ଅନୁଗୋଳ ଅଫିସ, ୨୬।୮

ଅନୁଗୋଳ ରୋଟାରି ରୟାଲ କ୍ଲବ ପକ୍ଷରୁ ଜନ୍ମାଷ୍ଟମୀ ଅବସରରେ ଢେଙ୍କାନାଳ ବଳଦିଆବନ୍ଧସ୍ଥିତ ବିଶ୍ୱ କୁନ୍ତଳ ଶିଶୁ ଗୃହଠାରେ ଛୋଟ ଛୋଟ ପିଲାମାନଙ୍କ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କ୍ଲବର ହରଗୋବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଡା. ପ୍ରଭାତ କୁମାର ପଣ୍ଡା, ବିଚ୍ଛନ୍ଦ ଚରଣ ପ୍ରଧାନ ଓ ସୌମ୍ୟକାନ୍ତ ବିଶୋଇ ଯୋଗଦେଇ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିଶୁ ଗୃହରେ ଥିବା ସମସ୍ତ ଅନ୍ତେବାସୀଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଢେଙ୍କାନାଳସ୍ଥିତ ଆଦୃତ ଶିଶୁ ଗୃହ ଅନ୍ତେବାସୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରରେ ସଂଘମିତ୍ରା ପାଢ଼ୀ, ଅଶୋକ ମାଣ୍ଡୋଠିଆ ଓ ମିଳନ କୁମାର ଅଗ୍ରୱାଲା ପ୍ରମୁଖ ସହାୟତା କରିଥିଲେ।




ରୋଟାରି ରୟାଲ କ୍ଲବ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ଶିବିର।

# ଗୌରବମୟ ଇତିହାସ ସମ୍ପର୍କରେ ଆଲୋଚନା

ପାଲଲହଡା,୨୬।୮(ଡି.ଏନ.ଏ.)



ପାଲଲହଡା ଉପଖଣ୍ଡର ସର୍ବପୁରାତନ ମାଲ୍ୟଗିରି କଲେଜ ପକ୍ଷରୁ ସୋମବାର ପାଲଲହଡା ବିଧାୟକ ମୁକେଶ କୁମାର ପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ସଭାଗୃହଠାରେ ଆୟୋଜିତ ସଭାରେ ବିଧାୟକ ପାଲ ଯୋଗଦେଇ କଲେଜର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ କଲେଜ ଅଧ୍ୟକ୍ଷ ବଳଭଦ୍ର ପ୍ରଧାନ ଅବଗତ କରାଇଥିଲେ। ଖୁବଶୀଘ୍ର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଲଲହଡା ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ରଘୁନନ୍ଦନ ଆଚାର୍ଯ୍ୟଙ୍କ ସମେତ କଲେଜର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପୋଲ ଧସିବାରୁ ତଳକୁ ଖସିଲା ଟ୍ରକ

ଖଇରା,୨୬।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ- ମଛଦା ରାସ୍ତାରେ ଏକ ପୁରୁଣା ପୋଲରେ ଏକ ନଳକୂପ ଖୋଳା ମେସିନ ବୋଝେଇ ଟ୍ରକ ଗଳିପଡିବା ଯୋଗୁଁ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଛି। ମଛଦା ଗ୍ରାମରେ ଏକ ବଡ ପାଣିଟାଙ୍କି ନିର୍ମାଣ ଲାଗି ମେସିନ ଏକ ଟ୍ରକରେ ରବିବାର ରାତିରେ ଅଣାଯାଉଥିଲା। ମନ୍ଦିର ନିକଟରେ ଥିବା ପୋଲ ଦବି ଯିବା ଯୋଗୁଁ ପୋଲର ପଛ ପଟ ତଳକୁ ଗଳି ପଡିଥିଲା। ଫଳରେ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବାରୁ ଦିନ ତମାମ ଯାତାୟାତ ବନ୍ଦ ରହିଥିଲା।

# ବନସଂରକ୍ଷଣ ସମିତି ବୈଠକ



ଛେଣ୍ଡିପଦା,୨୬।୮(ସ୍ୱ.ପ୍ର.)

ଅନୁଗୋଳ ଜିଲା ବନାଞ୍ଚଳ ଅଧୀନରେ ଥିବା ବନସଂରକ୍ଷଣ ସମିତିର ମାସିକ ବୈଠକ ସୋମବାର ଛେଣ୍ଡିପଦା ଯୋଗ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବନ ସଂରକ୍ଷଣ ସମିତି ମାଧ୍ୟମରେ ବିଭିନ୍ନ ଅଂଚଳରେ ବୃକ୍ଷରୋପଣ, ବନସଂରକ୍ଷଣ ସମିତିଗୁଡ଼ିକର ସୀମା ନିର୍ଦ୍ଧାରଣ, ସମିତି ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଆଦି ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ଛେଣ୍ଡିପଦା ବନପାଳ ପ୍ରତାପ ପ୍ରଧାନ, କଳାକାର ପ୍ରଧାନଙ୍କ ସମେତ ବନ କର୍ମଚାରୀ, ପ୍ରକୃତି ପରିବେଶ ବନ୍ୟପ୍ରାଣୀ ସମିତିର ଦଳପତି ଅଭୟ କୁମାର ଗାହାଣ, ବ୍ଲକର ୫୪ଟି ବନ ସଂରକ୍ଷଣ ସମିତିର ସଭାପତି, ସମ୍ପାଦକ ଯୋଗ ଦେଇଥିଲେ।

# ଆନ୍ଦୋଳନ ପରେ କାର୍ଯ୍ୟକାରୀ ହେଲା ଜେରିଆଟିକ୍ ୱାର୍ଡ



ସାମାଜିକ କର୍ମୀମାନେ ଧାରଣା ଦେଇଛନ୍ତି।

ଅନୁଗୋଳ ଅଫିସ, ୨୬।୮

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ନେଇ ସୋମବାର ସାମାଜିକ କର୍ମୀମାନେ ଧାରଣା ଦେଇଥିଲେ। ବିଶେଷକରି ଜେରିଆଟିକ୍ ୱାର୍ଡ ଖୋଲିବା ଏକ ମାସ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏଠାରେ ରୋଗୀଙ୍କୁ ଚିକିତ୍ସା ମିଳିପାରୁ ନାହିଁ। ଏ ନେଇ ବାରମ୍ବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାମାଜିକ କର୍ମୀମାନେ ଭେଟିଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ସାମାଜିକ କର୍ମୀମାନେ ବାଧ ହୋଇ ଜେରିଆଟିକ୍ ୱାର୍ଡ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇ ଘଟଣାସ୍ଥଳକୁ ଆସି ସାମାଜିକ କର୍ମୀଙ୍କୁ ବୁଝାଶୁଝା କରିଥିଲେ। ତେବେ ୱାର୍ଡ କାର୍ଯ୍ୟକ୍ଷମ ହେଲେ ଧାରଣା ପ୍ରତ୍ୟାହାର ହେବ ବୋଲି ସାମାଜିକ କର୍ମୀମାନେ କହିଥିଲେ। ଏହାପରେ ସନ୍ଧ୍ୟାରେ ଜେରିଆଟିକ୍ ୱାର୍ଡରେ ୩ ରୋଗୀଙ୍କୁ ରଖାଯିବା ସହ ଅସ୍ଥାୟୀ ଭାବେ ଜଣେ ନର୍ସ ଓ ଜଣେ ଆଟେଣ୍ଡାଣ୍ଟଙ୍କୁ ମେଡିକାଲ କର୍ତ୍ତୃପକ୍ଷ ୱାର୍ଡରେ ରଖିଥିଲେ। ଏଥିସହ ଉକ୍ତ ବିଭାଗ ଡାକ୍ତର ଆସି ଦେଖାଶୁଣା କରିବେ ବୋଲି ଏଡିଏମ୍‌ଓ ବିଶୋଇ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସାମାଜିକ କର୍ମୀମାନେ ଧାରଣା ପ୍ରତ୍ୟାହାର କରିଥିଲେ।


**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No.24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710
Website: www.nift.ac.in/bhubaneswar

**E-TENDER NOTICE**

E-Tenders are invited by NIFT Bhubaneswar for applying weather coat in external surface and plastic emulation in internal surface at girls hostel with minor repairs and painting, last date for receipt of e-tenders are 17.09.2019. Details available in e-tender portal and NIFT website https://niftetenders.eproc.in / http://www.nift.ac.in

Director



**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**
Cont.13 (192)/2018/HKD Date : 26.08.2019

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular **(i) RTC from RH, Jagannathpur/FSD, Jagannathpur/CWC, Berhampur to FSD, Phulbani and (ii) H&TC for handling at RH, Hirakud and transportation from RH, Hirakud to FSD, Hirakud and vice-versa for a period of two years.** The tender documents containing detailed terms and conditions can be obtained from **https://eprocure.gov.in/eprocure/app** or FCI website : **www.fci.gov.in.**



**PANCHAYAT SAMITI, KHAIRPUT**
No. 1876/2019, Dev., **TENDER CALL NOTICE NO.-02/2019/20** Dated 23.08.19

The Block Development Officer, Khairput invites sealed percentage rate tenders on behalf of Governor of Odisha as per annexure from Registered & eligible registered contractors of Odisha State PWD /CPWD having experience in construction of road and bridges works in conformity with detailed tender call notice for execution of the following works on drawl of agreement in Panchayat Samiti contract forms of Govt. of Odisha. The details of work including the estimated cost, EMD required, Class of contractor, completion of time, cost of tender paper etc. are as detailed below. Each Sealed cover should contain tender paper for one work only & its related documents and the name of work be written in capital letter on the body of cover, otherwise it will be rejected.

| Sl. No. | Name of the GP | Name of the Work | Name of the Scheme | Tender value in Rs. | Cost of tender paper (non refundable) in Rs. | EMD in Rs. | Time of completion of the wok in months | Class of contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1. | Kudumu-lugumma | Construction of Kalyan mondap at Kudumulugumma | 4th SFC / 2018-19 | 30,82,512.00 | 6,000/- | 30,825.00 | 6 (Six) | B& C |
| 2. | Rasabeda | Improvement of road from Ranginiguda to Dangakunda | BKBK-2018-19 (State sector) | 10,71,429.00 | 6,000/- | 10,715.00 | 4 (Four) | D& C |
| 3. | Podaghat | Improvement of road from Podaghat to Gajalkonda | BKBK-2018-19 (State sector) | 11,60,714.00 | 6,000/- | 11,608.00 | 4 (Four) | D& C |

**Terms and Condition: (1) Cost of tender paper:** Tender documents for the individual work may be obtained from the Block Office, Khairput as per annexure on payment towards cost of tender paper in shape of Bank Draft drawn in any Nationalized Bank in favour of Block Development Officer, Khairput payable at State Bank of India, Khairput of Malkangiri District. **(2) Sale of tender paper:** Tender documents will be sold from 26.08.2019 to 04.09.2019 from 10.00 AM to 02.00 PM (working days only). **(3) Date of receipt of tender paper:** Tender paper in complete shape will be received from 26.08.2019 to 05.09.2019 from 10.00 AM to 2.00 PM (working days only) in the office of the Block Development Officer, Khairput through Registered Post. Tender received by post after the stipulated date and time mentioned above will not be considered. Further no tenders will be received by hand or by courier service. **(4) Date of opening of the tender paper:** The tender shall be opened on 06.09.2019 at 11.00AM in the office of the Block Development Officer, Khairput in presence of the bidders or their authorized representatives having written authorization for the purpose along with all relevant original documents.



**ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ**
ବିଜ୍ଞାପନ ସଂଖ୍ୟା : ୯୦୩୧, ତା. ୨୦।୦୮।୧୯
ଫୋ ନଂ : ୦୬୭୫୨-୨୨୨୦୦୨, ଇ-ମେଲ : jagannath.or@nic.in

**ଲଘୁ ଖଣିଜ ମାଙ୍କଡା ପଥର ଓ ମୋରମ ଖଣିର ଦୀର୍ଘମିଆଦି ଲିଜ୍ ଜନିତ ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ଅଧିନସ୍ଥ ଖୋରଧା ଜିଲ୍ଲା ଅନ୍ତର୍ଗତ ଲଘୁ ଖଣିଜ ମାଙ୍କଡା ପଥର ଓ ମୋରମ ଖଣିଗୁଡିକ ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ୍‌ସୂତ୍ରେ ନିଲାମ ସ୍ଥିର କରାଯିବ। ଏହି ନିଲାମ ପ୍ରକ୍ରିୟାର ସମସ୍ତ ସବିଶେଷ ବିବରଣୀ ଓ ନିୟମାବଳୀ www.khordha.nic.in ଓ www.jagannath.nic.in website ରେ ଉପଲବ୍ଧ ଅଟେ। ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ନିଜ ନିଜର ଲିଜ୍ ଦରଖାସ୍ତ ଶ୍ରୀମନ୍ଦିର କାର୍ଯ୍ୟାଳୟ, ପୁରୀରେ କେବଳ ରେଜିଷ୍ଟ୍ରି ଡାକ/ସ୍ପିଡ୍ ପୋଷ୍ଟ ଦ୍ୱାରା ଧାର୍ଯ୍ୟ ତାରିଖ ମଧ୍ୟରେ ପଠାଇବାକୁ ଜଣାଇ ଦିଆଗଲା। ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ମୁଦ୍ରିତ ଟେଣ୍ଡର (Sealed Tender) ଗ୍ରହଣ କରିବାର ଶେଷ ତାରିଖ ତା. ୧୭।୦୯।୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା ଅଟେ।

ସ୍ୱା./- ଉପ-ଜିଲ୍ଲାପାଳ, ଖୋର୍ଦ୍ଧା-ତଥା-
କ୍ଷମତା ସମ୍ପନ୍ନ ଅଧିକାରୀ


### ■ଜିଲା କାର୍ଯ୍ୟାଳୟରେ ହେଲା ଶୁଭାରମ୍ଭ

# ଗୋପନ ରହିବ ଲୋକଙ୍କ ଅର୍ଥନୈତିକ ତଥ୍ୟ




ଅନୁଗୋଳ ଅଫିସ, ୨୬।୮

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ବିଭାଗ ଦ୍ୱାରା ମନୋନୀତ ଇ-ଗଭର୍ନାନ୍ସ ସର୍ଭିସ ଇଣ୍ଡିଆ ଲିମିଟେଡର ଜନସେବା କେନ୍ଦ୍ର ସହଯୋଗରେ ସପ୍ତମ ଅର୍ଥନୈତିକ ଗଣନା କାର୍ଯ୍ୟର ସୋମବାର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓ ଉପଜିଲାପାଳ ବାସୁଦେବ ଶତପଥୀ ଜିଲା କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରିଥିଲେ। ଜିଲାର ଭୌଗୋଳିକ ସୀମାରେଖା ମଧ୍ୟରେ ଥିବା ସମସ୍ତ ବାସଗୃହ ଓ ଉଦ୍ୟୋଗ ଗୁଡ଼ିକ ସମ୍ପର୍କରେ ପ୍ରଥମ ଥର ପାଇଁ ମୋବାଇଲ ଆପ୍ଲିକେସନ ଜରିଆରେ ତଥ୍ୟ ସଂଗ୍ରହ କରାଯିବ। ଏହି ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରଖାଯିବ ଓ କେବଳ ସରକାରଙ୍କ ଯୋଜନା ପ୍ରଣୟନ ଉଦ୍ଦେଶ୍ୟରେ ହିଁ ବ୍ୟବହୃତ ହେବ। ଏହି କାର୍ଯ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ଗଣନାକାରୀ ଓ ୨୫୦ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ସଂଗୃହୀତ ତଥ୍ୟ ସୁପରଭାଇଜରମାନଙ୍କ ଦ୍ୱାରା ଠିକ୍ ଭାବେ ଯାଞ୍ଚ କରାଯାଇ ସପ୍ତମ ଅର୍ଥନୈତିକ ଗଣନା ପ୍ରକାଶିତ ହେବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ରବୀନ୍ଦ୍ର ନାଥ ନାୟକ, ସହ ନିର୍ଦ୍ଦେଶକ ଯଶୋବନ୍ତ ବେହେରା, ଜିଲା ପରିଚାଳକ ଦେବାଶିଷ ମିଶ୍ର ଓ ସୁକାନ୍ତ କୁମାର ମିଶ୍ର ଏବଂ ଜିଲା ସଂଯୋଜକ ଆଶୁତୋଷ ସାହାଣି ପ୍ରମୁଖ ଉପସ୍ଥିତ ଥିଲେ।


**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur, Dist-Ganjam (Odisha),Pincode-761020 CIN:U40102OR2004SGC007553

Advt. No. 01/2019-20 **NOTICE INVITING TENDER**

Sealed tenders are invited by the undersigned from interested bidders having both valid H.T contract license and labour contract license along with I.T. PAN, GST Registration certificate for "One time cleaning & anti-weed treatment of both metallic & barren area of the switchyard and peripheral area of 132/33KV Chatrapur,Ganjam, Balugaon&PurusottampurGrid S/S under EHT (O&M) Division, Chatrapur" Cost of Tender Paper : Rs.2000/-+ GST@12% (Rs.2240/-) EMD @ 1% of estimated cost: : Rs.3750/-, Sale of Tender documents : From Dt.27.08.19 to Dt.10.09.19 up to 5.00PM on working days only. Last date of submission of tender : Dt.11.09.19 up to 1.00 PM. Date of opening of tender : Dt.11.09.19 at 3.30 PM, For details please visit our website **www.optcl.co.in**. Corrigendum if any will be published in the web site only.

*Dy.General Manager, EHT(O&M) Div.*



**ODISHA HYDRO POWER CORPORATION LIMITED**
**BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051**
Phones: 06861-232581(O)/ 232641(R), FAX: 06861-232541
Email: unit.head_balimela@yahoo.com
CIN No.: U40101OR1995SGC003963

No. CAD-321

**2nd Corrigendum to Tender Call Notice**
**No. BHEP: 18/2019-20, Dated 19.07.2019**

Sub: Design, Supply, Installation, Testing & Commissioning of Bus-Bar Protection Scheme & Breaker Failure Protection Relay (LBB) of BHEP, Balimela including Supply of Spares.

The last date of this office Tender Call Notice No. 18/2019-20, Dated 19.07.2019 for Design, Supply, Installation, Testing & Commissioning of Bus-Bar Protection Scheme & Breaker Failure Protection Relay (LBB) of BHEP, Balimela including supply of spares is extended as follows:

Last date of sell of tender paper : upto 13.00 hrs of 05.09.2019
Last date of receipt of tender : upto 16.00 hrs of 05.09.2019
Date of opening of tender paper : 16.30 hrs of 05.09.2019

All other terms and conditions of the above original TCN remains unaltered.

*Sd./- Chief General Manager (EL)*
*BHEP, Balimela*

04019/11/0036/1920



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
**(A Government of Odisha Undertaking)**
**O/o Sr. General Manager Construction, Zone-II, Sambalpur At- 132/33 Kv Grid S/S, Ganesh Nagar, Bohidar Nuapali, PO- Sankarma, Sambalpur-768006 Telephone: (0663)2540039, Email: sgm.con2.sbp@optcl.co.in**
**No. /SGM CON-II/Publication/Gaz/1610, Date: 22.08.19**

**NOTIFICATION**

In accordance with Section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353- R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, ConstructionZonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the work & scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 1. | Construction of 220KV LILO from Loc No.283 of existing 220KV Budhipadar Tarkera line to proposed 220/132/33KV Grid Sub - Station Kuarmunda | **(I) Tahasil : Rajgangpur**, (a) RI Circle: Kansbahal, Village- Mandiakudar, **(II) Tahasil : Lathikata**, (a) RI Circle: Brahmani Taranga, Village-Bhalupatra, Chikatmati, Sharla, Malikpali, **(III) Tahasil : Panposh** (Kuarmunda), (a) RI Circle: Kuarmunda, Village-Chandiposh, Sarandaposh, Padmapur, Sarandamal, Kuarmunda | 13.95 Crore | Deputy General Manager EHT (C) Division Jharsuguda | To develop quality power supply in & around area of Kuarmunda |

**Sd./- Swarup Kumar Harichandan**
**Senior General Manager (El.)**
**Construction, Zone-II, OPTCL, Sambalpur**

## ସଂକ୍ଷେପରେ

### ୧୫ରୁ ଜାତୀୟ ଫୁଟବଲ ଟୁର୍ନାମେଣ୍ଟ

ଢେଙ୍କାନାଳ ଅଫିସ,୨୬।୮- ଆସନ୍ତା ସେପ୍ଟେମ୍ବର ୧୫ ତାରିଖଠାରୁ ଢେଙ୍କାନାଳ ଷ୍ଟାଡିୟମଠାରେ ଜାତୀୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏ ସଂକ୍ରାନ୍ତରେ ସୋମବାର ମଧ୍ୟାହ୍ନ ୧୨ଟାରେ ଢେଙ୍କାନାଳ ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମହେଶ ସାହୁ ଏଥିରେ ଯୋଗଦେଇ ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏ ସମ୍ପର୍କରେ ସଂସଦର ସଭାପତି ତଥା ଜିଲାପାଳଙ୍କୁ ଅବଗତ କରାଇ ଏକ ଗର୍ଭନିଂ ବଡ଼ି ବୈଠକ ଡାକିବା ପାଇଁ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହା ପରେ କ୍ରୀଡ଼ା ପ୍ରେମୀମାନଙ୍କୁ ନେଇ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବରୁ ବିଧାୟକ ସୁଧିର କୁମାର ସାମଲଙ୍କ ସହିତ ଏକ ଆଲୋଚନା ବୈଠକ ହୋଇଥଲା । ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ବୈଠକ ପରିଚାଳନା କରିବା ସହିତ ସମସ୍ତଙ୍କର ମତାମତ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ସଂସଦର ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଦିବାକର ପ୍ରଧାନ, ରାମ ନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଗୌରାଙ୍ଗ ସେଠୀ, ସଭ୍ୟ ଶ୍ୟାମ ସୁନ୍ଦର ମହାପାତ୍ର, ମାୟାଧର ସାହୁ, ସଞ୍ଜୟ ନାୟକ, ସୁନୀଲ କୁମାର ପଣ୍ଡା, ପ୍ରେମାନନ୍ଦ ବିହାରୀ, ପ୍ରଦ୍ୟୁମ୍ନ ପାଢ଼ି, ସୌଭାଗ୍ୟ ସାହୁ, ଅଜୟ ପଟ୍ଟନାୟକ, କ୍ରୀଡାବିତ୍ ସରୋଜ କୁମାର ପାଢ଼ୀ, ଅଭିଜିତ ମିଶ୍ର, ଅଜୟ କୁମାର ସ୍ୱାଇଁ, ଶତ୍ରୁଘ୍ନ ମାଟି, ରାମକୃଷ୍ଣ ବେହେରା, ପ୍ରକାଶ ସେଠୀ ଓ ପ୍ରତାପ କୁମାର ମହାନ୍ତି ଯୋଗଦେଇ ନିଜସ୍ୱ ମତ ରଖିଥିଲେ।

### ବାଇକ୍ ଲୁଟ୍ ଅଭିଯୋଗ

ରାସୋଳ,୨୬।୮(ଡି.ଏନ.ଏ)- ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ପଞ୍ଚପଡା ଗ୍ରାମଠାରେ ରବିବାର ଅପରାହ୍ନରେ କୁମର ବେହେରାଙ୍କଠାରୁ ତାଙ୍କ ବାଇକ୍ (ନଂ.ଓଡି-୦୬-ଏଚ୍-୧୩୬୩) ଦୁର୍ବୃତ୍ତମାନେ ଛଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୯୮/୧୯ରେ ଏକ ମାମଲା ରୁଜୁ କରିଛି। ବାଲିମୀ ଥାନା ନନ୍ଦପୁର ଗ୍ରାମର କୁମର ତାଙ୍କ ଭଉଣୀଙ୍କ ଘରକୁ ଆସି ଫେରିବା ସମୟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଧକ୍କା ଦେଇଥିଲେ । କୁମର ତଳେ ପଡିଯିବା ପରେ ତାଙ୍କୁ ମାଡମାରି ଭୁଜାଲି ଦେଖାଇ ବାଇକଟିକୁ ଛଡାଇ ନେଇ ପଳାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ମଦ ଜବତ, ଜଣେ ଗିରଫ

ରାସୋଳ,୨୬।୮(ଡି.ଏନ.ଏ)- ଢେଙ୍କାନାଳ ଜିଲା ରାସୋଳ ଥାନା ନବକିଶୋରପୁର ଗ୍ରାମରୁ ସୋମବାର ସକାଳେ ଉଲ୍ଲାସ ବେହେରାଙ୍କ ଠାରୁ ପୋଲିସ ୫ଲିଟର ଦେଶୀ ମଦ ଜବତ କରିଛି । ଏଏସ୍‌ଆଇ ପ୍ରଦୀପ ଶତପଥୀ ଓ କର୍ମଚାରୀ ଚଢ଼ାଉ କରି ଉଲ୍ଲାସଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛନ୍ତି। ଏ ନେଇ ନଂ. ୯୭/୧୯ରେ ମାମଲା ରୁଜୁ ହୋଇଛି।

### ଯୁବ ସରପଞ୍ଚଙ୍କ ବିୟୋଗ

ପରଜଙ୍ଗ,୨୬।୮(ଡି.ଏନ.ଏ.)- ପରଜଙ୍ଗ ବ୍ଲକ ଜୟପୁରା କାଟେଣି ପଞ୍ଚାୟତର ଯୁବ ସରପଞ୍ଚ ସନ୍ତୋଷ କାଣ୍ଡି (୩୫)ଙ୍କ ସୋମବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ଲିଭର ସମସ୍ୟା ଯୋଗୁ ସେ ଏକ ସପ୍ତାହ ଧରି ଆଇସିୟୁରେ ଭର୍ତ୍ତି ହୋଇଥିଲେ। ସୋମବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମୃତଦେହ ଭୁବନେଶ୍ୱରରୁ ଅଣାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ରଖାଯାଇଥିଲା। ସେଠାରେ ଭାଜପା ଜିଲା ସଭାପତି ବିଭୂତି ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ପରଜଙ୍ଗ ସରପଞ୍ଚ ପ୍ରିୟଜିତ ସାମଲ, ଆଖୁଆପାଳ ସରପଞ୍ଚ ପ୍ରଦୀପ ବେହେରା, ବିଡ଼ିଓ ବସନ୍ତ କୁମାର ମଲ୍ଲିକ, ଜିପିଓ ସୁଦାମ ଚରଣ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୭ମ ଅର୍ଥନୈତିକ ଗଣନା-୨୦୧୯ ଆରମ୍ଭ

# ଠିକ୍ ତଥ୍ୟ ସଂଗ୍ରହରେ ହେବ ଆର୍ଥିକ ବିକାଶ



ଅର୍ଥନୈତିକ ଗଣନା କାର୍ଯ୍ୟକ୍ରମକୁ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

- ୯ ଶହ ଗଣନାକାରୀ ନିୟୋଜିତ
- ୩ ମାସରେ ଶେଷ ହେବ
- ଅନ୍ତର୍ଭୁକ୍ତ ହେବ ସମସ୍ତ ଛୋଟ ବଡ ଉଦ୍ୟୋଗ

ଢେଙ୍କାନାଳ ଅଫିସ,୨୬।୮

ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ୭ମ ଅର୍ଥନୈତିକ ଗଣନା ୨୦୧୯ ସୋମବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ସବୁଜ ପତାକା ଦେଖାଇ ଜିଲାପାଳ ଭୂମେଶଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ଆରମ୍ଭ କରିବା ସହ ସମସ୍ତ ଗଣନାକାରୀ ଦାୟିତ୍ୱବାନ ହୋଇ ନିଜର ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ନିର୍ଭୁଲ ତଥା ଠିକ୍ ତଥ୍ୟ ସଂଗ୍ରହ ଦ୍ୱାରା ଜିଲାର ଆର୍ଥିକ ବିକାଶ ସମ୍ଭବ ହେବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏହି ଅର୍ଥନୈତିକ ଗଣନା ଆଗାମୀ ୩ ମାସ ମଧ୍ୟରେ ଶେଷ ହେବ। ଗଣନାର ସୁପରଭାଇଜର ଓ ନୋଡାଲ ଅଧିକାରୀମାନେ ଗଣନାକାରୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ସଂଗ୍ରହ ବେଳେ ଜିପିଏସ୍ ସମ୍ବନ୍ଧୀୟ ଓ ଦୋହରା ତଥ୍ୟ ଏଡାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସମସ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସହିତ ହସ୍ତତନ୍ତ ଓ କୁଟୀର ଶିଳ୍ପ ଇତ୍ୟାଦିର ଗଣନା ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବ। ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଉଦ୍ୟୋଗ, ହସ୍ତତନ୍ତ ଓ କୁଟୀରଶିଳ୍ପ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଇତ୍ୟାଦିଙ୍କ ପାଇଁ ଏହା ପ୍ରଯୁଜ୍ୟ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସମସ୍ତ ଗ୍ରାମ ଓ ସହରରେ ଥିବା ଅର୍ଥନୈତିକ ଉଦ୍ୟୋଗଗୁଡିକର ଗଣନା ଜିଲାର ଜନସେବା କେନ୍ଦ୍ର ପରିଚାଳକଙ୍କ ଦ୍ୱାରା ସମ୍ପାଦିତ ହେବ ବୋଲି ଯୋଜନା ବିଭାଗର ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ କାର୍ଯ୍ୟକ୍ରମରେ ଯୋଗଦେଇ ସୂଚନା ଦେଇଥିଲେ। ଜିଲାର ଘରକୁ ଘର ବୁଲି ଗଣନାକାରୀମାନେ ମୋବାଇଲ ଆପ୍‌ରେ ସୂଚନା ଲୋଡିଂ କରିବେ। ଜିଲାରେ ପ୍ରାୟ ୯୦୦ ଗଣନାକାରୀ ଏଥିପାଇଁ ନିୟୋଜିତ ହୋଇଛନ୍ତି। ପ୍ରତି ୫ ବର୍ଷରେ ଥରେ ଏହି ଅର୍ଥନୈତିକ ଗଣନା କରାଯାଇଥାଏ। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ଓ ଏସ୍‌ସି ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ଯୋଜନା ବିଭାଗର ସହକାରୀ ନିର୍ଦ୍ଦେଶକ କୈଳାସଚନ୍ଦ୍ର ସେଠୀ, ଜନସେବା କେନ୍ଦ୍ରର ଜିଲା ପରିଚାଳକ ରାକେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ପୌରାଞ୍ଚଳର ଜନସେବା କେନ୍ଦ୍ରର ସ୍ୱତ୍ୱାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଗଣନାକାରୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଟୋଲ ଫ୍ରି ନମ୍ବର ୧୮୦୦-୩୦୦୦-୩୪୬୮ରେ ନିଜ ଆଞ୍ଚଳିକ ଭାଷାରେ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଥିଲା।

## ଢେଙ୍କାନାଳ କଲେଜରେ ସାପ୍ତାହିକ କର୍ମଶାଳା

# ଶିକ୍ଷା ସହ ଦକ୍ଷତା ବୃଦ୍ଧି କରନ୍ତୁ ଛାତ୍ରୀଛାତ୍ର




ଢେଙ୍କାନାଳ କଲେଜରେ ସାପ୍ତାହିକ କର୍ମଶାଳା।

ଢେଙ୍କାନାଳ ଅଫିସ,୨୬।୮

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସୋମବାର ଏକ ସାପ୍ତାହିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରିଡିଙ୍ଗ୍ ରୁମରେ ଅନୁଷ୍ଠିତ ଏହି କର୍ମଶାଳାରେ ସ୍ନାତକ ଡିଗ୍ରୀଧାରୀମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସମ୍ପର୍କରେ ଆଲୋଚନା କରି ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ସଦସ୍ୟ ଜଗନ୍ନାଥ ମହାନ୍ତି କହିଲେ ଯେ, ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ ସହ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ଏହା ଦ୍ୱାରା ନିଯୁକ୍ତି ଓ ଆତ୍ମ ନିଯୁକ୍ତିର ସୁଯୋଗ ସବୁବେଳେ ରହିଛି। ସମୟ ପରିଚାଳନା, ନିୟମିତ ପାଠ୍ୟ ଅଭ୍ୟାସ ଦକ୍ଷତା ବୃଦ୍ଧିକରି ଛାତ୍ରୀଛାତ୍ରମାନେ ସ୍ୱାବଲମ୍ବୀ ହେବା ଆବଶ୍ୟକ। କମ୍ପ୍ୟୁଟର ବିଷୟରେ ଦକ୍ଷତା ବୃଦ୍ଧି କରିବା ସହ ଏହାର ବ୍ୟବହାରିକ ଦିଗ ବିଷୟରେ ଅଭ୍ୟାସ ରହିବା ଉଚିତ । ଛାତ୍ରୀଛାତ୍ରମାନେ ଓପିଏସ୍‌ସି ଓ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ସମ୍ପର୍କରେ ପ୍ରଶ୍ନ କରିବା ସହ ନିଯୁକ୍ତି ସୁଯୋଗ ଉପରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ମିଶ୍ର କର୍ମଶାଳାରୁ ଶିକ୍ଷଣୀୟ ମୂଲ୍ୟବୋଧକୁ ଜୀବନରେ ଲଗାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ରିଡିଙ୍ଗ୍ ରୁମର ଭାରପ୍ରାପ୍ତ ଅଧିକାରୀ ରଞ୍ଜିତା କୁମାରୀ ମହାନ୍ତି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହ ଭାରପ୍ରାପ୍ତ ଅଧିକାରୀ ଅଧ୍ୟାପିକା ସୁମିତ୍ରା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ରମେଶଚନ୍ଦ୍ର ବେହେରା ଓ ପ୍ରଜ୍ଞା ପାରମିତା ପ୍ରଧାନ ଉପସ୍ଥିତ ଥିଲେ । ବାଣିଜ୍ୟ ସ୍ନାତକ ଛାତ୍ରୀ ନରଗିସ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଲକ୍ଷ୍ମୀପୂଜା କମିଟିର ବୈଠକ

# ଦୀପକ ସଭାପତି, ଜ୍ଞାନେନ୍ଦ୍ର ସମ୍ପାଦକ



ମହାବୀର ବଜାର ଲକ୍ଷ୍ମୀପୂଜା କମିଟିର ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ,୨୬।୮

ଢେଙ୍କାନାଳ ମହାବୀର ବଜାର ଲକ୍ଷ୍ମୀପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୧୮-୧୯ ବର୍ଷର ଆୟବ୍ୟୟର ହିସାବ କରାଯାଇଥିଲା। ଚଳିତ ବର୍ଷ ଲକ୍ଷ୍ମୀପୂଜାକୁ ସୂଚାରୁ ରୂପେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ପୂଜା କମିଟିର ସଭାପତି ଭାବେ ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଭାବରେ ଜ୍ଞାନେନ୍ଦ୍ର ବେହେରା ମନୋନୀତ ହୋଇଥିଲେ। ସେହିପରି ଉପସଭାପତି ଭାବେ ଟଙ୍କଧର ବେହେରା, ଲକ୍ଷ୍ମୀଧର ଦଳେଇ, ସହ ସମ୍ପାଦକ ଭାବେ ଚନ୍ଦ୍ରଭାନୁ ସିଂ ଓ ରାକେଶ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଅଧ୍ୟକ୍ଷ ଭାବେ ଦେବେନ୍ଦ୍ର ସିଂଙ୍କୁ ମନୋନୀତ କରାଯାଇଥିଲା। ସଭାପତି ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିବରଣୀ ପ୍ରଦାନ କରିଥିଲେ।

# ପଞ୍ଚାୟତ ସମିତି ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନ,୨୬।୮(ଡି.ଏନ.ଏ.)

ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମଲ୍ଲିକ ଅଞ୍ଚଳରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏହାସହ ଆଗାମୀ ଦିନରେ ନୂତନ ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଡିଓ କିଶୋର କୁମାର ସାହୁ, ବ୍ଲକର ୨ ନଂ. ଜୋନ ଜିଲାପରିଷଦ ସଦସ୍ୟ ମାଳତୀ ନାଏକ, ସରପଞ୍ଚ ସବିତା ସେଠୀ ଓ ସମିତି ସଭ୍ୟା ବେବିନା ସେଠୀଙ୍କ ସମେତ ସମସ୍ତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସରପଞ୍ଚ ନିଜ ପଞ୍ଚାୟତକୁ ବ୍ଲକର ଶ୍ରେଷ୍ଠ ପଞ୍ଚାୟତ ଗଢି ତୋଳିବା ପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଶେଷରେ ସମସ୍ତ ହିତାଧିକାରୀ ଉପସ୍ଥିତ ରହି ନିଜ ନିଜର ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

# ୩୪ ତମ ନଟରାଜ କୁମାରୋତ୍ସବ ପ୍ରସ୍ତୁତି



ନଟରାଜ କୁମାରୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ଢେଙ୍କାନାଳ ଅଫିସ,୨୬।୮

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଚଳିତବର୍ଷ ୩୪ତମ ନଟରାଜ କୁମାରୋତ୍ସବ ଆସନ୍ତା ଅକ୍ଟୋବର ୧୨, ୧୩ ଓ ୧୪ ତାରିଖରେ ମିନି ଷ୍ଟାଡିୟମସ୍ଥିତ ଗଜଲକ୍ଷ୍ମୀ କଳାମଣ୍ଡପଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଅନୁଷ୍ଠାନର କାର୍ଯ୍ୟାଳୟଠାରେ ରବିବାର ସନ୍ଧ୍ୟାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ବସିଥିଲା। ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାଜ୍ୟ ଓ ଜିଲାର ସ୍ୱନାମଧନ୍ୟ ବ୍ୟକ୍ତି ବିଶେଷଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନ, ନଟରାଜ ସମ୍ମାନ, କଳ୍ପନା ଦାଶ ସମ୍ମାନ ଓ ଗୁରୁ ଗଙ୍ଗାଧର ପ୍ରଧାନ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ଅନୁଷ୍ଠାନର ସଭାପତି କୃଷ୍ଣକୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଉପସଭାପତି ମହାବୀର ପ୍ରସାଦ ତ୍ରିପାଠୀ ଓ ପ୍ରତିମା ସିହ୍ନା, ସଭ୍ୟ ମଧୁସୂଦନ ରାଉତ, ସତ୍ୟ ନାରାୟଣ କର, ମଥୁରୀ ସାହୁ, ପ୍ରଣବାନନ୍ଦ ଦାସ, ରାଜକିଶୋର ବେହେରା, ଶରତ ମାଝିଙ୍କ ସମେତ ବହୁ ଅଭିଭାବକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟଲୀ ଓ ସୁଷମା ସ୍ୱରାଜଙ୍କ ସମେତ ଢେଙ୍କାନାଳର କୃତୀ ସନ୍ତାନ ନାଟ୍ୟକାର ବିପିନ ବିହାରୀ ପଟ୍ଟନାୟକ ଏବଂ ହାସ୍ୟ ବିଦୂଷୀ ପଙ୍କଜିନୀ ଦାଶଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା ।

# ୧୨୮ ୟୁନିଟ୍ ରକ୍ତ ସଂଗ୍ରହ




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ ଅଫିସ,୨୬।୮

ଢେଙ୍କାନାଳ ନୂଆପୋଖରୀସ୍ଥିତ ଗୁଡିଆନାଳୀ ଭାଗୀରଥି ଯୁବକ ସଂଘ ପକ୍ଷରୁ ମଙ୍ଗଳା ମନ୍ଦିର ନିକଟରେ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଶିବିର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଜିଲା ବାଣିଜ୍ୟ ସଂଘ ସଭାପତି ଶରତ ଚନ୍ଦ୍ର ପାଢୀ, ଶିକ୍ଷାବିତ୍ ପ୍ରଫେସର ଧନେଶ୍ୱର ସାହୁ, ଶିକ୍ଷକ ନେତା ବିପ୍ରବର ସାହୁ, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ସୌମ୍ୟରଞ୍ଜନ ପାଢୀ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଇଂ. ସୌମ୍ୟବ୍ରତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିବିରରେ ୧୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଚାନ୍ଦମାରି ସାହିର ଯୁବକ ପ୍ରିୟବ୍ରତ ସାମଲଙ୍କୁ ଚିକିତ୍ସା ନିମନ୍ତେ କ୍ଲବ୍ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଗରିକା ମିଶ୍ର ଧନ୍ୟବାଦ ଦେଇଥିଲେ। ରେଡକ୍ରସ ପକ୍ଷରୁ ଡା. ପି.କେ. ମହାଳିକ, ଡା. ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ଅଜୟ ସ୍ୱାଇଁ, ବରୁଣ ସାହୁ, ତପନ ଜେନା ଓ ରୋହିତ ଦାସ ଏବଂ ପ୍ରତିମା ଖଟୁଆ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରଞ୍ଜିତ ସେନାପତି, ନିଗମାନନ୍ଦ ନନ୍ଦ, ବିଜୟ କୁମାର ବେହେରା, ସୁଜିତ୍ ପ୍ରସାଦ ସିଂ, ଅଭୟ କୁମାର ରାଉତ, ବାବୁ ପଣ୍ଡା, ଦୁଃଶାସନ ବେହେରା, କାମାକ୍ଷାପ୍ରସାଦ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କୁଟି, ବାଇକ୍‌କୁ ଧକ୍କାଦେଲା ଗ୍ରେଡର

# ଜଣେ ମୃତ, ୪ ଗୁରୁତର

ଢେଙ୍କାନାଳ ଅଫିସ,୨୬।୮



ବଳଦିଆବନ୍ଧଠାରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି।

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ୫୫ ନଂ ଜାତୀୟ ରାଜପଥର ବଳଦିଆବନ୍ଧ ଓମ୍‌ଫେଡ୍ ପାର୍ଲର ନିକଟରେ ସୋମବାର ଏକ ଦୁର୍ଘଟଣା ଘଟିଛି। ଏକ ଗ୍ରେଡର ସମ୍ମୁଖରୁ ଆସୁଥିବା ସ୍କୁଟି ଓ ବାଇକକୁ ଧକ୍କା ଦେବାରୁ ସ୍କୁଟି ଚାଳକ ନଡିଆଳୀ ପଞ୍ଚାୟତ ଦଲକ ଗ୍ରାମର ଭରତ ବେହେରା(୨୨)ଙ୍କ ମୃତ୍ୟୁ ଘଟିଛି। ଏଥିସହ ସ୍କୁଟିରେ ଓ ବାଇକରେ ଯାଉଥିବା ଅନ୍ୟ ୪ ଜଣ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନଡିଆଳୀ ଦଲକ ଗ୍ରାମର ଚନ୍ଦନ ବେହେରା(୨୨), ବଳରାମ ବେହେରା(୨୨), ପାଇକ ଦହିକୋର ଗ୍ରାମର ଉଚ୍ଛବ ନାୟକ(୪୨) ଓ ମଣ୍ଟୁ ନାୟକ(୨୩)। ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଚନ୍ଦନ ଓ ବଳରାମଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଘଟଣାରୁ ଜଣାପଡିଛି, ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭରତ ବେହେରା ସହଯୋଗୀଙ୍କ ସହ ସାମରିକ ବାହିନୀରେ ସାକ୍ଷାତକାର ପରୀକ୍ଷା ନିମନ୍ତେ ସଦର ତହସିଲ କାର୍ଯ୍ୟାଳୟକୁ ସାର୍ଟିଫିକେଟ ଆଣିବା ପାଇଁ ଢେଙ୍କାନାଳ ଯାଉଥିଲେ। ସେହି ସମୟରେ ୫୫ନଂ ରାଜପଥ ସମ୍ପ୍ରସାରଣ ପାଇଁ ଗାୟତ୍ରୀ ଠିକାସଂସ୍ଥା ଅଧୀନରେ ନିର୍ମାଣ କାର୍ଯ୍ୟ କରୁଥିବା କନୋଲିମା ଠିକାସଂସ୍ଥାର ଏକ ଗ୍ରେଡର ଦ୍ରୁତ ଗତିରେ ଯାଉଥିବା ବେଳେ ସମ୍ମୁଖରୁ ଆସୁଥିବା ଏକ ସ୍କୁଟି ଓ ଭରତଙ୍କ ବାଇକକୁ ଧକ୍କା ଦେଇଥିଲା। ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବି କରି ବଳଦିଆବନ୍ଧଠାରେ ମଧ୍ୟାହ୍ନ ସାଢେ ୧୨ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ଅଞ୍ଚଳବାସୀ ଟାୟାରଜାଳି ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ରାଜପଥରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଫାଣ୍ଡି ଅଧିକାରୀ ସବିତା ପାତ୍ର ପ୍ରମୁଖ ଘଟଣାସ୍ଥଳକୁ ଯାଇ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଦୁର୍ଘଟଣା ଘଟାଇଥିବା ଗ୍ରେଡରକୁ ଜବତ କରିବା ସହ ଏହାର ଚାଳକ ଆନ୍ଧ୍ରପ୍ରଦେଶର ଟେନଚାଲାୟାଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ଡିପିଓ ସୂଚନା ଦେଇଥିଲେ । ଏ ସଂକ୍ରାନ୍ତରେ ସଦର ଥାନାରେ ନଂ.୩୦୯/୧୯ରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ସଂକ୍ଷେପରେ

### ସୁକିନ୍ଦା କ୍ରୋମ ଖଣିରେ ପରିବହନ ଠପ୍
### ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ କଣ୍ଡୋଇ

**ଯାଜପୁର ଅଫିସ,୨୬।୮:** ଯାଜପୁର ଜିଲା ସୁକିନ୍ଦା କ୍ରୋମ ଖଣି ଅଞ୍ଚଳରେ ଲାଗି ରହିଥିବା ପରିବହନ ସମସ୍ୟାର ତୁରନ୍ତ ସମାଧାନ କରିବାକୁ କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ ଆସୋସିଏଶନ ସଭାପତି ପି.ଏଲ. କଣ୍ଡୋଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲା ପ୍ରଶାସନ ଓ ପୋଲିସ ହସ୍ତକ୍ଷେପ କରି ତୁରନ୍ତ କ୍ରୋମ ପରିବହନ ଯେପରି ଆରମ୍ଭ ହେବ ସେଥିପାଇଁ ନିର୍ଦ୍ଦେଶ ଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସ୍ମାରକପତ୍ରରେ କଣ୍ଡୋଇ ଦର୍ଶାଇଛନ୍ତି ଯେ, ୬ଦିନ ହେଲା ଓଏମ୍‌ସି, ଟାଟା, ମିଶ୍ରିଲାଲ ଓ ବିସି ମହାନ୍ତି ଖଣିରୁ କ୍ରୋମ ଓର ପରିବହନ ବନ୍ଦ ରହିଛି। ସ୍ଥାନୀୟ ବିଧାୟକଙ୍କ ସହମତିରେ ଟ୍ରକ ମାଲିକ ସଂଘ ନିଜ ସ୍ୱାର୍ଥ ପାଇଁ ପରିବହନକୁ ରୋକି ରଖିବାରୁ ଖଣି ବନ୍ଦ କରିଛନ୍ତି। ହାଇକୋର୍ଟ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇପାରି ନାହିଁ ଯାହାକି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖୋଲା ଉଲ୍ଲଂଘନ କରୁଛି। ଏଭଳି ସମ୍ବେଦନଶୀଳ ଘଟଣା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଜିଲା ପ୍ରଶାସନ, ସ୍ଥାନୀୟ ପୋଲିସ ସହାୟତାରେ ପରିବହନକୁ ସ୍ୱାଭାବିକ କରିବାକୁ ସେ ଦାବି କରିଛନ୍ତି। କ୍ରୋମ ଖଣି ବନ୍ଦ ରହିଥିବାରୁ ହଜାର ହଜାର ଶ୍ରମିକଙ୍କ ଜୀବନଜୀବିକା ସଙ୍କଟରେ ପଡିଛି।

## ■ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ବିଚ୍ଛିନ୍ନାଞ୍ଚଳ ଆଦିବାସୀ
# ୧୦ରେ ଜିଲାପାଳଙ୍କ ସହ ଆଲୋଚନା

**ଚିତ୍ରକୋଣ୍ଡା/ମାଲକାନଗିରି, ୨୬।୮(ବି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳର ୧ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ନିଜର ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ ୨ ଦିନ ଧରି ସେମାନେ ସ୍ୱିଲଓ୍ୱେ ଲଞ୍ଚଘାଟଠାରେ ଆନ୍ଦୋଳନ ଚଳାଇ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଭେଟିବା ପାଇଁ ମାଲକାନଗିରି ଯିବାକୁ ଜିଦ୍ ଧରି ବସିଥିଲେ। ତେବେ ସୋମବାର ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସେମାନଙ୍କ ନିକଟକୁ ଆସି ସେମାନଙ୍କ ସମସ୍ୟାର ସମାଧାନ କରାଯିବ। ସେପ୍ଟେମ୍ବର ୧୦ରେ ଜିଲାପାଳଙ୍କ ସହ ଆଲୋଚନା ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଗ୍ରାମବାସୀ ଗ୍ରାମକୁ ଫେରିଛନ୍ତି। ଖବରରୁ ଜଣାପଡିଛି ନିଜ ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ରାସ୍ତାଘାଟ, ପାନୀୟଜଳ, ଅଙ୍ଗନୱାଡି କେନ୍ଦ୍ର ସହ ଅନ୍ୟାନ୍ୟ ସମସ୍ୟା ସମାଧାନ ଦାବି ନେଇ ଜିଲାପାଳଙ୍କୁ ଭେଟି ଜିଲା ପ୍ରଶାସନ ସହ ଆଲୋଚନା କରିବା ଲାଗି ପଣସପୁଟ, ଯୋଡ଼ାମ୍ବ, ଅଣ୍ଡ୍ରାପାଲି, ଯନ୍ତ୍ରୀ ଓ ଗାଲୁରୁମାମୁଡ଼ି ପଞ୍ଚାୟତର ଲୋକେ ୧୦୦ କିଲୋମିଟର ଲଞ୍ଚ ଯୋଗେ ଆସି ଚିତ୍ରକୋଣ୍ଡାର ସ୍ୱିଲଓ୍ୱେ ଘାଟଠାରେ ରବିବାର ପହଞ୍ଚିଥିଲେ। ତେବେ ଏନେଇ ଖବର ପାଇ ଘାଟରେ ରବିବାର ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ବିଡ଼ିଓ ଲଲିମନ ଖରସେଲ, ମାଲକାନଗିରି ଥାନା ଅଧିକାରୀ ରାମ ପ୍ରସାଦ ନାଗ, ଚିତ୍ରକୋଣ୍ଡା ଥାନା ଅଧିକାରୀ ଯୁଗଳ ଶବର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିତ୍ତରଞ୍ଜନ ବେହେରା ପହଞ୍ଚ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ଲଞ୍ଚ ଘାଟଠାରେ ଧାରଣାରେ ବସିଥିଲେ। ସୋମବାର ସେମାନେ ମାଲକାନଗିରି ସଦର ମହକୁମାରେ ଆନ୍ଦୋଳନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ସଜବାଜ ହେଉଥିବା ବେଳେ ଘଟଣାସ୍ଥଳରେ ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ବିଡ଼ିଓ ଖରସେଲ, ତହସିଲଦାର ଦୋରା, ମାଲକାନଗିରି ଥାନା ଅଧିକାରୀ ନାଗ, ଚିତ୍ରକୋଣ୍ଡା ଥାନା ଅଧିକାରୀ ଶବର, ଏସ୍‌ଆଇ ଲକ୍ଷ୍ମୀ ନାରାୟଣ ମୁଦୁଲି ପ୍ରମୁଖ ପହଞ୍ଚ ଲୋକଙ୍କୁ ବୁଝାଶୁଝା କରିଥିଲେ। ଗୁରୁପ୍ରିୟା ସେତୁ ହେବା ପରେ ଏବେ ମଧ୍ୟ ୫ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି। ଗ୍ରାମବାସୀ ସରକାରୀ ସୁବିଧାରୁ ବଞ୍ଚିତ ହେବା ସହ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହୁଛି। ପଣସପୁଟ, ଦାର୍ଲାବେଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି, ଜଳସେଚନ, ଅଣ୍ଡ୍ରାପାଲୀ ଛାତ୍ରାବାସରେ ଶିକ୍ଷକ ନିଯୁକ୍ତି, ଯନ୍ତ୍ରୀ ଗ୍ରାମରେ ଛାତ୍ରାବାସ ନିର୍ମାଣ, ଗାଲୁରୁମାମୁଡି ଓ ମୁଦୁଲିଗୁଡ଼ାରେ ନୂତନ ହଷ୍ଟେଲ ନିର୍ମାଣ, ପଣସପୁଟ, ଯନ୍ତ୍ରୀ, ଅଣ୍ଡ୍ରାପାଲି, ଗାଲୁରୁମାମୁଡ଼ି, ମୁଦୁଲିଗୁଡାରେ ନୂତନ ଚିକିତ୍ସାଳୟ ପ୍ରତିଷ୍ଠା, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ସୁଷମ ଖାଦ୍ୟ ବଣ୍ଟନ ସହ ଅନ୍ୟାନ୍ୟ ଦାବି ଆଲୋଚନା ବେଳେ ଅଞ୍ଚଳବାସୀ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ଜିଲାପାଳ ଛୁଟିରେ ଥିବାରୁ ଉପଜିଲାପାଳ ପ୍ରଧାନ ଆସନ୍ତା ୧୦ରେ ଅଞ୍ଚଳବାସୀଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ସମସ୍ତେ ଘରକୁ ଫେରିଛନ୍ତି। ତେବେ ଯଦି ଧାର୍ଯ୍ୟ ତାରିଖରେ ଆଲୋଚନା ପରେ ଦାବି ପୂରଣ ନ ହୁଏ ତା'ହେଲେ ସେମାନେ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ।


ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଆଲୋଚନା କରୁଛନ୍ତି।

■ ୫ ପଞ୍ଚାୟତର ଲୋକେ ଏକାଠି ହୋଇଥିଲେ
■ ଜିଲା ସଦର ମହକୁମାକୁ ଯିବାକୁ ମସୁଧା କରୁଥିଲେ

## ହାତୀ ଜୁଲିଙ୍କୁ ଆଉ ଦେଖିପାରିବେନି ପର୍ଯ୍ୟଟକ

**ବାରଙ୍ଗ,୨୬।୮(ବି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ସୋମବାର ହାତୀ ସଫାରୀର ହାତୀଶାଳରେ ଥିବା ମାଈ ହାତୀ ଜୁଲିର ମୃତ୍ୟୁ ଘଟିଛି। ଜୁଲି ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡି ନ ଥିବାବେଳେ ଅସୁସ୍ଥତା କାରଣରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଶେଷଥର ପାଇଁ ଜୁଲି ବିଶ୍ୱ ହସ୍ତୀ ଦିବସରେ ଯୋଗଦେଇ ସ୍କୁଲପିଲାମାନଙ୍କର ମନୋରଞ୍ଜନର ଖୋରାକ ସାଜିଥିଲା। ହଠାତ ଜୁଲିର ମୃତ୍ୟୁ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କ କହିବା ଅନୁଯାୟୀ ଜୁଲି ରବିବାରଠାରୁ ଖାଦ୍ୟ ଗ୍ରହଣ କରିବାର ପରିମାଣ କମାଇଥିଲା। ସୋମବାର ପ୍ରାୟ ୨ଟାବେଳେ ପୂର୍ଣ୍ଣରୂପେ ଅସୁସ୍ଥତା ଅନୁଭବ କରି ତଳେ ପଡିଯାଇଥିଲା। ତା'ର ପେଟରେ ଯନ୍ତ୍ରଣା ହେଉଥିବାର ଅନୁମାନ କରି ନନ୍ଦନକାନନର ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିବା ସହ ଇଞ୍ଜେକ୍ସନ ଓ ସାଲାଇନ ଦେଇଥିଲେ। କିନ୍ତୁ ରାତି ୭ଟାରେ ଜୁଲିର ମୃତ୍ୟୁ ଘଟିଥିଲା। ଜୁଲିର ମୃତ୍ୟୁପରେ ନନ୍ଦନକାନନରେ ହାତୀ ସଂଖ୍ୟା ହ୍ରାସ ପାଇ ୭ରେ ପହଞ୍ଚିଛି। ସେଥିମଧ୍ୟରେ ଗୋଟିଏ ଅଣ୍ଡିରା ଓ ୬ଟି ମାଈ ଥିବାର ଜଣାପଡିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଉପନିର୍ଦ୍ଦେଶକ କହିଛନ୍ତି।

# ପୁଣି ୪ ପ୍ରଫେସର ନିଲମ୍ବିତ

**ସମ୍ବଲପୁର,୨୬।୮(ବ୍ୟୁରୋ)**

### ଭିସୁଟ୍ ଅଧ୍ୟାପକ ଆନ୍ଦୋଳନ ପ୍ରସଙ୍ଗ

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଭିସୁଟ୍)ରେ ଆନ୍ଦୋଳନରେ ସାମିଲ ଥିବା ୪ଜଣ ଅଧ୍ୟାପକଙ୍କ ବିରୋଧରେ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ହେଲେ ପ୍ରଡକ୍ସନ ବିଭାଗ ପ୍ରଫେସର ଡି. ଧୁପାଲ, କମ୍ପ୍ୟୁଟର ଆପ୍ଲିକେଶନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଏସ୍.କେ. ମାଝି, ଆସିଷ୍ଟାଣ୍ଟ ପ୍ରଫେସର ପି.କେ. ପ୍ରଧାନ ଓ ଆସୋସିଏଟ୍ ପ୍ରଫେସର ସସ୍ମିତା ପାତ୍ର। ସେମାନଙ୍କୁ ଭିସୁଟ କୁଳପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଲମ୍ବନ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ବିଶୃଙ୍ଖଳା ସୃଷ୍ଟି କରିବା, ଅଧ୍ୟାପକଙ୍କୁ ପ୍ରଭାବିତ କରି ଆନ୍ଦୋଳନ କରିବା, କୁଳପତିଙ୍କ ବିରୋଧରେ ନାରାବାଜି କରିବା, ଗଣମାଧ୍ୟମ ଆଗରେ ବିଶ୍ୱବିଦ୍ୟାଳୟ ଓ କୁଳପତିଙ୍କ ବିରୋଧରେ ମନ୍ତବ୍ୟ ଦେବା ଯୋଗୁ ଶିକ୍ଷା ଅନୁଷ୍ଠାନର ଗରିମା ଉପରେ ପ୍ରଭାବ ପଡୁଛି। ଆତ୍ମଶିକ୍ଷଣ ସମୟରେ ଏଭଳି କାର୍ଯ୍ୟ କରିଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉପରେ ତାର ପ୍ରଭାବ ପଡୁଛି। ଅନ୍ୟ ଅଧ୍ୟାପକଙ୍କୁ ଶିକ୍ଷାଦାନ ଓ ଖାତା ଦେଖାରେ ବାଧା ଦିଆଯାଉଛି ବୋଲି ଅଭିଯୋଗ ପରେ ସେମାନଙ୍କ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୧୫ ଦିନ ଭିତରେ ପକ୍ଷ ରଖିବାକୁ କୁହାଯାଇଥିଲା। ଜୁଲାଇ ୧୭ ତାରିଖଠାରୁ ଅଧ୍ୟାପକମାନେ କୁଳପତି ଅଟଳ ଚୌଧୁରୀଙ୍କୁ ହଟାଇବାକୁ ଦାବି କରି ଆସୁଥିଲେ। ଏହାସହ ଡିନ୍ ଏକାଡେମିକ୍‌କୁ ତାଙ୍କ ପଦରୁ ନିବୃତ୍ତ କରିବା, ଡ. ଏସ୍.ପି. ପାଣିଗ୍ରାହୀ ଓ ଡ. ରାକେଶ ମହାନ୍ତିଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯିବା, ପିଏଆର ଫର୍ମାଟରେ କରାଯାଇଥିବା ପରିବର୍ତ୍ତନକୁ ପ୍ରତ୍ୟାହାର କରିବା, ପିଏଚ୍‌ଡି ଆଡ୍‌ମିସନ ପାଇଁ ୟୁଜିସି ନିୟମ ପାଳନ କରିବା, ସର୍ବନିମ୍ନ ସୁବିଧା ଯୋଗାଇ ଦେବା, ଫାକଲ୍ଟି କାଉନସେଲଙ୍କ ବିନା କୌଣସି ନିଷ୍ପତ୍ତି ନ ନେବା, ସ୍କୁଲବୋର୍ଡ ବଡ଼ି ବୈଠକରେ ଅଡିଓ ଓ ଭିଡିଓ ରେକର୍ଡ କରିବା, ଏକାଡେମିକ୍ ପ୍ରସଙ୍ଗରେ ପୁରାତନ ଛାତ୍ର ସଂଘ ମୁଖ୍ୟ ନ କରିବାକୁ ସେମାନେ ଦାବି କରିଥିଲେ। ଆନ୍ଦୋଳନକୁ ନେଇ ପ୍ରଶାସନିକସ୍ତରରେ ସମାଧାନ ପାଇଁ ଚେଷ୍ଟା କରାଯାଉଥିଲା। କିନ୍ତୁ ଜୁଲାଇ ୨୪ ତାରିଖ ରାଜ୍ୟପାଳ ତଥା କୁଳାଧିପତିଙ୍କ କାର୍ଯ୍ୟାଳୟ ଯୁଗ୍ମ ସଚିବ ସି.ଆର. ମହାପାତ୍ର, ଦକ୍ଷତା ବିଭାଗ ଯୁଗ୍ମସଚିବ ଅଜୟ କୁମାର ନାଏକ ଆସି ରିପୋର୍ଟ ସଂଗ୍ରହ କରିଥିଲେ। କୁଳପତି ଚୌଧୁରୀ ଓ ଆନ୍ଦୋଳନ କରୁଥିବା ଅଧ୍ୟାପକମାନଙ୍କଠାରୁ ପୃଥକ୍ ପୃଥକ୍ ଭାବେ ରିପୋର୍ଟ ନେଇଥିଲେ। ଏହି ରିପୋର୍ଟକୁ ଆଧାର କରି ଅଗଷ୍ଟ ୧୦ ତାରିଖ ଅଧ୍ୟାପକ ସଂଘ ସଭାପତି ପୁଷ୍ପରାଜ ଦାସ, ସମ୍ପାଦକ ପ୍ରଦୀପ ଦାସ ଓ ଉପସଭାପତି ପାଣ୍ଡବ ପାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ଏହାସହ ଆନ୍ଦୋଳନରେ ସାମିଲ ଥିବା ଅନ୍ୟ ୧୫ ଜଣ ଅଧ୍ୟାପକଙ୍କ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। ଏବେ ଆଉ ୪ ଜଣଙ୍କ ବିରୋଧରେ ପଦକ୍ଷେପ ନେବା ପରେ ସେହି ସଂଖ୍ୟା ୭ରେ ପହଞ୍ଚିଛି।

# ସଭାପତି ପଦରେ ରହିଲେ ନିରଞ୍ଜନ

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

■ ବଦଳିଲେନି ପିସିସି କାର୍ଯ୍ୟକାରୀ ସଭାପତି
■ ଭାଙ୍ଗିଲା ପିସିସିର ପଦାଧିକାରୀ ଓ ନିର୍ବାଚନ କମିଟି

ଓଡ଼ିଶା କଂଗ୍ରେସକୁ ସଜାଡିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଚିନ୍ତା ପ୍ରକଟ କରିଛନ୍ତି। ଏଆଇସିସି ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇ, ୨୦୧୯ ସାଧାରଣ ନିର୍ବାଚନ ପାଇଁ ଗଠନ କରାଯାଇଥିବା ସମସ୍ତ କମିଟିକୁ ଭାଙ୍ଗି ଦିଆଯାଇଛି। ଏହାସହ ପିସିସି ପଦାଧିକାରୀ କମିଟିକୁ ମଧ୍ୟ ରଦ୍ଦ କରାଯାଇଛି। ତେବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଦୁଇ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏବଂ ପ୍ରଦୀପ ମାଝୀ ଅପରିବର୍ତ୍ତିତ ରହିଛନ୍ତି। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ କଂଗ୍ରେସର ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ ପାଇଁ ନିଜକୁ ଦାୟୀ କରି ନିରଞ୍ଜନ ସଭାପତି ପଦରୁ ଇସ୍ତଫା ଦେଇଥିଲେ। ଏପରିକି ତାଙ୍କ ଇସ୍ତଫା ଗ୍ରହଣ କରିବା ଲାଗି ଚାପ ସୃଷ୍ଟି କରିବା ନିମନ୍ତେ ୩ଥର ଦିଲ୍ଲୀ ଯାଇ ଏଆଇସିସିକୁ ନିବେଦନ କରିଥିଲେ। ହେଲେ ତାଙ୍କ ଇସ୍ତଫାକୁ ଏଆଇସିସି ଗ୍ରହଣ କରିନାହିଁ। ଏଆଇସିସିର ଏଭଳି ନିଷ୍ପତ୍ତିକୁ ଦଳ ମଧ୍ୟରେ ବହୁ ବରିଷ୍ଠ ନେତା ସ୍ୱାଗତ କରିଥିବାବେଳେ ଆଉ କେତେକଙ୍କ ବିରୋଧ କରିଛନ୍ତି। ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଦଳର ହାଇକମାଣ୍ଡ ଯାହା ନିଷ୍ପତ୍ତି ନେଇଛନ୍ତି ତାକୁ ମାନିନେଇ କାର୍ଯ୍ୟ କରିବୁ। ଆମକୁ ଦଳରେ ଯାହା କାର୍ଯ୍ୟ ଦିଆଯିବ ତାକୁ ଠିକ୍‌ରେ ପାଳନ କରିବୁ ବୋଲି ସେ କହିଛନ୍ତି। ମାତ୍ର ଦଳ ଭିତରେ ନିରଞ୍ଜନଙ୍କୁ ପିସିସି ସଭାପତି ପଦରୁ ବାହାର କରିବାକୁ ଚାହୁଁଥିବା ଗୋଷ୍ଠୀ ବର୍ତ୍ତମାନ ଏହି ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇଥିବା ଜଣାପଡିଛି। ଆଗକୁ ଦଳର ସାଙ୍ଗଠନିକ ସ୍ଥିତି ସୁଦୃଢ଼ ହେବା ଲାଗି ନେତାଙ୍କ ମଧ୍ୟରେ ସମନ୍ୱୟ ରହିବାର ଯେଉଁ ଆବଶ୍ୟକତା ଥିଲା ତା' ଉପରେ କୌଣସି ଗୁରୁତ୍ୱ ଦିଆ ନ ଯାଇ ନିରଞ୍ଜନଙ୍କୁ ଆଶ୍ୱସ୍ତି ମିଳିଥିବା ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଲାଣି।

### ନାବାଳିକା ଛାତ୍ରୀଙ୍କୁ ଦୁର୍ବ୍ୟବହାର
## ଶିକ୍ଷକ ଅଟକ, ଘଟଣା ନେଇ ଉତ୍ତେଜନା

**ମାଲକାନଗିରି,୨୬।୮(ବି.ଏନ୍.ଏ.):** ମାଲକାନଗିରି ଜିଲାରେ ଛାତ୍ରୀଙ୍କ ଅପହରଣ, ଦୁର୍ବ୍ୟବହାର ଆଦି ଘଟଣାରେ କେତେକ ଶିକ୍ଷକ ଗିରଫ ହୋଇ ଜେଲ ଯିବା, ନିଲମ୍ବିତ ହେବା ପୂର୍ବରୁ ନଜିର ଥିବାବେଳେ ଏବେ ଏକ ବିଦ୍ୟାଳୟର ଶିକ୍ଷକ ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଭଳି ଘଟଣା ପଦାକୁ ଆସିଛି। ଏ ବିଷୟରେ ଛାତ୍ରୀଙ୍କଠାରୁ ଜାଣିବା ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ସୋମବାର ଗ୍ରାମବାସୀ ଅଟକ ରଖିଛନ୍ତି। ବାଲିମେଳା ଅଞ୍ଚଳ ପାଡାଲପୁଟ ଗ୍ରାମର ସମ୍ପୃକ୍ତ ନାବାଳିକା ଛାତ୍ରୀ ଜଣକ ପ୍ରଧାନଶିକ୍ଷକଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାକୁ ନେଇଛି। ଛାତ୍ରୀଙ୍କ କହିବା ଅନୁଯାୟୀ କଟାମାଟେରୁ ଆଶ୍ରମ ବିଦ୍ୟାଳୟରେ ସେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ଶିକ୍ଷକ ଅସୀମ କୁମାର ଦେଓରି ଗତ ୨୩ରେ ବିଦ୍ୟାଳୟ ପରିସରରେ ଥିବା ତାଙ୍କ ବାସଗୃହକୁ ତାଙ୍କୁ ଡାକିଥିଲେ। ସେ ପହଞ୍ଚିବା ପରେ ଭିତରୁ କବାଟ ବନ୍ଦ କରି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ।


**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଆସିକା**
ପତ୍ର ସଂଖ୍ୟା.1074 ତା: 26.08.19
**ବିଜ୍ଞାପନ**
ପରିଷଦର ବିଜ୍ଞାପନ ସଂଖ୍ୟା.୧୧୩୫ ତା:୨୦।୦୮।୨୦୧୮ରିଖ ଅନୁଯାୟୀ ବିଜୁ ପଟ୍ଟନାୟକ ଛକରେ ୨୦ଗୋଟି ଦୋକାନ ଗୃହ ଭଡା ସୂତ୍ରରେ ଦିଆଯିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା, ସେହି ବିଜ୍ଞାପନ ସରକାର ଗୃହ ଓ ପୌର ଉନ୍ନୟନ ପତ୍ର ସଂଖ୍ୟା... [illegible]
ସ୍ୱା./- ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା

**OFFICE OF THE DEPUTY DIRECTOR OF MINES KOIRA CIRCLE, KOIRA DISTRICT, SUNDARGARH**
E-mail: ddm.koira@orissaminerals.gov.in
No.4146 **NOTICE** Date: 16.08.2019
**Loss of e-Transit Passes**
No.07-G :- The following Electronically Generated Transit Passes (e-Pass) in Form M1/G1 issued for transportation of minerals from different mining lease holders/ plant (Licensee holders) under Koira Mining Circle are lost during transit by the mineral carrying vehicles. These lost e- TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful/ illegal and such act is punishable under Law.

| Sl. No. | e-Pass No. (G1/M1) / Date of issue | Vehicle No. | Source of dispatch with User-Code (Lessee / Licensee) | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | M1 L61904488/43, dt.01.07.2019 | OD05Y 1503 | Patabeda Iron Mines of M/s MGM Minerals (093013014301) | Futurescape Steel Pvt. Ltd. (021113518521) | Loaded with 24.130 MT of Iron Ore screened fines of grade - 53.76% Lost near Jajang under Bamebari PS. |
| 2. | M1 L71902355/136 dt.23.07.2019 | OD09C 8431 | Kalta Iron Mines of M/s SAIL. (093013017108) | Roxy Railway siding | Loaded with Iron Ore lumps of 17.750 MT of - 62.65% Fe lost on the way at Jamdihi near Roxy siding. |
| 3. | M1 L61903730/59 dt.03.07.2019 | JH05BF 4371 | Sanindpur Iron/Bauxite mines of Rungta Sons (P) Ltd. (093057016908) | Orisha Metaliks (P) Ltd. West Bengal (071813429531) Shyamrajpur, Gokulpur, West Medinipur | Loaded with iron Ore CLO (5-18) mm of 31.300 MT Grade 62.30% Fe- lost at Hata Chowk, Jharkhand. |

It is hereby requested that, if any of the above Transit Passes traced/ found anywhere by anybody, the said e-TP may please be returned generously to the Deputy Director of Mines-Cum-Competent Authority, Koira 'or' in any of the circle office of Deputy Director of Mines 'or' O/o the Mining Officer of Steel & Mines Department, Odisha to prevent from illegal use of such e-Transit Passes.
Sd./- Deputy Director of Mines-Cum-Competent Authority, Koira
30016/11/0004/1920

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, CENTRAL CIRCLE (R&B) NIRMAN SOUDHA, PHASE-II, 2ND FLOOR, BHUBANESWAR**
Mail ID: seccbbsr@gmail.com
**E-Procurement Tender Call Notice No. 3 of 2019-20**
No. 2316 (Estg.) Bhubaneswar the 22nd August 2019
**No. 124-B:-** The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids for 2 number of composite Building works to be received in online bidding, double cover system for construction works as detailed in https://tendersorissa.gov.in. The details of bid documents will be available in the above website from 5.00 PM of 31.08.2019 to 5.00 PM of 13.09.2019. The bidders must possess competent Digital Signature Certificate of Class-II or III. Bids received online shall be opened at 11.00 AM of 16.09.2019 in the Office of the Superintending Engineer, Central Circle (R&B) Bhubaneswar. Further details can be seen from the e-Procurement portal www.tendersorissa.gov.in.
Addendum / Corrigendum if required, will be available only in the website.
*Sd/- Er. R.K. Sahu, Superintending Engineer Central Circle (R&B), Bhubaneswar*
34005/11/0002/1920

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS CIRCLE, BALASORE**
E-Mail:- serw_balasore@yahoo.in, Tel/FAX:- 06782-260318
**NOTICE**
**FOR PRADHAN MANTRI GRAM SADAK YOJANA (PMGSY) NATIONAL COMPETITIVE BIDDING THROUGH "e"-Procurement**
**Bid Identification No. PMGSY On-line N.C.B. No.- 259**
No.: 287-O: **The Superintending Engineer, Rural Works Circle, Balasore on behalf of Odisha State Rural Road Agency invites the percentage rate** bids in electronic tendering system for construction **of Roads** under Pradhan Mantri Gram Sadak Yojana in the districts of **Balasore for 2 (Two)** number of packages with estimated cost totalling to **Rs. 5.16 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement. Dtd. **28.08.2019 from 11.00 AM.**
**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at **Three places** i.e. **O/O Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Balasore// Executive Engineer of the Concerned Divisions on a date not later than three working days after the opening of technical qualification part of the Bid, either by registered post or by hand (i.e 17.09.2019 up-to 11.00 A.M)**, failing which the bids shall be declared non-responsive.
**Last Date/ Time for receipt of bids through e-procurement: 12.09.2019 upto 5.00 P.M.**
For further details and corrigendum (if any) please log on to **www.pmgsytenders.gov.in**.
Sd./- D.Sahoo
Superintending Engineer
R.W. Circle, Balasore
25105/11/0008/1920

**Government of Odisha**
**Department of Water Resources**
**Office of the Chief Engineer, Quality Control & Research, H. P. Administrative Building, Delta Square, Unit VIII, Bhubaneswar**
Email Id- ceqcrbbsr@rediffmail.com, Phone No- 0674-2560089
Letter No. 2315 Date : 22.08.2019
**EXPRESSION OF INTEREST**
**Quotation for Ground Penetration Radar (GPR) System and Seismic Tomography**
**No. 199-A:-** The Chief Engineer, Quality Control & Research, Bhubaneswar invites EXPRESSION OF INTEREST from reputed firms / manufacturers to provide quotation for Ground Penetration Radar (GPR) system and Seismic Tomography for seepage or crack studies in concrete dam, masonry dam and earth dam/embankment for Model Studies and Research Division, Burla. The last date of receipt of EXPRESSION OF INTEREST through e-mail i.e eehrdb@gmail.com & ceqcrbbsr@rediffmail.com is 30.09.2019 upto 4 PM. For details of specification of equipment, terms and conditions, please visit the Govt. website www.tendersodisha.gov.in / www.dowrodisha. The authority reserves the right of accepting or rejecting the EOI without assigning any reason thereof.
*Sd./- Chief Engineer Quality Control & Research Bhubaneswar*
32245/11/0001/1920


**COUNCIL OF HIGHER SECONDARY EDUCATION, ODISHA**
No.: N
PRAJNAPITHA, SAMANTAPUR, BHUBANESWAR-13
**QUOTATION CALL NOTICE**
**Bhubaneswar, dated the 19th August, 2019**
No. Adm.-II-28/2017/4875/CHSE (O). Sealed quotations having Service Tax Registration Certificate are invited from interested reputed Travel Agencies/Tour Operators or Private Individuals for providing 02 (two) numbers of A.C. Diesel driven vehicle as follows:
A. Indigo-e-cs with driver - 2 Nos.
The tender documents containing detailed terms and conditions can be obtained from the CHSE website: **http://www.chseodisha.nic.in.** The last date for submission of tender documents is 11.09.2019 upto 04.00 P.M. and shall be opened on the same day at 04.30 P.M. The Secretary, CHSE, Odisha reserves the right to accept or reject any or all tenders without assigning any reason thereof.
By Order of Chairman
Finance Officer
C.H.S.E., Odisha, Bhubaneswar
11003/11/0003/1920

**ZILLA SWASTHYA SAMITI, KANDHAMAL**
Office of the CDM&PHO-cum-District Mission Director, NHM, Kandhamal, Odisha - 762001
**Advt. No.: 9821/NHM/19 Dt.: 22.08.2019**
**TENDER CALL NOTICE**
No.: 260-E: Sealed tenders are invited from the interested eligible bidders for supply E-Rickshaw, Microscope and installation equipment and Instrument in the Ambulances under NHM, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o. The CDM & PHO cum District Mission Director, Kandhamal, DHH, Phulbani, Proposal(s) complete in all respect should reach the undersigned on or before **03.00 P.M. of 10.09.2019** through Regd./Speed Post/Courier and the same will be opened on **11.09.2019 at 11.00 A.M.** The undersigned reserves the right to reject any or all the tender(s) without assigning any reason thereof.
**Sd./- CDM & PHO cum District Mission Director, Kandhamal**
10015/11/0019/1920

## ସୌନ୍ଦର୍ଯ୍ୟ

# କ୍ୟାଣ୍ଡେଲ ମସାଜ ଥେରାପି

ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଶରୀରକୁ ଫିଟ୍ ରଖିବା ଲାଗି ଅଧିକାଂଶ ବିଭିନ୍ନ ମସାଜ ଥେରାପି ଆପଣାଉଥିବା ଦେଖିବାକୁ ମିଳୁଛି। ଯାହା ଭିତରୁ ବର୍ତ୍ତମାନ ଖୁବ୍ ଡିମାଣ୍ଡରେ ରହିଛି କ୍ୟାଣ୍ଡେଲ ମସାଜ। ଜାଣିରଖନ୍ତୁ, ସୌନ୍ଦର୍ଯ୍ୟ ସହ ଏହାର ସ୍ୱାସ୍ଥ୍ୟ ପ୍ରତି ଥିବା ଉପକାରିତା ସମ୍ପର୍କରେ...



❖ଲାବେଣ୍ଡର ଏସେନ୍ସିଆଲ କ୍ୟାଣ୍ଡେଲ ମସାଜ ଦ୍ୱାରା ତ୍ୱଚାରେ ଥିବା ଏଜିଂ, ରିଙ୍କଲ ମାର୍କ, ସନ୍‌ବର୍ନ ଆଦି ସମସ୍ୟା ଦୂର ହୋଇଥାଏ। ଏହା ମୁଣ୍ଡବିନ୍ଧା, ବ୍ଲଡ୍‌ପ୍ରେସର ଆଦି କମ୍ କରିବାରେ ସାହାଯ୍ୟ କରିଥାଏ।

❖କୋକା ବଟର ଥେରାପି ତ୍ୱଚାକୁ ସୁନ୍ଦର ଏବଂ ଚିକ୍କଣ ରଖିଥାଏ।

❖ରୋଜ୍‌ମେରି ଅଏଲ କ୍ୟାଣ୍ଡେଲ ମସାଜ କରିବା ଦ୍ୱାରା ତ୍ୱଚାର ରୁକ୍ଷପଣ ଦୂର ହୋଇଥାଏ ଏବଂ ତାହା ଚିକ୍କଣ ସୁନ୍ଦର ଲାଗିଥାଏ। ତେବେ ଏହା ଡିପ୍ରେଶନ ଦୂର କରିବାରେ ସାହାଯ୍ୟ କରିଥାଏ।

❖ଲେମନ୍ ଆରୋମା କ୍ୟାଣ୍ଡେଲ ମସାଜ ମଧ୍ୟ ସ୍କିନ୍ କେୟାର ସହ ମୁଣ୍ଡବିନ୍ଧା ଏବଂ ଆର୍ଥ୍ରାଇଟିସ୍ ସମସ୍ୟା କମ୍ କରିବାରେ ବେଶ୍ ଉପଯୋଗୀ।

❖ଜୋଜୋବା ଅଏଲ କ୍ୟାଣ୍ଡେଲ ମସାଜ ଥେରାପି ପିଗ୍‌ମେଣ୍ଟେଶନ, ତ୍ୱଚାରେ ରିଙ୍କିଲ ମାର୍କ, ବ୍ଲେମିସ୍ ଇତ୍ୟାଦି ହ୍ରାସ କରିଥାଏ।

❖ସାଣ୍ଡେଲ କ୍ୟାଣ୍ଡେଲ ମସାଜ ତ୍ୱଚାର ରୁକ୍ଷପଣ ଦୂର କରିବା ଲାଗି ବେଷ୍ଟ ଉପାୟ। କେବଳ ଏତିକି ନୁହେଁ, ଏହା ନିଦ୍ରାହୀନତା ସମସ୍ୟାରୁ ମୁକ୍ତି ଦେଇଥାଏ। ଏହା ପ୍ରାକୃତିକ ପେନ୍‌କିଲର ଭଳି କାମ କରିଥାଏ।



# ଗର୍ଭାବସ୍ଥାରେ ଟର୍ଚ୍ଚ ସଂକ୍ରମଣ

ଡା. ସରୋଜିନୀ ଷଡ଼ଙ୍ଗୀ

**ଗର୍ଭାବସ୍ଥା ଉଭୟ ମା' ଏବଂ ଗର୍ଭସ୍ଥ ଶିଶୁ ଲାଗି ବେଶ୍ ସମ୍ବେଦନଶୀଳ ସମୟ। ଏ ସମୟରେ ସାମାନ୍ୟ ଅସୁବିଧା ଉଭୟଙ୍କ ଜୀବନ ପ୍ରତି ବିପଦପୂର୍ଣ୍ଣ। ଠିକ୍ ସେଭଳି ଏକ ସମସ୍ୟା ହେଉଛି ଏହି ଅବସ୍ଥାରେ ଟର୍ଚ୍ଚ ସଂକ୍ରମଣ, ଯାହାକି ଶିଶୁର ବିକଳାଙ୍ଗତା ପାଇଁ ମୁଖ୍ୟତଃ ଦାୟୀ...**







ଗର୍ଭାବସ୍ଥାରେ କୁକୁର ବା ବିଲେଇ ଭଳି ଗୃହପାଳିତ ପଶୁ ଦ୍ୱାରା ଏହି ପରଜୀବୀ କୀଟ ଗର୍ଭବତୀ ନାରୀ ଦେହକୁ ଯାଇ ଟର୍ଚ୍ଚ ସଂକ୍ରମଣ ବା ଟକ୍‌ସୋପ୍ଲାଜମୋସିସ୍ କରାଇଥାଏ। ଏହା ଟି-ଟକ୍‌ସୋପ୍ଲାମାସିସ୍ ଓ ଅନ୍ୟ ଇନ୍‌ଫେକ୍‌ସନ୍ ଯଥା ସିଫିଂଲିସ୍, ହେପାଟାଇଟିସ୍ ବି, ଲିଷ୍ଟେରୋସିସ୍, ପାର୍ଭୋ ଭାଇରସ୍ ବି ୧୯, କକ୍‌ସାକି ଭାଇରସ୍, ଆର୍-ରୁବେଲା ଭାଇରସ୍, ସି-ସାଇଟୋ ମେଗାଲୋ ଭାଇରସ୍ ଏବଂ ଏଚ୍-ହରପିସ୍ ସିମ୍ପ୍ଲେକ୍ସ ଭାଇରସ ପାଇଁ ହୋଇଥାଏ। ଏହାଦ୍ୱାରା ଶିଶୁର ବଡ଼ ମୁଣ୍ଡ, ସାନ ମୁଣ୍ଡ, କୋରିଓରେଟିନାଇଟିସ୍, ମସ୍ତିଷ୍କ ଓ ଅନ୍ୟ ଅଂଶ ନଷ୍ଟ ହେବା ସହ କାର୍ଯ୍ୟକ୍ଷମ ନ ହୋଇପାରିବା ଭଳି ସମସ୍ୟା ସୃଷ୍ଟି କରିଥାଏ। କେବଳ ଏତିକି ନୁହେଁ, ଏହାଦ୍ୱାରା ଗର୍ଭନଷ୍ଟ, ଗର୍ଭରେ ଶିଶୁ ମୃତ୍ୟୁ ଆଦି ଜଟିଳତା ମଧ୍ୟ ଦେଖାଦେଇଥାଏ। ଏହି ସଂକ୍ରମଣରେ ପ୍ରାୟ ଶତକଡ଼ା ୫୦ ଭାଗ ଶିଶୁ ସଂକ୍ରମିତ ହୋଇଥାନ୍ତି। ବେଳେବେଳେ ଅତ୍ୟଧିକ ସଂକ୍ରମଣ ହୋଇଥିଲେ, ପ୍ରଥମ ୩ ମାସରେ ଶତକଡ଼ା ୧୫ଭାଗ, ଦ୍ୱିତୀୟ ୩ ମାସରେ ୨୫ ଭାଗ ଓ ତୃତୀୟ ୩ମାସରେ ୪୦ଭାଗ ଶିଶୁ ପ୍ରଭାବିତ ହୋଇଥାନ୍ତି।

**ଚିହ୍ନଟ:** ସବୁ ଗର୍ଭବତୀ ନାରୀଙ୍କର ଏଲିସା ଟେଷ୍ଟ ଦ୍ୱାରା ଟକ୍‌ସୋ, ଆଇଜିଜି ଓ ଆଇଜିଏମ୍ ଟେଷ୍ଟ ହୋଇଥାଏ। ଏହା ପଜିଟିଭ ହେଲେ ଗର୍ଭାବସ୍ଥାରେ ଔଷଧ ଦିଆଯାଏ।

**ପ୍ରତିଷେଧକ ବ୍ୟବସ୍ଥା :** ଏହି ସଂକ୍ରମଣ ହେବା ପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ଆବଶ୍ୟକ। ତେଣୁ ଖାଇବା ପୂର୍ବରୁ ଭଲ କରି ହାତ ଧୋଇବା ସହ କଞ୍ଚା ଫଳମୂଳ, ପନିପରିବା ନ ଖାଇ ସେଗୁଡ଼ିକ ଭଲଭାବେ ଧୋଇ ରାନ୍ଧି ଖାଇବା ଉଚିତ।

**ଚିକିତ୍ସା :** ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କର ରକ୍ତରେ ଟକ୍‌ସୋସ୍କ୍ରିନିଂ କରିବା ଏବଂ ସିରୋ ପଜିଟିଭ୍ ହେଲେ ସ୍ପାଇରାମାଇସିନ୍ ବଟିକା ଗର୍ଭାବସ୍ଥାର ଶେଷଯାଏ ଖାଇବା ଆବଶ୍ୟକ। ଏହା ବଦଳରେ ସଲ୍‌ଫାଡାଇଜିନ୍ ଓ ପାଇରିମେଥାମିନ୍ ବଟିକା ଖାଇବା ଦରକାର। ପ୍ରସବ ପରେ ମଧ୍ୟ ନବଜାତ ଶିଶୁର ଟକ୍‌ସୋପ୍ଲାଜମୋସିସ୍ ଟେଷ୍ଟ କରିବା ଆବଶ୍ୟକ।

**ସିଫିଲିସ୍ :** ସବୁ ଗର୍ଭବତୀ ନାରୀଙ୍କର ସିଫିଲିସ୍ ପାଇଁ ଭିଡିଆର୍‌ଏଲ୍ ଟେଷ୍ଟ କରାଇବା ଦ୍ୱାରା ସଂକ୍ରମଣ ହୋଇଛି କି ନା ଜଣାପଡ଼େ। ଏହା ଟ୍ରିପାନୋମା ପାଲିଡମ୍ ପାଇଁ ହୋଇଥାଏ। ଏହାଦ୍ୱାରା ଗର୍ଭର ଦ୍ୱିତୀୟ ପର୍ଯ୍ୟାୟ ବା ୪-୭ ମାସ ମଧ୍ୟରେ ଗର୍ଭନଷ୍ଟ, ଅପରିଣତ ଶିଶୁ ଜନ୍ମ, ଗର୍ଭରେ ଶିଶୁ ମୃତ୍ୟୁ ତଥା ଜନ୍ମରୁ ସିଫିଲିସ୍ ହୋଇଥାଏ।

**ଚିକିତ୍ସା :** ସବୁଠାରୁ ଉତ୍ତମ ଔଷଧ ହେଉଛି ପେନ୍‌ସିଲିନ୍ ଇଞ୍ଜେକ୍‌ସନ। ଏହା ମା'ର ସଂକ୍ରମଣ ଦୂର କରିବା ସହ ଶିଶୁର ଜନ୍ମଗତ ସିଫିଲିସ୍ ସଂକ୍ରମଣ ହେବାକୁ ଦିଏ ନାହିଁ। ଇଞ୍ଜେକ୍‌ସନ ବୋଥିନ୍ ପେନ୍‌ସିଲିନ୍ ଜି ୨,୪ ମେଗାୟୁନିଟ୍ ଉଭୟେ ସ୍ତ୍ରୀ ଓ ସ୍ୱାମୀ ଖାଇବା ଉଚିତ। ଏହାର ଏକ ସପ୍ତାହ ପରେ ପୁନର୍ବାର ୨,୪ ମେଗା ୟୁନିଟ୍ ପେନ୍‌ସିଲିନ୍ ଇଞ୍ଜେକ୍‌ସନ ନେବା ଆବଶ୍ୟକ। ପେନ୍‌ସିଲିନ୍‌ର ରିଆକ୍‌ସନ ହେଲେ ଏରିଥ୍ରୋମାଇସିନ୍ ନେବା ଦରକାର।

**ରୁବେଲା :** ଏହା ଏକ ଭୂତାଣୁଜନିତ ରୋଗ ଏବଂ ଏହା ପାଟି ଭିତରୁ (ଓଭାଲ କାଭିଟି) ସଂକ୍ରମିତ ହୋଇଥାଏ। ରକ୍ତରେ ରୁବେଲା ଭାଇରସର ପରିମାଣ ଅଧିକ ହୋଇଗଲେ ଏକମାସ ରୁ ୩ ମାସ ମଧ୍ୟରେ ଏହା ଗର୍ଭଫୁଲ ଓ ଶିଶୁକୁ ସଂକ୍ରମଣ କରିଥାଏ, ଫଳରେ ଜନ୍ମଗତ ରୁବେଲା ସିଣ୍ଡ୍ରୋମ ହୋଇଥାଏ। ଶତକଡ଼ା ୩୦ଭାଗ ଶିଶୁ ଏହି ରୋଗ ଓ ବିକଳାଙ୍ଗତା ଭୋଗିଥାନ୍ତି। ଫଳରେ ସେଇ ଶିଶୁମାନଙ୍କର ମଧୁମେହ ରୋଗ, ସବ୍ ଆକ୍ୟୁଟ୍ ପାନ୍‌କ୍ରିୟାଟିସ୍ ତଥା ଟି-ସେଲ୍ ବିକଳାଙ୍ଗତା ଦେଖାଦେଇଥାଏ।

ରୁବେଲା ପାଇଁ ଟିକା ନେଲେ ଏଥିରୁ ପ୍ରାୟ ଶତ ପ୍ରତିଶତ ସୁରକ୍ଷା ମିଳିଥାଏ। କିଶୋରୀ ବୟସରେ ଏହି ଟିକା ନେବା ସବୁଠାରୁ ଉତ୍ତମ। ଏମ୍‌ଏମ୍‌ଆର୍ ଭାକ୍ସିନ୍ ନେଲେ ପ୍ରାୟ ଛଅମାସ ପରେ ଗର୍ଭଧାରଣ କରିହେବ। ଗର୍ଭଧାରଣ ସମୟରେ ଏହି ଟିକା (ଲାଇଭ୍ ଭାକ୍ସିନ୍) ନେବା ଠିକ୍ ନୁହେଁ।

**ସାଇଟୋମେଗାଲୋ ଭାଇରସ୍ ବା ସିଏମ୍‌ଭି ସଂକ୍ରମଣ :** ଏହି ଭୂତାଣୁ ଆକ୍ରମଣ କଲେ ଗର୍ଭସ୍ଥ ଶିଶୁର ଜନ୍ମଗତ ବିକଳାଙ୍ଗତା ଦେଖାଦେବା ସହ ମାନସିକ ବିକାଶ ମନ୍ଥର ହୋଇଥାଏ। ଏହା ଜନନେନ୍ଦ୍ରିୟ ଦ୍ୱାରା ସଂକ୍ରମିତ ହୋଇଥାଏ।

ଏଥିରେ ପ୍ରାୟ ଶତକଡ଼ା ୩୦ଭାଗ ଶିଶୁ ଗୁରୁତର ଭାବରେ ସଂକ୍ରମିତ ହୋଇଥିବା ବେଳେ ତନ୍ମଧ୍ୟରୁ ଶତକଡ଼ା ୮୦ଭାଗ ଶିଶୁ ସ୍ନାୟବିକ ଦୁର୍ବଳତାର ଶିକାର ହୋଇଥାନ୍ତି। ରକ୍ତ ପରୀକ୍ଷା ଦ୍ୱାରା ସିଏମ୍‌ଭି ଭୂତାଣୁ ଚିହ୍ନଟ ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଆସାଇକ୍ଲୋଭିର ଭଳି ଗାନ ସାଇକ୍ଲୋଭିର୍ ବଟିକାର ଫୁଲ୍ କୋର୍ସ ଦିଆଯାଇଥାଏ।

**ହର୍‌ପିସ୍ ସିମ୍ପ୍ଲେକ୍ସ ସଂକ୍ରମଣ :** ହର୍‌ପିସ୍ ସିମ୍ପ୍ଲେକସ୍ ଟାଇପଟୁ ଭୂତାଣୁ ସଂକ୍ରମଣ ହେଲେ ଗର୍ଭବତୀଙ୍କ ଠାରେ ଜ୍ୱର, ମୁଣ୍ଡବିନ୍ଧା ହେବା ସହ ମାଂସପେଶୀ ଦରଜ ହୋଇଥାଏ। ଏହାଛଡ଼ା ପରିସ୍ରାନଳୀ ଓ ଜନନେନ୍ଦ୍ରୀୟରେ ମଧ୍ୟ କଷ୍ଟହେବା ସହ ଧଳାସ୍ରାବ ହୋଇ କୁଣ୍ଡାଇ ହୋଇଥାଏ। ଏହି ସଂକ୍ରମଣ ଦ୍ୱାରା ଘିମିରି ଭଳି ର୍‍ୟାଶ୍ ହୋଇଥାଏ।

**ଚିହ୍ନଟ ଓ ଚିକିତ୍ସା :** ଟର୍ଚ୍ଚ ପରୀକ୍ଷାରୁ ଯଦି ହର୍‌ପିସ୍ ସଂକ୍ରମଣ ହୋଇଛି ବୋଲି ଜଣାଯାଏ ତେବେ ତୁରନ୍ତ ଏହାର ଚିକିତ୍ସା କରିବା ଜରୁରୀ। ଆଣ୍ଟିଭାଇରାଲ୍ ଥେରାପି ହିସାବରେ ଶୀଘ୍ର ଆସାଇକ୍ଲୋଭିର୍ ବଟିକା ଦେବା ଉଚିତ। ଏହା ୪୦୦ମି.ଗ୍ରା. ଦିନକୁ ୩ଥର ଲେଖାଏଁ ୮ରୁ୧୦ଦିନ ଦିଆଯାଏ। ଏଥିରେ ସିଜରିଆନ୍ ସେକ୍‌ସନ କରି ଡେଲିଭରି କରିବା ଉଚିତ।

**ଅନ୍ୟାନ୍ୟ ଟର୍ଚ୍ଚ ସଂକ୍ରମଣ :** ପାର୍ଭୋ ଭାଇରସ୍, କକ୍‌ସାକି ଭାଇରସ୍ ଏବଂ ଲିଷ୍ଟେରୋସିସ୍ ପାଇଁ ହୋଇଥାଏ ଏବଂ ଚିହ୍ନଟ ହେଲେ ଚିକିତ୍ସା କରାଯାଇଥାଏ।

**ଟର୍ଚ୍ଚ ସଂକ୍ରମଣରେ ଅଲ୍‌ଟ୍ରା ସୋନୋଗ୍ରାଫି:** ଏହାଦ୍ୱାରା କୋରିଅନ୍ ଭିଲସ୍ ବାୟୋପ୍‌ସି, ଆମ୍ନିଓ ସେଣ୍ଟେସିସ୍ ୨ ଓ କର୍ଡୋ ସେଣ୍ଟୋସିସ୍ ଦ୍ୱାରା ଏହାର ଚିହ୍ନଟ ହୋଇଥାଏ। ଏଚ୍‌ଆଇଭି ପଜିଟିଭ୍ ମହିଳାଙ୍କୁ ଗର୍ଭାବସ୍ଥାରେ ଟର୍ଚ୍ଚ ସଂକ୍ରମଣ ହେଲେ ଜଟିଳତା ବଢ଼ିଯାଇଥାଏ। ଟର୍ଚ୍ଚ ସଂକ୍ରମଣ ଜନ୍ମଗତ ବିକଳାଙ୍ଗତା କରିବା ସହ କେତୋଟି ଜଟିଳତା ମଧ୍ୟ କରିଥାଏ ଯଥା- ମନକୁ ମନ ଗର୍ଭ ନଷ୍ଟ, ଅପରିଣତ ପ୍ରସବ, ଗର୍ଭସ୍ଥ ଶିଶୁର କମ୍ ବର୍ଦ୍ଧନ ଓ ଗର୍ଭରେ ଶିଶୁ ମୃତ୍ୟୁ ଆଦି ହୋଇଥାଏ। ତେଣୁ ବାରମ୍ବାର ଗର୍ଭ ନଷ୍ଟ ଓ ଶିଶୁ ମୃତ୍ୟୁ ହେଲେ ଏହି ଟର୍ଚ୍ଚ ଟେଷ୍ଟ ରୁଟିନ୍ ଅନୁସାରେ କରିବା ଉଚିତ ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ଥେରାପି ଦେବା ଆବଶ୍ୟକ।

*- ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ମୋ-୯୪୩୭୦୫୫୦୦୭*

## ଜାଣି ରଖନ୍ତୁ...



■ବର୍ଷାଦିନେ ପିଲାଙ୍କ ଦେହରେ ଫଙ୍ଗାଲ୍ ଓ ରିଙ୍ଗୱର୍ମ ଇନ୍‌ଫେକ୍ସନର ଆଶଙ୍କା ଅଧିକ। ଏହା ଅପରିଷ୍କାର ପାଣି କିମ୍ବା ପୋଷା ଜୀବଜନ୍ତୁଙ୍କ ଯୋଗୁ ହୋଇପାରେ। ତେଣୁ ଏଦିନେ ପିଲାଙ୍କୁ ଜୀବଜନ୍ତୁଙ୍କ ଠାରୁ ଦୂରେଇ ରଖନ୍ତୁ। ସେମାନଙ୍କ ପୋଷାକ ଆଣ୍ଟିସେପ୍ଟିକ୍ କିମ୍ବା ମେଡିକେଟେଡ୍ ସଲ୍ୟୁଶନ୍‌ରେ ସଫା କରନ୍ତୁ। ସେମାନଙ୍କ ଶରୀରକୁ ଓଦା ହେବାକୁ ଦିଅନ୍ତୁ ନାହିଁ ସର୍ବଦା ସଫା ଏବଂ ଶୁଖିଲା ରଖନ୍ତୁ। ନରମ ଏବଂ ଆରାମଦାୟକ ପୋଷାକ ପିନ୍ଧାନ୍ତୁ। ଯଦି ଶରୀରରେ କୌଣସି ସ୍ଥାନରେ କୁଣ୍ଡାଇ ହେବା କିମ୍ବା ଲାଲ୍ ଦାଗ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

■ଯଦି କିଛି ତ୍ୱଚା ସମ୍ବନ୍ଧିତ ଅସୁବିଧା ଯଥା କୁଣ୍ଡେଇ ହେବା, ଫଳିଯିବା, ଲାଲ୍ ପଡିବା ଆଦି ଦେଖନ୍ତି ତେବେ କିଛି ଲିମ୍ବ ପତ୍ରକୁ ବାଟି ଉକ୍ତ ସ୍ଥାନରେ ଲଗାନ୍ତୁ। ଏହି ପ୍ରାକୃତିକ ଉପାୟ ପିଲାଙ୍କ ତ୍ୱଚା ସମସ୍ୟା ସହଜରେ ଦୂର କରିଥାଏ।

■ଥଣ୍ଡା ଧରିବା ଡରରେ ଅନେକେ ଏଦିନେ ପିଲାଙ୍କୁ ଆଦୌ ଗାଧାନ୍ତି ନାହିଁ। ହେଲେ ଏପରି କରିବା ଠିକ୍ ନୁହେଁ। ବରଂ ପିଲାଙ୍କୁ ସଫା, ଜୀବାଣୁମୁକ୍ତ, ନିରୋଗ ରଖିବା ଲାଗି ଆବଶ୍ୟକ ମାତ୍ରାରେ ଥଣ୍ଡା ପରିବର୍ତ୍ତେ ନଖ ଉଷୁମ ପାଣିରେ ଗାଧାନ୍ତୁ।


## ଖାଦ୍ୟରୁଚି

# ବାମ୍ବୁ ଚିକେନ ବିରିୟାନି

**ଆବଶ୍ୟକ ସାମଗ୍ରୀ:** ୫୦୦ ଗ୍ରାମ୍ ଚିକେନ୍, ୨ କପ୍ ବାସ୍‌ମତି ଚାଉଳ, ଏକ ଚାମଚ ଗୋଲମରିଚ ଗୁଣ୍ଡ, ୧/୨ ଚାମଚ ହଳଦୀଗୁଣ୍ଡ, ଏକ ଚାମଚ ଲଙ୍କାଗୁଣ୍ଡ, ଏକ ଚାମଚ ଧନିଆ ପାଉଡର, ୧/୨ ଚାମଚ ଜିରା, ଏକ ଚାମଚ ବିରିୟାନି ମସଲା, ୨ଇଞ୍ଚର ଅଦା, ୮-୧୦ କୋଲା ରସୁଣ, କଟା ପିଆଜ ଅଧା କପ୍, ଧନିଆପତ୍ର, ପୁଦିନାପତ୍ର, ଦହି, ୪ ଚାମଚ ତେଲ, ଗୋଟା ମସଲା, କେସର, ଲୁଣ ସ୍ୱାଦାନୁସାରେ।



**ପ୍ରସ୍ତୁତି ପ୍ରଣାଳୀ:** ପିଆଜକୁ ଲାଲ୍ ହେବା ପର୍ଯ୍ୟନ୍ତ ଭାଜି ରଖନ୍ତୁ। ଅଦା ରସୁଣକୁ ପେଷ୍ଟକରି ଦିଅନ୍ତୁ। ସବୁ ମସଲାକୁ ଦୁଇଭାଗ କରି ଦିଅନ୍ତୁ। ପ୍ରଥମେ ଗୋଟିଏ ପାତ୍ରରେ ଚିକେନ୍ ନେଇ ସେଥିରେ ଗୋଟା ମସଲା, ଲୁଣ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଅଦା ରସୁଣ ପେଷ୍ଟ, ଧନିଆ ପାଉଡର, ବିରିୟାନି ମସଲା, ଭଜା ପିଆଜ, ଦହି, ପୋଦିନା ଏବଂ ଧନିଆପତ୍ର, ତେଲ ପକାଇ ଭଲ ଭାବେ ଗୋଳାଇ ଏକରୁ ଦୁଇଘଣ୍ଟା ପର୍ଯ୍ୟନ୍ତ ମାରିନେଟ୍ କରନ୍ତୁ। ଅନ୍ୟ ପାତ୍ରରେ ଚାଉଳ ନିଅନ୍ତୁ। ସେଥିରେ ବାକି ଅଧା ରଖାଯାଇଥିବା ସମସ୍ତ ମସଲା ଏବଂ ଅନ୍ୟ ସାମଗ୍ରୀ ମିଶାଇ ଏକରୁ ଦୁଇଘଣ୍ଟା ଛାଡ଼ିଦିଅନ୍ତୁ। ବର୍ତ୍ତମାନ ଏକ ବାଉଁଶ ନେଇ ତା'ର ଭିତର ଭାଗକୁ ଭଲ ଭାବେ ଧୋଇ ଦିଅନ୍ତୁ। ସେଥିରେ ଅଳ୍ପ ତେଲ ଲଗାଇ ଦିଅନ୍ତୁ। ପ୍ରଥମେ ଦୁଇ ଚାମଚ ଚିକେନ୍ ଏବଂ ପରେ ୪-୫ ଚାମଚ ଚାଉଳ ମିଶ୍ରଣକୁ ରଖନ୍ତୁ। ଏହିପରି ସବୁ ଚାଉଳ ଏବଂ ଚିକେନ୍‌କୁ ବାଉଁଶ ଭିତରେ ରଖି କେସର ମିଶା ଅଳ୍ପ ପାଣି ଦିଅନ୍ତୁ , ଯେପରି ତାହା ବାଉଁଶର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯିବ। ପରେ ବାଉଁଶକୁ ଏକ ଆଲୁମିନିୟମ ଫଏଲ୍ ପେପରରେ ଗୁଡ଼େଇ ଦିଅନ୍ତୁ। ଏହାକୁ ନିଆଁରେ ରଖନ୍ତୁ ଏବଂ ଭଲ ଭାବେ ସିଝିବା ଲାଗି ମଝିରେ ମଝିରେ ଓଲଟାଇ ଦିଅନ୍ତୁ। ୩୦-୩୫ ମିନିଟ୍ ପର୍ଯ୍ୟନ୍ତ ଏପରି ରଖିବା ପରେ ଏହାକୁ ଆଞ୍ଚରୁ କାଢ଼ି ୫-୧୦ ମିନିଟ୍ ଛାଡ଼ିଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ବାମ୍ବୁ ବିରିୟାନି। ଏହାକୁ ଗରମ ଗରମ ଖାଇବାର ମଜା ନିଅନ୍ତୁ।




# ମହିଳାଙ୍କ ଲାଗି ଆପ୍

ବର୍ତ୍ତମାନ ଛୋଟରୁ ବଡ଼, ପୁରୁଷଠୁ ମହିଳା ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ଦେଖିବାକୁ ମିଳୁଛି ମୋବାଇଲ ଫୋନ୍ । ଆଉ ସମସ୍ତଙ୍କ ଆବଶ୍ୟକତା ତଥା ରୁଚିକୁ ଦେଖି ଭିନ୍ନ ଭିନ୍ନ ଆପ୍ଲିକେଶନ ମଧ୍ୟ ଡାଉନ୍‌ଲାଡ୍ କରି ବ୍ୟବହାର କରି ହେଉଛି। ତେବେ ଏଭଳି କିଛି ଆପ୍ ରହିଛି ଯାହାକି ପ୍ରତ୍ୟେକ ମହିଳାଙ୍କ ଲାଗି ବେଶ୍ ଉପକାରୀ। ଜାଣିରଖନ୍ତୁ ସେ ସମ୍ପର୍କରେ...

**ମାଇଁ ସେଫ୍ଟିପିନ୍:** ଏହି ଆପ୍ ସବୁ ମହିଳାଙ୍କ ଲାଗି ବିଶେଷକରି କର୍ମଜୀବୀ ମହିଳାଙ୍କ ଲାଗି ବେଶ୍ ଉପକାରୀ। ଏଥିରେ ଜିପିଏସ୍ ଟ୍ରାକିଂ, ଡାଇରେକ୍ସନ୍ ଫର୍ ସେଫ୍ଟି ରୁଟ୍, ଏମର୍ଜେନ୍ସି କଣ୍ଟାକ୍ଟ ନମ୍ବର ଆଦି ଫିଚର ରହିଛି। ଏହା କୌଣସି ଅଜଣା କିମ୍ବା ବିପଦପୂର୍ଣ୍ଣ ସ୍ଥାନକୁ ଗଲେ ସଙ୍ଗେ ସଙ୍ଗେ ସୂଚେଇ ଦେଇଥାଏ। ଫଳରେ ମହିଳାଙ୍କୁ ତୁରନ୍ତ ନିଜ ପରିବାର, ବନ୍ଧୁ କିମ୍ବା ପରିଚିତଙ୍କୁ ନିଜକୁ ଟ୍ରାକ୍ କରିବାଲାଗି ଆଲର୍ଟ କରିବାରେ ସୁବିଧା ହୋଇଥାଏ। ହିମତ୍ ପ୍ଲସ୍ ଏବଂ ରକ୍ଷା ଭଳି ଆପ୍ ରଖିବା ଦ୍ୱାରା ମଧ୍ୟ ଏପରି ସୁବିଧା ମିଳିପାରିବ।

**ମେଡିସେଫ୍ ମେଡ୍ସ ଏବଂ ପିଲ୍ ରିମାଇଣ୍ଡର:** କର୍ମମୟ ଜୀବନ ଭିତରେ ମହିଳାମାନେ ସାଧାରଣତଃ ନିଜ ପ୍ରତି ଅବହେଳା କରି ବସନ୍ତି। ଏମିତିକି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଏହାର ଔଷଧ ବି ଯଥା ସମୟରେ ଖାଇବାକୁ ଭୁଲିଯାଆନ୍ତି ଏବଂ ପରବର୍ତ୍ତୀ ସମୟରେ ଅଧିକ କଷ୍ଟ ପାଆନ୍ତି। ତେବେ ମହିଳାଙ୍କ ଏପରି ସମସ୍ୟା ଦୂରକରିବା ଲାଗି ମେଡିସେଫ୍ ମେଡ୍ସ ଏବଂ ପିଲ୍ ରିମାଇଣ୍ଡର ଭଳି ଆପ୍ ଡିଜାଇନ କରାଯାଇଛି। ଏହା ଆପଣଙ୍କ ବ୍ଲଡ୍ ପ୍ରେସର, ଗ୍ଲୁକୋଜ୍ ଆଦି ପ୍ରତି ନଜର ରଖିବା ସହ ଠିକ୍ ସମୟରେ ଔଷଧ କିମ୍ବା ଅନ୍ୟାନ୍ୟ ସପ୍ଲିମେଣ୍ଟ ଖାଇବା ଲାଗି ରିମାଇଣ୍ଡର ବି ଦେଇଥାଏ।

**ଅର୍ବାନ୍ କ୍ଲାପ୍:** ଗୃହିଣୀଙ୍କୁ ବିଭିନ୍ନ ସୁବିଧା ଯୋଗାଇଦେବା ଲାଗି ଏହି ଆପ୍ ସ୍ପେଶାଲ ଡିଜାଇନ କରାଯାଇଛି। ଘରେ ପୁରୁଷ ସଦସ୍ୟ ନ ଥିବା ବେଳେ ହଠାତ୍ ଘରର କୌଣସି ଜରୁରୀ କାମ ଲାଗି ପ୍ଲମ୍ବର, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍‌ଙ୍କୁ ଡାକିବାକୁ ହେଲେ ଏହି ଆପ୍‌ର ସାହାଯ୍ୟ ନେଇପାରିବେ। ଏଥିରୁ କେଉଁ କାର୍ଯ୍ୟ ଲାଗି କାହାକୁ କେତେ ଟଙ୍କା ଦେବାକୁ ହେବ ମଧ୍ୟ ଜାଣିହେବ।



## ସଂକ୍ଷେପରେ

### ସେନ୍‌ସେକ୍ସ ୭୯୩ ପଏଣ୍ଟ ବଢ଼ିଲା
### ୨.୪୧ ଲକ୍ଷ କୋଟି ସହ ନିବେଶକ ମାଲାମାଲ



ମୁମ୍ବାଇ,୨୬-୮: ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଘୋଷଣା ଏବଂ ଆଗାମୀ ଦିନରେ ଚାଇନା ଓ ଆମେରିକା ମଧ୍ୟରେ ପୁନର୍ବାର ବାଣିଜ୍ୟ ଯୁଦ୍ଧ ନେଇ ଆଲୋଚନା ହେବାର ସମ୍ଭାବନା ଭିତରେ ସୋମବାର ଦେଶର ଷ୍ଟକ୍ ଏକ୍ସଚେଞ୍ଜରେ ବେଶ ବୃଦ୍ଧି ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ସେନ୍‌ସେକ୍ସ ୭୯୨.୯୬ ପଏଣ୍ଟ ବଢ଼ି ୩୭,୪୯୪.୧୨ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୨୨୮.୫୦ ପଏଣ୍ଟ ବୃଦ୍ଧି ପାଇ ପୁନର୍ବାର ୧୧ହଜାର ସ୍ତର ଅତିକ୍ରମ କରି ୧୧,୦୫୭.୮୫ରେ ବନ୍ଦ ହୋଇଛି। ଫଳରେ ନିବେଶକଙ୍କୁ ୨.୪୧ ଲକ୍ଷ କୋଟି ଟଙ୍କାର ଫାଇଦା ମିଳିଛି। ଏହି କାରଣରୁ ସୋମବାର ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୨,୪୧,୯୭୫.୫୯ କୋଟି ଟଙ୍କା ବୃଦ୍ଧି ପାଇ ୧,୪୦,୩୪,୪୬୨.୧୯ କୋଟି ଟଙ୍କାରେ ପହଞ୍ଚିଯାଇଛି।

### ଜଲାନ କମିଟି ସୁପାରିସ୍ ବୋର୍ଡରେ ଗୃହୀତ
### ସରକାରଙ୍କୁ ୧.୭୬ ଲକ୍ଷ କୋଟି ଦେବ ଆର୍‌ବିଆଇ

ମୁମ୍ବାଇ,୨୬-୮: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) କେନ୍ଦ୍ର ସରକାରଙ୍କୁ ବଳକା ପାଣ୍ଠିରୁ ଲାଭାଂଶ ବାବଦରେ ୧.୭୬ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛି। ସୋମବାର ଆର୍‌ବିଆଇର କେନ୍ଦ୍ରୀୟ ବୋର୍ଡ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇ ସୁପାରିସକୁ ଅନୁମୋଦନ କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ଆର୍‌ବିଆଇ ବୋର୍ଡ ଅଫ୍ ଡାଇରେକ୍ଟର ସରକାରଙ୍କୁ ୧,୭୬,୦୫୧ କୋଟି ଟଙ୍କା ଲାଭାଂଶ ଦେବାକୁ ଅନୁମୋଦନ କରିଛି। ବଳକା ଲାଭାଂଶ ମଧ୍ୟରୁ ୨୦୧୮-୧୯ ଲାଗି ୧,୨୩,୪୧୪ କୋଟି ଟଙ୍କା ଏବଂ ଅବଶିଷ୍ଟ ୫୨,୬୩୭ କୋଟି ଟଙ୍କା ସଂଶୋଧିତ ପୁଞ୍ଜି ବ୍ୟବସ୍ଥା ସ୍ୱରୂପ ପ୍ରଦାନ କରାଯିବ। ୨୦୧୮-୧୯ର ଜିଡିପିକୁ ହିସାବକୁ ନେଇ ୧.୧୫% ବଳକା ରାଶି ପ୍ରଦାନ କରାଯିବ। ସରକାର ଏହି ଅର୍ଥକୁ ଢାଞ୍ଚାଗତ ନିର୍ମାଣରେ ବିନିଯୋଗ କରିବେ। ଏହାଦ୍ୱାରା ଅର୍ଥନୀତି ଦୌଡିବା ଦ୍ରୁତତର ହେବ। ସୂଚନାଥାଉ କି, ସରକାରଙ୍କୁ ବଳକା ଅର୍ଥ ପ୍ରଦାନ ନେଇ ଆର୍‌ବିଆଇ ପକ୍ଷରୁ ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ବାରମ୍ବାର ଏହି କମିଟିର କାର୍ଯ୍ୟକାଳ ବୃଦ୍ଧି କରାଯିବା ପରେ ଶେଷରେ ଗତ ସପ୍ତାହରେ କମିଟି ତାଙ୍କର ରିପୋର୍ଟ ରିଜର୍ଭ ବ୍ୟାଙ୍କକୁ ପ୍ରଦାନ କରିଛି। ରିଜର୍ଭ ବ୍ୟାଙ୍କର ବଳକା ଅର୍ଥକୁ ନେଇ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସହ ତତ୍କାଳୀନ ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲଙ୍କ ମତଭେଦ ରହିଥିଲା। ଏହି କାରଣରୁ ପଟେଲ ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିଲେ।

### ବିନା ଟିକେଟ ଯାତ୍ରୀଙ୍କଠାରୁ ରେଲୱେ ଆୟ କରିଛି ୧୩୭୭ କୋଟି

ନୂଆଦିଲ୍ଲୀ,୨୬-୮: ଗତ ୩ ବର୍ଷର ଭାରତୀୟ ରେଲୱେ ବିନା ଟିକେଟ ଯାତ୍ରୀଙ୍କଠାରୁ ଜରିମାନା ବାବଦରେ ୧୩୭୭ କୋଟି ଟଙ୍କା ଆୟ କରିଛି। ଏଥିଯୋଗୁ ମନ୍ତ୍ରଣାଳୟର ଆୟ ୩୧ ପ୍ରତିଶତ ବୃଦ୍ଧି ପାଇଛି। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ଅଧୀନରେ ପ୍ରାପ୍ତ ସୂଚନାରୁ ଏହା ଜଣାପଡିଛି। ୨୦୧୬ରୁ ୨୦୧୯ ମଧ୍ୟରେ ଏହି ଜରିମାନା ଓ ଟିକେଟ ମୂଲ୍ୟ ବାବଦରେ ଆଦାୟ ହୋଇଛି ବୋଲି ଉକ୍ତ ସୂଚନାରୁ ଜଣାପଡିଛି। ସୂଚନାଥାଉ କି, ୨୦୧୮ରେ ପାର୍ଲାମେଣ୍ଟର ଏକ କନଭେନ୍‌ଶନ କମିଟି ୨୦୧୬-୧୭ରେ ରେଲୱେର ଆର୍ଥିକ ରିପୋର୍ଟ ଅନୁଧ୍ୟାନ କରିବା ପରେ ବିନା ଟିକେଟ ଯାତ୍ରୀଙ୍କ ଯୋଗୁ ରାଷ୍ଟ୍ରୀୟ ପରିବହନ ପ୍ରଭୂତ କ୍ଷତି ସହୁଥିବା ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଏହାପରେ ବିନା ଟିକେଟ ଯାତ୍ରୀଙ୍କ ବିରୋଧରେ ସାରା ଦେଶରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ରେଲୱେ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାପ୍ତ ସୂଚନାନୁଯାୟୀ ୨୦୧୬-୧୭ରେ ୪୦୫.୩୦ କୋଟି ଟଙ୍କା, ୨୦୧୭-୧୮ରେ ୪୪୧.୬୨ କୋଟି ଓ ୨୦୧୮-୧୯ରେ ୫୩୦.୦୬ କୋଟି ଟଙ୍କା ବିନା ଟିକେଟ ଯାତ୍ରୀଙ୍କଠାରୁ ଜରିମାନା ବାବଦରେ ଆୟ କରିଛି। ରେଲୱେ ୨୦୧୮ ଏପ୍ରିଲରୁ ଜାନୁୟାରୀ ୨୦୧୯ ମଧ୍ୟରେ ୮୯ ଲକ୍ଷ ବିନା ଟିକେଟ ଯାତ୍ରୀଙ୍କୁ ଧରିଥିଲା। ସୂଚନାଥାଉ କି, ନିୟମ ଅନୁଯାୟୀ ବିନା ଟିକେଟ ଯାତ୍ରୀଙ୍କଠାରୁ ୨୫୦ ଟଙ୍କା ଜରିମାନା ଏବଂ ଟିକେଟ ମୂଲ୍ୟ ଆଦାୟ କରାଯାଇଥାଏ।

> ସହରାଞ୍ଚଳରେ ଯାତ୍ରୀ ପରିବହନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଓ ଓଲା କ୍ୟାବ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି।
> **– ଦୀପକ ଶର୍ମା, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଚିଫ ଡିଜିଟାଲ ଅଫିସର**



> ବ୍ୟାଙ୍କ ଅଫ୍ ବରୋଦା(ବିଓବି) ଏନ୍‌ବିଏଫ୍‌ସିଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ୬ ହଜାର କୋଟି ଟଙ୍କାର ସମ୍ପତ୍ତି କିଣିବ।
> **– ପାପିୟା ସେନଗୁପ୍ତା, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ବିଓବି**



## ଦୁର୍ନୀତି ବିରୋଧରେ ଲଢ଼େଇ
# ଆଉ ୨୨ ଆୟକର ଅଧିକାରୀ ବିଦା

ନୂଆଦିଲ୍ଲୀ,୨୬-୮

ଦୁର୍ନୀତି ବିରୋଧରେ ନରେନ୍ଦ୍ର ମୋଦି ସରକାର ୨.୦ ଦୃଢ଼ ମନୋଭାବ ଆପଣାଇଛନ୍ତି। ସରକାରୀ ବିଭାଗରେ ବ୍ୟାପିଥିବା ଦୁର୍ନୀତିକୁ ଦୂର କରିବା ଲାଗି ଏବେ ଅଭିଯାନ ଆରମ୍ଭ ହୋଇଛି। ଦୁର୍ନୀତି ଓ ଅନ୍ୟ ମାମଲାରେ ଅଭିଯୁକ୍ତ ଅଧିକାରୀଙ୍କୁ ବିଦା କରିବା ଧାରା ଜାରି ରହିଛି। ତଦନୁଯାୟୀ, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି)ର ୨୨ ବରିଷ୍ଠ ଅଧିକାରୀଙ୍କୁ ଚାକିରିରୁ ବିଦା କରାଯାଇଛି। ବହିଷ୍କୃତ ହୋଇଥିବା ଅଧିକାରୀମାନେ ସୁପରିଣ୍ଟେଣ୍ଡେଣ୍ଟ ଓ ଏଓ ର୍ୟାଙ୍କର ବୋଲି ଜଣାପଡିଛି। ସେମାନଙ୍କୁ ଫଣ୍ଡାମେଣ୍ଟାଲ ରୁଲ୍ ୫୬(ଜେ) ଅଧୀନରେ ସେମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ସୂଚନାଥାଉ କି, ଗଣତନ୍ତ୍ର ଦିବସ ଅବସରରେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ସଚ୍ଚୋଟ ଟିକସଦାତାଙ୍କୁ ଅଯଥା ହଇରାଣ ହରକତ କରୁଛନ୍ତି। ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ନିଜ ଶକ୍ତିର ଅଯଥା ପ୍ରୟୋଗ କରି ଟିକସଦାତାଙ୍କୁ ସାମାନ୍ୟ ଭୁଲ୍ ପାଇଁ ଆୟକର ଅଫିସ୍‌କୁ ଦୌଡାଇବା ସହ ଅତ୍ୟଧିକ ମାତ୍ରାରେ ଜରିମାନା ଆଦାୟ କରୁଛନ୍ତି। ଏହି କାରଣରୁ ଟିକସଦାତାଙ୍କ ମନରେ ଭୟର ବାତାବରଣ ଖେଳିଯାଉଛି। ପ୍ରଧାନମନ୍ତ୍ରୀଙ୍କ ଭାଷଣର ୧୧ ଦିନ ଭିତରେ





ସିବିଆଇସିର ୨୨ ଜଣ ଦୁର୍ନୀତିଗ୍ରସ୍ତ ଆୟକର ଅଧିକାରୀଙ୍କୁ ଚାକିରିରୁ ବିଦା କରିବା ବିଶେଷ ପ୍ରଣିଧାନଯୋଗ୍ୟ। ଉଲ୍ଲେଖ କରାଯାଇପାରେ ଯେ, ଏଥିପୂର୍ବରୁ ସରକାର ଜୁନ୍‌ରେ ୨୭ ଜଣ ବରିଷ୍ଠ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଏଥିରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ୧୨ ଜଣ ଅଧିକାରୀ ଥିଲେ। ସେହିପରି ସିବିଆଇସି ପକ୍ଷରୁ ଜୁନ୍‌ରେ ୧୫ଜଣ ବରିଷ୍ଠ ଅଧିକାରୀଙ୍କୁ ଚାକିରିରୁ ବିଦା କରାଯାଇସାରିଲାଣି। ବିଦା ହୋଇଥିବା ଅଧିକାରୀମାନେ ସମସ୍ତେ ପ୍ରିନ୍ସିପାଲ କମିଶନର, କମିଶନର ଓ ଡେପୁଟି କମିଶନର ର୍ୟାଙ୍କର ଥିଲେ।

ସୂଚନାଯୋଗ୍ୟ ଯେ, ୫୦ରୁ ୫୫ବର୍ଷ ବୟସ ଅତିକ୍ରମ କରିଥିବା ଅଥବା ଚାକିରିରେ ୩୦ ବର୍ଷର କାର୍ଯ୍ୟକାଳ ଶେଷ କରିଥିବା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଫଣ୍ଡାମେଣ୍ଟାଲ ରାଇଟ (ମୂଳ ଅଧିକାର) ନିୟମ ଲାଗୁ କରାଯାଇଥାଏ। ଏହି ନିୟମ ବଳରେ ଦୁର୍ନୀତିରେ ଲିପ୍ତ କିମ୍ବା ଅନ୍ୟ କୌଣସି କାରଣରୁ ଅଧିକାରୀ/କର୍ମଚାରୀଙ୍କୁ ସରକାର ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇ ବିଦା କରିପାରିବେ। ଦେଶରେ ଏହି ନିୟମ ବହୁ ପୂର୍ବରୁ ଲାଗୁ ହୋଇଛି।

## ସବୁ ଗାଁକୁ ମିଳିବ ଗ୍ରାମ ନେଟ୍ ୱାଇଫାଇ ସଂଯୋଗ

ନୂଆଦିଲ୍ଲୀ, ୨୬-୮

ଦେଶର ସବୁ ଗ୍ରାମକୁ ଗ୍ରାମ ନେଟ୍ ମାଧ୍ୟମରେ ୧୦ରୁ ୧୦୦ ଏମ୍‌ବିପିଏସ୍ ଗତିରେ ୱାଇଫାଇ ସୁବିଧା ଯୋଗାଇ ଦିଆଯିବ। ସି-ଡଟର ୩୭ତମ ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ରାମରାଓ ଧୋତ୍ରେ ଏହି ସୂଚନା ଦେଇଛନ୍ତି। ଏହା ବାଦ ଭାରତ ନେଟରେ ମଧ୍ୟ ୧ ଜିବିପିଏସ୍ ସଂଯୋଗ ପ୍ରଦାନ କରାଯିବା ନେଇ ଯୋଜନା କରାଯାଉଥିବା ଧୋତ୍ରେ ପ୍ରକାଶ କରିଛନ୍ତି। ଏହାକୁ ୧୦ ଜିବିପିଏସ୍ ପର୍ଯ୍ୟନ୍ତ ବଢାଯାଇ ପାରିବ। ସୋମବାର ଶୁଭାରମ୍ଭ ହୋଇଥିବା ସି-ଡଟର ଏକ୍ସଜିଏସ୍-ପିଓଏନ୍ ଏହାକୁ ସଫଳ କରିବା ଦିଗରେ ସମ୍ପୂର୍ଣ୍ଣ ସହାୟକ ହେବ। ଗ୍ରାମକୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନ ପୂରଣ କରିବାରେ ଏହା ଯୋଗଦାନ ରଖିବ ବୋଲି ସେ ମତ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସି-ଡଟର ସି-ସ୍ୟାଟ ଫାଇ ପ୍ରଯୁକ୍ତି ଗ୍ରାମୀଣ ଏବଂ ଦେଶର ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଶସକ୍ତ କରିବ। ଦେଶର କୋଣ ଅନୁକୋଣରେ ମୋବାଇଲ ଫୋନରେ ୱାଇଫାଇ ସୁବିଧା ଉପଲବ୍ଧ ହେବ। ନୂତନ ବୈଷୟିକ ଜ୍ଞାନକୌଶଳରେ ଫାଇବର ସଂଯୋଗ ଏବଂ ଇଣ୍ଟରନେଟ ନ ଥିବା ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଉପଗ୍ରହ ସହ ସଂଯୋଗ କରାଯାଇ ମୁଖ୍ୟ ସ୍ରୋତକୁ ଆଣାଯାଇ ପାରିବ। ଏହି ଅବସରରେ ସି-ସ୍ୟାଟ ଫାଇ ଏବଂ ସିଆଇଏସ୍‌ଟିବିର ଲୋକାର୍ପଣ କରାଯାଇଛି।

# ଦେଶରେ ସୁନା ଦର ବର୍ଷକରେ ୮, ଦଶନ୍ଧିରେ ୨୭ ହଜାର ଟଙ୍କା ବଢ଼ିଛି



### ୩୯,୬୭୦ ସ୍ତରରେ ସୁନାର ନୂଆ ରେକର୍ଡ

ବିଶ୍ୱ ବଜାରରେ ସକାରାତ୍ମକ ସଙ୍କେତ ତଥା ଘରୋଇ ବଜାରରେ ଚାହିଦା ବୃଦ୍ଧି କାରଣରୁ ସୋମବାର ସୁନା ଦର ପ୍ରତି ୧୦ ଗ୍ରାମ୍ ୬୭୫ ଟଙ୍କା ବଢ଼ି ୩୯,୬୭୦ ଟଙ୍କାରେ ପହଞ୍ଚି ଏକ ନୂଆ ରେକର୍ଡ ସୃଷ୍ଟି କରିଛି ବୋଲି ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏହା ଦୁଇ ଚାରିଦିନ ମଧ୍ୟରେ ୪୦ ହଜାର ସ୍ତର ଛୁଇଁବ ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଅଗଷ୍ଟ ୨୦ ପରେ ସୁନା ଦର ଦୈନିକ ନୂଆ ରେକର୍ଡ ସ୍ତର ସୃଷ୍ଟି କରିଚାଲିଛି। ସେହିପରି ରୁପା ଦରରେ ମଧ୍ୟ ନିଆଁ ଲାଗିଛି। ସୋମବାର ରୁପା ଦର କେଜି ପ୍ରତି ୧୪୫୦ ଟଙ୍କା ବଢ଼ି ୪୬,୫୫୦ ଟଙ୍କାରେ ପହଞ୍ଚି ଆଉ ଏକ ରେକର୍ଡ ହାସଲ କରିଛି। ବିଶ୍ୱ ବଜାରରେ ପ୍ରତି ଆଉନ୍ସ ସୁନା ଦର ଦିନ ମଧ୍ୟରେ ୬ ବର୍ଷର ସର୍ବୋଚ୍ଚ ସ୍ତର ୧୫୫୪.୫୬ ଡଲାର ଛୁଇଁଥିଲା। ଦିଲ୍ଲୀରେ ୯୯.୯ ପ୍ରତିଶତ ଶୁଦ୍ଧତାର ସୁନା ଦର ୩୯,୬୭୦ ଟଙ୍କା ଥିବା ବେଳେ ୯୯.୫ ପ୍ରତିଶତ ଶୁଦ୍ଧତାର ସୁନା ଦର ୩୯,୫୦୦ ଟଙ୍କା ଥିଲା। ସେହିପରି ସଭରେନ ଗୋଲ୍ଡ ଦର ୮ ଗ୍ରାମ୍ ପ୍ରତି ୭୦୦ ଟଙ୍କା ବଢ଼ି ୨୯,୫୦୦ ଟଙ୍କା ହୋଇଛି।

ନୂଆଦିଲ୍ଲୀ,୨୬-୮

ଗତ ଏକ ଦଶନ୍ଧି ଭିତରେ ଦେଶରେ ସୁନା ଦର (୨୪ କ୍ୟାରେଟ ପ୍ରତି ୧୦ ଗ୍ରାମ) ଅତ୍ୟଧିକ ବଢ଼ିଯାଇଛି। ୧୯୬୪ରେ ସୁନା ଦର ୬୩.୨୫ ଟଙ୍କା ପ୍ରତି ୧୦ ଗ୍ରାମ୍ ଥିଲା। ୨୦୦୮ରେ ଏହା ୧୨୫୦୦ ଟଙ୍କାକୁ ବୃଦ୍ଧି ପାଇଥିଲା। ୧୧ବର୍ଷ ପରେ ୨୦୧୯ ଅଗଷ୍ଟ ୨୬ରେ ସୁନା ଦର ୩୯,୬୭୦ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ଏହି ସମୟ ମଧ୍ୟରେ ସୁନା ଦର ୨୭ ହଜାର ଟଙ୍କା ବଢ଼ିଛି। ସେହିପରି ୨୦୧୮ରେ ସୁନା ଦର ପ୍ରତି ୧୦ ଗ୍ରାମ୍ ୩୧,୪୩୮ଟଙ୍କା ରହିଥିବା ବେଳେ ବର୍ଷକ ଭିତରେ ଏଥିରେ ୮ ହଜାର ଟଙ୍କା ବୃଦ୍ଧି ପରିଲକ୍ଷିତ ହୋଇଛି। ଚଳିତ ମାସରେ ସୁନାର କ୍ରମାଗତ ମୂଲ୍ୟବୃଦ୍ଧି ଦେଖିବାକୁ ମିଳୁଛି। ଚାଇନା ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଷ୍ଟକ୍ ମାର୍କେଟରେ ନିବେଶ ଲାଭଜନକ ହେଉ ନ ଥିବା ମନେ କରି ନିବେଶକମାନେ ଏହି ମୂଲ୍ୟବାନ ଧାତୁରେ ନିବେଶ ଲାଗି ଆଗ୍ରହ ଦେଖାଉଛନ୍ତି। କାରଣ ସୁନାରେ ନିବେଶ ସବୁଠାରୁ ସୁରକ୍ଷିତ ବୋଲି ମନେକରାଯାଇଥାଏ। ଦେଶରେ ସାଧାରଣତଃ ବିବାହ ଋତୁ ବ୍ୟତୀତ ଧନତେରସ ଏବଂ ଅକ୍ଷୟ ତୃତୀୟାରେ ଲୋକେ ସୁନା କିଣିଥାନ୍ତି। ଆର୍ଥିକ ସଙ୍କଟ ବେଳେ ସୁନା ଅଧିକ ସହାୟତା କରିଥାଏ ବୋଲି ଲୋକଙ୍କ ମଧ୍ୟରେ ଆଜି ମଧ୍ୟ ବିଶ୍ୱାସ ରହିଛି। ଏହି କାରଣରୁ ଲୋକଙ୍କର ସୁନା ପ୍ରତି ଆଗ୍ରହ ବଢ଼ି ବଢ଼ି ଚାଲିଛି।

## ପିଆଜର ଦରବୃଦ୍ଧି ନେଇ ବଢ଼ିଲା ଚିନ୍ତା
### ୫୦ହଜାର ଟନ ଉଠାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୬-୮

ଗରିବର ପରିବା କୁହାଯାଉଥିବା ପିଆଜର ଅହେତୁକ ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାର ଚିନ୍ତିତ। ଦର ନିୟନ୍ତ୍ରଣ ଲାଗି ଏବେ କେନ୍ଦ୍ର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଦେଶରେ ପିଆଜର ଅଭାବ ନାହିଁ। ଯଥେଷ୍ଟ ପରିମାଣରେ ଏହା ଦେଶରେ ମହଜୁଦ ରହିଛି। ବଜାରରେ ଯଥାଶୀଘ୍ର ଏହାକୁ ପହଞ୍ଚାଇବା ଲାଗି କେନ୍ଦ୍ରୀୟ ଭଣ୍ଡାରରୁ ୫୦ ହଜାର ଟନ ପିଆଜ ଉଠାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ସୋମବାର କହିଛନ୍ତି।

ସଚିବ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ଶେଷ ପରେ ପାଶ୍ୱାନ କହିଛନ୍ତି ଯେ, ସର୍ବାଧିକ ପିଆଜ ଚାଷ କରୁଥିବା ରାଜ୍ୟ ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ଗୁଜରାଟରେ ବନ୍ୟା ଯୋଗୁ ବର୍ତ୍ତମାନ ଏହାର ଅଭାବ ଦେଖାଦେଇଛି। ଏହି କାରଣରୁ ଦିଲ୍ଲୀ ସମେତ ଦେଶର ଅଧିକାଂଶ ଅଞ୍ଚଳରେ ଏବେ ଏହି ପରିବା ଦର ହୁହୁ ହୋଇ ବଢ଼ିଚାଲିଛି। ସୋମବାର ଚଣ୍ଡିଗଡରେ ପିଆଜ କିଲୋ ୪୫ଟଙ୍କା, ଦିଲ୍ଲୀରେ ୪୨ ଟଙ୍କା, ବାରାଣସୀ, ଆଇଜଲ ସମେତ ୬ ପ୍ରମୁଖ ସହରରେ ୪୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ସହରଗୁଡ଼ିକରେ ୪୦ଟଙ୍କା ଉପରେ ପିଆଜ ଦର ରହିଛି।

## ସାଓମି ଆଣିଲା ନୂଆ ଏମ୍‌ଆଇ ଏ୩

ନୂଆଦିଲ୍ଲୀ, ୨୬-୮



ସାଓମି ଇଣ୍ଡିଆ ପକ୍ଷରୁ ନୂଆ ସ୍ମାର୍ଟଫୋନ ଏମ୍‌ଆଇ ଏ୩ ବଜାରକୁ ଆସିଛି। ଏହା ସଦ୍ୟତମ ଆଣ୍ଡ୍ରଏଡ ୱାନ କ୍ଷମତା ସହ ଆସୁଛି। ଏଥିରେ ବିଶ୍ୱର ସର୍ବୋଚ୍ଚ ରିଜୋଲ୍ୟୁଶନ ଯୁକ୍ତ କ୍ୟାମେରା ରହିଛି। ସେହିଭଳି ଉନ୍ନତ ଡିଜାଇନ ସହ ଆସିଥିବା ଏହି ସ୍ମାର୍ଟଫୋନର ଆରମ୍ଭ ମୂଲ୍ୟ ୧୨,୯୯୯ ଟଙ୍କା ରହିଛି। ଏଥିରେ କ୍ୱାଲକମ୍ ସ୍ନାପଡ୍ରାଗନ ୬୬୫ ଚିପ୍ ସେଟ୍, ସୁପର ଆମୋଲେଡ ଡିସ୍‌ପ୍ଲେ, ୪୦୩୦ ଏମ୍‌ଏଏଚ୍ ବ୍ୟାଟେରି, ୪୮ ମେଗା ପିକ୍ସେଲ ଟ୍ରିପଲ କ୍ୟାମେରା ସେଟ୍ ଅପ୍, ଇନ ସ୍କ୍ରିନ ଫିଙ୍ଗରପ୍ରିଣ୍ଟ ସ୍କାନର, ଆଇଏମ୍‌ଏକ୍ସ ୫୮୬ ସେନସର ରହିଛି। ଏହି ସ୍ମାର୍ଟଫୋନରେ ଗ୍ରାହକ ଅତୁଳନୀୟ ଫିଚର ଲାଭ କରିବେ ବୋଲି ସାଓମି ଇଣ୍ଡିଆର ଅନଲାଇନ ସେଲ୍‌ସ ମୁଖ୍ୟ ରଘୁ ରେଡି କହିଛନ୍ତି।

## ଆସିଲା ରିୟଲମି ୫ ସିରିଜ

ନୂଆଦିଲ୍ଲୀ, ୨୬-୮





ରିୟଲମି ପକ୍ଷରୁ ବଜାରରେ ନୂଆ ରିୟଲମି ୫ ଏବଂ ରିୟଲମି ୫ ପ୍ରୋର ଶୁଭାରମ୍ଭ ହୋଇଛି। ଏଥିରେ କ୍ୱାର୍ଡ କ୍ୟାମେରାକୁ କମ୍ପାନୀ ସ୍ଥାନିତ କରିଛି। ସେହିଭଳି କ୍ୱାଲକମ୍ ସ୍ନାପଡ୍ରାଗନ ୬୬୫ ଏବଂ ୭୧୨ ମୋବାଇଲ ପ୍ଲାଟଫର୍ମକୁ ଏଥିରେ ସ୍ଥାନୀତ କରାଯାଇଛି। ୧୦ ହଜାର ଟଙ୍କାର ପ୍ରାଇସ ସେଗମେଣ୍ଟରେ ଏହି ସ୍ମାର୍ଟଗୁଡିକ ଗ୍ରାହକଙ୍କୁ ଅତୁଳନୀୟ ୟୁଜର ଅଭିଜ୍ଞତା ପ୍ରଦାନ କରିବ ବୋଲି ରିୟଲମି ଇଣ୍ଡିଆର ସିଇଓ ମାଧବ ସେଠ୍ କହିଛନ୍ତି। ରିୟଲମି ୫ ମଡେଲ ୩ଟି ଭାରିଆଣ୍ଟରେ ଆସୁଛି, ଯାହାର ମୂଲ୍ୟ ୯,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ସେହିଭଳି ୫ ପ୍ରୋ ୩ ଭାରିଆଣ୍ଟରେ ଆସୁଛି। ଏହାର ବଜାର ଦର ୧୩,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ୟୁକୋ ବ୍ୟାଙ୍କ ଅଧିକାରୀ ସଂଘର ଫନୀ ସହାୟତା





ଭୁବନେଶ୍ୱର, ୨୬-୮

ଅଲ୍ ଇଣ୍ଡିଆ ୟୁକୋ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ସୌମେନ ରାୟ ଚୌଧୁରୀ, ସଭାପତି ଏଲ୍‌ଏ ଡିସୁଜାଙ୍କ ସମେତ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ଉଗ୍ରସେନ ଜଗଦଲା, ସଭାପତି ଲଲାଟେନ୍ଦୁ ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅର୍ଥ ରାଶିର ଚେକ୍ ପ୍ରଦାନ କରିଛନ୍ତି।

## ଘର, ଯାନ ଋଣକୁ ରେପୋ ସହ ଯୋଡିଲା ୟୁନିୟନ ବ୍ୟାଙ୍କ

ମୁମ୍ବାଇ, ୨୬-୮

ୟୁନିୟନ ବ୍ୟାଙ୍କ ପକ୍ଷରୁ ବାସଗୃହ ଏବଂ ଯାନ ଋଣକୁ ରେପୋ ରେଟ୍ ସହ ଯୋଡାଯାଇଛି। ଗ୍ରାହକଙ୍କୁ ସୁଧ ହାର ହ୍ରାସର ଉନ୍ନତ ସୁବିଧା ଯୋଗାଣ ଲକ୍ଷ୍ୟରେ ବ୍ୟାଙ୍କ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଛି। ଏହି ନୂଆ ବ୍ୟବସ୍ଥା ସହ ୩୦ ଲକ୍ଷ ଟଙ୍କାରୁ ୭୫ ଲକ୍ଷ ଟଙ୍କାର ବାସଗୃହ ଋଣ ଉପରେ ଆକର୍ଷଣୀୟ ସୁଧହାରରେ ଋଣ ପ୍ରଦାନ କରାଯାଉଛି। କ୍ରେଡିଟ ସ୍କୋର ଉନ୍ନତ ଥିବା ଗ୍ରାହକଙ୍କୁ ୮.୨୫% ସୁଧହାରରେ ଋଣ ପ୍ରଦାନ କରାଯିବା ନେଇ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ବ୍ୟବସ୍ଥା ଦ୍ୱାରା ଏହି ବର୍ଗରେ ଏବେ ଗ୍ରାହକ ୩୫ ବେସିସ ପଏଣ୍ଟ ପର୍ଯ୍ୟନ୍ତ ସୁବିଧା ଲାଭ କରିପାରିବେ। ସେହିଭଳି ୮.୬୦% ସୁଧହାରରେ ଗ୍ରାହକ ଯାନ ବାହାନ ଋଣ ଲାଭ କରିପାରିବେ।

# ଅଟୋ ଶିଳ୍ପରେ ସ୍ଥିତାବସ୍ଥା ଶୀଘ୍ର ଫେରିବ: ମର୍ସିଡିଜ୍ ଏମ୍‌ଡି

ଭୁବନେଶ୍ୱର, ୨୬-୮(ବ୍ୟୁରୋ)

ଘରୋଇ ବଜାରର ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ମାନ୍ଦାବସ୍ଥାର ଶିକାର ହୋଇଛି। ଲକ୍ଜ୍ୟୁରି କାର ନିର୍ମାଣକାରୀ କମ୍ପାନୀ ମର୍ସିଡିଜ ବେଞ୍ଜ ଇଣ୍ଡିଆ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛି। ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ କମ୍ପାନୀର ବିକ୍ରି ୧୫% କମିଥିବା ଏହାର ଏମ୍‌ଡି ତଥା ସିଇଓ ମାର୍ଟିନ ସିୱେଙ୍କ ସୋମବାର ସୂଚନା ଦେଇଛନ୍ତି। ସ୍ଥାନୀୟ ଫୁଲନଖରାଠାରେ କମ୍ପାନୀର ନୂଆ ଡିଲରଶିପକୁ ଉଦ୍‌ଘାଟନ କରି ସିୱେଙ୍କ କହିଛନ୍ତି, ମାନ୍ଦାବସ୍ଥା ସତ୍ତ୍ୱେ ଘରୋଇ ବଜାରର ଲକଜ୍ୟୁରି କାର ସେଗ୍‌ମେଣ୍ଟରେ ମର୍ସିଡିଜ୍ ବଜାର ଲିଡରର ସ୍ଥାନ ବଜାୟ ରଖିଛି। ଅର୍ଥନୀତିରେ ଆସିଥିବା ମାନ୍ଦାବସ୍ଥାର ମୁକାବିଲା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିବା ଆର୍ଥିକ ପ୍ୟାକେଜ ବଜାରର ନଗଦ ଅସୁବିଧାକୁ ପୂରଣ ଦିଗରେ କାର୍ଯ୍ୟ କରିବ। ଏହା ସହ ଗ୍ରାହକ ଏବଂ ଶିଳ୍ପସଂସ୍ଥାଗୁଡିକର ଆତ୍ମବିଶ୍ୱାସ ବୃଦ୍ଧି ଦିଗରେ ଏହା ସହାୟକ ହେବ। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟାର୍ଦ୍ଧରେ ଅଟୋ ଶିଳ୍ପରେ ସ୍ଥିତାବସ୍ଥା ଫେରିବ ବୋଲି ଆଶାବାଦୀ ଥିବା ସିୱେଙ୍କ ପ୍ରକାଶ କରିଛନ୍ତି।

କମ୍ପାନୀର ସ୍ଥିତିକୁ ନେଇ ସେ କହିଛନ୍ତି, ଭାରତରେ ମର୍ସିଡିଜର ଭଲ ବ୍ରାଣ୍ଡ ଇମେଜ ରହିଛି। ଏହାକୁ ଧ୍ୟାନରେ ୪୭ ସହରରେ ରଖି ୯୪ ଫାସିଲିଟିରେ ସେବା ଯୋଗାଇ ଦେଉଛୁ। ଦୃଢ ପ୍ରଡକ୍ଟ ପୋର୍ଟଫୋଲିଓ, ଗ୍ରାହକ କୈନ୍ଦ୍ରିକ ଷ୍ଟ୍ରାଟେଜି ସହ ବଢୁଛୁ। କମ୍ପାନୀର ଦୁଇ ତୃତୀୟାଂଶ ପ୍ରଡକ୍ଟ ବିଏସ୍-୬ ଅନୁପାଳନ ଇଞ୍ଜିନ ସହ ଆସୁଛି। ଏହା ବାଦ ଏସ୍‌ୟୁଭି ପୋର୍ଟଫୋଲିଓରେ ଏକ ଶକ୍ତିଶାଳୀ ଅଫରିଂ ପ୍ରଦାନ କରୁଛୁ। ଗ୍ରାହକଙ୍କ ଲାଗି ନୂଆ ଏବଂ ଓନରଶିପ ମଡେଲ ରହିଛି। ଆକର୍ଷଣୀୟ ଫାଇନାନ୍ସରେ ପ୍ରଡକ୍ଟ ଯୋଗାଣ ଏବଂ କଷ୍ଟମରଙ୍କୁ ନିକଟରେ ପହଞ୍ଚିବାକୁ ସର୍ବଦା ପ୍ରୟାସ ଜାରି ରହିଛି। ମଡେଲ ଭିତ୍ତିକ ନିବେଶ କରାଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

ସିୱେଙ୍କ କହିଛନ୍ତି, ଓଡ଼ିଶା ବଜାର ଏକ ଅଭିବୃଦ୍ଧିଶୀଳ ବଜାର। ଏଠାରେ କମ୍ପାନୀ ଭଲ ପରଫରମାନ୍ସ କରିବ। ସେହିଭଳି କମ୍ପାନୀ ପକ୍ଷରୁ ଲୋକଙ୍କୁ ଛଟେଇ ଯୋଜନା ନାହିଁ। ବଜାରକୁ ନେଇ ଆମେ ଆଶାବାଦୀ ରହିଛୁ। ଶୀଘ୍ର ଭଲ ବିକ୍ରି ଅଭିବୃଦ୍ଧି ଆସିବ। ମର୍ସିଡିଜ ପାଇଁ ଭାରତ ଏକ ପ୍ରମୁଖ ବଜାର ହୋଇଥିବାରୁ ଆଗାମୀ ୩ ମାସରେ ନୂଆ ଏସ୍‌ୟୁଭି ମଡେଲ ଆଣିବା ଲାଗି ଯୋଜନା ରହିଛି। ଘରୋଇ ବଜାରର ମୋଟ ପାସେଞ୍ଜର ଯାନ ମଧ୍ୟରୁ ଲକ୍ଜ୍ୟୁରି କାରର ଅଂଶ ମାତ୍ର ୧.୩% ରହିଛି। ଏପରିସ୍ଥଳେ ଅଭିବୃଦ୍ଧି ନେଇ ଅନେକ ସୁଯୋଗ ରହିଥିବା ସେ ଆଶା ରଖିଛନ୍ତି।





### ଖୋଲିଲା ନୂଆ ଡିଲରଶିପ

ମର୍ସିଡିଜ ଏହାର ସମ୍ପ୍ରସାରଣ ଯୋଜନା ଅନ୍ତର୍ଗତ ନୂଆ ଡିଲରଶିପ ଫୁଲନଖରାଠାରେ ଖୋଲିଛି। ଟି ଆଣ୍ଡ ଟି ମୋଟର୍ସ ଆନୁକୂଲ୍ୟରେ ଏହି ନୂଆ ଡିଲରଶିପ ଶୁଭାରମ୍ଭ ହୋଇଛି। ଏଥିରେ ୩ଏସ୍ ସୁବିଧା ଗ୍ରାହକ ଲାଭ କରିପାରିବେ। ଏହି ନୂଆ ଫାସିଲିଟି ଦ୍ୱାରା କମ୍ପାନୀ ଭୁବନେଶ୍ୱର ସମେତ କଟକ, ରାଉରକେଲା, ସମ୍ବଲପୁର ଏବଂ ରାଜ୍ୟର ଅନ୍ୟ ଅଞ୍ଚଳଗୁଡିକରେ ପ୍ରଡକ୍ଟ ଏବଂ ସେବା ଯୋଗାଇ ଦେବ। ଏଥିରେ ୮.୫ କୋଟି ଟଙ୍କା ନିବେଶ ହୋଇଛି। ମୋଟ ୪୦,୦୦୦ ବର୍ଗଫୁଟ ସ୍ଥାନରେ ଏହା ଅବସ୍ଥିତ। ୩୦ ପେସାଦାର ଷ୍ଟାଫ, ୬ କାର ଡିସ୍‌ପ୍ଲେ, ୧୦ ଉତ୍ପାଦକ ସର୍ଭିସ ବେ ଏବଂ ବର୍ଷକୁ ୩,୫୦୦ କାର ସର୍ଭିସ ହେଲା ଭଳି ସୁବିଧା କରାଯାଇଛି। ଏଠାରେ କାଫେ ମର୍ସିଡିଜ, ମର୍ସିଡିଜ ବେଞ୍ଜ ଆସେସୋରିଜ, ମାର୍ଚ୍ଚାଣ୍ଡାଇଜ ସେକ୍ସନ, ଗ୍ରାହକ ଲାଉଞ୍ଜ ସ୍ଥାପନା କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ଟି ଆଣ୍ଡ ଟି ମୋଟର୍ସ ଏମ୍‌ଡି ବିଦୂର ତଲୱାର, ଡାଇରେକ୍ଟର ରୋହନ ତଲୱାର ପ୍ରମୁଖ ଉପସ୍ଥିତ ଥିଲେ।

“ ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ଭଲ ପ୍ରଦର୍ଶନ ପରେ ଆମର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି, ହେଲେ ଆମକୁ କେତେକ କ୍ଷେତ୍ରରେ ଉନ୍ନତି ଆଣିବାକୁ ହେବ ।

– ରାଣୀ ରାମପାଲ, ମହିଳା ହକି ଅଧିନାୟିକା



“ ୧୫ ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶାରୀରିକ ଦକ୍ଷତା ଦୃଷ୍ଟିରୁ ଶ୍ରୀଲଙ୍କା ଖେଳାଳିମାନେ ଉନ୍ନତ ଥିବାରୁ ଆମ ଦଳ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି ।

–ବିବିଆନୋ ଫର୍ନାଣ୍ଡିଜ୍, ଭାରତୀୟ ଦଳର କୋଚ୍



## ସଂକ୍ଷେପରେ

### ଭାରତର ଫିଫା କ୍ୱାଲିଫାୟର୍ସ ଟିକେଟ ବିକ୍ରି ଆରମ୍ଭ

ନୂଆଦିଲ୍ଲୀ,୨୬।୮ (ପି.ଟି.): ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସରେ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଓମାନକୁ ଭେଟିବେ। ଆସନ୍ତା ୪ତାରିଖରେ ଗୁଆହାଟୀସ୍ଥିତ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚ୍ ଲାଗି ଟିକେଟ ବିକ୍ରି ଆରମ୍ଭ ହୋଇଛି। ଟିକେଟର ମୂଲ୍ୟ ୫୦, ୧୦୦ ଓ ୨୦୦ ରଖାଯାଇଛି। ଗୁଆହାଟୀରେ ଭେନ୍ୟୁ ଭାରତୀୟ ଫୁଟ୍‌ବଲ ଦଳ ପାଇଁ ଶୁଭ। ଏଠାରେ ଟିମ୍ ଇଣ୍ଡିଆ କ୍ରମାଗତ ଗୋଟିଏ ପରେ ଗୋଟିଏ ବିଜୟ ହାସଲ କରିଛି। ଏଠାରେ ଭାରତ ୨୦୧୫ ମାର୍ଚ୍ଚରେ ୨-୦ ଗୋଲରେ ନେପାଳକୁ ଓ ୨୦୧୬ ଜୁନ୍‌ରେ ଲାଓସକୁ ୬-୧ ବ୍ୟବଧାନରେ ହରାଇଥିଲା।

### କ୍ରିକେଟ କମିଟି ପଦତ୍ୟାଗ କଲେ ମିସବା

କରାଚୀ, ୨୬।୮: ପୂର୍ବତନ ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ମିସବା ଉଲ ହକ୍ ପିସିବି କ୍ରିକେଟ କମିଟି ପଦରୁ ଇସ୍ତଫା ଦେଇଛନ୍ତି। ଜାତୀୟ ଦଳର ମୁଖ୍ୟ କୋଚ୍ ପାଇଁ ଆବେଦନ କରିବା ନିମନ୍ତେ ସେ ଏଭଳି ପଦକ୍ଷେପ ନେଇଛନ୍ତି। ମିସବା ସୋମବାର ଅପରାହ୍ନରେ ପିସିବି ଡିରେକ୍ଟର ଜାକିର ଖାନଙ୍କୁ ନିଜ ନିଷ୍ପତ୍ତି ସମ୍ପର୍କରେ ଜଣାଇଛନ୍ତି। ମୁଁ ଆଜି ମୁଖ୍ୟ କୋଚ୍ ପଦ ପାଇଁ ଆବେଦନ କରିଛି। ଏହି ପଦରେ କାର୍ଯ୍ୟ କରିବା ବହୁ କଷ୍ଟକର। ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛି। ମୋତେ ବହୁ ଉଚ୍ଚଶିକ୍ଷିତ ଆବେଦନକାରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ ବୋଲି ପୂର୍ବତନ ଅଧିନାୟକ କହିଛନ୍ତି। ଆଗାମୀ ମାସ ଆରମ୍ଭରୁ ନୂଆ କୋଚ୍ ନିଯୁକ୍ତ କରାଯିବ ବୋଲି ଆଶା କରାଯାଉଛି। ଯାହାଫଳରେ ନୂଆ ଟିମ୍ ମ୍ୟାନେଜମେଣ୍ଟକୁ ନୂଆ ସିଜନ ପୂର୍ବରୁ ଦଳ ସହ କିଛି ସମୟ ବିତାଇବାକୁ ସୁଯୋଗ ମିଳିବ।

# ଆରମ୍ଭ ହେଲା ଓସିଏ ନିର୍ବାଚନ ପ୍ରକ୍ରିୟା



ଓସିଏ କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇଙ୍କ ସହ ମାଖନଲାଲ ମଜୁମଦାର ।

### ଦାୟିତ୍ୱ ଗ୍ରହଣ କଲେ ମାଖନଲାଲ

କଟକ ଅଫିସ,୨୬।୮

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ନିର୍ବାଚନ ଅଧିକାରୀ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ବିହାରର ପୂର୍ବତନ ନିର୍ବାଚନ କମିଶନର ମାଖନଲାଲ ମଜୁମଦାର। ମାଖନଲାଲଙ୍କୁ ଓସିଏ କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିସହ ସୋମବାରଠାରୁ ଓସିଏର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ ମାଖନଲାଲ ଓସିଏର ସମ୍ବିଧାନ ଯାଞ୍ଚ କରିବା ସହ ସୁପ୍ରିମକୋର୍ଟ ଓ କମିଟି ଅଫ ଆଡମିନଷ୍ଟ୍ରେଟର (ସିଓଏ)ରୁ ଆସିଥିବା ସମସ୍ତ ରିପୋର୍ଟ ଦେଖିଛନ୍ତି। ମଙ୍ଗଳବାରଠାରୁ ନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ବିହାର କ୍ୟାଡର ୧୯୬୬ ବ୍ୟାଚ୍‌ର ଆଇଏଏସ ଅଧିକାରୀ ହେଉଛନ୍ତି ମାଖନଲାଲ।

ସେପ୍ଟେମ୍ବର ୧୪ ତାରିଖ ମଧ୍ୟରେ ଓସିଏ କର୍ମକର୍ତ୍ତା ନିର୍ବାଚନ ହେବାର ଆଶା ଏବେ ମଜବୁତ ହୋଇଛି। ନିର୍ବାଚନ ଅଧିକାରୀ ମାଖନଲାଲ ମଧ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିର୍ବାଚନ ଶେଷ କରିବାକୁ ଚେଷ୍ଟା କରାଯିବ। ଏବେ ନିର୍ବାଚନ ନେଇ ଓସିଏର ସ୍ଥିତି କଣ ରହିଛି ତାହା ଜଣାନାହିଁ। ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ପର୍ଯ୍ୟାୟ କ୍ରମେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। କ୍ଲବ କିମ୍ବା ଓସିଏର ଅନ୍ୟ ପ୍ରସଙ୍ଗ ସମ୍ପର୍କରେ ପଚାରିଥିଲେ ମଧ୍ୟ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ଉତ୍ତର ମାଖନଲାଲ ଦେଇ ନଥିଲେ। ଅନ୍ୟପକ୍ଷରେ ମାଖନଲାଲ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସୋମବାର ଏଠାରେ ଉପସ୍ଥାପନ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସମ୍ବିଧାନରେ ଥିବା ଏକ ନିୟମକୁ ନେଇ ମାଖନଲାଲ କହିଛନ୍ତି ଯେ, ନିର୍ବାଚନର ଅଳ୍ପ ଦିନ ପୂର୍ବରୁ ସଦସ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ। ଯଦି ଏଭଳି ହୁଏ ତେବେ ସଦସ୍ୟତା ପ୍ରଦାନ ଦିନଠାରୁ ନିର୍ବାଚନ ଆଉ ୩ମାସ ଘୁଞ୍ଚିଯିବ। ଏଣୁ ଓସିଏର ସମ୍ବିଧାନରେ ଯେଉଁ ମାନଙ୍କୁ ସଦସ୍ୟ ଭାବେ ପୂର୍ବରୁ ଗ୍ରହଣ ହୋଇଛି ଏବେ ସେମାନଙ୍କୁ ନେଇ ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ସେ କହିଛନ୍ତି। ସୂଚନା ଥାଉକି, ଓସିଏର ନୂତନ ସମ୍ବିଧାନରେ ସଦସ୍ୟ ସଂଖ୍ୟା ଏବେ ୭୩ ରହିଛି। ଏହା ମଧ୍ୟରେ ୩୦ଟି ଜିଲା, ୨୦ଟି କ୍ଲବ, ୧୦ଟି ସ୍କୁଲ, ୫ଟି କଲେଜ ରହିଛି। ଏହାଛଡ଼ା ଭୁବନେଶ୍ୱର, ରାଉରକେଲା, ରେଲୱେ, ପାରାଦୀପ, କିଟ୍ ରହିଥିବା ବେଳେ ଖେଳାଳି ଭାବେ ସାମିଲ ହୋଇଛନ୍ତି ୩ ଅନ୍ତର୍ଜାତୀୟ ଖେଳାଳି ଶିବ ସୁନ୍ଦର ଦାସ, ସଞ୍ଜୟ ରାଉଳ ଓ ଦେବାଶିଷ ମହାନ୍ତି। କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ଏ ସମ୍ପର୍କରେ କୁହନ୍ତି, ଅକ୍ଟୋବର ୨୨ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ନିର୍ବାଚନ ହେବ। ଏହା ପୂର୍ବରୁ ସେପ୍ଟେମ୍ବର ୧୪ ମଧ୍ୟରେ ରାଜ୍ୟ ସଂଘର ନିର୍ବାଚନ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ଅତିବେଶୀରେ ସେପ୍ଟେମ୍ବର ୨୦ ମଧ୍ୟରେ ଓସିଏର ନିର୍ବାଚନ ଶେଷ ହୋଇଥିବ ବୋଲି ଧୀରେନ କହଛନ୍ତି।

### ଅପେକ୍ଷାରେ ରହିଲେ ୧୫୨ କ୍ଲବ

କ୍ରିକେଟ ଖେଳୁଥିବା କିମ୍ବା କ୍ରିକେଟକୁ ପ୍ରୋତ୍ସାହିତ କରୁଥିବା କ୍ଲବଙ୍କୁ ସଦସ୍ୟତା ଦିଆଯିବା ଉଚିତ ବୋଲି ସିଓଏର ନିଷ୍ପତ୍ତି ପରେ ଓସିଏରେ ସଦସ୍ୟତା ପାଇଁ ଆବେଦନ କରିଛନ୍ତି ମୋଟ ୧୫୨ କ୍ଲବ। ରାଜ୍ୟର ସମସ୍ତ ଜିଲାରୁ କ୍ଲବମାନେ ଏହି ଆବେଦନରେ ସାମିଲ ହୋଇଛନ୍ତି। କ୍ଲବମାନଙ୍କୁ ସଦସ୍ୟତା ପ୍ରଦାନ କରାଯିବା ନେଇ ଗଠିତ ହୋଇଥିବା ୫ଜଣିଆ ଯାଞ୍ଚ କମିଟିର ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି କମିଟି ଅଧ୍ୟକ୍ଷ ଶିବ ପ୍ରସାଦ ତ୍ରିପାଠୀ କହିଛନ୍ତି ଯେ, ଯାଞ୍ଚ ପ୍ରକ୍ରିୟା ସଫଳପୂର୍ଣ୍ଣ ଭାବେ ଶେଷ ହୋଇଛି। ଆଗାମୀ ନିର୍ବାଚନ ପରେ ସାଧାରଣ ପରିଷଦ ଗଠନ ହେଲେ ଉକ୍ତ କ୍ଲବଗୁଡ଼ିକଙ୍କ ସଦସ୍ୟତା ନେଇ ବିଚାର କରାଯିବ। ଏଣୁ ସିଧାସଳଖ କହିବାକୁ ଗଲେ ସଦସ୍ୟତା ଆଶାୟୀ ନୂତନ କ୍ଲବ ଗୁଡ଼ିକ ଏବେ ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ। ନିର୍ବାଚନ ଶେଷ ହୋଇ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଏମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ।

### ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ପ୍ରତିଯୋଗିତା
## ଭାରତରୁ ଏକମାତ୍ର ଅନୁପମା ସ୍ୱାଇଁ

ଭୁବନେଶ୍ୱର, ୨୬।୮(କ୍ରୀଡ଼ା ପ୍ରତିନିଧି): ଦକ୍ଷିଣ କୋରିଆର ଚୁଙ୍ଗଜୁଠାରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାରତରୁ ଏକମାତ୍ର ଏଲାଇଟ ଖେଳାଳିଭାବେ ଉତ୍କଳ କରାଟେ ସ୍କୁଲର ଅନୁପମା ସ୍ୱାଇଁ ଅଂଶଗ୍ରହଣ କରିବେ। ଅନୁପମା ମଙ୍ଗଳବାର ଚୁଙ୍ଗଜୁ ଯାତ୍ରା କରିବେ। ପ୍ରତିଯୋଗିତାର ଜୁଜୁତ୍ସୁ ନେୱାଜା, ଜୁଜୁତ୍ସୁ ଫାଇଟିଂ ଓ ଜୁଜୁତ୍ସୁ କଣ୍ଟାକଟ୍ ବିଭାଗରେ ଅନୁ ଭାଗନେବେ। ବିଶ୍ୱ ସଂଘଦ୍ୱାରା ଅନୁପମାଙ୍କୁ ବିଶ୍ୱର ଜଣେ ଏଲାଇଟ ଖେଳାଳିଭାବେ ସ୍ୱିକୃତି ମିଳିଥିବାରୁ ତାଙ୍କର ସମସ୍ତ ଖର୍ଚ୍ଚ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଆୟୋଜକ କମିଟି ବହନ କରୁଛି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଜଣେ ଅନ୍ତର୍ଜାତୀୟ କରାଟେ ଖେଳାଳି ହେବା ସହ ଶକ୍ତିଉତ୍ତୋଳନରେ ଏସିଆ ଚାମ୍ପିୟନ, ଜୁଜୁତ୍ସୁରେ ବିଶ୍ୱମାନ୍ୟତାପ୍ରାପ୍ତ ଥାଇଲାଣ୍ଡ ଓପନରେ ସ୍ୱର୍ଣ୍ଣ ପଦକ ବିଜୟିନୀ। ସୋମବାର ସନ୍ଧ୍ୟାରେ ଉତ୍କଳ କରାଟେ ସ୍କୁଲ ଓ ଜୁଜୁତ୍ସୁ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଅବିନାଶ ପୁନ୍ଦିର, ଗୌରୀ ମହାନ୍ତି, ଚିତ୍ତରଞ୍ଜନ ସ୍ୱାଇଁ, ଡ. ହରିପ୍ରସାଦ ପଟ୍ଟନାୟକ ଏବଂ ଖେଳାଳିମାନେ ଉପସ୍ଥିତ ରହି ଅନୁପମାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଏଥିକ୍ସ ଅଫିସରଙ୍କ ନିକଟରେ ହାଜର ହେବେ ଦ୍ରାବିଡ

### ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପ୍ରସଙ୍ଗ

ନୂଆଦିଲ୍ଲୀ, ୨୬।୮ (ପି.ଟି.)

ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ଅଭିଯୋଗରେ ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କୁ ସେପ୍ଟେମ୍ବର ୨୬ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିକ୍ସ ଅଫିସର ଡି.କେ. ଜୈନଙ୍କ ନିକଟରେ ହାଜର ହେବାକୁ ପଡ଼ିବ। ଦ୍ରାବିଡ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ର ନିର୍ଦ୍ଦେଶକ ଅଛନ୍ତି। ଏହାଛଡ଼ା ସେ ଆଇପିଏଲ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ ମାଲିକ ଇଣ୍ଡିଆ ସିମେଣ୍ଟ୍ସର ଭାଇସ୍ ପ୍ରେସିଡେଣ୍ଟ ରହିଛନ୍ତି। ୪୬ବର୍ଷୀୟ ପୂର୍ବତନ ମହାନ ବ୍ୟାଟ୍ସମ୍ୟାନ ଏନ୍‌ସିଏର ମୁଖ୍ୟ ହେବା ପୂର୍ବରୁ ଭାରତ ଏ' ଏବଂ ୧୯ ବର୍ଷରୁ କମ୍ ଟିମ୍‌ର ମୁଖ୍ୟ କୋଚ୍ ଥିଲେ। ଏନସିଏ ଦାୟିତ୍ୱ ବ୍ୟତୀତ ଉପରୋକ୍ତ ଦୁଇ ଦଳ ଉପରେ ତାଙ୍କର ନଜର ରହିବ। ଦ୍ରାବିଡଙ୍କ ବିରୋଧରେ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ)ର ଆଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତା ଅଭିଯୋଗ ଆଣିଛନ୍ତି। ଇଣ୍ଡିଆ ସିମେଣ୍ଟ୍ସର କର୍ମଚାରୀ ଏବଂ ଏନସିଏର ମୁଖ୍ୟ ଭାବେ ଦ୍ୱୈତ ଭୂମିକା ପାଇଁ ଦ୍ରାବିଡ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସରକୁ ଆସୁଥିବା ସେ କହିଛନ୍ତି। ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜୈନଙ୍କ ନିର୍ଦ୍ଦେଶ ଅନୁସାରେ ଦ୍ରାବିଡ ପୂର୍ବରୁ ଲିଖିତ ଭାବେ ତାଙ୍କ ଜବାବ ଉପସ୍ଥାପନ କରିସାରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସମ୍ବିଧାନ ଅନୁସାରେ ଜଣେ ବ୍ୟକ୍ତି ଏକକାଳୀନ ଦୁଇଟି ପଦବୀରେ ରହିପାରିବ ନାହିଁ। ବିସିସିଆଇ କର୍ମଚାରୀ ମୟଙ୍କ ପାରିଖଙ୍କ ବିରୋଧରେ ମଧ୍ୟ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି। ତାଙ୍କୁ ମଧ୍ୟ ସମାନ ଦିବସରେ ବ୍ୟକ୍ତିଗତ ହାଜର ହେବାକୁ କୁହାଯାଇଛି। ପାରିଖ ବିସିସିଆଇ କ୍ରିକେଟ ଅପରେଶନ ଟିମ୍‌ର ଜଣେ ସଦସ୍ୟ ରହିଛନ୍ତି। ସେ ଆହୁରି ମଧ୍ୟ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମସିଏ)ରେ ଭୋଟିଂ ଅଧିକାର ପାଇଥିବା ଏକାଧିକ କ୍ଲବ ସହିତ ସଂଶ୍ଳିଷ୍ଟ। ଖବର ଅନୁସାରେ ଦ୍ରାବିଡ ତାଙ୍କ ଲିଖିତ ଜବାବରେ ଇଣ୍ଡିଆ ସିମେଣ୍ଟ୍ସରୁ ସେ ଛୁଟି ନେଇଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ତାଙ୍କର କିଛି କହିବାର ନାହିଁ ବୋଲି କହିଛନ୍ତି। ଦ୍ରାବିଡଙ୍କ ଭଳି ବ୍ୟକ୍ତିଙ୍କୁ ନୋଟିସ ଜାରି କରାଯାଇଥିବାରୁ ସୌରଭ ଗାଙ୍ଗୁଲିଙ୍କ ଭଳି ମହାନ କ୍ରିକେଟର ଏବଂ ଭେଟେରାନ ସ୍ପିନର ହରଭଜନ ସିଂ ଏହାକୁ ନାପସନ୍ଦ କରିଛନ୍ତି। ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଭାରତୀୟ କ୍ରିକେଟ ପାଇଁ ଏକ ନୂଆ ଫ୍ୟାଶନ; ଭାରତୀୟ କ୍ରିକେଟକୁ ଭଗବାନ ସହାୟ ହୁଅନ୍ତୁ ବୋଲି ଗାଙ୍ଗୁଲି ଟୁଇଟ୍ କରିଛନ୍ତି। ଦ୍ରାବିଡଙ୍କୁ ନୋଟିସ ପଠାଯିବାର ଫଳସ୍ୱରୂପ ବର୍ତ୍ତମାନ ଭାରତୀୟ କ୍ରିକେଟର ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି(ସିଓଏ) ଏବଂ ପୂର୍ବତନ ଖେଳାଳିମାନଙ୍କ ମଧ୍ୟରେ ଏକ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲୀପ ଭେଙ୍ଗସରକାର, ସଞ୍ଜୟ ମଞ୍ଜ୍ରେକର, ଅଜିତ ଅଗରକର, ଇର୍ଫାନ ପଠାନ, ପାର୍ଥିବ ପଟେଲ ଏବଂ ରୋହନ ଗାଭାସ୍କର ପ୍ରମୁଖ ଯୋଗଦେଇଥିଲେ। ଗାଙ୍ଗୁଲି ସ୍କାଇପ୍ ଜରିଆରେ ଏଥିରେ ଅଂଶଗ୍ରହଣ କରିଥିଲେ।



ସୋମବାର କ୍ରୀଡ଼ା କମିଶନର ତଥା ସଚିବ ବିଶାଲ ଦେବଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଉଷୁ ପ୍ରତିଭା ବବଲୁ ମୁଣ୍ଡା। ନିକଟରେ ଅଛନ୍ତି ଯୁଗ୍ମ ସଚିବ ମନୋଜ ପାଢ଼ୀ, ଉପ ସଚିବ ରଣଜିତ କୁମାର ପରିଡ଼ା ଓ ଅଲ୍‌ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ବେହେରା। କେନ୍ଦୁଝର ଜିଲା ସିଆଳିଯୋଡା ଗ୍ରାମର ବବଲୁ ବ୍ରୁନେଇରେ ଅନୁଷ୍ଠିତ ୧୦ମ ଏସିଆନ ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶକୁ ଗର୍ବିତ କରିଛନ୍ତି।

### ■ ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ
# ଶ୍ରୀ ଅରବିନ୍ଦ, ସୈନିକ ସ୍କୁଲ ସେମିରେ





ବାବୁଲାଲ୍ ସାହୁ ଓ ସାଗିନ ସୋରେନ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୬।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଶ୍ରୀ ଅରବିନ୍ଦ ନୋଡାଲ ବିଦ୍ୟାପୀଠ ଓ ସୈନିକ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲରେ ଏହି ଦୁଇ ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚଟି ଶ୍ରୀ ଅରବିନ୍ଦ ଏବଂ ପଳାଶୁଣୀ ୟୁଜି ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିବାବେଳେ ୩୪ତମ ମିନିଟରେ ବାବୁଲାଲ ସାହୁ ଓ ୫୦ତମ ମିନିଟରେ ବାବୁଲାଲ ସାହୁ ଗୋଟିଏ ଲେଖାଏ ଗୋଲ ଦେଇ ଶ୍ରୀ ଅରବିନ୍ଦ ସ୍କୁଲକୁ ବିଜୟୀ କରାଇଥିଲେ। ୟୁନିଟ-୬ ହାଇସ୍କୁଲର ସହକାରୀ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦତ୍ତ ଅତିଥିଭାବେ ଯୋଗଦେଇ ବାବୁଲାଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ ସୈନିକ ସ୍କୁଲ ଓ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ମଧ୍ୟରେ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିବାବେଳେ ମ୍ୟାଚର ୪୧ତମ ମିନିଟରେ ସୈନିକ ସ୍କୁଲର ସୂରଜ ସୁନ୍ଦର ଡିଗଲ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚ ଶେଷପର୍ଯ୍ୟନ୍ତ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଗୋଲଟି ପରିଶୋଧ କରି ନ ପାରିବାରୁ ସୈନିକ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଥିଲା। ଜଗନ୍ନାଥ ପ୍ରଧାନ ଅତିଥିଭାବେ ଯୋଗଦେଇ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଗୋଲକିପର ସାଗିନ ସୋରେନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ବାରିକ, ଶ୍ରୀକାନ୍ତ ପଣ୍ଡା, ସରୋଜ ମହାରଣା, ଅମିତ ନାୟକ, ଦେବଜ୍ୟୋତି ସିଂ, ଦିଗ୍‌ବିଜୟ ଦାସ ଓ ଲକ୍ଷ୍ମୀପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ।

# ନାୟାର ୧୬୬*: ଇଣ୍ଡିଆ ବ୍ଲୁ-ଇଣ୍ଡିଆ ରେଡ୍ ମ୍ୟାଚ୍ ଡ୍ର'

ବେଙ୍ଗାଲୁରୁ, ୨୬।୮ (ପି.ଟି.): କରୁନ ନାୟାରଙ୍କ ଦମ୍‌ଦାର ଅପରାଜିତ ଶତକ ସତ୍ତ୍ୱେ ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ରେଡ୍ ମଧ୍ୟରେ ଏଠାରେ ଅନୁଷ୍ଠିତ ଦୁଲୀପ୍ ଟ୍ରଫି ମ୍ୟାଚ୍ ଶେଷରେ ବିନା ହାର୍‌ଜିତ୍‌ରେ ଶେଷ ହୋଇଛି। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପ୍ରିୟଙ୍କ ପଞ୍ଚାଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ଦଳ ମ୍ୟାଚ୍‌ରୁ ୩ ପଏଣ୍ଟ ଅର୍ଜନ କରି ଫାଇନାଲ ଖେଳିବା ପାଇଁ ଦୃଢ଼ ଦାବିଦାର ହୋଇଛି। ଅପରପକ୍ଷରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ଦୁଇ ମ୍ୟାଚ୍ ଖେଳି ୨ ଡ୍ର' ସହ ୨ ପଏଣ୍ଟରେ ସନ୍ତୁଷ୍ଟ ରହିଛି। ଫଳରେ ଦଳର ଫାଇନାଲ ଖେଳିବା ଆଶା କ୍ଷୀଣ ହୋଇଯାଇଛି। ଇଣ୍ଡିଆ ରେଡ୍ ଏହାର ଅନ୍ତିମ ମ୍ୟାଚ୍‌ରେ ଇଣ୍ଡିଆ ଗ୍ରୀନକୁ ଅଗଷ୍ଟ ୨୯ରେ ଭେଟିବ। ସ୍ଥାନୀୟ କର୍ନାଟକ ଷ୍ଟେଟ୍ କ୍ରିକେଟ୍ ଆସୋସିଏଶନ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ସୋମବାର ଥିଲା ଅନ୍ତିମ ତଥା ୪ର୍ଥ ଦିବସ। ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୯୩/୨ ରନରୁ ସୋମବାର ଖେଳ ଆରମ୍ଭ କରିଥିବା ଇଣ୍ଡିଆ ରେଡ୍ ପାଇଁ ନାୟାର ଦର୍ଶନୀୟ ବ୍ୟାଟିଂ କରିଥିଲେ। ପ୍ରଥମ ଇନିଂସରେ ମାତ୍ର ୧ ରନ୍ ପାଇଁ ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିବା ଏହି କର୍ନାଟକ ଡାହାଣହାତୀ ବ୍ୟାଟ୍ସମ୍ୟାନ ଏଥର କିନ୍ତୁ କୌଣସି ତ୍ରୁଟି ନ କରି ଅପରାଜିତ ୧୬୬ ରନର ଏକ ମାରାଥନ ଶତକୀୟ ଇନିଂସ ଖେଳିଥିଲେ। ଏହି ଇନିଂସ ମଧ୍ୟରେ ସେ ୧୯ ଚୌକା ଓ ଗୋଟିଏ ଛକା ମାରିଥିଲେ।

# ଓଡ଼ିଶାକୁ ୧୧୨ ସ୍ୱର୍ଣ୍ଣ ପଦକ

### ସର୍ବଭାରତୀୟ ଓପନ କରାଟେ

ଭୁବନେଶ୍ୱର, ୨୬।୮(କ୍ରୀଡ଼ା ପ୍ରତିନିଧି): ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଗତ ୨୩ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ସର୍ବାଧିକ ପଦକ ମିଳିଛି। ଓଡ଼ିଶା ଦଳ ୧୧୨ ସ୍ୱର୍ଣ୍ଣ ପଦକ ସହ ଚାମ୍ପିୟନ, ଝାଡ଼ଖଣ୍ଡ ୭ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଓ ଗୁଜରାଟ ୪ ସ୍ୱର୍ଣ୍ଣ ପଦକ ଜିତି ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ରାଉତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ମୁଖ୍ୟ ଅତିଥି ବିଧାୟକ ସୁଶାନ୍ତ କୁମାର ରାଉତ(ବାମରୁ ଦ୍ୱିତୀୟ) ଓ ଅନ୍ୟ ଅତିଥିମାନେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର, ୨୭ ଅଗଷ୍ଟ, ୨୦୧୯





"ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ଉତ୍ତମ ପ୍ରଦର୍ଶନ ଦ୍ୱାରା ଅଜିଙ୍କ୍ୟ ରାହାନେ ଟିମ୍ ମ୍ୟାନେଜମେଣ୍ଟର ଆସ୍ଥାଭାଜନ ହୋଇପାରିଛନ୍ତି ।
–ପ୍ରବୀଣ ଆମ୍ରେ, ପୂର୍ବତନ କ୍ରିକେଟର

"ରିଷଭ ପନ୍ତଙ୍କ ଶଟ୍ ଚୟନ କ୍ଷେତ୍ରରେ ତ୍ରୁଟି ରହିଛି। ଏଥିରେ ସୁଧାର ଆଣିପାରିଲେ ସେ ଚୟନକର୍ତ୍ତାଙ୍କ ଆସ୍ଥାଭାଜନ ହୋଇପାରିବେ ।
–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଅଶ୍ୱିନଙ୍କଠାରୁ ଅଲଗା ହୋଇପାରେ କିଙ୍ଗ୍ସ ଏକାଦଶ ପଞ୍ଜାବ



**ଚଣ୍ଡିଗଡ଼,୨୬।୮:** ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଣ୍ଟିଗୁଆ ଟେଷ୍ଟରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିବାବେଳେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର କିଙ୍ଗ୍ସ ଏକାଦଶ ପଞ୍ଜାବଠାରୁ ସମ୍ଭବତଃ ଅଲଗା ହୋଇପାରନ୍ତି। ଅଶ୍ୱିନଙ୍କ ନେତୃତ୍ୱରେ ଗତ ସିଜନରେ ଖେଳିଥିବା ପଞ୍ଜାବ ଫ୍ରାଞ୍ଚାଇଜ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଥିଲା। ତାଙ୍କୁ ୨୦୧୮ ସଂସ୍କରଣ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ୭.୬ କୋଟି ଟଙ୍କାରେ ଦଳରେ ସାମିଲ କରିଥିଲା। ଅଶ୍ୱିନ ଆଗାମୀ ସଂସ୍କରଣରେ ଆମ ସହ ରହିବେ କି ନାହିଁ ମୁଁ ସ୍ପଷ୍ଟ କରି କହିପାରିବି ନାହିଁ ବୋଲି ପଞ୍ଜାବ ଫ୍ରାଞ୍ଚାଇଜର କ୍ରିକେଟ ଅପରେଶନର ଅନନ୍ତ ସରକାରିଆ କହିଛନ୍ତି। ଅଶ୍ୱିନଙ୍କ ସ୍ଥାନରେ ଓପନିଂ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ଦଳର ନେତୃତ୍ୱ ନେବେ। ରାହୁଲ ପଞ୍ଜାବ ଦଳର ନେତୃତ୍ୱ ନେଇପାରନ୍ତି। ଦଳୀୟ ମ୍ୟାନେଜମେଣ୍ଟ ନୂଆ ଅଧିନାୟକ ଖୋଜୁଛି। ଚଳିତ ସପ୍ତାହ ଶେଷ ସୁଦ୍ଧା ସେମାନେ ଅନ୍ତିମ ନିଷ୍ପତ୍ତି ନେବେ। ତେବେ ଅଫ୍ ସ୍ପିନର ଅଶ୍ୱିନ ଆଗାମୀ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ କିମ୍ବା ରାଜସ୍ଥାନ ରୟାଲ୍ସ ପାଇଁ ଖେଳିପାରନ୍ତି। ଦିଲ୍ଲୀ ଫ୍ରାଞ୍ଚାଇଜ ଅଶ୍ୱିନଙ୍କୁ ଦଳରେ ସାମିଲ କରିବାକୁ ଇଚ୍ଛା ପ୍ରକଟ କରିଥିବାବେଳେ ରୟାଲ୍ସ ଅଲରାଉଣ୍ଡର କ୍ରିଷ୍ଣପା ଗୋଥାମଙ୍କ ବଦଳରେ ଦେବାକୁ ପ୍ରସ୍ତାବ ଦେଇଛି।

### ସିନ୍ଧୁଙ୍କୁ ବିହାରୀ, ପ୍ରସାଦଙ୍କ ଶୁଭେଚ୍ଛା

**ନୂଆଦିଲ୍ଲୀ,୨୬।୮(ପି.ଟି.):** ଭାରତୀୟ ଶଟଲର ପି. ଭି. ସିନ୍ଧୁ ବିଶ୍ୱ ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି। ଏଥିନେଇ ତାଙ୍କୁ ଭାରତୀୟ ଦଳର ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଓ ଜାତୀୟ ଚୟନ କମିଟି ମୁଖ୍ୟ ଏମ୍ଏସ୍କେ ପ୍ରସାଦ ଶୁଭେଚ୍ଛା ଜଣାଇଛନ୍ତି। ଦୁଇ ଥର ରୌପ୍ୟ ପଦକ ବିଜେତା ୨୧-୭, ୨୧-୭ ଗେମ୍‌ରେ ଜାପାନର ନୋଜୋମି ଓକୁହରାଙ୍କୁ ହରାଇ ବିଶ୍ୱ ବ୍ୟାଡ୍ମିଣ୍ଟନର ସର୍ବୋଚ୍ଚ ଟୁର୍ନାମେଣ୍ଟ ଜିତିଛନ୍ତି। ଭାରତୀୟ କ୍ରୀଡ଼ା ଲାଗି ଏହା ଏକ ବଡ଼ ସଫଳତା। ଏହି ସ୍ୱତନ୍ତ୍ର ଦିବସରେ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟରେ ୯୩ ରନ୍‌ର ଇନିଂସ ଖେଳିଥିବା ହନୁମା ଟୁଇଟ୍ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ହେବା ପାଇଁ ତୁମକୁ ଅନେକ ଶୁଭେଚ୍ଛା। କଠିନ ପରିଶ୍ରମ ଓ ଦକ୍ଷତାର ଫଳ ତାଙ୍କୁ ମିଳିଛି। ତାଙ୍କଠାରୁ ଆଉ ଅଧିକ କିଛି ଆଶା କରାଯାଇ ନ ପାରେ। ପୂରା ଦେଶ ତୁମ ପାଇଁ ଗର୍ବିତ ବୋଲି ପ୍ରସାଦ ଲେଖିଛନ୍ତି।

### ସମରସେଟ୍ ପାଇଁ ଖେଳିବେ ବିଜୟ

**ଚେନ୍ନାଇ,୨୬।୮(ପି.ଟି.):** ଭାରତୀୟ ଦଳରୁ ବାଦ୍ ପଡ଼ିଥିବା ଓପନର ମୁରଲୀ ବିଜୟ ଇଂଲିଶ କାଉଣ୍ଟି ଦଳ ସମରସେଟ୍ ପାଇଁ ଖେଳିବେ। ଅନ୍ତିମ ୩ ମ୍ୟାଚ୍‌ରେ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ତାମିଲନାଡୁର ଷ୍ଟାଇଲିଶ ବ୍ୟାଟ୍ସମ୍ୟାନ ପାକିସ୍ତାନ କ୍ରିକେଟର ଆଝାର ଅଲିଙ୍କ ସ୍ଥାନ ନେଇଛନ୍ତି। ବିଜୟ ଆମ ଦଳରେ ଯୋଗ ଦେଇଥିବାରୁ ଆମେ ଖୁସି। ଚଳିତ ସିଜନର ଅନ୍ତିମ ୩ ମ୍ୟାଚ୍‌ରେ ସେ ଖେଳିବେ ବୋଲି ସମରସେଟ୍ କ୍ରିକେଟ କ୍ଲବ ପକ୍ଷରୁ ଏହାର ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ୩୫ବର୍ଷୀୟ ବିଜୟ ଅନ୍ତିମ ଥର ଭାରତ ପାଇଁ ୨୦୧୮ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଖେଳିଥିଲେ। ସେ ୬୧ ଟେଷ୍ଟ ଖେଳି ୩୮.୨୮ ଆଭରେଜରେ ୩,୯୮୨ ରନ୍ କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ହେଉଛି ୧୬୭। ପ୍ରଥମ ଶ୍ରେଣୀ କ୍ରିକେଟରେ ୧୩୧ ମ୍ୟାଚ୍‌ରେ ୯,୧୧୬ ରନ୍ କରିଛନ୍ତି।

# ବିଦେଶରେ ଭାରତର ସର୍ବବୃହତ୍ ବିଜୟ

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୬।୮**

ଏଠାରେ ରବିବାର ଶେଷ ହୋଇଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ୩୧୮ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏଥିସହ ୨ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧–୦ରେ ଅଗ୍ରଣୀ ଲାଭ କରିଛି। ରନ ଦୃଷ୍ଟିରୁ ୩୧୮ ବିଦେଶ ମାଟିରେ ଭାରତର ସର୍ବବୃହତ୍ ବିଜୟ। ୨୦୧୭ରେ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୩୦୪ ରନରେ ବିଜୟୀ ହୋଇଥିଲା। ତାହା ଏପର୍ଯ୍ୟନ୍ତ ବିଦେଶ ମାଟିରେ ଭାରତର ସର୍ବବୃହତ ବିଜୟ ହୋଇ ରହିଥିଲା। ୧୯୮୬ରେ ଲିଡ୍ସଠାରେ ଇଂଲଣ୍ଡ ବିପକ୍ଷରେ ଭାରତ ୨୭୯, ୨୦୧୫ରେ କଲମ୍ବୋରେ ଶ୍ରୀଲଙ୍କା ବିପକ୍ଷରେ ୨୭୮, ୧୯୬୭–୬୮ରେ ଅକ୍ଲାଣ୍ଡଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦଳ ୨୭୨ ରନରେ ବିଜୟୀ ହୋଇଥିଲା। ତେବେ ଟେଷ୍ଟ କ୍ରିକେଟରେ ରନ ଦୃଷ୍ଟିରୁ ଭାରତର ସର୍ବାଧିକ ବିଜୟ ବ୍ୟବଧାନ ହେଉଛି ୩୩୭। ତେବେ ଏହାକୁ ଭାରତ ଘରୋଇ ପରିବେଶରେ ନୂଆଦିଲ୍ଲୀଠାରେ ୨୦୧୫–୧୬ରେ ଶ୍ରୀଲଙ୍କା ବିପକ୍ଷରେ ହାସଲ କରିଥିଲା। ଭାରତର ପରବର୍ତ୍ତୀ ୨ଟି ବୃହତ ବିଜୟ ବ୍ୟବଧାନ ହେଉଛି ୩୨୧ ବନାମ ନ୍ୟୁଜିଲାଣ୍ଡ(୨୦୧୬–୧୭, ଇନ୍ଦୋର) ଏବଂ ୩୨୦ ବନାମ ଅଷ୍ଟ୍ରେଲିଆ(୨୦୦୮–୦୯, ମୋହାଲି)।

ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ବିଜୟ ସହ ବିରାଟ କୋହଲି ଭାରତୀୟ ଅଧିନାୟକ ଭାବେ ବିଦେଶ ମାଟିରେ ସର୍ବାଧିକ ସଫଳ ହେବାର ସୌଭାଗ୍ୟ ପାଇଛନ୍ତି। ବିରାଟଙ୍କ ନେତୃତ୍ୱରେ ଭାରତ ବିଦେଶ ମାଟିରେ ୨୬ ମ୍ୟାଚରୁ ୧୨ଟିରେ ବିଜୟୀ ହୋଇଛି। ପୂର୍ବରୁ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ୨୮ ମ୍ୟାଚରୁ ସର୍ବାଧିକ ୧୧ ଟେଷ୍ଟରେ ବିଜୟୀ ହୋଇଥିଲା। ଏବେ କୋହଲି ପୂର୍ବତନ ଅଧିନାୟକ ଗାଙ୍ଗୁଲିଙ୍କୁ ପଛରେ ପକାଇ ଦେଇଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ୩୦ ଟେଷ୍ଟରୁ ୬ ଓ ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ୧୭ ମ୍ୟାଚରୁ ୫ଟିରେ ବିଜୟ ହାସଲ କରିଥିଲା। ଅଧିନାୟକ ଭାବେ ଭାରତକୁ ସର୍ବାଧିକ ଟେଷ୍ଟ ବିଜୟର ସ୍ୱାଦ ଚଖାଇବାରେ ମହେନ୍ଦ୍ର ସିଂ ଧୋନୀଙ୍କ ସମକକ୍ଷ ହୋଇଛନ୍ତି କୋହଲି। ଧୋନୀଙ୍କ ନେତୃତ୍ୱରେ ଭାରତ ୬୦ ମ୍ୟାଚରୁ ୨୭ଟିରେ ବିଜୟ ହାସଲ କରିଥିବାବେଳେ କୋହଲି ୪୭ ମ୍ୟାଚରୁ ଏହି ସଂଖ୍ୟା(୨୭)କୁ ଛୁଇଁଛନ୍ତି। କୋହଲିଙ୍କ ନେତୃତ୍ୱରେ ଭାରତ ଆଉ ଗୋଟିଏ ମ୍ୟାଚ ଜିତିଲେ ଧୋନୀ ସ୍ୱାଭାବିକଭାବେ ପଛରେ ପଡ଼ିଯିବେ।

୪୧୯ ରନ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୦୦ ରନରେ ଅଲଆଉଟ ହୋଇ ଯାଇଥିଲା। ଟେଷ୍ଟ କ୍ରିକେଟରେ ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜର ଏହା ସର୍ବନିମ୍ନ ସ୍କୋର। ୨୦୦୬ରେ କିଙ୍ଗଷ୍ଟନ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୧୦୩ ରନରେ ଅଲଆଉଟ ହୋଇଥିଲା। ଏହା ଏପର୍ଯ୍ୟନ୍ତ ଦଳର ଭାରତ ବିପକ୍ଷରେ ସର୍ବନିମ୍ନ ସ୍କୋର ହୋଇ ରହିଥିଲା। ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜ ୨୦୧୬ରେ ଗ୍ରସ୍ ଆଇସଲେଟଠାରେ ୧୦୮, ୧୯୮୭–୮୮ରେ ଦିଲ୍ଲୀଠାରେ ୧୨୭ ଏବଂ ୨୦୧୮–୧୯ରେ ହାଇଦ୍ରାବାଦଠାରେ ୧୨୭ ରନରେ ଅଲଆଉଟ ହୋଇଥିଲା।

ଭାରତ–ୱେଷ୍ଟଇଣ୍ଡିଜ ପ୍ରଥମ ଟେଷ୍ଟ, ଇଂଲଣ୍ଡ–ଅଷ୍ଟ୍ରେଲିଆ ତୃତୀୟ ଆଶେସ ଟେଷ୍ଟ ଏବଂ ଶ୍ରୀଲଙ୍କା–ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ ପରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲରେ ଭାରତ ଶୀର୍ଷରେ ରହିଛି। ସମାନ ପଏଣ୍ଟ ପାଇଥିଲେ ହେଁ ଅଧିକ ମ୍ୟାଚ ଖେଳି ଗୋଟିଏ ଲେଖାଏ ପରାଜୟ ଲାଭ କରିଥିବାରୁ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଛନ୍ତି।



ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଦଳ।

### ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ଟାଇ | ଡ୍ର | ପଏଣ୍ଟ |
|---|---|---|---|---|---|---|
| ଭାରତ | ୧ | ୧ | ୦ | ୦ | ୦ | ୬୦ |
| ନ୍ୟୁଜିଲାଣ୍ଡ | ୨ | ୧ | ୧ | ୦ | ୦ | ୬୦ |
| ଶ୍ରୀଲଙ୍କା | ୨ | ୧ | ୧ | ୦ | ୦ | ୬୦ |
| ଅଷ୍ଟ୍ରେଲିଆ | ୩ | ୧ | ୧ | ୦ | ୧ | ୩୨ |
| ଇଂଲଣ୍ଡ | ୩ | ୧ | ୧ | ୦ | ୧ | ୩୨ |
| ୱେଷ୍ଟଇଣ୍ଡିଜ | ୧ | ୦ | ୧ | ୦ | ୦ | ୦ |

### ଫିକ୍ସିଂ: ହଂକଂର ୨ କ୍ରିକେଟର୍ ଆଜୀବନ ବାସନ୍ଦ

**ଦୁବାଇ, ୨୬।୮ (ପି.ଟି.):** ମ୍ୟାଚ ଫିକ୍ସିଂ ଅଭିଯୋଗରେ ହଂକଂ ଖେଳାଳି ଇର୍ଫାନ ଅହମ୍ମଦ ଏବଂ ନଦୀମ ଅହମ୍ମଦଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ଆଜୀବନ ବାସନ୍ଦ କରାଯାଇଛି। ସେମାନଙ୍କ ଟିମ୍‌ମେଟ୍ ହସିବ୍ ଅମଜାଦଙ୍କୁ ୫ବର୍ଷ ବାସନ୍ଦ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ଏହି ଖେଳାଳିମାନଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ଶୁଣାଣି କରିଥିଲା। ଦୁଇ ବର୍ଷ ମଧ୍ୟରେ ଏହି ୩ ଜଣ ଖେଳାଳି ଯେଉଁ କେତୋଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ ଅର୍ଥଲୋଭର ବଶବର୍ତ୍ତୀ ହୋଇ ସେଥିରେ ମ୍ୟାଚ ଫିକ୍ସିଂରେ ଲିପ୍ତ ଥିଲେ ଅବା ଚେଷ୍ଟା କରି ବିଫଳ ହୋଇଥିଲେ। ସେମାନଙ୍କୁ ପ୍ରଭାବିତ କରିବା ଲାଗି ଚେଷ୍ଟା କରାଯାଇଥିବା ବିଷୟ ସମ୍ପୃକ୍ତ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ନ ଥିବା ଇତ୍ୟାଦି ବିଷୟରେ ଶୁଣାଣି ହୋଇଥିଲା। ଆଇସିସି ଜେନେରାଲ ମ୍ୟାନେଜର (ଏସିୟୁ) ଆଲେକ୍ସ ମାର୍ଶାଲଙ୍କ ସୂଚନା ଅନୁସାରେ ଅଭିଯୋଗ କ୍ରମେ ଏହି ଖେଳାଳିଙ୍କ ବିରୋଧରେ ତଦନ୍ତ ହୋଇଥିଲା। ଅହମ୍ମଦ ବ୍ରଦର୍ସ ଅନ୍ୟ ସାଥୀ ଖେଳାଳିମାନଙ୍କୁ ଦୁର୍ନୀତିରେ ସଂଶ୍ଳିଷ୍ଟ କରିବାକୁ ଚେଷ୍ଟା କରିଥିବା ଜଣାପଡ଼ିଥିଲା। ବିଶେଷକରି ସ୍କଟଲାଣ୍ଡ ଏବଂ କାନାଡା ବିପକ୍ଷ ମ୍ୟାଚରେ ଖେଳାଳିମାନଙ୍କୁ କେତୋଟି ଓଭର ପାଇଁ ଫିକ୍ସ କରାଯାଇଥିଲା।



### ବୁମ୍‌ରାଙ୍କ କୃତିତ୍ୱ

ଏହି ମ୍ୟାଚ୍‌ରେ ଖୁବ କମ୍ ରନ୍ ଦେଇ ଅଧିକ ଉଇକେଟ ନେଇଥିବା ଭାରତୀୟ ବୋଲର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଆଣ୍ଟିଗୁଆ ଟେଷ୍ଟର ଦ୍ୱିତୀୟ ଇନିଂସରେ ବୁମ୍‌ରା ୭ ରନ୍ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ପୂର୍ବରୁ ଏହି ରେକର୍ଡ ଭେଙ୍କଟପତି ରାଜୁଙ୍କ ନାମରେ ଥିଲା। ସେ ୧୯୯୦ ଶ୍ରୀଲଙ୍କା ବିପକ୍ଷରେ ୧୨ରନ୍ ବିନିମୟରେ ୬ ଉଇକେଟ ନେଇଥିଲେ। କମ୍ ରନ୍ ଦେଇ ଅଧିକ ଉଇକେଟ ନେଇଥିବା ଭାରତୀୟ ବୋଲରଙ୍କ ତାଲିକାରେ ହରଭଜନ ସିଂ (୫/୧୩), ରବୀନ୍ଦ୍ର ଜାଡେଜା (୫/୧୨), ସୁଭାଷ ଗୁପ୍ତେ ୫/୧୮, ଜାଭାଗଲ ଶ୍ରୀନାଥ (୬/୨୧) ରହିଛନ୍ତି।

# ଭାରତ ୩୧୮ ରନ୍‌ରେ ବିଜୟୀ

**ନର୍ଥ ସାଉଣ୍ଡ, ୨୬।୮:** ଏଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟକୁ ଭାରତୀୟ ଦଳ ବୃହତ୍ ବ୍ୟବଧାନରେ ଜିତିନେଇଛି। ବିଜୟରେ ୟର୍କର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୬।୮**

ଅଜିଙ୍କ୍ୟ ରାହାନେଙ୍କ ଶତକ ପରେ ଯଶପ୍ରୀତ ବୁମ୍‌ରା, ଇଶାନ୍ତ ଶର୍ମା ଓ ମହମ୍ମଦ ସାମିଙ୍କ ଚମତ୍କାର ବୋଲିଂ ବଳରେ ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଛି। ରବିବାର ୪ର୍ଥ ଦିବସରେ ଭାରତ ଏହାର ଦ୍ୱିତୀୟ ଇନିଂସକୁ ୩୪୩/୭ରେ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୪୧୯ ରନ ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ୧୫ ରନରେ ୫ ଉଇକେଟ ହରାଇ ସାଂଘାତିକଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୦୦ ରନରେ ଅଲଆଉଟ ହୋଇ ଯାଇଛି। ଫଳରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ୩୧୮ ରନରେ ବିଜୟ ହାସଲ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ କେମର ରୋଚ୍ ସର୍ବାଧିକ ୩୮ ରନ କରିଥିବାବେଳେ ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନାହାନ୍ତି। ଭାରତ ପକ୍ଷରୁ ବୁମ୍‌ରା ୫ଟି, ଇଶାନ୍ତ ୩ଟି ଓ ମହମ୍ମଦ ସାମି ୨ଟି ଉଇକେଟ ନେଇଛନ୍ତି। ଟେଷ୍ଟ କ୍ରିକେଟରେ ବୁମ୍‌ରାଙ୍କ ଏହା ୪ର୍ଥ ୫ ଉଇକେଟ ସଫଳତା। ଭାରତର କୌଣସି ଅଧିନାୟକଭାବେ ବିରାଟ କୋହଲି ବିଦେଶ ମାଟିରେ ସର୍ବାଧିକ ୧୨ଟି ଟେଷ୍ଟ ଜିତିବାର ରେକର୍ଡ କରିଛନ୍ତି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୮୫/୩ରୁ ଭାରତ ଖେଳ ଆରମ୍ଭ କରିଥିଲା। ଅଧିନାୟକ ବିରାଟ କୋହଲି (୫୧ ରନ୍)ଙ୍କୁ ତାଙ୍କ ପୂର୍ବ ଦିନର ସ୍କୋରରେ ହିଁ ଆଉଟ ହୋଇଥିଲେ। ଅଜିଙ୍କ୍ୟ ରାହାନେଙ୍କ ସହ ହନୁମା ବିହାରି ୫ମ ଉଇକେଟରେ ଶତକୀୟ(୧୩୫ ରନ) ଭାଗୀଦାରି ଗଢ଼ିଥିଲେ। ହନୁମା କ୍ୟାରିୟର ଶ୍ରେଷ୍ଠ ୯୩ ରନକରି ଆଉଟ ହେବାସହ ଭାରତ ଇନିଂସ ଘୋଷଣା କରିଥିଲା। ରାହାନେ ୧୦୨ ରନ୍ ସହ ୧୦ମ ଟେଷ୍ଟ ଶତକ ହାସଲ କରିଥିଲେ। ରଷ୍ଟନ ଚେଜ୍ ୪ଟି ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୨୯୭**

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୨୨**

ଭାରତ ଦ୍ୱିତୀୟ ଇନିଂସ: ୩୪୩/୭ ଘୋଷଣା।(ରାହାନେ–୧୦୨, ହନୁମା–୯୩, କୋହଲି–୫୧, ଚେଜ୍–୪/୧୩୨)।

ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୦୦/ଅଲଆଉଟ(କେମର ରୋଚ୍–୩୮, ମିଗୁଏଲ କୁମିନ୍ସ–୧୯*, ଯଶପ୍ରୀତ ବୁମ୍‌ରା–୫/୭, ଇଶାନ୍ତ ଶର୍ମା–୩/୩୧, ମହମ୍ମଦ ସାମି–୨/୧୩)।

# ସିରିଜ ୧-୧ରେ ଡ୍ର' ରଖିଲା ନ୍ୟୁଜିଲାଣ୍ଡ

**କଲମ୍ବୋ, ୨୬।୮ (ଏଏଫ୍‌ପି)**

ସ୍ଥାନୀୟ ପି. ସାରା ଓଭାଲ ଗ୍ରାଉଣ୍ଡରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ଇନିଂସ ଓ ୬୫ ରନରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ୬ ଉଇକେଟ୍‌ରେ ହାରିଥିବା କେନ୍ ୱିଲିୟମସନଙ୍କ ଦଳ ଏଥିସହ ୨ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧–୧ରେ ବରାବର୍ ରଖିବାରେ ସଫଳ ହୋଇଛି।

ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦିମୁଥ୍ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ରବିବାର ୪ର୍ଥ ଦିବସ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୫ ଉଇକେଟ୍ ହରାଇ ୩୮୨ ରନ୍ ସଂଗ୍ରହ କରିଥିଲା। ପୂର୍ବରାତିର ଅପରାଜିତ ବ୍ୟାଟ୍ସମ୍ୟାନ କଲିନ୍ ଡି ଗ୍ରାଣ୍ଡହୋମ୍ ସୋମବାର ନିଜ ସ୍କୋରରେ ଆଉ କୌଣସି ରନ୍ ଯୋଡ଼ିବା ପୂର୍ବରୁ ସେହି ୮୩ ରନରେ ଆଉଟ୍ ହୋଇଯାଇଥିଲେ। କିନ୍ତୁ ଅନ୍ୟତମ ଅପରାଜିତ ବ୍ୟାଟ୍ସମ୍ୟାନ ତଥା ଉଇକେଟକିପର୍ ବିଜେ ୱାଟ୍‌ଲିଙ୍ଗ୍ ଶତକ ହାସଲ କରିଥିଲେ। ସେ ୧୦୫ ରନ ଓ ଟିମ୍ ସୌଦୀ ୨୪ ରନ କରି ଅପରାଜିତ ରହିଥିବାବେଳେ ଅଧିନାୟକ ୱିଲିୟମସନ ପ୍ରଥମ ଇନିଂସ ଘୋଷଣା କରିଥିଲେ। ସେତେବେଳକୁ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୬ ଉଇକେଟ୍ ହରାଇ ୪୩୧ ରନ କରିବା ସହ ମୋଟ୍ ଉପରେ ୧୮୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୨ୟ ଇନିଂସ ଆରମ୍ଭ କରିଥିବା ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ମାତ୍ର ୧୨୨ ରନରେ ଅଲ୍‌ଆଉଟ୍ ହୋଇ ଇନିଂସ ପରାଜୟବରଣ କରିଥିଲା। ଦୁଇ ଓପନର୍ ଲାହିରୁ ଥିରିମାନ୍ନେ ଓ କୁସଲ ପେରେରା ଖାତା ଖୋଲିପାରି ନ ଥିବାବେଳେ ଆଞ୍ଜେଲୋ ମାଥ୍ୟୁସ (୭), ଧନଞ୍ଜୟ ଡି ସିଲ୍‌ଭା (୧) ମଧ୍ୟକ୍ରମରେ ନିରାଶ କରିଥିଲେ। ଉଇକେଟ୍‌କିପର ନିରୋଶାନ ଡିକ୍‌ୱେଲା (୫୧), ଅଧିନାୟକ କରୁଣାରତ୍ନେ (୨୧) ଓ କୁସଲ ମେଣ୍ଡିସ (୨୦) କିଛିଟା ସଂଘର୍ଷ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ବିଜୟୀ ଦଳ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ, ସୌଦୀ, ଅଜାଜ ପଟେଲ ଓ ୱିଲିୟମ ସମରଭିଲ୍ଲେ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଟମ୍ ଲଥାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ୱାଟ୍‌ଲିଙ୍ଗ୍ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ହାସଲ କରିଥିଲେ। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ସେପ୍ଟେମ୍ବର ୧ରୁ ଆରମ୍ଭ ହେବ।



କ୍ୟାଚ୍ ଧରିବା ପରେ ରସ୍ ଟେଲର (ବାମରୁ ଦ୍ୱିତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ସଂକ୍ଷିପ୍ତ ସ୍କୋର

**ଶ୍ରୀଲଙ୍କା ପ୍ରଥମ ଇନିଂସ–** ୨୪୪/୧୦ (ଧନଞ୍ଜୟ ଡି ସିଲ୍‌ଭା ୧୦୯, କରୁଣାରତ୍ନେ ୬୫, ସୌଦୀ ୪/୬୩)।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ–** ୪୩୧/୬ ଘୋଷଣା, ୧୧୫ ଓଭର (ଲଥାମ୍ ୧୫୪, ୱାଟ୍‌ଲିଙ୍ଗ୍ ୧୦୫*, ରସ୍ ଟେଲର ୨୩, ଗ୍ରାଣ୍ଡହୋମ୍ ୮୩, ୱିଲିୟମସନ ୨୦, ଦିଲରୁୱାନ ପେରେରା ୩/୧୧୪)।

**ଶ୍ରୀଲଙ୍କା ୨ୟ ଇନିଂସ–** ୧୨୨/୧୦, ୭୦.୨ ଓଭର (ଡିକ୍‌ୱେଲା ୫୧, କରୁଣାରତ୍ନେ ୨୧, ମାଥ୍ୟୁସ ୭, ସୌଦୀ ୨/୧୫, ବୋଲ୍ଟ ୨/୧୭)।

### ଶ୍ରୀଲଙ୍କା ମାଟିରେ ଶ୍ରୀଲଙ୍କା ବିପକ୍ଷରେ ଇନିଂସ ବିଜୟୀ ଏସିଆ ବାହାର ଟିମ୍

| ଟିମ୍ | ବିଜୟ ବ୍ୟବଧାନ | ସ୍ଥାନ/ବର୍ଷ |
|---|---|---|
| ଅଷ୍ଟ୍ରେଲିଆ | ଇନିଂସ ଓ ୩୮ ରନ୍ | କାଣ୍ଡି/୧୯୮୩ |
| ନ୍ୟୁଜିଲାଣ୍ଡ | ଇନିଂସ ଓ ୬୧ ରନ | କଲମ୍ବୋ/୧୯୮୪ |
| ଦକ୍ଷିଣ ଆଫ୍ରିକା | ଇନିଂସ ଓ ୨୦୮ ରନ୍ | କଲମ୍ବୋ/୧୯୮୪ |
| ନ୍ୟୁଜିଲାଣ୍ଡ | ଇନିଂସ ଓ ୬୫ ରନ୍ | କଲମ୍ବୋ/୨୦୧୯ |

### ୨୫୦ କ୍ଲବରେ ସୌଦୀ



ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଇନିଂସ ବିଜୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦ୍ରୁତ ବୋଲର ଟିମ୍ ସୌଦୀ ଏହି ଅବସରରେ କ୍ୟାରିୟରରେ ୨୫୦ ଉଇକେଟ୍ ଅକ୍ତିଆର କରିଛନ୍ତି। ଶ୍ରୀଲଙ୍କାର ୨ୟ ଇନିଂସରେ ଅଧିନାୟକ ଦିମୁଥ କରୁଣାରତ୍ନେଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରି କରି ସୌଦୀ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ୨୫୦ ଉଇକେଟ୍ ଅକ୍ତିଆର କରିବାରେ ସୌଦୀ ୪ର୍ଥ ନ୍ୟୁଜିଲାଣ୍ଡ ବୋଲର ହୋଇଛନ୍ତି। ପୂର୍ବରୁ ଟ୍ରେଣ୍ଟ ବୋଲ୍ଟ, ରିଚାର୍ଡ ହାର୍ଡଲୀ ଓ ଡାନିଏଲ୍ ଭିଟ୍ଟୋରୀ ଏହି କ୍ଲବରେ ସାମିଲ ହୋଇଥିଲେ। ୩ ଦିନ ତଳେ ସୌଦୀଙ୍କ ସାଥୀ ବୋଲର ବୋଲ୍ଟ ଏହି ସଫଳତା ହାସଲ କରିଥିଲେ। କଲମ୍ବୋ ଟେଷ୍ଟ ପୂର୍ବରୁ ସୌଦୀ ୨୪୫ ଉଇକେଟ୍ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ସେ ମୋଟ୍ ୬ ଉଇକେଟ୍ ନେଇଥିଲେ। ୨୫୦ ଉଇକେଟ ନେବାକୁ ସୌଦୀ ୬୭ ଟେଷ୍ଟର ସହାୟତା ନେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୨୭ ଅଗଷ୍ଟ /୨୦୧୯, Dhenkanal, Tuesday August 27 / 2019

## ସଂକ୍ଷେପରେ

### ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ

**ଛେଣ୍ଡିପଦା,୨୬।୮(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ସୋମବାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ ଆରମ୍ଭ ହୋଇଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ଏହି ଯାଞ୍ଚ କରାଯାଉଛି। ବ୍ଲକରେ ପ୍ରାୟ ୪ ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ତେବେ ୨୦୧୧ ମସିହା ଠାରୁ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଛି। ପ୍ରଥମ ଦିନରେ ୧୨୩ ଜଣଙ୍କ ସିଟି, ବିଇଡି, ମାଟ୍ରିକ ଆଦି ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ୪ ଜଣ ଶିକ୍ଷକଙ୍କ ସାର୍ଟିଫିକେଟରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ୪ ଦିନ ମଧ୍ୟରେ ସମ୍ପୃକ୍ତ ଶିକ୍ଷକମାନେ ବ୍ଲକ ଶିକ୍ଷା ବିଭାଗରେ ଅସଲି ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି। ଏହି ପ୍ରକ୍ରିୟା ୪ ଦିନ ଧରି ଚାଲିବ। ସାର୍ଟିଫିକେଟରେ ତ୍ରୁଟି ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ପାଲଲହଡ଼ା, ୨୬।୮(ଡି.ଏନ.ଏ.):** ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ନବ କିଶୋର ନାୟକ ସୋମବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଧାୟକ ମୁକେଶ କୁମାର ପାଲଙ୍କ ନେତୃତ୍ୱରେ କର୍ମୀଙ୍କ ଗହଣରେ ନବକିଶୋର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଢେଇବୀରାଙ୍କ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓ ତ୍ରିବିକ୍ରମ କୁମୁରା ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ।

■ ଭିଡ଼ ଏଡ଼ାଇବାକୁ ପୌର ପ୍ରଶାସନର ପଦକ୍ଷେପ

# କାର୍ଯ୍ୟାଳୟ ସମ୍ମୁଖରୁ ହଟିଲେ ଉଠା ଦୋକାନୀ

**ଅନୁଗୋଳ ଅଫିସ, ୨୬।୮**



■ ପ୍ରହସନ କହିଲେ ସହରବାସୀ
■ କିଛିଦିନ ପରେ ପୁଣି ଫେରିବ ପୂର୍ବାବସ୍ଥା
■ ଅସାଧୁ କର୍ମଚାରୀଙ୍କ ରହୁଛି ହାତ

ଅନୁଗୋଳ ପୌର କାର୍ଯ୍ୟାଳୟ ସମ୍ମୁଖରେ ବେପାର କରୁଥିବା ଉଠା ଦୋକାନୀଙ୍କୁ ସୋମବାର ହଟାଇ ଦିଆଯାଇଛି। ପୂର୍ବରୁ ସେମାନଙ୍କୁ ଏ ନେଇ ନୋଟିସ ଦିଆଯାଇଥିବା ବେଳେ ପୂର୍ବାହ୍ନରେ ସମସ୍ତ ଉଠା ଦୋକାନୀ ସ୍ଥାନ ଛାଡ଼ିବାକୁ ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ସମ୍ପୃକ୍ତ ବ୍ୟବସାୟୀମାନେ ସେମାନଙ୍କ ପସରା ଧରି କିଛି ଦୂର ରାସ୍ତା ପାର୍ଶ୍ୱକୁ ଚାଲିଯାଇଥିଲେ। ହେଲେ ପୌର ପାଳିକାର ଏପରି କାର୍ଯ୍ୟ ସହରବାସୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ସର୍ବଦା କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼ ବଢ଼ାଉଥିବା ଏହି ଦୋକାନୀମାନଙ୍କୁ ଏପରି ହଟାଯିବା କେବଳ ପ୍ରହସନ ବୋଲି ସହରବାସୀ କହିଛନ୍ତି।

ଅନୁଗୋଳ ପୌରପାଳିକା ମୁଖ୍ୟ ଫାଟକ ସମ୍ମୁଖରେ ବର୍ଷ ତମାମ ବେପାର କରୁଛନ୍ତି ଏହି ଉଠା ଦୋକାନୀ। କିଏ ଗୁପଚୁପ ବିକୁଛି ତ ଆଉ କିଏ ଚାଓମିନ। ଅନେକ ସମୟରେ କେତେକ କମ୍ପାନୀ କର୍ମଚାରୀ ଏଠାରେ ଆସ୍ଥାନ ଜମାଇ ଦିନତମାମ ବିଭିନ୍ନ ସାମଗ୍ରୀର ପ୍ରଚାର ମଧ୍ୟ କରୁଛନ୍ତି। ଏମାନଙ୍କ ନିକଟରେ ଗ୍ରାହକଙ୍କ ଭିଡ଼ ଯୋଗୁ ଅଯଥାରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଗହଳି ବଢ଼ିଯାଉଛି। ମୁଖ୍ୟ ଫାଟକକୁ ଲାଗି ଏସ୍‌ବିଆଇ ଏଟିଏମ୍ ଥିବାରୁ ଟଙ୍କା ଉଠାଣ ପାଇଁ ଉପଭୋକ୍ତାମାନେ ଧାଡ଼ିରେ ଠିଆ ହେଉଛନ୍ତି। ତେଣୁ ଏସବୁକୁ ନେଇ କାର୍ଯ୍ୟାଳୟ ଆଗରେ ଭିଡ଼ ହେଉଥିବାରୁ କର୍ମଚାରୀମାନେ କାର୍ଯ୍ୟାଳୟକୁ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଜାମ ଯୋଗୁ ସାଧାରଣ ଲୋକେ ମଧ୍ୟ ହଇରାଣ ହରକତ ହେଉଛନ୍ତି। ଦୈନିକ ଏପରି ସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ପୌର ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରାଯାଉ ନାହିଁ। କେବଳ ବେଳେ ବେଳେ ଏପରି ଉଠାଦୋକାନୀଙ୍କୁ ହଟାଇ ଦେଇ କର୍ତ୍ତୃପକ୍ଷ ଚୁପ୍ ବସିଯାଉଥିବାରୁ ଦିନେ ଦୁଇଦିନ ପରେ ପୂର୍ବ ଗହଳି ଫେରି ଆସୁଛି। ଏଥିରେ କାର୍ଯ୍ୟାଳୟର କେତେଜଣ ଅସାଧୁ କର୍ମଚାରୀଙ୍କ ହାତ ରହୁଥିବା କୁହାଯାଉଛି। ଏମାନଙ୍କ ଠାରୁ ଅଭୟ ପାଇ ସମ୍ପୃକ୍ତ ଉଠା ଦୋକାନୀମାନେ ବର୍ଷ ବର୍ଷ ଧରି କାର୍ଯ୍ୟାଳୟ ସମ୍ମୁଖରେ ବେପାର କରୁଥିବା ଚର୍ଚ୍ଚା ହେଉଛି। ତେଣୁ ପୌର ପ୍ରଶାସନ ନିୟମ କଡ଼ାକଡ଼ି କରିବା ସହ ଉଠା ଦୋକାନୀମାନଙ୍କୁ ଥଇଥାନ କରିଦେଲେ ଏପରି ସମସ୍ୟା ଆଉ ସୃଷ୍ଟି ହୁଅନ୍ତା ନାହିଁ ବୋଲି ସହରବାସୀ ମତବ୍ୟକ୍ତ କରିଛନ୍ତି। ଏ ନେଇ ପୌରନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା କହିଛନ୍ତି, କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବ୍ୟବସାୟୀମାନେ ଖାଦ୍ୟ ପସରା ମେଲାଉଥିବାରୁ ସମସ୍ୟା ଉପୁଜୁଥିଲା। କୌଣସି କାର୍ଯ୍ୟାଳୟ ସମ୍ମୁଖରେ ଉଠା ଦୋକାନୀ ବେପାର କରିପାରିବେ ନାହିଁ। ଏ ନେଇ ସେମାନଙ୍କୁ ପୂର୍ବରୁ ଅବଗତ କରାଯାଇଥିଲା। ତଥାପି ନ ହଟିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଠାଇ ଦିଆଯାଇଛି ବୋଲି ଜେନା ପ୍ରକାଶ କରିଛନ୍ତି।

## ଶୀତତାପ ନିୟନ୍ତ୍ରିତ ଶବ ସଂରକ୍ଷଣ ବାକ୍ସ ଲୋକାର୍ପିତ




**ଅନୁଗୋଳ ଅଫିସ, ୨୬।୮**

ଅନୁଗୋଳ ରୋଟାରି କ୍ଲବ ପକ୍ଷରୁ ଅନୁଗୋଳ ଜିଲାକୁ ପ୍ରଥମ କରି ଏକ ଶୀତତାପ ନିୟନ୍ତ୍ରିତ ଶବ ସଂରକ୍ଷଣ ବାକ୍ସ ପ୍ରଦାନ କରାଯାଇଛି। ଜିଲାରେ ଏହି ବ୍ୟବସ୍ଥା ଆଗରୁ ନ ଥିବାବେଳେ ରୋଟାରି କ୍ଲବର ଏଭଳି ପଦକ୍ଷେପକୁ ଏଡିଏମ୍ ତପନ କୁମାର ଶତପଥୀ ସ୍ୱାଗତ କରିଛନ୍ତି। ସୋମବାର ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶତପଥୀ ଯୋଗଦେଇ କ୍ଲବର ଏଭଳି ସେବା କାର୍ଯ୍ୟକୁ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ। ଏଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉକ୍ତ ବାକ୍ସର ଲୋକାର୍ପଣ କରିଥିଲେ। ଉତ୍ସବରେ ରୋଟାରି କ୍ଲବ ପକ୍ଷରୁ ନିଖିଲ ରଞ୍ଜନ ମିଶ୍ର, ନିର୍ମଳ କୁମାର ମିଶ୍ର, ଡ. ଧରଣୀଧର ନାଥ, ଜି.କେ. ମିଶ୍ରଙ୍କ ସମେତ ରୋଟାରି ପବ୍ଲିକ ସ୍କୁଲ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।




## ନିଶା କବଳରୁ ଦୂରେଇ ରୁହ

**ଛେଣ୍ଡିପଦା,୨୬।୮(ଡି.ଏନ.ଏ.)**



ଛେଣ୍ଡିପଦା ବ୍ଲକ ପତିତପାବନ ଜୁନିୟର କଲେଜଠାରେ ସୋମବାର ରାଜ ସଂସ୍କାର କମିଟି, ଡୁକୁଡା ଓ ଆମ ପରିବାର ଚକ୍ର ଅନୁଗୋଳ ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ନିଶା ନିବାରଣ ସଂକ୍ରାନ୍ତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ଅଧ୍ୟାପକ ଅଶୋକ କୁମାର ଗଡ଼ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନିଶା ମୁକ୍ତି ଯୁବ ବାହିନୀର ସତ୍ୟବ୍ରତ ପୃଷ୍ଟି, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ବିଶ୍ୱରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଯୁବ ଶକ୍ତି ସଭାପତି ବ୍ରହ୍ମଜ୍ୟୋତି ମିଶ୍ର ଯୋଗଦେଇ ନିଶା କବଳରୁ ଯୁବ ସମାଜ ନିବୃତ୍ତ ରହି ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ହରମୋହନ ଦାସ, ସିପୁନ ବିଶ୍ୱାଳ, ବାପୁଜୀ ସାହୁ, କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଶାଗୁଆନ କାଠ ଜବତ, ୨ ଗିରଫ

**ସାତମାଇଲ,୨୬।୮ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁରଠାରେ ସୋମବାର ବନବିଭାଗ ଚଢାଉ କରି ଏକ ଶାଗୁଆନ କାଠ ବୋଝେଇ ଅଟୋକୁ ଜବତ କରିଛି। ଏହି ଘଟଣାରେ ଡ୍ରାଇଭର ସନ୍ତୋଷ ବେହେରା ଓ କାଠ ବେପାରୀ କିଶୋର ପ୍ରଧାନଙ୍କୁ ଗିରଫ କରାଯାଇଛି। କର୍ଣ୍ଣପୁର ବିଟ୍ ବରଡାପାଳ ଗ୍ରାମରୁ ମହିଧରପୁର ଅଭିମୁଖେ ଏକ ଅଟୋ (ନଂ.ଓଡି୧୯ଜି୯୫୧୩)ରେ ୫ ସିଫ୍ଟ ଶାଗୁଆନ କାଠ ଯାଉଥିବାବେଳେ ଖବରପାଇ ହିନ୍ଦୋଳ ଫରେଷ୍ଟର ନବଘନ ମିଶ୍ର, ହାତୀ ସ୍କାଡ ଚଢାଉ କରିଥିଲେ।




## ଛାତ୍ର ସଂସଦ ନିର୍ବାଚନ ବନ୍ଦକୁ ବିରୋଧ



**ଅନୁଗୋଳ ଅଫିସ, ୨୬।୮**

ଛାତ୍ର ସଂସଦ ନିର୍ବାଚନ ବାତିଲକୁ ବିରୋଧ କରି ଅନୁଗୋଳ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସୋମବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦଳୀୟ କନ୍ଦଳକୁ ଲୁଚାଇବାକୁ ଯାଇ ଛାତ୍ରୀଛାତ୍ରମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଇଛି ବୋଲି ଏବିଭିପି ଛାତ୍ରନେତାମାନେ ଅଭିଯୋଗ କରିଛନ୍ତି। ଜିଲା ସଂଯୋଜକ ଚିକୁନ ବିଶ୍ୱାଳଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ବିଦ୍ୟାର୍ଥୀ ଯୋଗଦେଇ ବିକ୍ଷୋଭ କରିଥିଲେ। ନଗର ସହସମ୍ପାଦକ ପାର୍ଥ ସାରଥି ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ସିଦ୍ଧାର୍ଥ ରାଉତରାୟ, ସୁଦୀପ୍ତ ସ୍ୱାଇଁ, ସୌମେନ୍ଦ୍ର ଶତପଥୀ, ସ୍ମାରକ ଗଡ଼ନାୟକ, ଆଶିଷ କୁମାର ପାଣିଗ୍ରାହୀ, ସତ୍ୟବ୍ରତ ବିଶ୍ୱାଳ, ଅମିତ କୁମାର ପ୍ରଧାନ, ସମୀର ପରିଡ଼ା, ପଲ୍ଲବ ଘୋଷ, ମୁନା ଭୁତିଆଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ



**ବନ୍ତଳା, ୨୬।୮(ଡି.ଏନ.ଏ.)**

ଛାତ୍ର ସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତିର ପ୍ରତିବାଦ କରି ଅନୁଗୋଳ ଜିଲା ବନ୍ତଳା ମହାବିଦ୍ୟାଳୟ ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ବନ୍ତଳା ଛକ ନିକଟରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ତୁରନ୍ତ ଏହି ନିଷ୍ପତ୍ତି ବଦଳାଇବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏହି ବିକ୍ଷୋଭରେ ବିଜୟ କେତନ ପ୍ରଧାନ, ଚନ୍ଦ୍ରକାନ୍ତ ପ୍ରଧାନ, ଅନନ୍ତ ସାହୁ, ସୁଶୀଲ ସାହୁ, ଆଦିତ୍ୟ ନାୟକ, ଅରୁଣ ସାହୁ, ଲଗେନ ସାହୁ, ସୁରଜ ପ୍ରଧାନ, ସୌମ୍ୟ ରଞ୍ଜନ କର, ରୁଦ୍ର ନାରାୟଣ ସାହୁଙ୍କ ସମେତ ବହୁ ଛାତ୍ର ଯୋଗ ଦେଇଥିଲେ।

## ଚନ୍ଦନକାଠ ଚୋରି ଘଟଣାର ପର୍ଦ୍ଦାଫାଶ, ୬ ଗିରଫ

**ଅନୁଗୋଳ ଅଫିସ, ୨୬।୮**



■ ଅଢ଼େଇ ଫୁଟର ଦୁଇଟି ଚନ୍ଦନ କାଠ ଜବତ
■ ୪ ପିସ୍ ବିକ୍ରି କରିସାରିଛନ୍ତି
■ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ

ଅନୁଗୋଳ ପୋଲିସ ଟ୍ରେନିଂ କଲେଜ (ପିଟିସି) ଓ ଅଙ୍ଗାରବନ୍ଧ ମହିମା ଗାଦି ମଠରୁ ଚନ୍ଦନ ଗଛ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଚୋରି ଗ୍ୟାଙ୍ଗର ୬ ସଦସ୍ୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ୨ଜଣ ଏବେ ବି ଫେରାର ରହିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଅଢ଼େଇ ଫୁଟର ଚନ୍ଦନ କାଠ ଓ ଗଛ କଟା କରତ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରଗତିନଗର ଅଞ୍ଚଳର ଶିଶିର ବାରିକ, ବଉଳିଗଡ଼ ଅଞ୍ଚଳର ଯୁଗଳ ବାରିକ, ଅଙ୍ଗାରବନ୍ଧ ଚଟିଆମୁଣ୍ଡା ଅଞ୍ଚଳର ସନ୍ତୋଷ ବାରିକ, ଶଙ୍କର ବାରିକ, ତୁରଙ୍ଗ ଅଞ୍ଚଳର କୁନା ବେହେରା ଓ ଚଟିଆମୁଣ୍ଡା ଅଞ୍ଚଳର ଜଣେ ନାବାଳକ। ନଂ. ୬୦୧/୧୯ ଓ ୬୦୩/୧୯ରେ ଏମାନଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ କହିଛି, ଗତ ୬ ତାରିଖ ରାତିରେ ପିଟିସି ପରିସରରୁ ଚନ୍ଦନ ଗଛ ଚୋରି ହୋଇଥିଲା। ଏହା ପର ଦିନ ଅର୍ଥାତ ୭ ତାରିଖ ରାତିରେ ଅଙ୍ଗାରବନ୍ଧ ମହିମା ମଠରୁ ମଧ୍ୟ ଏକ ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଚଳାଇଥିଲା। ପ୍ରଥମେ ସମ୍ପୃକ୍ତ ନାବାଳକଙ୍କୁ ଧରିବା ପରେ ପୋଲିସ ଅନ୍ୟମାନଙ୍କ ନିକଟରେ ପହଞ୍ଚିଥିଲା। ଚୋରି ଘଟଣାରେ ସମ୍ପୃକ୍ତ ଏହି ୮ ଜଣିଆ ଗ୍ୟାଙ୍ଗ ସୌକ ମେଣ୍ଟାଇବାକୁ ଏପରି ଚୋରି କରୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପିଟିସି ପରିସରରୁ ଚୋରି ଚନ୍ଦନ ଗଛକୁ ୩ ପିସ୍ କରାଯାଇଥିବା ବେଳେ ଦୁଇ ପିସ୍ ବିକ୍ରି ହୋଇଯାଇଛି। ଅନ୍ୟ ଏକ ପିସ୍‌କୁ ପୋଲିସ ଜବତ କରିଛି। ସେହିପରି ଅଙ୍ଗାରବନ୍ଧ ମହିମା ମଠରୁ ଚୋରି ଚନ୍ଦନ ଗଛର ଗୋଟିଏ ପିସ୍‌କୁ ପୋଲିସ ଜବତ କରିଛି। ଏହି ଗ୍ୟାଙ୍ଗକୁ ଧରିବା ପାଇଁ ପୋଲିସ ୧୫ ଦିନ ଧରି ଉଦ୍ୟମ ଚଳାଇଥିଲା। ଏସ୍‌ଆଇ ପ୍ରକାଶ ମାଝିଙ୍କ ନେତୃତ୍ୱରେ ଗଢ଼ାଯାଇଥିବା ଟିମ୍‌ରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିପ୍ଳବ ସାହୁ, ଏଏସ୍‌ଆଇ ଜୟ ସାହୁ ରହିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ